ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୬/୨୦୨୪ (୧୮ ପୃଷ୍ଠା) | Bhubaneswar, Thursday, June 6/2024 | Page 18 | ₹ 7.00
୫୦ଶ ଭାଗ ୧୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 192 | ମୂଲ୍ୟ ₹୭/-



**ପାଣ୍ଡ୍ୟାଙ୍କ ବୋଲିଂ ସଫଳତା**
ଟି୨୦ ବିଶ୍ୱକପର ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ପ୍ରଭାବୀ ବୋଲିଂ କରିଛନ୍ତି ଭାରତର ହାର୍ଦ୍ଦିକ ପାଣ୍ଡ୍ୟା। ୧୮

୧୬ **‘କୁବେର’ରେ ଧନୁଷଙ୍କ ଆକ୍ସନ ଅବତାର**
‘କୁବେର’ ଫିଲ୍ମରେ ସାଉଥ୍ ସୁପରଷ୍ଟାର ଧନୁଷଙ୍କ ଆକ୍ସନ ସିନ୍ ରହିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି।





ନୂଆଦିଲ୍ଲୀରେ ବୁଧବାର ଅନୁଷ୍ଠିତ ଏନ୍‌ଡିଏ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତଳ ଧାଡ଼ିରେ ବାମରୁ ଜେଡିଏସ୍ ନେତା ଏଚ୍.ଡି.କୁମାରସ୍ୱାମୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଏନ୍‌ସିପି ନେତା ପ୍ରଫୁଲ ପଟେଲ, ଏଚ୍‌ଏମ୍ ମୁଖ୍ୟ ଜିତନ୍‌ରାମ ମାଞ୍ଝି ଏବଂ ଉପର ଧାଡ଼ିରେ ମେଣ୍ଟ ସହଯୋଗୀ ଦଳଗୁଡ଼ିକର ନେତାମାନେ।

# ମେଣ୍ଟ ସରକାରର ପୁନର୍ଜନ୍ମ

**ଭୁବନେଶ୍ୱର, ୫।୬**
**(ଅନୀଲ ଦାସ, ସୁନିତ୍ ମିଶ୍ର)**

୨୦୨୪ ନିର୍ବାଚନରେ ଭାଜପା ପକ୍ଷରୁ ‘ଅବ୍‌କି ବାର ୪୦୦ ପାର୍’ ସ୍ଲୋଗାନ ଦିଆଯାଉଥିଲା। ଜାତୀୟ ସ୍ତରର ଏକଜିଟ୍ ପୋଲ୍ ସର୍ଭେ ଭାଜପା ଲକ୍ଷ୍ୟ ପାଖାପାଖି ସତ ହେବାକୁ ଯାଉଛି ବୋଲି ଦେଖାଇବାକୁ ଲାଗିଲେ। ହେଲେ ନିର୍ବାଚନ ଫଳାଫଳ ସମ୍ପୂର୍ଣ୍ଣ ଭିନ୍ନ ହେଲା। ଯେଉଁଠି ଦେଶରେ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଭାଜପା ୨୦୧୪ ଏବଂ ୨୦୧୯ରେ ମ୍ୟାଜିକ୍ ନମ୍ବର ୨୭୨ ହାସଲ କରିଦେଇପାରିଥିଲା, ଏଥର ତାହା ୨୪୦ରେ ସୀମିତ ରହିଯାଇଛି। ଏନ୍‌ଡିଏକୁ କିନ୍ତୁ ୨୯୨ ଆସନ ମିଳିଛି। ଭାଜପା ଏକାକୀ ସରକାର ଗଢ଼ିବାକୁ ସକ୍ଷମ ହୋଇ ନ ଥିବାରୁ ଦେଶରେ ଏକ ଦଶନ୍ଧି ପରେ ମେଣ୍ଟ ସରକାରର ପୁନର୍ଜନ୍ମ ହୋଇଛି। ନରେନ୍ଦ୍ର ମୋଦିଙ୍କୁ ଏଥର ଚେହେରା କରି ଲଢୁଥିବା ଭାଜପା ଯେତିକି ସଫଳତା ଆଶା କରୁଥିଲା ତାହା ନ ମିଳିବା ପରେ ବହୁ ରାଜନୈତିକ ବ୍ୟକ୍ତିବିଶେଷଙ୍କ ମତ ଭିନ୍ନ ଆସିବା ଆରମ୍ଭ ହୋଇଛି। ଏଥର ଦେଶରେ ସରକାର କରିବା ଲାଗି ଏଭଳି ସଂଖ୍ୟା ଆସିଛି ଯେ, ଆବଶ୍ୟକ ପଡ଼ିଲେ ରାଷ୍ଟ୍ରପତି ସରକାର ଗଠନ ପୂର୍ବରୁ ମୁଣ୍ଡ ଗଣତି କରିପାରନ୍ତି ବୋଲି କୁହାଗଲାଣି।

କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି, ଭାରତବାସୀ ମୋଦି ବିରୋଧରେ ଜନମତ ଦେଇଛନ୍ତି। ଏନଡିଏକୁ ଅଧିକ ଭୋଟ ମିଳିଛି ସତ, ହେଲେ ନରେନ୍ଦ୍ର ମୋଦି ୪୦୦ ପାର ଡାକରା ଦେଇ ସମ୍ବିଧାନ ବଦଳାଇବାକୁ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ସଫଳ ହୋଇନାହିଁ। ଲୋକେ ଅନୁଭବ କଲେ ଯେ ସମ୍ବିଧାନ ବଦଳାଇବାକୁ ଦିଆଯିବ ନାହିଁ। ସେଥିପାଇଁ ଏଭଳି ଜନମତ ଆସିଛି, ଯାହାକି ଦେଶ ପାଇଁ ଶୁଭଙ୍କର। ଗଣତନ୍ତ୍ର ବଞ୍ଚାଇବାକୁ ଶକ୍ତିଶାଳୀ ବିରୋଧୀ ଦଳ ଆଗାମୀ ଦିନରେ ଦେଖିବାକୁ ମିଳିବ।

ବିଜେଡିର ବରିଷ୍ଠ ନେତା ପ୍ରତାପ କେଶରୀ ଦେବ କହିଛନ୍ତି ଯେ, ସାରା ଦେଶରେ ଏକ ପରିବର୍ତ୍ତନର ପବନ ବହିଛି। ଭାଜପାକୁ ପୂର୍ଣ୍ଣ ବହୁମତ ମିଳି ନ ଥିବା ବେଳେ ଏନଡିଏ ମେଣ୍ଟକୁ ୨୯୩ ଆସନ ମିଳିଛି। ଏହି ଗଠବନ୍ଧନ ଆଗାମୀ ଦିନରେ କିଭଳି ଚାଲିବ ତାହା ସମୟ କହିବ।

ବିଜେଡିର ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ, ଦେଶରେ ତଥା ବିଭିନ୍ନ ରାଜ୍ୟରେ ଚିତ୍ର ବଦଳିଛି। ଭାଜପା ଏକାକୀ ସରକାର କରିପାରିବ ନାହିଁ। ମେଣ୍ଟ ସରକାର ହିଁ ଏକମାତ୍ର ବିକଳ୍ପ। ମେଣ୍ଟ ସରକାର ଗଠନ ହେବା ଦେଶର ଗଣତନ୍ତ୍ର ପାଇଁ ଏକ ଶୁଭ ସଙ୍କେତ। ଏହା ଏକ ସକାରାତ୍ମକ ଜନାଦେଶ।

ସିପିଆଇ(ଏମ୍) ନେତା ଜନାର୍ଦ୍ଦନ ପତି କହିଛନ୍ତି, ୨୦୨୪ ନିର୍ବାଚନରେ ଗଣତନ୍ତ୍ର ସୁଦୃଢ଼ ହୋଇଛି। ଗତ ୧୦ ବର୍ଷ ଧରି ମୋଦି ସରକାର ଇଡି, ସିବିଆଇର ଅପବ୍ୟବହାର କରିବା ସହ ବିଚାର ବ୍ୟବସ୍ଥାକୁ କଳୁଷିତ କରିଥିଲେ। ଭୋଟରମାନେ ଏକଚ୍ଛତ୍ରବାଦକୁ ଆଉ ଗ୍ରହଣ କରିବେ ନାହିଁ ବୋଲି ତାହା ପ୍ରମାଣିତ ହେଲା। ଏହି ନିର୍ବାଚନରେ ଯେଉଁ ଜନାଦେଶ ମିଳିଛି, ତାହା ଆସନ୍ତା ୫ ବର୍ଷ ଯାଏ ଏକଚ୍ଛତ୍ରବାଦ ମୁଣ୍ଡ ଟେକି ପାରିବ ନାହିଁ।

ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରାଙ୍କ ମତ ହେଲା, ୨୦୧୪ରେ ଭାଜପା ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ଦେଶରେ ସରକାର ଗଠନ କରିଥିଲା। ସେମାନେ ଏମିତି ସୁଶାସନ ଦେଲେ ଯେ, ୧୦ ବର୍ଷ ପରେ ଭାଜପା ମାତ୍ର ୨୪୦ଟି ଆସନ ଦଖଲ କରି ଏକାକୀ ସରକାର ଗଠନ କରିବାରେ ଅସମର୍ଥ ହୋଇଛି। ବର୍ତ୍ତମାନ ସେମାନେ ମେଣ୍ଟ ସରକାର କରିବାକୁ ଯାଉଛନ୍ତି। ଏଥିରୁ ସେମାନେ ବୁଝନ୍ତୁ ଦେଶବାସୀ ୧୦ ବର୍ଷରେ ସେମାନଙ୍କୁ କେମିତି ପ୍ରତ୍ୟାଖାନ କରିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି, ପଙ୍ଗୁ ହୋଇଯାଇଥିବା ବ୍ୟକ୍ତି ସବୁବେଳେ ଆଶାବାଡ଼ି ଉପରେ ନିର୍ଭର କରିଥାଏ। ସେମିତି ଚନ୍ଦ୍ରାବାବୁ ନାଇଡୁ ଏବଂ ନୀତୀଶ କୁମାରଙ୍କ ଆଶାବାଡ଼ି ଧରି ଏଥର ମୋଦି ଚାଲିବେ। ଯେଉଁଦିନ ୨ଟି ଯାକ ଆଶାବାଡ଼ି ନ ଥିବ ସେଦିନ ରହିଯିବେ। ଯଦିବି ସରକାର ହୁଏ ☞ପୃଷ୍ଠା-୪

# ଏନ୍‌ଡିଏ ବାଛିଲା ମୋଦିଙ୍କୁ

## ୮ରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେଇପାରନ୍ତି

**ନୂଆଦିଲ୍ଲୀ,୫।୬**

ଭାଜପା ନେତା ନରେନ୍ଦ୍ର ମୋଦି ବୁଧବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତା ନିର୍ବାଚିତ ହୋଇଛନ୍ତି। ଏନ୍‌ଡିଏ ସରକାର ଗଠନ ପାଇଁ ୧୬ ସହଯୋଗୀ ଦଳର ୨୧ ନେତା ତାଙ୍କୁ ସମର୍ଥନପତ୍ର ଦେଇଛନ୍ତି। ମୋଦି ଶନିବାର (ଜୁନ୍ ୮ରେ) ତୃତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ରୂପେ ଶପଥ ନେଇପାରନ୍ତି। ନୂଆ କ୍ୟାବିନେଟରେ ବଡ଼ଧରଣର ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଏପରି କି ସହଯୋଗୀ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ)କୁ ଗୃହ, ଅର୍ଥ ଓ ରେଳ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ମିଳିପାରେ ବୋଲି ଭାଜପା ସୂତ୍ରରୁ ପ୍ରକାଶ।

ଭାଜପା ନେତା ନରେନ୍ଦ୍ର ମୋଦିଙ୍କ ନୂଆଦିଲ୍ଲୀ ବାସଭବନରେ ବୁଧବାର ଅପରାହ୍ନରେ ଏନ୍‌ଡିଏ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଲୋକ ସଭା ନିର୍ବାଚନ ପରିଣାମ ଉପରେ ସମୀକ୍ଷା କରାଯାଇଥିଲା। ଗରିବ, ମହିଳା, ଯୁବ, କୃଷକ ଓ ସମାଜର ବଞ୍ଚିତ ବର୍ଗଙ୍କ ମଙ୍ଗଳ ପାଇଁ ସରକାର କାର୍ଯ୍ୟ ଜାରି ରଖିବା ନେଇ ଏକ ସଂକଳ୍ପନାମା ପାରିତ ହୋଇଛି। ଏଥିସହ ସର୍ବସମ୍ମତି କ୍ରମେ ମୋଦିଙ୍କୁ ଏନ୍‌ଡିଏ ନେତା ଚୟନ କରାଯାଇଥିଲା। ଦୁଇ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଟିଡିପି ମୁଖ୍ୟ ଏନ୍. ଚନ୍ଦ୍ରାବାବୁ ନାଇଡୁ ଏବଂ ଜେଡିୟୁ ଅଧ୍ୟକ୍ଷ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏନ୍‌ଡିଏ ପ୍ରତି ସମର୍ଥନ ଘୋଷଣା କରିବା ସହ ସମର୍ଥନପତ୍ର ପ୍ରଦାନ କରିଥିଲେ। ବୈଠକରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଲୋକ ଜନଶକ୍ତି ପାର୍ଟି (ଆର୍) ନେତା ଚିରାଗ ପାଶ୍ୱାନ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ପ୍ରଫୁଲ ପଟେଲଙ୍କ ସମେତ ଅନ୍ୟ ଛୋଟ ଦଳଗୁଡ଼ିକର ନେତାମାନେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତିଙ୍କୁ ଭେଟି ନିଜ ପଦରୁ ଇସ୍ତଫା ଦେଇଥିଲେ। ରାଷ୍ଟ୍ରପତି ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିବା ସହ ନୂଆ ସରକାର ଗଠନ ପର୍ଯ୍ୟନ୍ତ କାମ ଚଳାଇବାକୁ ପରାମର୍ଶ ଦେଇଥିଲେ।

> “ଜୟ ପରାଜୟ ରାଜନୀତିର ଅଂଶ। ସଂଖ୍ୟା ଖେଳ ଏମିତି ଚାଲିଥାଏ। ତେବେ ଦେଶବାସୀ ଏନ୍‌ଡିଏ ପ୍ରତି ତୃତୀୟ ଥର ଆସ୍ଥା ପ୍ରକଟ କରିଛନ୍ତି। ଲୋକଙ୍କ ସ୍ନେହ ପାଇଁ ସେମାନଙ୍କ ଆଗରେ ମୁଁ ନତମସ୍ତକ ହେଉଛି। ଗତ ଦଶନ୍ଧିରେ କରାଯାଇଥିବା ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକ ଜାରି ରହିବ।
> **-ନରେନ୍ଦ୍ର ମୋଦି, ଭାଜପା ନେତା**

# ସପ୍ତଦଶ ଲୋକ ସଭା ଭଙ୍ଗକଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୫।୬**

କେନ୍ଦ୍ର କ୍ୟାବିନେଟର ସୁପାରିସ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସପ୍ତଦଶ ଲୋକ ସଭାକୁ ଭଙ୍ଗ କରିଛନ୍ତି। ଏନେଇ ବୁଧବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭବନ ପକ୍ଷରୁ ଏକ ସୂଚନା ଦିଆଯାଇଛି। ବର୍ତ୍ତମାନର ଲୋକ ସଭାକୁ ତତ୍କାଳ ଭଙ୍ଗ କରିବା ପାଇଁ ବୁଧବାର ବସିଥିବା କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଯାଇଥିଲା। ୦୫.୦୬.୨୦୨୪ରେ ରାଷ୍ଟ୍ରପତି ଉକ୍ତ ପରାମର୍ଶକୁ ଗ୍ରହଣ କରିଛନ୍ତି। ସେ ସମ୍ବିଧାନର ଅନୁଚ୍ଛେଦ ୮୫ର କ୍ଲଜ୍ (୨) ସବ୍‌କ୍ଲଜ୍ (ବି) ଅନୁସାରେ ନିଜ କ୍ଷମତାର ପ୍ରୟୋଗ କରି ସପ୍ତଦଶ ଲୋକ ସଭାକୁ ଭଙ୍ଗ କରିଥିବା ରାଷ୍ଟ୍ରପତି ଭବନ କହିଛି। ଏହି ଲୋକ ସଭାର କାର୍ଯ୍ୟକାଳ ଜୁନ୍ ୧୬ରେ ଶେଷ ହେଉଥିଲା।

**ଆଜିର ସମ୍ପାଦକୀୟ** ଏଆଇ ଓ ଉତ୍ପାଦକତା

# ରାଜ୍ୟରେ ବିଭିନ୍ନ ଯୋଜନା ବନ୍ଦ ଅଭିଯୋଗ

## ବିଏସ୍‌କେୱାଇ




**ଭୁବନେଶ୍ୱର, ୫।୬(ଅସମାପିକା ସାହୁ)**

ରାଜ୍ୟରେ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରକୁ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ନବୀନ ପଟ୍ଟନାୟକ ସରକାର ୨୦୧୮ ଅଗଷ୍ଟ ୧୫ରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଆରମ୍ଭ କରିଥିଲେ। ଗତ ୪ ତାରିଖ ଓଡ଼ିଶା ବିଧାନସଭା ନିର୍ବାଚନ ଫଳାଫଳରୁ ନବୀନ ସରକାରଙ୍କ ପତନ ଘଟୁଥିବା ଜାଣି ମଧ୍ୟାହ୍ନରୁ ହିଁ ରାଜ୍ୟର ବିଭିନ୍ନ ଘରୋଇ ଚିକିତ୍ସାଳୟ ବିଏସ୍‌କେୱାଇ ଯୋଜନାରେ ନୂଆ ରୋଗୀଙ୍କୁ ଭର୍ତ୍ତି କରୁ ନ ଥିବାବେଳେ ପୂର୍ବରୁ ଚିକିତ୍ସିତ ରୋଗୀଙ୍କୁ ଫେରାଇ ଦେଉଥିବା ଅଭିଯୋଗ ଆସିଛି। ଏପରି କି ଡାଏଲିସିସ୍, କେମୋ ପାଇଁ ଯାଇଥିବା ରୋଗୀଙ୍କୁ ମଧ୍ୟ ଫେରାଇ ଦିଆଯାଉଥିବା ଶୁଣିବାକୁ ମିଳିଛି। ରାଜ୍ୟରେ ନୂଆ ସରକାର ଆସିବ। ତେଣୁ ଏହି କାର୍ଡ ଏବେ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି କେତେକ ହସ୍ପିଟାଲ ପକ୍ଷରୁ କୁହାଯାଉଛି।

ବୁଧବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ରାତି ପାହିଲାଣି। କାର୍ଡ ତ ବଦଳିବ, ଆୟୁଷ୍ମାନ ହେବ। ଓଡ଼ିଶା ଆୟୁଷ୍ମାନ ଲାଗୁ କରିବ। ବାହାରେ ରହୁଥିବା ଦେଢ଼କୋଟି ☞ପୃଷ୍ଠା-୪

## ଲକ୍ଷ୍ମୀ ବସ୍



**ଭୁବନେଶ୍ୱର,୫।୬(ଅନୁରାଧା ମହାରଣା)**

ରାଜ୍ୟରେ ସରକାର ପରିବର୍ତ୍ତନ ସ୍ପଷ୍ଟ ହେବା କ୍ଷଣି ‘ଲକ୍ଷ୍ମୀ’ ବସ୍ ସେବା ବନ୍ଦ ହୋଇଯାଇଥିବା ଚର୍ଚ୍ଚା ହେଉଛି। ୨୦୨୩ ଅକ୍ଟୋବର ୧୨ରୁ ମାଲକାନଗିରିରୁ ଆରମ୍ଭ ହୋଇ ପର୍ଯ୍ୟାୟକ୍ରମେ ସମସ୍ତ ଜିଲାରେ ସମୁଦାୟ ୧୩୫୪ ବସ୍ ଚାଲିଥିଲା। ଏହାଦ୍ୱାରା ୬୦୩୧ ପଞ୍ଚାୟତର ୩.୬୪ କୋଟି ଲୋକଙ୍କ ଯାତାୟାତ ସୁଗମ ହୋଇପାରିଥିଲା। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ୧,୭୪୫ ବସ୍ ଚଳାଚଳର ସୁବିଧା କରାଯାଇଥିଲା। ମିଶନ ଶକ୍ତି ମା’ମାନଙ୍କୁ ବସ୍ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଗ୍ରାମାଞ୍ଚଳରେ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ ବୋଲି ଆଶା କରାଯାଉଥିଲା। ନୂଆ ସରକାର ଶପଥ ଗ୍ରହଣ ପୂର୍ବରୁ ଏଭଳି ଲୋକାଭିମୁଖୀ ଯୋଜନା ବନ୍ଦ ହେବା ଶୁଣିବା ପରେ ଲୋକଙ୍କ ମୁଣ୍ଡରେ ଚିନ୍ତା ପଶିଛି। ଅନ୍ୟପଟେ ଓଡ଼ିଶା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ (ଓଏସଆରଟିସି) ଅଧୀନରେ ବସ୍‌ଗୁଡ଼ିକ ପରିଚାଳିତ ହେଉଥିବାବେଳେ ଏନେଇ ମୁହଁ ଖୋଲିବାକୁ ଅଧିକାରୀମାନେ ଆଗ୍ରହ ପ୍ରକାଶ ☞ପୃଷ୍ଠା-୪

## ଆହାର




**ଭୁବନେଶ୍ୱର, ୫।୬ (ବନ୍ଦନା ସେଠୀ)**

୨୦୨୪ ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ହେବାର ଦିନକ ପରେ ବିଜେଡି ସରକାର ପକ୍ଷରୁ ଜାରି ରହିଥିବା ବିଭିନ୍ନ ଯୋଜନା ହଠାତ୍ ବନ୍ଦ ହୋଇଯାଉଥିବା ନେଇ ଅଭିଯୋଗ ହେଉଛି। ସହରର ଗରିବ ଲୋକଙ୍କୁ ୫ଟଙ୍କାରେ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୧୫ ଏପ୍ରିଲ ୧ରେ ବିଜେଡି ସରକାର ‘ଆହାର’ ଯୋଜନା ଆରମ୍ଭ କରିଥିଲେ। ଲୋକେ କମ୍ ମୂଲ୍ୟରେ ପେଟପୂରା ଭାତ ଏବଂ ଡାଲମା ଖାଇ ପାରୁଥିବାରୁ ଏହି ଯୋଜନାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିଲା। ପରେ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଅନୁଗୋଳ, ତାଳଚେର, ଭଦ୍ରକ, କାମାକ୍ଷାନଗର ଭଳି ପ୍ରାୟ ୧୦୦ଟି ସହରରେ ଆହାରକେନ୍ଦ୍ର ଖୋଲାଯାଇଥିଲା। ତେବେ ୪ତାରିଖର ଜନାଦେଶ ବିଜେଡି ସରକାରଙ୍କ ବିପକ୍ଷରେ ଯାଇଥିବାରୁ ହଠାତ୍ ଆହାର କେନ୍ଦ୍ରଗୁଡିକ ବନ୍ଦ ହୋଇଥିବା ନେଇ ଅଭିଯୋଗ ଆସୁଛି। କିଏ ଆହାର କେନ୍ଦ୍ରକୁ ଯାଇ ନ ଖାଇ ଫେରି ଆସୁଛି ତ ଆଉ କିଏ ଆହାର କେନ୍ଦ୍ରରେ ☞ପୃଷ୍ଠା-୪



ନବୀନ ପଟ୍ଟନାୟକ ବୁଧବାର ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଉଛନ୍ତି। (ରିପୋର୍ଟ: ପୃଷ୍ଠା-୩)

# ପାଣ୍ଡିଆନଙ୍କ ଅନୁପସ୍ଥିତିରେ ବିଜେଡି ବୈଠକ

**ଭୁବନେଶ୍ୱର,୫।୬(ଅନିଲ ଦାସ)**

ନିର୍ବାଚନରେ ବିଜେଡିର ପରାଜୟ କାହିଁକି ହେଲା ସେ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ତଦନ୍ତ କରାଯିବ। ଦଳର ବରିଷ୍ଠ ନେତାମାନଙ୍କୁ ନେଇ ଏହି କମିଟି ଖୁବ୍‌ଶୀଘ୍ର ଗଠନ ହେବ। ଏଥିସହିତ ନିଜ ନିଜ ଅଞ୍ଚଳବାସୀଙ୍କ ସହ ରହି କାର୍ଯ୍ୟ କରିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ନବନିର୍ବାଚିତ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ବୁଧବାର ଅପରାହ୍ନରେ ନବୀନ ନିବାସଠାରେ ନବୀନଙ୍କ ଅଧ୍ୟକ୍ଷତାରେ ବିଜେଡିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଅନୁପସ୍ଥିତ ଥିବା ଜଣାପଡ଼ିଛି।

ବିଜେଡି ପ୍ରଥମ ଥର ପାଇଁ ବିରୋଧୀ ଦଳ ଭାବେ ନୂଆ ଭୂମିକା ନେବାକୁ ଯାଉଛି। ବିଧାନସଭାରେ ବିରୋଧୀ ଦଳ ଭାବେ କି ଭୂମିକା ଗ୍ରହଣ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ଏଥିସହିତ ତୃଣମୂଳସ୍ତରରେ ଦଳୀୟ ସଙ୍ଗଠନକୁ କିପରି ମଜଭୁତ କରାଯାଇପାରିବ ସେ ନେଇ ବରିଷ୍ଠ ବିଧାୟକମାନଙ୍କ ସହ ନବୀନ ଆଲୋଚନା କରିଛନ୍ତି। ସମସ୍ତ ନବନିର୍ବାଚିତ ପ୍ରତିନିଧି ନବୀନଙ୍କୁ କୃତଜ୍ଞତା ଜଣାଇବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ପ୍ରଥମ ଥର ପାଇଁ ନବୀନ ନିବାସରେ ପାଣ୍ଡିଆନଙ୍କ ଅନୁପସ୍ଥିତିରେ ୪୫ ମିନିଟ୍ ଧରି ବୈଠକ ଅନୁଷ୍ଠିତ ହୋଇଛି। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ବୈଠକ ପରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ଦଳର ସଭାପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ ପାଇଁ ନବନିର୍ବାଚିତ ଦଳୀୟ ବିଧାୟକମାନେ ଆସିଥିଲେ। ସଭାପତି ସମସ୍ତଙ୍କୁ ଭେଟିବା ସହ ନିର୍ବାଚନମଣ୍ଡଳୀରେ ଲୋକେ ଜିତାଇଛନ୍ତି, ସେମାନଙ୍କ ☞ପୃଷ୍ଠା-୪

କଂଗ୍ରେସ ମୋତେ ପ୍ରଧାନମନ୍ତ୍ରୀ ପଦ ଯାଚିଲେ ବି ମୁଁ ସେମାନଙ୍କ ସହ ହାତ ମିଳାଇବି ନାହିଁ।
—ପବନ କଲ୍ୟାଣ, ଜନସେନା ପାର୍ଟି ଅଧ୍ୟକ୍ଷ

| ଦଳ | ଆସନ ସଂଖ୍ୟା |
|---|---|
| **ଏନ୍‌ଡିଏ** | **୨୯୨** |
| ଭାଜପା | ୨୪୦ |
| ଟିଡିପି | ୧୬ |
| ଜେଡିୟୁ | ୧୨ |
| ଶିବସେନା | ୭ |
| ଏଲ୍‌ଜେପିଆର୍‌ଭି | ୫ |
| ଜେଡିଏସ୍ | ୨ |
| ଆର୍‌ଏଲ୍‌ଡି | ୨ |
| ଜେଏସ୍‌ପି | ୨ |
| ଏଜିପି | ୧ |
| ୟୁପିପିଏଲ୍ | ୧ |
| ଏଜେଏସ୍‌ୟୁପି | ୧ |
| ଏନ୍‌ସିପି | ୧ |
| ଏଚ୍‌ଏଏମ୍(ଏସ୍) | ୧ |
| ଆପ୍‌ନା ଦଳ | ୧ |
| **ଇଣ୍ଡିଆ** | **୨୩୪** |
| କଂଗ୍ରେସ | ୯୯ |
| ଏସ୍‌ପି | ୩୭ |
| ତୃଣମୂଳ କଂଗ୍ରେସ | ୨୯ |
| ଡିଏମ୍‌କେ | ୨୨ |
| ଶିବସେନା(ୟୁବିଟି) | ୯ |
| ଏନ୍‌ସିପି(ଏସ୍‌ପି) | ୮ |
| ଆର୍‌ଜେଡି | ୪ |
| ସିପିଏମ୍ | ୪ |
| ଆଇୟୁଏମ୍‌ଏଲ୍ | ୩ |
| ଏଏପି | ୩ |
| ଜେଏମ୍‌ଏମ୍ | ୩ |
| ଜେକେଏନ୍‌ସି | ୨ |
| ଭିସିକେ | ୨ |
| ସିପିଆଇ | ୨ |
| ସିପିଆଇ(ଏମ୍‌ଏଲ୍)(ଏଲ୍) | ୨ |
| କେରଳ କଂଗ୍ରେସ | ୧ |
| ଆର୍‌ଏଲ୍‌ଟିପି | ୧ |
| ବିଏଡିଭିପି | ୧ |
| ଏମ୍‌ଡିଏମ୍‌କେ | ୧ |
| ଆର୍‌ଏସ୍‌ପି | ୧ |
| **ଅନ୍ୟାନ୍ୟ** | **୧୭** |
| ସ୍ୱାଧୀନ | ୭ |
| ୱାଇଏସ୍‌ଆର୍‌ସିପି | ୪ |
| ଏସ୍‌କେଏମ୍ | ୧ |
| ଏଏସ୍‌ପିକେଆର୍ | ୧ |
| ଏସ୍‌ଏଡି | ୧ |
| ଏଆଇଏମ୍‌ଆଇଏମ୍ | ୧ |
| ଭିଓଟିପିପି | ୧ |
| ଜେପିଏମ୍ | ୧ |

# ସୁନିତାଙ୍କ ତୃତୀୟ ମହାକାଶ ଯାତ୍ରା



ମହାକାଶ ଯାତ୍ରା ପୂର୍ବରୁ ନାସା ଆଷ୍ଟ୍ରୋନଟ୍ ବୁଚ୍ ୱିଲମୋରଙ୍କ ସହ ସୁନିତା ୱିଲିୟମ୍ସ।

ହ୍ୟୁଷ୍ଟନ୍,୫।୬

ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନିତା ୱିଲିୟମ୍ସ ବୁଧବାର ତୃତୀୟ ଥର ପାଇଁ ମହାକାଶ ଯାତ୍ରା କରିଛନ୍ତି। ବୋଇଂର ଷ୍ଟାରଲାଇନର୍‌ରେ ସୁନିତା ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍‌କୁ ଯାତ୍ରା କରି ଇତିହାସ ରଚିଛନ୍ତି। ଏହି ୨୫ ଘଣ୍ଟିଆ ମହାକାଶ ଯାତ୍ରାରେ ସୁନିତାଙ୍କ ସହ ଜଣେ ସହଯୋଗୀ ମଧ୍ୟ ଯାତ୍ରା କରିଛନ୍ତି। ଫ୍ଲୋରିଡାର କେପ୍ କାନାଭେରାଲ ସ୍ପେସ୍ ଫୋର୍ସ ଷ୍ଟେଶନରୁ ଭାରତୀୟ ସମୟ ରାତି ୮ଟା ୨୨ ମିନିଟରେ ବୋଇଂର କ୍ରିଉ ଫ୍ଲାଇଟ୍ ଟେଷ୍ଟ ମିଶନରେ ସୁନିତା ଏବଂ ବୁଚ୍ ୱିଲମୋର ଯାତ୍ରା କରିଛନ୍ତି। ୫୮ ବର୍ଷୀୟା ସୁନିତା ଫ୍ଲାଇଟ୍ ଟେଷ୍ଟର ପାଇଲଟ୍ ହୋଇଥିବାବେଳେ ୬୧ ବର୍ଷୀୟ ୱିଲ୍‌ମୋର ହେଉଛନ୍ତି ଉକ୍ତ ମିଶନର କମାଣ୍ଡର। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସାର ବୋଇଂ ଷ୍ଟାରଲାଇନର କ୍ରିଉ ଫ୍ଲାଇଟ୍ ଟେଷ୍ଟ (ସିଏଫ୍‌ଟି) ପ୍ରଥମ ଥର ପାଇଁ ଏଭଳି ମିଶନ ଆରମ୍ଭ କରିଥିବା ବୋଇଂ ପକ୍ଷରୁ କୁହାଯାଇଛି। ବୋଇଂ ଡିଫେନ୍ସ, ସ୍ପେସ୍ ଆଣ୍ଡ ସିକ୍ୟୁରିଟି ପ୍ରେସିଡେଣ୍ଟ ତଥା ସିଇଓ ଟେଡ୍ କୋଲ୍‌ବର୍ଟ ଏହାକୁ ଏକ ନୂଆଯୁଗର ଶୁଭାରମ୍ଭ ବୋଲି ଅଭିହିତ କରିଛନ୍ତି। ଏହି ମିଶନର ସଫଳତା ପରେ ଆଗକୁ ମହାକାଶଚାରୀମାନେ ସୁରକ୍ଷିତ ଭାବେ ସ୍ପେସ୍ ଷ୍ଟେଶନକୁ ଯାଇ ଫେରିପାରିବେ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ସୁନିତା ଏବଂ ୱିଲମୋର ଏକ ଆଟ୍‌ଲାସ୍ ଭି'ରେ ମହାକାଶ ଯାତ୍ରା କରିବାରେ ପ୍ରଥମ। ସେମାନଙ୍କ ସହ ଷ୍ଟାରଲାଇନର ୭୬୦ ପାଉଣ୍ଡ (୩୪୫ କେ.ଜି.)ର କାର୍ଗୋ ମଧ୍ୟ ସାଙ୍ଗରେ ନେଇଛି। ଏହା ପୂର୍ବରୁ କୌଣସି ମହାକାଶ ଯାନର ପ୍ରଥମ ମିଶନରେ କେହି ମହିଳା ମହାକାଶ ଯାତ୍ରା କରି ନ ଥିଲେ।

**ଖେଳ ବିଗାଡ଼ିପାରନ୍ତି ନୀତୀଶ, ନାଇଡୁ**

# ଭାଜପାକୁ ବହୁମୂଲ୍ୟ ଦେବାକୁ ପଡ଼ିବ

ନୂଆଦିଲ୍ଲୀ,୫।୬

ଲୋକ ସଭା ନିର୍ବାଚନରେ କୌଣସି ଦଳକୁ ସଂଖ୍ୟାଗରିଷ୍ଠତା ମିଳିନାହିଁ। ବହୁମତ ଅଭାବ ଯୋଗୁ ବର୍ତ୍ତମାନ ଦେଶରେ ପୁଣି ମେଣ୍ଟ ରାଜନୀତିର ଗୁରୁତ୍ୱ ବଢ଼ିଯାଇଛି। ଭାରତୀୟ ଜନତା ପାର୍ଟି (ଭାଜପା)କୁ ସରକାର ଗଠନ ପାଇଁ ଏବେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ), ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ଅନ୍ୟ ଛୋଟ ଦଳଗୁଡ଼ିକ ଉପରେ ନିର୍ଭର କରିବାକୁ ପଡ଼ିବ। ତେବେ ଏଥିଲାଗି ଏହି ଦୁଇ ଦଳର ମୁଖିଆଙ୍କ ଦାବି ଆଗରେ ଭାଜପାକୁ ମୁଣ୍ଡ ନୁଆଁଇବାକୁ ପଡ଼ିବ। ତା' ନ ହେଲେ ମେଣ୍ଟ ଭେଟେରାନ୍ ନୀତୀଶ କୁମାର ଏବଂ ଏନ୍. ଚନ୍ଦ୍ରାବାବୁ ନାଇଡୁ କୌଣସି ସମୟରେ ଭାଜପାର ଖେଳ ବିଗାଡ଼ି ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଏପ୍ରିଲ ୧୯ରୁ ଜୁନ୍ ୧ ମଧ୍ୟରେ ଲୋକ ସଭାର ୫୪୩ ଆସନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୨୭୨ ହୋଇଥିବାବେଳେ ଭାଜପା ୨୪୦ ଆସନ ଦଖଲ କରିବାରେ ସକ୍ଷମ ହୋଇଛି, ଯାହାକି କୁହୁକ ସଂଖ୍ୟାଠାରୁ ୩୨ କମ୍। ତେଣୁ ନୂଆ ସରକାର ଗଠନ ପାଇଁ ଭାଜପାକୁ ସହଯୋଗୀ ଦଳଙ୍କ ସମର୍ଥନ ଜରୁରୀ। ଆନ୍ଧ୍ରପ୍ରଦେଶରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ୨୫ ଆସନରୁ ଚନ୍ଦ୍ରାବାବୁଙ୍କ ଟିଡିପି ୧୬ ଆସନ ଦଖଲ କରିଛି।



ଏନ୍. ଚନ୍ଦ୍ରାବାବୁ ନାଇଡୁ

ଏକକାଳୀନ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ମଧ୍ୟ ତାଙ୍କ ଦଳ ଆଶାତୀତ ସଫଳତା ପାଇଛି। ସେହିପରି ବିହାରରେ ଜେଡିୟୁ ଲଢ଼ିଥିବା ସମସ୍ତ ୧୨ ଆସନରେ ଶାସକ ଦଳ ବିଜୟ ଲାଭ କରିଛି। ତେଣୁ ୧୯୯୦ ଦଶକର ଏହି ଦୁଇ ପୂର୍ବତନ ମେଣ୍ଟ ଭେଟେରାନ୍‌ଙ୍କ ଭୂମିକା ଏବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏନ୍‌ଡିଏ ସରକାରକୁ ସମର୍ଥନ ବଦଳରେ ଉଭୟେ କେନ୍ଦ୍ରଠାରୁ ଆନ୍ଧ୍ର ଓ ବିହାର ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାଗିବା ସହ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦାବି କରିପାରନ୍ତି ବୋଲି କୁହାଯାଉଛି। ଭାଜପା ନେତା ନରେନ୍ଦ୍ର ମୋଦିଙ୍କ ବାସଭବନରେ ବୁଧବାର ଅପରାହ୍ଣରେ ଅନୁଷ୍ଠିତ ଏନ୍‌ଡିଏ ବୈଠକରେ ଜେଡିୟୁ ମୁଖ୍ୟ ନୀତୀଶ ଏବଂ ଟିଡିପି ସୁପ୍ରିମୋ ଚନ୍ଦ୍ରାବାବୁ ନାଇଡୁ ଯୋଗଦେଇଛନ୍ତି। ଉଭୟଙ୍କ ଦଳ ଏନ୍‌ଡିଏ ସହ ରହିବେ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ଏହି ଦୁଇ ନେତା ସମର୍ଥନ ଦେବା ବଦଳରେ ମୂଲଚାଲ କରିବାରେ ସିଦ୍ଧହସ୍ତ। ନିଜ ରାଜ୍ୟ ଓ ଦଳୀୟ ସ୍ୱାର୍ଥ ପାଇଁ ଉଭୟେ କୌଣସି ସ୍ତରକୁ ମଧ୍ୟ ଯାଇପାରନ୍ତି, ଯାହାକି ଅତୀତରେ ଦେଖାଯାଇଛି। ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ନ ମିଳିବା ପରେ ଚନ୍ଦ୍ରାବାବୁ ୨୦୧୬ରେ ଭାଜପାର ହାତ ଛାଡ଼ିଦେଇଥିଲେ। ତେଣୁ ସେ ପୁଣି ନିଜ ପୂର୍ବ ଦାବି ଦୋହରାଇ ପାରନ୍ତି ବୋଲି କୁହାଯାଉଛି। ସେହିପରି ନିଜ ପୁଅ ନର ଲୋକେଶଙ୍କ ରାଜନୈତିକ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଚନ୍ଦ୍ରାବାବୁ ଭାଜପା ଆଗରେ ଅଯୌକ୍ତିକ ଦାବି କରିପାରନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବାରମ୍ବାର ପଟ ପରିବର୍ତ୍ତନ କରୁଥିବାରୁ 'ପଲଟୁରାମ' ନାମରେ ପରିଚିତ। ନିଜ ଦଳର ସ୍ୱାର୍ଥ ସାଧନ ନ ହେଲେ କିମ୍ବା ଚୌକି ପ୍ରତି ବିପଦ ଆସିଲେ ସେ ମେଣ୍ଟ ବଦଳାଇଥାଆନ୍ତି। ଇଣ୍ଡିଆ ମେଣ୍ଟର ମୂଳଦୁଆ ପକାଇଥିବା ଏହି ନେତା ବର୍ତ୍ତମାନ ବିରୋଧୀ ବ୍ଲକ୍‌ରେ ନାହାନ୍ତି। କିନ୍ତୁ ଇଣ୍ଡିଆ ମେଣ୍ଟର ନେତାମାନେ ନୀତୀଶଙ୍କ ସମର୍ଥନ ହାସଲ ପାଇଁ ତାଙ୍କ ସହ ଯୋଗସୂତ୍ରରେ ରହିଥିବା ଜଣାପଡ଼ିଛି। ତେଣୁ ନୀତୀଶ କୌଣସି ସମୟରେ କିଛି ବି ଦାବି କରି ଭାଜପାକୁ ଅଡୁଆରେ ପକାଇପାରନ୍ତି ବୋଲି କୁହାଯାଉଛି। ଏପରି କି ନୂଆ କ୍ୟାବିନେଟରେ ଅମିତ୍ ଶାହାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ କରା ନ ଯାଉ ବୋଲି ମଧ୍ୟ ନୀତୀଶ ଚାହୁଁଥିବା ଚର୍ଚ୍ଚା ହେଉଛି।



ପାଟନା ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ବେଳେ ଏକ ଘରୋଇ ବିମାନରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ।

## ସର୍ବକନିଷ୍ଠ ଏମ୍‌ପି



ଶମ୍ଭବି ଚୌଧୁରୀ

ନୂଆଦିଲ୍ଲୀ, ୫।୬

ଲୋକ ଜନଶକ୍ତି ପାର୍ଟି ରାମ ବିଲାସ(ଏଲଜେପିଆର୍‌ଭି) ପ୍ରାର୍ଥିନୀ ଶମ୍ଭବି ଚୌଧୁରୀ ଅଷ୍ଟାଦଶ ଲୋକ ସଭାରେ ସର୍ବକନିଷ୍ଠ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ସେ ବିହାରର ସମସ୍ତିପୁର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ସନ୍ନୀ ହଜାରିଙ୍କୁ ୧ ଲକ୍ଷ ୮୭ ହଜାରରୁ ଅଧିକ ଭୋଟରେ ପରାସ୍ତ କରି ମାତ୍ର ୨୫ ବର୍ଷ ବୟସରେ ଲୋକ ସଭାର ସର୍ବକନିଷ୍ଠ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ଶମ୍ଭବି ଏବେ ପାଟନାର ଜ୍ଞାନ ନିକେତନ ସ୍କୁଲର ନିର୍ଦ୍ଦେଶିକା ଥିବାବେଳେ ସମ୍ପ୍ରତି ମଗଧ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରୁଛନ୍ତି। ଅନ୍ୟପକ୍ଷରେ, ରାଜସ୍ଥାନର ଭରତପୁର ଆସନରୁ ସଞ୍ଜନା ଜାଟବ, ଉତ୍ତରପ୍ରଦେଶର କୌଶାମ୍ବି ଏବଂ ମଛଲିସହର ଆସନରୁ ଯଥାକ୍ରମେ ପୁଷ୍ପେନ୍ଦ୍ର ସରୋଜ ଏବଂ ପ୍ରିୟା ସରୋଜ ମଧ୍ୟ ମାତ୍ର ୨୫ ବର୍ଷ ବୟସରେ ଅଷ୍ଟାଦଶ ଲୋକ ସଭାକୁ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି।

# ସମଭାବାପନ୍ନ ଦଳଗୁଡ଼ିକୁ ସ୍ୱାଗତ: ଇଣ୍ଡିଆ



ଇଣ୍ଡିଆ ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ।

ନୂଆଦିଲ୍ଲୀ,୫।୬

ଲୋକ ସଭା ନିର୍ବାଚନର ପରିଣାମ ସ୍ପଷ୍ଟ ହେବା ପରେ ବୁଧବାର ରାତିରେ ବିରୋଧୀ ଇଣ୍ଡିଆନ୍ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍‌ସମଭାବାପନ୍ନଦଳଗୁଡ଼ିକୁଆମନ୍ତ୍ରଣକରିଛି।କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନୂଆଦିଲ୍ଲୀ ବାସଭବନରେ ଅନୁଷ୍ଠିତ ବୈଠକରେ ସରକାର ଗଠନ ନିମନ୍ତେ ସମ୍ଭାବ୍ୟ ଦିଗ ଓ ମେଣ୍ଟର ଭବିଷ୍ୟତ ରଣନୀତି ଉପରେ ଆଲୋଚନା ହୋଇଛି। ବିରୋଧୀ ମେଣ୍ଟର ବୈଠକ ପରେ ଖାର୍ଗେ କହିଛନ୍ତି, ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଆମେ ମିଳିତ ହୋଇ ଦୃଢ଼ ସଂକଳ୍ପ ଭାବେ ଲଢ଼ିଛୁ। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ରର ଫାସିବାଦୀ ସରକାର ବିରୋଧରେ ଇଣ୍ଡିଆ ବ୍ଲକ୍ ଲଢ଼େଇ ଜାରି ରଖିବ। ଭାଜପା ସରକାର ଲୋକଙ୍କୁ ଅଣଦେଖା କଲେ ଉପଯୁକ୍ତ ସମୟରେ ଉପଯୁକ୍ତ ପଦକ୍ଷେପ ନେବୁ। ଇଣ୍ଡିଆ ମେଣ୍ଟ ଭାରତୀୟ ସମ୍ବିଧାନର ଆର୍ଥିକ, ସାମାଜିକ ଓ ରାଜନୈତିକ ନ୍ୟାୟ ଉପରେ ପର୍ଯ୍ୟବସିତ ମୌଳିକ ପ୍ରତିଶ୍ରୁତିବଦ୍ଧତାକୁ ଗୁରୁତ୍ୱ ଦେଇଆସିଛି। ଏସବୁ ଉପରେ ବିଶ୍ୱାସ ରଖୁଥିବା ସମଭାବପନ୍ନ ଦଳଗୁଡ଼ିକୁ ଇଣ୍ଡିଆ ମେଣ୍ଟ ସ୍ୱାଗତ କରୁଛି। ଏହି ଜନାଦେଶ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ଆସିଛି। ତାଙ୍କ ରାଜନୈତିକ ଶୈଳୀକୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଥିବା ଇଣ୍ଡିଆ ବ୍ଲକ୍ ପକ୍ଷରୁ ଜାରି ଏକ ମିଳିତ ବିବୃତିରେ କୁହାଯାଇଛି। ବୈଠକରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍, ଡିଏମ୍‌କେର ଟି.ଆର. ବାଲୁ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ୍, ଜେଏମ୍‌ଏମ୍‌ର କଳ୍ପନା ସୋରେନ୍, ଏନ୍‌ସିପି–ଏସ୍‌ପିର ଶରଦ ପାୱାର, ସୁପ୍ରିୟା ସୁଲେ, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ଓ ରାମଗୋପାଳ ଯାଦବ ଉପସ୍ଥିତ ଥିଲେ। ଅନ୍ୟ ନେତାଙ୍କ ମଧ୍ୟରେ ଅଭିଷେକ ବାନାର୍ଜୀ(ଟିଏମ୍‌ସି), ତେଜସ୍ୱୀ ଯାଦବ(ଆର୍‌ଜେଡି), ସଞ୍ଜୟ ରାଉତ୍(ଶିବସେନା ୟୁବିଟି), ଓମାର ଅବ୍‌ଦୁଲ୍ଲା(ଏନ୍‌ସି), ସୀତାରାମ ୟେଚୁରୀ(ସିପିଆଇଏମ୍), ଡି. ରାଜା (ସିପିଆଇ), ସଞ୍ଜୟ ସିଂ ଓ ରାଘବ ଚଢ଼ା(ଆପ୍) ଏବଂ ଏନ୍. କେ. ପ୍ରେମଚନ୍ଦ୍ରନ୍ (ଆର୍‌ଏସ୍‌ପି) ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଚଳିତ ନିର୍ବାଚନରେ ୨୩୪ ଆସନରେ ସୀମିତ ରହିଯାଇଛି। ଇଣ୍ଡିଆକୁ ସରକାର ଗଠନ ପାଇଁ ଆଉ ୩୮ ଏମ୍‌ପିଙ୍କ ସମର୍ଥନ ଆବଶ୍ୟକ। ୨୦୦୯ ପରେ କଂଗ୍ରେସ ଏଥର ସବୁଠୁ ଭଲ ପ୍ରଦର୍ଶନ କରିଛି। ସର୍ବପୁରାତନ ଦଳ ୯୯ ଆସନ ଦଖଲ କରିଛି। କଂଗ୍ରେସ ୨୦୧୪ରେ ୪୪ ଏବଂ ୨୦୧୯ରେ ୫୨ ଆସନ ପାଇଥିଲା।

# ଜେଲରୁ ଜିତିଲେ ଅମ୍ରିତ ପାଲ୍ ସିଂ

ନୂଆଦିଲ୍ଲୀ, ୫।୬



ଆତଙ୍କବାଦ ଅଭିଯୋଗରେ ଜେଲରେ ଥିବା ୨ ଜଣ ପ୍ରାର୍ଥୀ ଚଳିତ ଲୋକ ସଭା ନିର୍ବାଚନରେ ବିଜୟୀ ହୋଇଛନ୍ତି। ପଞ୍ଜାବର ଖଡୁରସାହିବ ଆସନରୁ ଜେଲରେ ଥିବା କଠୋରପନ୍ଥି ଶିଖ୍ ପ୍ରଚାରକ ଅମ୍ରିତପାଲ ସିଂ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଜମ୍ମୁ–କଶ୍ମୀରର ବାରମୁଲା ଆସନରୁ ଆତଙ୍କବାଦ ବିସ୍ଫୋରଣର ଅଭିଯୋଗରେ ଜେଲରେ ଥିବା ଶେଖ୍ ଅବଦୁଲ୍ ରସିଦ ଓରଫ ଇଞ୍ଜିନିୟର ରସିଦ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଛନ୍ତି। ଆଇନ ଅନୁଯାୟୀ ଉଭୟ ଜେଲରେ ଥିବାରୁ ସଂସଦୀୟ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ। ଏହାସତ୍ତ୍ୱେ ମଧ୍ୟ ପାର୍ଲାମେଣ୍ଟର ସଦସ୍ୟ ଭାବେ ଶପଥ ଗ୍ରହଣ କରିବାକୁ ଉଭୟଙ୍କର ସାମ୍ବିଧାନିକ ଅଧିକାର ରହିଛି।

# ୧୯ ଯାଏ ହାଜତରେ ରହିବେ କେଜ୍‌ରିୱାଲ

ନୂଆଦିଲ୍ଲୀ, ୫।୬

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ତିହାର ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ୭ ଦିନିଆ ଜାମିନ ଆବେଦନକୁ ବୁଧବାର ରାଉଜ୍ ଆଭେନ୍ୟୁ କୋର୍ଟ ଅଗ୍ରାହ୍ୟ କରିଛନ୍ତି। କୋର୍ଟ କେଜ୍‌ରିୱାଲଙ୍କ ହାଜତ ମିଆଦକୁ ଆସନ୍ତା ୧୯ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ କେଜ୍‌ରିୱାଲ ଏହି ଆବେଦନ କରିଥିଲେ। ତେବେ ଆବଶ୍ୟକ ପଡ଼ିଲେ ତାଙ୍କ ମେଡିକାଲ ଟେଷ୍ଟ କରାଇବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଲୋକ ସଭାକୁ ୭୩ ମହିଳା ନିର୍ବାଚିତ

## ଗତଥରଠୁ ୫ କମିଲେ

ନୂଆଦିଲ୍ଲୀ, ୫।୬

୨୦୨୪ ଲୋକ ସଭା ନିର୍ବାଚନରେ ୭୩ ଜଣ ମହିଳା ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ଗତ ଲୋକ ସଭା ନିର୍ବାଚନଠାରୁ ଚଳିତ ଥର ମହିଳା ଏମ୍‌ପିଙ୍କ ସଂଖ୍ୟାରେ ହ୍ରାସ ଘଟିଛି। ୨୦୧୯ ଲୋକ ସଭା ନିର୍ବାଚନରେ ସର୍ବାଧିକ ୭୮ ଜଣ ମହିଳା ନିର୍ବାଚିତ ହୋଇଥିଲେ। ଚଳିତ ଲୋକ ସଭା ନିର୍ବାଚନରେ ସମୁଦାୟ ୭୯୭ ଜଣ ମହିଳା ପ୍ରାର୍ଥୀ ନିର୍ବାଚନ ଲଢ଼ିଥିବାବେଳେ ଭାଜପା ୬୯ ଓ କଂଗ୍ରେସ ୪୧ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିଲା। ଭାଜପାରୁ ସର୍ବାଧିକ ୩୦ ଜଣ ମହିଳା ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ କଂଗ୍ରେସରୁ ୧୪, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଓ ସମାଜବାଦୀ ପାର୍ଟି(ଏସ୍‌ପି)ରୁ ୪, ଦ୍ରାବିଡ଼ ମୁନେତ୍ର କାଜାଗମ୍(ଡିଏମ୍‌କେ), ସଂଯୁକ୍ତ ଜନତା ଦଳ (ଜେଡିୟୁ) ଓ ଲୋକ ଜନଶକ୍ତି ପାର୍ଟି ରାମବିଳାସ(ଏଲଜେପିଆର୍‌ଭି)ର ୩ ଜଣ ଲେଖାଏ ମହିଳା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେହିପରି ଚଳିତ ନିର୍ବାଚନରେ ୨୪ ଜଣ ମହିଳା ପ୍ରଥମଥର ପାଇଁ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ରାଜ୍ୟଗୁଡ଼ିକ ମଧ୍ୟରେ ଚଳିତ ଥର ପଶ୍ଚିମବଙ୍ଗରୁ ସର୍ବାଧିକ ୧୧ ଜଣ ମହିଳା ପ୍ରାର୍ଥୀ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ଅଷ୍ଟାଦଶ ଲୋକ ସଭାରେ ସମୁଦାୟ ଏମ୍‌ପିଙ୍କ ମଧ୍ୟରୁ ୧୩.୪୪ ପ୍ରତିଶତ ମହିଳା ହୋଇଥିବା ବେଳେ ଗତ ଲୋକ ସଭାରେ ୧୪ ପ୍ରତିଶତରୁ ଅଧିକ ମହିଳା ରହିଥିଲେ। ସେହିପରି ଷୋଡ଼ଶ ଲୋକ ସଭାରେ ୬୪ ଜଣ ମହିଳା ପ୍ରାର୍ଥୀ ଏବଂ ପଞ୍ଚଦଶ ଲୋକ ସଭାରେ ୫୨ ଜଣ ମହିଳା ପ୍ରାର୍ଥୀ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ।

# ଲୋକ ସଭା ନିର୍ବାଚନ: ଚମକିଲେ ତାରକା

ନୂଆଦିଲ୍ଲୀ, ୫।୬

ଚଳିତବର୍ଷ ଏପ୍ରିଲ ୧୯ରୁ ଜୁନ୍ ୧ ପର୍ଯ୍ୟନ୍ତ ୭ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ଲୋକ ସଭା ନିର୍ବାଚନରେ ଅନେକ ତାରକା ତଥା କଳାକାର ସଫଳତା ପାଇଛନ୍ତି। ବଲିଉଡ୍ ଅଭିନେତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଡ଼ ସମର୍ଥକ ଭାବେ ଜଣାଶୁଣା କଙ୍ଗନା ରଣାୱାତଙ୍କୁ ଭାଜପା ଚଳିତ ନିର୍ବାଚନରେ ହିମାଚଳ ପ୍ରଦେଶର ମଣ୍ଡି ଆସନରୁ ପ୍ରାର୍ଥୀ କରିଥିଲା। ରାଜ୍ୟର ୬ ଥରର ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂ ତଥା ପ୍ରଦେଶ କଂଗ୍ରେସ କମିଟି ସଭାପତି ପ୍ରତିଭା ସିଂଙ୍କ ପୁଅ ବିକ୍ରମାଦିତ୍ୟ ସିଂଙ୍କୁ ପରାସ୍ତ କରି କଙ୍ଗନା ଲୋକ ସଭାକୁ ପ୍ରଥମଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେହିପରି ୯୦ ଦଶକର ପ୍ରସିଦ୍ଧ ଧାରାବାହିକ ରାମାନନ୍ଦ ସାଗରଙ୍କ ରାମାୟଣରେ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରିଥିବା ଅରୁଣ ଗୋଭିଲଙ୍କୁ ଉତ୍ତରପ୍ରଦେଶର ମିରଟ୍ ଆସନରୁ ଭାଜପା ପ୍ରାର୍ଥୀ କରିଥିଲା। ସମାଜବାଦୀ ପାର୍ଟି(ଏସ୍‌ପି) ପ୍ରାର୍ଥୀ ସୁନୀତା ଯାଦବଙ୍କ ସହ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଭିତରେ ମାତ୍ର ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ସେ ବିଜୟୀ ହୋଇ ପ୍ରଥମ ଥର ପାଇଁ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ସେହିପରି ବଲିଉଡ୍‌ରେ ଡ୍ରିମ୍ ଗର୍ଲ ତଥା ଭାଜପା ନେତ୍ରୀ ହେମାମାଳିନୀ ମଥୁରା ଆସନରୁ କଂଗ୍ରେସ ପ୍ରାର୍ଥୀ ମୁକେଶ ଡାଗରଙ୍କୁ ପରାସ୍ତ କରି ଲଗାତାର ତୃତୀୟ ଥର ପାଇଁ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଚଳିତ ଲୋକ ସଭା ନିର୍ବାଚନରେ ବହୁ ଚର୍ଚ୍ଚିତ ଉତ୍ତର–ପୂର୍ବ ଦିଲ୍ଲୀ ଆସନରୁ ଭୋଜପୁରୀ ଫିଲ୍ମ ଅଭିନେତା ତଥା ଭାଜପା ନେତା ମନୋଜ ତିୱାରୀ ଚର୍ଚ୍ଚିତ ଛାତ୍ର ନେତା ତଥା କଂଗ୍ରେସ ପ୍ରାର୍ଥୀ କହ୍ନେୟା କୁମାରଙ୍କୁ ପରାସ୍ତ କରି ଲଗାତାର ତୃତୀୟ ଥର ପାଇଁ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଅନ୍ୟତମ ଭୋଜପୁରୀ ଅଭିନେତା ରବି କିଶନ ଉତ୍ତରପ୍ରଦେଶର ଗୋରଖପୁର ଆସନରୁ ଲଗାତାର ଦ୍ୱିତୀୟଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେ ଏସ୍‌ପି ପ୍ରାର୍ଥୀ କାଜଲ ନିଶାଦଙ୍କୁ ପରାସ୍ତ କରିଛନ୍ତି। ସେହିପରି ସାଉଥ ଷ୍ଟାର ସୁରେଶ ଗୋପୀ କେରଳର ଥ୍ରୀସୁର ଆସନରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ପ୍ରାର୍ଥୀ ଭି. ସୁନୀଲ କୁମାରଙ୍କୁ ପରାସ୍ତ କରି ରାଜ୍ୟର ଏକମାତ୍ର ଭାଜପା ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ଭେଟେରାନ ବଲିଉଡ୍ ଅଭିନେତା ଶତ୍ରୁଘ୍ନ ସିହ୍ନା ପଶ୍ଚିମବଙ୍ଗର ଆସାନ୍‌ସୋଲ ଆସନରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଏସ୍. ଏସ୍. ଆହଲୁୱାଲିଆଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ଚଳିତ ଲୋକ ସଭା ନିର୍ବାଚନରେ କିଛି ତାରକା ପ୍ରାର୍ଥୀ ପରାଜିତ ମଧ୍ୟ ହୋଇଛନ୍ତି। ଭୋଜପୁରୀ ଅଭିନେତା ଦିନେଶଲାଲ ଯାଦବ ଓରଫ ନିର୍‌ହୁଆ ଏବଂ ପୂର୍ବତନ ଧାରାବାହିକ ଅଭିନେତ୍ରୀ ସ୍ମୃତି ଇରାନୀ ଯଥାକ୍ରମେ ଉତ୍ତରପ୍ରଦେଶର ଆଜମଗଡ଼ ଓ ଆମେଠି ଆସନରୁ ପରାସ୍ତ ହୋଇଛନ୍ତି।



କଙ୍ଗନା ରାଣାୱାତ



ହେମାମାଳିନୀ



ମନୋଜ ତିୱାରୀ



ରବି କିଶନ



ଶତ୍ରୁଘ୍ନ ସିହ୍ନା



ଅରୁଣ ଗୋଭିଲ




# ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନବୀନ

ଭୁବନେଶ୍ୱର,୫।୬(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ଏହି ଇସ୍ତଫା ସହ ନବୀନଙ୍କ ଦୀର୍ଘ ୨୪ ବର୍ଷ କ୍ଷମତାର ଅନ୍ତ ଘଟିଛି। ନବୀନ ପୂର୍ବାହ୍ନ ସାଢେ ୧୧ଟାରେ ନବୀନ ନିବାସରୁ ବାହାରି ରାଜଭବନ ଅଭିମୁଖେ ଯାଇଥିଲେ। ରାଜଭବନ ଯିବା ପୂର୍ବରୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଦେବୀ ମିଶ୍ର, ଅରୁଣ ସାହୁ ପ୍ରମୁଖ ନବୀନ ନିବାସରେ ପହଞ୍ଚି ତାଙ୍କୁ ସାକ୍ଷାତ କରିଥିବା ଜଣାପଡ଼ିଛି । ଚଳିତ ନିର୍ବାଚନ ଫଳାଫଳ ରାଜ୍ୟ ରାଜନୀତିର ଦୃଶ୍ୟପଟକୁ ବଦଳାଇଦେଇଛି। ଅପ୍ରତିଦ୍ୱନ୍ଦ୍ୱୀ ନେତା ନବୀନଙ୍କ ହାତରୁ ଦୀର୍ଘ ଅଢ଼େଇ ଦଶନ୍ଧିର ଶାସନ କ୍ଷମତା ଚାଲିଯାଇଛି। ମୁଖ୍ୟମନ୍ତ୍ରୀ ପ୍ରଥମ ଥର ପାଇଁ ପରାଜୟର ସ୍ୱାଦ ଚାଖିଛନ୍ତି। ହିଞ୍ଜିଳି ଓ କଣ୍ଟାବାଞ୍ଜିରୁ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ କଣ୍ଟାବାଞ୍ଜିରୁ ପରାଜିତ ହୋଇଛନ୍ତି।

ଚଳିତ ନିର୍ବାଚନରେ ମୋଟ ୧୪୭ ବିଧାନସଭା ସିଟ୍‌ରୁ ଭାଜପା ୭୮ ଆସନରେ ବିଜୟୀ ହୋଇଥିବା ବେଳେ ବିଜେଡି ୫୧, କଂଗ୍ରେସ ୧୪ଟି ସିଟ୍ ଦଖଲ କରିବାରେ ସଫଳ ହୋଇଛି।

## ଅଂଶୁଘାତ ମୃତ୍ୟୁ ୩୬କୁ ବୃଦ୍ଧି

ଭୁବନେଶ୍ୱର, ୫।୬(ଅସମାପିକା ସାହୁ)

ରାଜ୍ୟରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ୩୬କୁ ବୃଦ୍ଧି ପାଇଛି। ଏ ନେଇ ବୁଧବାର ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏସ୍‌ଆର୍‌ସିଙ୍କ ସୂଚନାନୁସାରେ, ଗତ ୪ ତାରିଖ ସୁଦ୍ଧା ଅଂଶୁଘାତ ମୃତ୍ୟୁ ସଂକ୍ରାନ୍ତ ୧୪୯ଟି ଅଭିଯୋଗ ଆସିଥିଲା। ଗତ ୨୪ ଘଣ୍ଟାରେ ଆଉ ୨ଟି ଅଭିଯୋଗ ଆସିଛି। ଏହାକୁ ମିଶାଇ ରାଜ୍ୟରେ ଚଳିତ ଖରାରେ ମୋଟ ୧୫୧ଟି ଅଂଶୁଘାତଜନିତ ମୃତ୍ୟୁ ଅଭିଯୋଗ ଆସିଛି। ଏଥିମଧ୍ୟରୁ ୩୬ଜଣଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ବେଳେ ୩୧ଜଣଙ୍କର ଅନ୍ୟ କାରଣରୁ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରାଯାଇଛି। ବାକି ୮୪ଟିଅଭିଯୋଗର ରିପୋର୍ଟ ଆସିନାହିଁ। ସେଗୁଡ଼ିକ ଏବେ ବି ଜିଲାପାଳଙ୍କ ତଦନ୍ତ ପାଇଁ ଅଟକି ରହିଥିବା ଏସ୍‌ଆର୍‌ସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା ଘୁଞ୍ଚିବା ଚର୍ଚ୍ଚା

ଭୁବନେଶ୍ୱର, ୫।୬(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନ ଫଳାଫଳ ସମସ୍ତଙ୍କୁ ପ୍ରାୟ ଆଶ୍ଚର୍ଯ୍ୟ କରିଦେଇଛି। ୨୪ ବର୍ଷ ଧରି ରାଜ୍ୟରେ ଶାସନ କ୍ଷମତାରେ ରହିଥିବା ବିଜେଡିକୁ ଗାଦିଚ୍ୟୁତ ହେବାକୁ ପଡ଼ିଛି। ଅନ୍ୟପଟେ ଓଡ଼ିଶାରେ ଭାଜପା ପ୍ରଥମ ଥର ଲାଗି ସରକାର ଗଠନ କରିବାରେ ସକ୍ଷମ ହୋଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନିର୍ବାଚନୀ ପ୍ରଚାର ମୁତାବକ, ରାଜ୍ୟରେ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିବ ଏବଂ ଗୁରୁବାର ସୁଦ୍ଧା ନବନିର୍ବାଚିତ ବିଧାୟକମାନେ ସେମାନଙ୍କ ମୁଖ୍ୟମନ୍ତ୍ରୀ କିଏ ହେବେ ତାଙ୍କୁ ବାଛିବେ। ଏହାକୁ ନେଇ ସବୁଆଡେ ଚର୍ଚ୍ଚା, ଆଲୋଚନା ଲାଗି ରହିଛି। ତେବେ ଦଳ କାହାକୁ ମୁଖ୍ୟମନ୍ତ୍ରୀ କରିବ ଏବଂ କେବେ ସୁଦ୍ଧା ଏନେଇ ଘୋଷଣା କରିବ, ସେକଥା କିଛି ସ୍ପଷ୍ଟ କରିନାହିଁ। ହେଲେ

ଏଥର କେନ୍ଦ୍ରରେ ଏନ୍‌ଡିଏ ଯେଭଳି ଆସନ ଦଖଲକରି ସରକାର କରିବାକୁ ଯାଉଛି ତାକୁ ନେଇ ଜାତୀୟସ୍ତରରେ ନେତାମାନଙ୍କ ଭିତରେ ବହୁ ମାତ୍ରାରେ ଚିନ୍ତା ବଢ଼ିଯାଇଥିବା ଚର୍ଚ୍ଚା ହେଉଛି। ଜଣେ ବରିଷ୍ଠ ଭାଜପା ନେତାଙ୍କ କହିବା ଅନୁଯାୟୀ, ବିଗତ ଦିନରେ ଯେଉଁସବୁ ରାଜ୍ୟରେ ଦଳ ସରକାରକୁ ଆସିଛି ସେସବୁ ସ୍ଥାନରେ ଶପଥ ଗ୍ରହଣର ପୂର୍ବଦିନ ହିଁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସମ୍ପର୍କରେ ଘୋଷଣା କରାଯାଇଥିବା ନେଇ ନଜିର ରହିଛି। ତେଣୁ ଏବେ ଦେଶରେ ସରକାର ଗଠନ ଏବଂ ଏହାର ପରବର୍ତ୍ତୀ କାର୍ଯ୍ୟରେ ସମସ୍ତେ ପ୍ରାୟ ବ୍ୟସ୍ତ ରହିବେ। କାରଣ ଭାଜପା ୧୦ ବର୍ଷ ପରେ ଦେଶରେ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ନିଜର ସ୍ଥିତି ବଜାୟ ରଖିବାରେ ବିଫଳ ହୋଇଛି। ତେଣୁ ଓଡ଼ିଶାରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବାର ପୂର୍ବଦିନ ହିଁ ବିଧାୟକମାନଙ୍କୁ କାହାକୁ ନେତା କରାଯିବ ସେକଥା ଜଣାଇଦିଆଯିବ। ଅନ୍ୟପକ୍ଷରେ ମିଳିଥିବା ଖବର ମୁତାବକ, ରାଜ୍ୟରୁ କେତେଜଣ ନେତା ଏବେ ନୂଆଦିଲ୍ଲୀ ଯାଇ ସେଠାରେ ଡେରା ପକାଇଲେଣି। ରାଜ୍ୟରେ କିପରି ମୁଖ୍ୟମନ୍ତ୍ରୀ ହେବେ ସେନେଇ ନିଜ ନିଜର ଉଦ୍ୟମ ଆରମ୍ଭ କରିଦେଇଥିବା ଜଣାପଡିଛି। ହେଲେ ନବନିର୍ବାଚିତ ବିଧାୟକମାନେ ଦଳରୁ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ ସେନେଇ କିଛି ଜାଣିନାହାନ୍ତି ଏବଂ ଦଳ ଯାହା ନିଷ୍ପତ୍ତି ନେବ ତାହାକୁ ମାନିନେବେ ବୋଲି କହୁଛନ୍ତି। ଅନ୍ୟପଟେ କେନ୍ଦ୍ରରେ ସରକାର ଗଠନ ହୋଇସାରିବା ପରେ ଯାଇ ରାଜ୍ୟ ବାବଦରେ କେନ୍ଦ୍ରୀୟ ନେତାମାନେ ବିଶେଷ ଧ୍ୟାନ ଦେବେ ବୋଲି କୁହାଯାଉଛି। ହେଲେ ଦଳ ରାଜ୍ୟରେ ନବନିର୍ବାଚିତ ବିଧାୟକମାନଙ୍କ ମଧ୍ୟରୁ ଜଣଙ୍କୁ ବାଛିବ ନା ବାହାରୁ କାହାକୁ ଆଣି ଏହି ଆସନରେ ବସାଇବ, ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ସାମାଜିକ ଗଣମାଧ୍ୟମରେ କେତୋଟି ନାଁକୁ ନେଇ ଆଲୋଚନା ଜୋର୍ ଧରିବାରେ ଲାଗିଛି । ହେଲେ ଏହାକୁ ଦଳର କେତେଜଣ ନେତା ଖଣ୍ଡନ କରିଛନ୍ତି।

## ପାକ୍ସ କର୍ମଚାରୀଙ୍କୁ ହତ୍ୟା

ଟିଟିଲାଗଡ଼,୫।୬ (ଶରତ ମିଶ୍ର)

ବୁଧବାର ଅପରାହ୍ନରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅନ୍ତର୍ଗତ ବିଜେପୁର ପାକ୍ସ କର୍ମଚାରୀ ସୂର୍ଯ୍ୟମଣି ମାଝୀ (୪୦)ଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସୂର୍ଯ୍ୟ ଅଫିସ କାର୍ଯ୍ୟ ସାରି ମଧ୍ୟାହ୍ନ ଭୋଜନ ପାଇଁ ନିକଟସ୍ଥ ନିଜ ଗ୍ରାମ ଥୁବୁଡିଙ୍ଗକୁ ଏକ ବାଇକ୍ ଯୋଗେ ଯିବା ବେଳେ ରାସ୍ତାରେ କେତେକ ଦୁର୍ବୃତ୍ତ ଲୁହା ଛଡ଼ ଏବଂ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ସୂର୍ଯ୍ୟ ଗୁରୁତର ହେବା ସହ ସେଠାରେ ଟଳି ପଡ଼ିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ଟିଟିଲାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାଜ୍ୟରେ ୨,୦୯୮ ହାତୀ

- ୫ବର୍ଷରେ ୪୦୩ ହାତୀଙ୍କ ମୃତ୍ୟୁ
- ୧୩ ବନଖଣ୍ଡରେ ହାତୀ ନାହାନ୍ତି

ଭୁବନେଶ୍ୱର, ୫।୬(ଅସମାପିକା ସାହୁ)

ରାଜ୍ୟରେ ହାତୀ ସଂଖ୍ୟାରେ ବୃଦ୍ଧି ଘଟିଛି। ଗତ ୭ବର୍ଷରେ ୧୨୨ ବଢ଼ିଛି। ୨୦୧୭ରେ ରାଜ୍ୟରେ ୧୯୭୬ ହାତୀ ଥିବାବେଳେ ଏବେ ୨,୦୯୮ ହାତୀ ରହିଥିବା ବନ ବିଭାଗର ରିପୋର୍ଟରୁ ଜଣାପଡ଼ିଛି। ବୁଧବାର ପିସିସିଏଫ୍ ବନ୍ୟପ୍ରାଣୀ କାର୍ଯ୍ୟାଳୟରେ ରାଜ୍ୟର ହାତୀ ଗଣନା ୨୦୨୪ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ, ଏଥର ୩୮ଟି ବନଖଣ୍ଡରେ ହାତୀ ଗଣନା ହୋଇଥିଲା। ୧୩ଟି ବନଖଣ୍ଡରେ ଆଦୌ ହାତୀ ନ ଥିବାବେଳେ ବାକିସବୁ ବନଖଣ୍ଡରେ ୨,୦୯୮ଟି ହାତୀ ଠାବ ହୋଇଛି। ଏଥିରେ ୩୧୩ଟିପ୍ରାପ୍ତବୟସ୍କ ଦନ୍ତା ଥିବା ବେଳେ ୧୩ଟି ପ୍ରାପ୍ତବୟସ୍କ ମାଖନା, ୭୪୮ଟି ପ୍ରାପ୍ତ ବୟସ୍କ ମାଈ ହାତୀ ଅଛନ୍ତି। ସେହିଭଳି ୧୪୮ଟି ସବ୍‌-ଆଡଲ୍ଟ ଅଣ୍ଡିରା, ୨୮୨ ସବ୍‌-ଆଡଲ୍ଟ ମାଈ, ୨୦୯ଟି ଜୁଭେନାଇଲ ଥିବାବେଳେ ୩୮୫ଟି ଛୁଆ ହାତୀ ରହିଛନ୍ତି। ତେବେ ଅନୁଗୋଳ, ଆଠଗଡ଼, ଢେଙ୍କାନାଳ, ବାରିପଦା, ଚନ୍ଦକା, ଖୋର୍ଦ୍ଧା, ବଣାଇ ଏବଂ କେନ୍ଦୁଝରରେ ହାତୀଙ୍କ ସଂଖ୍ୟା ଅଧିକ ବୃଦ୍ଧି ପାଇଛି। କିନ୍ତୁ ଶିମିଳିପାଳ ଉତ୍ତର, ଶିମିଳିପାଳ ଦକ୍ଷିଣ, ବାଲେଶ୍ୱର ବନ୍ୟପ୍ରାଣୀ, ରାଇରଙ୍ଗପୁର, ବଲାଙ୍ଗୀର, ପାରଳାଖେମୁଣ୍ଡି ଆଦି କେତେକ ବନଖଣ୍ଡରେ ହାତୀଙ୍କ ସଂଖ୍ୟା କମିଥିବା ଦେଖାଯାଇଛି।

ସେହିପରି ଗତ ୫ବର୍ଷରେ ରାଜ୍ୟରେ ୪୦୩ ହାତୀଙ୍କ ମୃତ୍ୟୁ ହୋଇଛି। ଏଥିସହ ବର୍ଷକରେ ଅନ୍ୟ ରାଜ୍ୟର ପ୍ରାୟ ୨୧୦୦-୨୨୦୦ ହାତୀ ଓଡ଼ିଶା ଜଙ୍ଗଲ ବ୍ୟବହାର କରୁଥିବା ଆକଳନ କରାଯାଇଛି। ବିଶେଷକରି ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ ଝାଡ଼ଖଣ୍ଡରୁ ହାତୀ ଆସୁଥିବା ଦେଖାଯାଇଛି। ରିପୋର୍ଟ ପ୍ରକାଶ ସମୟରେ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ମେ' ୨୨ ରୁ ୨୪ତାରିଖ ପର୍ଯ୍ୟନ୍ତ ରାଜ୍ୟର ୨୮ଜିଲାରେ ହାତୀ ଗଣନା ହୋଇଥିଲା।



ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ରାଜ୍ୟର ହାତୀ ଗଣନା ୨୦୨୪ ରିପୋର୍ଟ ପ୍ରକାଶ କରୁଛନ୍ତି।

# ନିଖୋଜ ଡାକ୍ତରଙ୍କୁ କର୍ଣ୍ଣାଟକରେ ଠାବକଲା ପୋଲିସ

ମାଲକାନଗିରି/କାଲିମେଲା, ୫।୬ (ଦୁର୍ଯ୍ୟୋଧନ ପାତ୍ର/ ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅମ୍ଳାନ ଭୋଇ ଗତ ଶୁକ୍ରବାର ମଧ୍ୟରାତ୍ରରୁ ନିଖୋଜ ଥିଲେ। ୪ ଦିନ ପରେ ବୁଧବାର ତାଙ୍କୁ କର୍ଣ୍ଣାଟକରୁ ଠାବ କରାଯାଇଥିବା ମାଲକାନଗିରି ଏସ୍‌ପି ନୀତୀଶ୍ ବାଧ୍ୱାନୀ କହିଛନ୍ତି। ଅମ୍ଳାନଙ୍କ ବାସଭବନରୁ ମାଓବାଦୀଙ୍କ ହାତଲେଖା ଚିଠି ଜବତ କରାଯାଇଥିଲା। ଫଳରେ ତାଙ୍କୁ ମାଓବାଦୀ ଅପହରଣ କରି ନେଇଥିବା ସନ୍ଦେହ ପ୍ରକାଶ ପାଇଥିଲା। ଏନେଇ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ପରେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ତେବେ ତଦନ୍ତ ବେଳେ ଡାକ୍ତର ଭୋଇଙ୍କ ବାସଭବନରୁ ମିଳିଥିବା ଚିଠି ନକଲି ବୋଲି ଜଣାପଡ଼ିଛି। ଇଂଲିଶ୍‌ରେ ଏହି ଚିଠି ଲେଖାଯାଇଥିଲା। ପୂର୍ବରୁ ମାଓବାଦୀମାନେ ଏପରି ଚିଠି ଲେଖିବାର ନଜିର ନାହିଁ। ମାଓବାଦୀମାନେ କାହାକୁ ଅପହରଣକଲେ ୨୪ଘଣ୍ଟା ମଧ୍ୟରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥାନ୍ତି। ମାତ୍ର ମାଓବାଦୀମାନେ କୌଣସି ସୂଚନା ଦେଇ ନ ଥିଲେ।


କର୍ଣ୍ଣାଟକରେ ଠାବହୋଇଥିବା ଡାକ୍ତର ଅମ୍ଳାନ ଭୋଇ।

ଅନ୍ୟପକ୍ଷରେ ତାଙ୍କ ପରିବାର ଲୋକେ ଏ ସମ୍ପର୍କରେ ଜାଣିବା ପରେ ଗତ ୩ ତାରିଖରେ ମାଲକାନଗିରିରେ ପହଞ୍ଚି ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଡାକ୍ତର ଭୋଇଙ୍କୁ ଉଦ୍ଧାର କରିବା ଲାଗି ଅନୁରୋଧ କରିଥିଲେ। ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିଲା। ଯେଉଁମାନଙ୍କ ସହ ଡାକ୍ତର ଭୋଇଙ୍କ ପାଟିତୁଣ୍ଡ ହୋଇଥିଲା ସେମାନଙ୍କୁ ବୁଧବାର ଥାନାକୁ ଡକାଯାଇଥିଲା। ପଚରାଉଚରା ସମୟରେ ସେମାନେ ଶୁକ୍ରବାର ଡାକ୍ତରଖାନାରେ ସେମିତି କିଛି ହୋଇ ନ ଥିବା କହିଥିଲେ। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ଡାକ୍ତର ଭୋଇ ଏଟିଏମ୍‌ରୁ ୪୮ ହଜାର ଟଙ୍କା ଉଠାଇଥିବା ଜଣାପଡ଼ିଛି। ସେ ଦୁଇଟି ମୋବାଇଲ ଫୋନ ବ୍ୟବହାର କରୁଥିଲେ। ଗୋଟିଏ ଫୋନ କ୍ୱାର୍ଟର୍ସରେ ଛାଡ଼ିଯାଇଥିବା ବେଳେ ସାଥିରେ ଆଇଫୋନ୍ ନେଇଥିଲେ। ଏହି ଘଟଣାକୁ କୋରାପୁଟ ଡିଆଇଜି ଚାରଣ ସିଂ ମୀନା ଗୁରୁତର ସହ ନେଇ ନିଜେ କାଲିମେଲା ଆସି ବିଭିନ୍ନ ଦିଗକୁ କେନ୍ଦ୍ରକରି ତଦନ୍ତ କରିଥିଲେ। ମାଲକାନଗିରି ଏସ୍‌ପି ନୀତୀଶ ବାଧ୍ୱାନୀ, ଏସ୍‌ଡିପିଓ ସଚିନ ପଟେଲ କାଲିମେଲା ଓ ଥାନା ଅଧିକାରୀ ଚନ୍ଦ୍ରକାନ୍ତି ତାଣ୍ଡି ଘଟଣାର ତଦନ୍ତ କରି କର୍ଣ୍ଣାଟକରେ ଡାକ୍ତର ଭୋଇ ଥିବା ଜଣାପଡିବା ପରେ ତାଙ୍କୁ ଉଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଛି। ତାଙ୍କୁ ଆଣିବା ପାଇଁ ମାଲକାନଗିରି ପୋଲିସର ଏକ ଟିମ୍ କର୍ଣ୍ଣାଟକ ଯାତ୍ରା କରିଛନ୍ତି। ଟିମ୍ ଫେରିବା ପରେ ସମସ୍ତ ଘଟଣା ସ୍ପଷ୍ଟହେବ ବୋଲି ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ଡାକ୍ତର ଭୋଇ ଗତ ଡିସେମ୍ବରରେ କାଲିମେଲା ମେଡିକାଲରେ ଡାକ୍ତର ଭାବେ ନିଯୁକ୍ତି ପାଇଥିଲେ। ସେ ଲକ୍ଷାଧିକ ଟଙ୍କା କରଜ କରିଥିବା ମଧ୍ୟ ଶୁଣିବାକୁ ମିଳୁଛି। ଏତେ ଟଙ୍କା କରଜ କରି ସେ କ'ଣ କଲେ ସେ ନେଇ କିଛି ଜଣାପଡ଼ିନାହିଁ।

# ମହାନଦୀ ଗର୍ଭକୁ ଖସିପଡ଼ିଲେ ଡ୍ରାଇଭର

## ଟାୟାର ଫାଟିବାରୁ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ସୋନପୁର,୫।୬(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ମହାନଦୀ ବ୍ରିଜ୍ ମଝିରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକ୍ ନଂ. ଓଡି୧୫ପି-୯୪୧୬ର ଆଗ ଟାୟାର ଫାଟି ଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ଡ୍ରାଇଭର ବ୍ରିଜ୍‌ରୁ ପ୍ରାୟ ୪୫ଫୁଟ୍ ତଳ ମହାନଦୀ ଗର୍ଭକୁ ଖସି ପଡିଥିଲେ। ଟ୍ରକ ବୁଲି ଯାଇ ବ୍ରିଜ୍‌ର ପାର୍ଶ୍ୱ ବାଡାକୁ ଧକ୍କା ଦେଇଥିଲା। ନଦୀରେ ପ୍ରାୟ ୪ଫୁଟ୍ ପାଣି ଥିଲା। ପାଣିରେ ପଡିବାରୁ ଡ୍ରାଇଭର ବରଗଡ ଜିଲା ଭେଡେନ ଅଞ୍ଚଳର ଧର୍ମୁ ମୁର୍ମୁ(୩୨) ଆହତ ହୋଇଥିଲେ। ଖବର ପାଇ ସୋନପୁର ସହକାରୀ ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକଙ୍କ ନେତୃତ୍ୱରେ ବିଭାଗର କର୍ମଚାରୀମାନେ ଡ୍ରାଇଭରଙ୍କୁ ନଦୀରୁ ଉଦ୍ଧାର କରିଥିଲେ। ଟ୍ରକ୍ ଟିଟିଲାଗଡ଼ ଡିପୋରୁ ୧୬ଟି ବ୍ୟାରେଲ୍‌ରେ ଡିଜେଲ ନେଇ ସମ୍ବଲପୁର ଅଭିମୁଖେ ଯାଉଥିଲା। ଗୋଟିଏ ବ୍ୟାରେଲ ବ୍ରିଜ୍ ବାଡାରେ ବାଡେଇ ନଦୀ ଭିତରକୁ ଖସି ପଡିଥିଲା। ପୋଲିସ ଏହି ଘଟଣାର ତଦନ୍ତ କରୁଛି।


ବ୍ରିଜ୍ ମଝିରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

# ଘର ଉପରକୁ ମାଡ଼ିଗଲା ଡମ୍ପର: ଦମ୍ପତି ମୃତ

ଜଳେଶ୍ୱର, ୫।୬(ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଆମ୍ବଲିଅଠା-ସୋଲପଟା ରାସ୍ତାର ନୟନଯୋରୀ ନିକଟରେ ଥିବା ଝୁମ୍ପୁଡି ଉପରେ ଏକ ଡମ୍ପର ମାଡ଼ିଯିବାରୁ ଶୋଇଥିବା ଅବସ୍ଥାରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମଙ୍ଗଳବାର ରାତି ପ୍ରାୟ ୨ଟା ବେଳେ ଏହି ଦୁର୍ଘଟଣା ଘଟିଛି। ଘରଟି ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ମୃତ ଦମ୍ପତି ହେଲେ ସୁଧୀର ଜେନା (୫୬) ଓ ତାଙ୍କ ସ୍ତ୍ରୀ ଗୀତାରାଣୀ (୫୩)। ସେମାନଙ୍କ ଘର ପଶ୍ଚିମବଙ୍ଗର ନିଳଦା ଅଞ୍ଚଳରେ। ସେମାନେ ୩୦ ବର୍ଷ ହେଲା ଏଠାକୁ ଆସି ବସବାସ କରୁଥିଲେ। ସୁଧୀର ମଜୁରିଆ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ୩ ପୁଅ ପ୍ରଶାନ୍ତ, ସୁଶାନ୍ତ ଓ ସୁମନ୍ତ ଦାଦନ ଭାବେ ତାମିଲନାଡୁରେ କାର୍ଯ୍ୟ କରନ୍ତି। ବଡପୁଅ ପ୍ରଶାନ୍ତଙ୍କ ସ୍ତ୍ରୀ ରଞ୍ଜିତା ଓ ତାଙ୍କ ୬ ବର୍ଷର ପୁଅ ମହେଶ ରକ୍ଷା ପାଇଯାଇଛନ୍ତି। ସ୍ଥାନୀୟ ଲୋକେ ପୋଲିସ, ଦମକଳ ବାହିନୀ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ପୋଲିସ ଉପସ୍ଥିତିରେ ମୃତଦେହକୁ ମେଟାଲ ତଳୁ ଜେସିବି ସାହାଯ୍ୟରେ ବାହାର କରାଯାଇଥିଲା। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ଶବ ବ୍ୟବଚ୍ଛେଦ ଲାଗି ଜିଲ୍ଲା ହସ୍ପିଟାଲକୁ ପଠାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଉଲ୍ଲେଖଯୋଗ୍ୟ, ଆମ୍ବଲିଅଠା ଛକଠାରୁ ପଶ୍ଚିମବଙ୍ଗର ସୋଲପଟା ରାସ୍ତା ଆରଡି ବିଭାଗରେ ରହିଛି । ପ୍ରତିଦିନ ଏହି ରାସ୍ତାରେ ହଜାର ହଜାର ଭାରି ଯାନ ଦ୍ରୁତ ବେଗରେ ଯାତାୟାତ କରୁଥିବାରୁ ଅସନ୍ତୋଷ ବଢୁଛି । ରାସ୍ତାକୁ ଚଉଡା ଓ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



**ଆଜିର ମନ୍ତବ୍ୟ**
ଲୋକ ସଭା ନିର୍ବାଚନରେ ଦେଶବାସୀ 'ମୋଦି ଗ୍ୟାରେଣ୍ଟି' ପ୍ରତ୍ୟାଖ୍ୟାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ଗୋଟିଏ ପାଳି ଏହି ପଦରେ ରହିବା ଅନୁଚିତ।
–ରେଭନ୍ତ ରେଡ୍ଡୀ, ତେଲଙ୍ଗନା ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ୧୦୧ତମ ଜୟନ୍ତୀ, ସ୍ଥାନ: ବାଲକାଟୀ ଜନ୍ମମାଟିସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୭ଟା । ଓ ସ୍ଥାନ: ରବୀନ୍ଦ୍ର ମଣ୍ଡପସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦ ।
- ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ଜନ୍ମ ଏକୋତ୍ତରଶତ ବାର୍ଷିକ ଓ ଫାଉଣ୍ଡେଶନର ୩୨ତମ ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦ ।

## କଟକ
- ପଣ୍ଡିତ ବିଜୟ କିଶୋର ସିଂହ ସ୍ମୃତି ସଂସଦ ଆନୁକୂଲ୍ୟରେ ପଣ୍ଡିତ ବିଜୟ କିଶୋର ସିଂହଙ୍କ ସ୍ମୃତି ସଭା, ସ୍ଥାନ: ଜଗତ୍‌ପୁରସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର, ସମୟ: ପୂର୍ବାହ୍ନ ୯ଟା ।

## ଭଦ୍ରକ
- ସାବିତ୍ରୀ ପୀଠରେ ପୂଜାର୍ଚ୍ଚନା, ସ୍ଥାନ:ସନ୍ତରାଗଡ଼ିଆ, ଆଡ଼ିଆ, ଆଗରପଡ଼ା, ସମୟ: ସକାଳ ୬ଟା ।
- ସାବିତ୍ରୀ ବ୍ରତ ଓ ପୂଜାର୍ଚ୍ଚନା, ସ୍ଥାନ: ସତୀସାବିତ୍ରୀ ପୀଠ, ତୋଟାସାହି, ବନ୍ତ, ଭଦ୍ରକ, ସମୟ: ସକାଳ ୬ଟା ।
- ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୭ଟା ୩୦ ।
- ହରିଜନ ସ୍ମାରକୀ ସମାରୋହ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ନୂଆବଜାର, ଭଦ୍ରକ, ସମୟ: ଅପରାହ୍ନ ୪ଟା୩୦ ।
- ମହାତ୍ମା ଗାନ୍ଧି ବିଚାର ମଞ୍ଚ ପକ୍ଷରୁ ସ୍ମାରକୀ ହରିଜନ ପଦଯାତ୍ରା, ସ୍ଥାନ : ଭାଗବତ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୪ଟା ୩୦ ।

## କେନ୍ଦୁଝର
- ମା' ବିଶ୍ୱ ତାରିଣୀ ମନ୍ଦିରରେ ଅମାବାସ୍ୟା ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଛେନାପଦୀ, ହାଟଡିହୀ, ସମୟ: ସକାଳ ୭ ଟା ।
- ଶିବ ମନ୍ଦିରରେ ସାବିତ୍ରୀ ବ୍ରତ ଉତ୍ସବ, ସ୍ଥାନ: ଶାଳନିଆ, ହାଟଡ଼ିହୀ, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୦ ଟା ।
- ଗ୍ରାମ ଦେବୀ ମା' ଥାନପତିଙ୍କଠାରେ ସାବିତ୍ରୀ ଉତ୍ସବ, ସ୍ଥାନ: ଢେଙ୍କା, ହାଟଡିହୀ, ସମୟ: ପୂର୍ବାହ୍ନ ୧୧ ଟା ।

## ମୟୂରଭଞ୍ଜ
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା ।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।

## ଗଞ୍ଜାମ
- ଭେଜିପୁଟ ଯାତ୍ରା ଅବସରରେ ଭଜନ ସନ୍ଧ୍ୟା ସ୍ଥାନ: ଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ଟା ।

## ଜଗତ୍‌ସିଂହପୁର
- ରଜ ମହୋତ୍ସବ କମିଟି ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଦେବୀ ପଡିଆ, ସମୟ: ସନ୍ଧ୍ୟା ୭ ଟା ।

## କେନ୍ଦ୍ରାପଡ଼ା
- ସାବିତ୍ରୀ ଅମାବାସ୍ୟା ଉତ୍ସବ, ସ୍ଥାନ: ଲକ୍ଷ୍ମୀ ମନ୍ଦିର, ଶ୍ରୀବଳଦେବଜୀଉଙ୍କ ମନ୍ଦିର ବେଢ଼ା, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା ।

## ଯାଜପୁର
- ମା' ବିରଜା ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ, ସ୍ଥାନ : ଯାଜପୁର ବିରଜା ମନ୍ଦିର ପରିସର,ସମୟ : ସକାଳ ୭ଟା ।
- ଜାରକାସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ସାବିତ୍ରୀ ବ୍ରତ, ସ୍ଥାନ : ମନ୍ଦିର ପରିସର, ସମୟ : ସକାଳ ୭ଟା ।
- ବ୍ୟାସନଗର ମହତାବ ନଗର ଦେବେଶ୍ୱର ମନ୍ଦିର, ଚୋର୍ଦ୍ଦା ଚଣ୍ଡୀ ମନ୍ଦିର, କନ୍ହେଇପୁର ଲକ୍ଷ୍ମୀନାରାୟଣ ମନ୍ଦିର, ମାରୱାଡି ସମାଜ ଲକ୍ଷ୍ମୀନାରାୟଣ ମନ୍ଦିରରେ, ଯୋଡାବର ରାଧାକୃଷ୍ଣ ମନ୍ଦିରରେ ସାବିତ୍ରୀ ବ୍ରତ ପାଳନ, ସ୍ଥାନ : ମନ୍ଦିର ପରିସର,ସମୟ : ସକାଳ ୮ଟା ।

## ରାୟଗଡ଼ା
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଶିରୀଗୁଡା, ସମୟ: ପୂର୍ବାହ୍ନ ୧୧ ଟା ।

## କୋରାପୁଟ
- ସାବିତ୍ରୀ ପୂଜା, ସ୍ଥାନ: କୋରାପୁଟ ଶାବର ଶ୍ରୀକ୍ଷେତ୍ର ପରିସର, ସମୟ: ସକାଳ ୮ ଟା ।
- ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ବ୍ଲକ ବାସବପୁଟ ଗାଁ, ସମୟ: ସକାଳ ୯ଟା ।

## ସମ୍ବଲପୁର
- ସାଓଲିନ କୁଙ୍ଗ୍‌ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍ ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଜିଲା ପ୍ରଶାସନ ପକ୍ଷରୁ ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଚନ୍ଦ୍ରଶେଖ ବେହେରା ଜିଲା ସ୍କୁଲସ୍ଥିତ ମନମୋହନ ପଟ୍ଟନାୟକ ସଭାକକ୍ଷ, ସମୟ: ସକାଳ ୮ଟା ।
- ସାବିତ୍ରୀ ବ୍ରତ ପୁଜା, ସ୍ଥାନ : ମୁଦିପଡା ଜଗନ୍ନାଥ ମନ୍ଦିର, ସମୟ : ମଧ୍ୟାହ୍ନ ୧୨ଟା ।
- ଶ୍ରୀଶ୍ରୀ ବମ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଡିଁ କାର୍ଯ୍ୟକ୍ରମ, ସ୍ଥାନ : ଚାରଭାଟି, ସମୟ : ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- କେପିଏଲ ଧମାକାର ଦ୍ୱାଦଶ ଦିବସ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା, ସମୟ: ସକାଳ ୭ଟା ।
- ତରଭା ପୌର୍ଣ୍ଣମାସୀ ମନ୍ଦିରରେ ମହିଳାଙ୍କ ଦ୍ୱାରା ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା ।

## ବରଗଡ଼
- ଶୀତଳଷଷ୍ଠୀ ମହୋତ୍ସବ ଅବସରରେ ତାରକାସୁର ଦରବାରର ଶୁଭାରମ୍ଭ, ସ୍ଥାନ: ପଦ୍ମପୁର ବଡପଡା, ସମୟ: ଅପରାହ୍ନ ୫ଟା ।

## କଳାହାଣ୍ଡି
- ସିବିଏସ୍‌ଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ଶିକ୍ଷା ସମ୍ବନ୍ଧୀୟ ତାଲିମ ଶିବିରରେ ଯୋଗଦେବା ପାଇଁ ଭୁବନେଶ୍ୱର ପରିଦର୍ଶନ, ସ୍ଥାନ: ଭବାନୀପାଟଣା ବିକାଶ କଲେଜ, ସମୟ: ଅପରାହ୍ନ ୫ଟା ।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା ।
- ସାବିତ୍ରୀ ବ୍ରତ ପାଳନ, ସ୍ଥାନ: ଖଡିଆଳ ଦଧିବାବନ ମନ୍ଦିର, ସମୟ: ସକାଳ ୧୦ଟା ।
- ମହିଳାମାନଙ୍କ ସାବିତ୍ରୀ ଉତ୍ସବ, ସ୍ଥାନ: କୋମନା ବ୍ଲକ ତରବୋଡ ବରଗଛ ଛକ, ସମୟ: ସକାଳ ୯ଟା ୩୦ ।

## ବୌଦ୍ଧ
- ସାମୁହିକ ସାବିତ୍ରୀ ବ୍ରତ ପାଳନ ସ୍ଥାନ: ପୁରୁଣାକଟକ ଲକ୍ଷ୍ମୀନାରାୟଣ ମନ୍ଦିର, ହରଭଙ୍ଗା, ସମୟ ସକାଳ ୮ଟା ।

## ଦେବଗଡ଼
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦ ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।

## ଝାରସୁଗୁଡ଼ା
- ସାବିତ୍ରୀ ବ୍ରତ ପାଇଁ ସ୍ୱତନ୍ତ୍ର ପୂଜାଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶିତଲା ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମଙ୍ଗଳଗ୍ରହ ମଙ୍ଗଳର ପ୍ରତୀକଭାବରେ ଉତ୍ତମ ଶାରିରୀକ ସ୍ୱାସ୍ଥ୍ୟ, ସାମାଜିକ ସମ୍ମାନ ସହ ଆର୍ଥିକ ଉନ୍ନତି ଘଟିବ । ଧନସ୍ଥାନସ୍ଥ ଏକାଧିକ ଗ୍ରହମାନଙ୍କ ସନ୍ନିବେଶ ରାଜଯୋଗକାରକ ଭାବରେ ଉଚ୍ଚପଦବୀ ପ୍ରଦାନ କରିପାରନ୍ତି । ତଥାପି ପାରିବାରିକ କ୍ଷେତ୍ରରେ ଥିବା ସମସ୍ୟାକୁ ସୁଧାରି ନେବା ସକାଶେ ଅନ୍ୟ ଉପରେ ନିର୍ଭରଶୀଳ ହେବେ ।

**ବୃଷ** ସକାଳୁ ବିଭିନ୍ନ କାମର ଚିନ୍ତା ଯୋଗୁ ବ୍ୟସ୍ତତା ଅନୁଭବ କରିପାରନ୍ତି । ମୃଗଶିରା ନକ୍ଷତ୍ର ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ । କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ଆଶଙ୍କା ରହିଛି । ପଡ଼ୋଶିନୀ କିମ୍ବା କୌଣସି ଭଦ୍ରମହିଳାଙ୍କ ବଦାନ୍ୟତାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାସଲ ହେବ ।

**ମିଥୁନ** ଆଜି ବନ୍ଧୁଙ୍କ ମେଳରେ ଅଧିକାଂଶ ସମୟ କଟାଇବାର ସୁଯୋଗ ପାଇବେ । ପାରିବାରିକ ଜୀବନରେ ଆଦର, ସ୍ନେହ ପାଇ ନିଜକୁ ଭାଗ୍ୟବାନ ମନେକରିପାରନ୍ତି । କୌଣସି ସମସ୍ୟାର ଆଶଙ୍କା କରି ବ୍ୟବସାୟକୁ ସଙ୍କୁଚିତ କରିବାକୁ ପଡିପାରେ । କିନ୍ତୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ ।

**କର୍କଟ** ନୂତନ ସ୍ଥାନ ପରିଦର୍ଶନର ସୌଭାଗ୍ୟ ଅର୍ଜନ ସହ ବନ୍ଧୁଙ୍କ ଆଦରଣୀୟ ହେବେ । ମୂଲ୍ୟବାନ୍ ଜିନିଷ କ୍ରୟ ସକାଶେ ମୋଟା ଅର୍ଥ ଆବଶ୍ୟକ ହୋଇପାରେ । ସାଂଗଠନିକ କ୍ଷେତ୍ରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଉଚ୍ଚପଦବୀ ଯୁକ୍ତ ହୋଇପାରନ୍ତି । ସମସ୍ୟା ବିଜଡିତ ରହିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ ।

**ସିଂହ** ରବି ଏକାଧିକ ଗ୍ରହ ସହିତ କର୍ମଭାବରେ ଥିବାରୁ କର୍ମଜଞ୍ଜାଳ ବୃଦ୍ଧି ପାଇବ । ହିତୈଷୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ । ନିକଟ ସମ୍ପର୍କୀୟ ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ଅଫିସରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ ।

**କନ୍ୟା** ଆକସ୍ମିକଭାବରେ ବନ୍ଧୁଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ । ଶନିଙ୍କ ପ୍ରଭାବରୁ ଯେଉଁ କାମ ପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ । ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ ।

**ତୁଳା** ଦୁଃସ୍ଥାନସ୍ଥ ଗ୍ରହ ପ୍ରଭାବରୁ ଆବଶ୍ୟକତା ପୂରଣ ସକାଶେ ବହୁତ ଝଡ଼ଝଞ୍ଜା ମଧ୍ୟରେ ଅର୍ଥଲାଭ କରିବେ । ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ । ପରିବାରରେ ଘଟିଯାଇଥିବା କୌଣସି ଦୁଃଖର କଥାକୁ ମନରେ ରଖିପାରିବେ ନାହିଁ । ନୂତନ ଯାନ କିମ୍ବା ଜିନିଷ କିଣିବା ସକାଶ ପିଲାମାନେ ଅଳି କରିପାରନ୍ତି ।

**ବିଛା** ରାହୁ ଏବଂ ଶନିଙ୍କ ପ୍ରଭାବରୁ ସମସ୍ୟା ଓ ଅଶାନ୍ତି ରହିଥିଲେ ମଧ୍ୟ ପାରିବାରିକ ଜୀବନ ଉତ୍କଟ ହେବନାହିଁ । ଆଜିର କାମ ସକାଶେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । ଉପରିସ୍ଥଙ୍କ ଆଦେଶାନୁସାରେ ଦୂରଯାତ୍ରା କରିବାକୁ ପଡ଼ିପାରେ । ବାଣିଜ୍ୟ, ପ୍ରଶାସନ, ରାଜନୀତି ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇପାରନ୍ତି ।

**ଧନୁ** ଚତୁର୍ଥସ୍ଥ ରାହୁଙ୍କ ହେତୁ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରି ଗ୍ରହଣ ନ କରିପାରନ୍ତି । ବିବାଦୀୟ ପାରିବାରିକ ଜୀବନଚର୍ଯ୍ୟାରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ । ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ପରାଜୟ ଲଭିବେ । କୌଶଳ ପ୍ରୟୋଗ କରି ବାକି ରହିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ।

**ମକର** ଆର୍ଥିକ ସ୍ଥିତିରେ ଅବନତି ହେତୁ ସାମୟିକ ଆଶ୍ୱସ୍ତି ମଧ୍ୟ ଅନୁଭବ କରିପାରିବେ ନାହିଁ । ପରିସ୍ଥିତିକୁ ଅନୁଧ୍ୟାନ କରି ପ୍ରତ୍ୟେକ କ୍ଷେତ୍ରରେ ମଙ୍ଗଳ ପ୍ରଭାବରୁ ଉତ୍ତେଜିତ ରହିପାରନ୍ତି । ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ । ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ଅବଶ୍ୟ ସଫଳତା ମିଳିପାରିବ ।

**କୁମ୍ଭ** ସ୍ୱଗୃହୀ ଶନିଙ୍କ ସୁପ୍ରଭାବରୁ ବୁଝାମଣା ଠିକ୍ ରହିବା ହେତୁ କାମଗୁଡ଼ିକ ଶୃଙ୍ଖଳିତଭିତ୍ତିରେ ସମ୍ପନ୍ନ ହେବ । କିନ୍ତୁ ପରିବାରରେ ମତଭେଦଜନିତ କୌଣସି ସ୍ଥିର ସିଦ୍ଧାନ୍ତ ନେଇପାରିବେ ନାହିଁ । ଦୀର୍ଘଦିନରୁ ଆଶା କରିଥିବା କୌଣସି ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ । ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି ।

**ମୀନ** ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କଅଁଳିଆ କଥା ଓ ବନ୍ଧୁବର୍ଗଙ୍କ ସହାୟତା ଦିନଟିକୁ ରୁଚିପୂର୍ଣ୍ଣ କରିବ । ବୁଧ ଅନ୍ୟଗ୍ରହ ସଂଯୋଗରେ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଶିଳ୍ପ, ବାଣିଜ୍ୟ, ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବ । ଆଜିର ପ୍ରତ୍ୟୁଷ ଯାତ୍ରାକାଳରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଯିବାରେ ବିଳମ୍ବ ଘଟିଲେ ମଧ୍ୟ କାମରେ କିଛି ଅସୁବିଧା ହେବନାହିଁ ।

ଆଜି ଜ୍ୟେଷ୍ଠ ଅମାବାସ୍ୟା ଗୁରୁବାର, ସାବିତ୍ରୀ ବ୍ରତ, ଜୁନ୍ ୬ ତାରିଖ, ଶ୍ରୀମନ୍ଦିରରେ ଜଳକ୍ରୀଡ଼ା, ରାଶିନକ୍ଷତ୍ର–ରୋହିଣୀ/ବୃଷ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୫।୧୦ମି. ଗତେ ଘ.୦୬।୦୩ମି. ମଧ୍ୟେ, ଘ.୦୯।୩୩ ମି. ଗତେ ଘ.୧୧।୧୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୪ମି. ଗତେ ଘ.୦୩।୦୨ମି. ମଧ୍ୟେ ରାହୁ କାଳ ।

# ଶବ ବାହକଙ୍କୁ ଟାଣିନେଲା କୁମ୍ଭୀର


ସନାତନ

**ରାଜକନିକା,୫।୬(ସଞ୍ଜୟ କୁମାର ଦାଶ)**

କୁମ୍ଭୀର ଆକ୍ରମଣରେ ପୁଣି ଏକ ଜୀବନ ଯାଇଛି । ଶବ ସତ୍କାର କରିବାକୁ ଯାଇଥିବା ଜଣେ ବ୍ୟକ୍ତି କୁମ୍ଭୀର ଆକ୍ରମଣରେ ଶବ ପାଲଟି ଯାଇଛନ୍ତି । ଏଭଳି ଦୁଃଖଦ ଘଟଣା କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅନ୍ତର୍ଗତ କାଟଣା ବଣିଆ ପଞ୍ଚାୟତ ସିଙ୍ଗିଡ଼ି ଗାଁରେ ମଙ୍ଗଳବାର ରାତିରେ ଘଟିଛି । ଏହି ଘଟଣା ପରେ ସିଙ୍ଗିଡ଼ି ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ, ସିଙ୍ଗିଡ଼ି ଗାଁର ସନାତନ ସାମଲଙ୍କ ଜଣେ ସମ୍ପର୍କୀୟଙ୍କ ମଙ୍ଗଳବାର ପରଲୋକ ଘଟିଥିଲା । ଗାଁ ଶ୍ମଶାନରେ ତାଙ୍କ ଶବ ସତ୍କାର କରାଯାଇଥିଲା । ସନାତନ ଶବ ସତ୍କାର କାର୍ଯ୍ୟରେ ସାମିଲ ହୋଇଥିଲେ । ଶବ ଦାହ ପରେ ଗାଁ ନିକଟ ଖରସ୍ରୋତା ନଦୀକୁ ଲାଗି ଥିବା ଯୋରକୁ ସେ ମଙ୍ଗଳବାର ରାତି ୯ଟାରେ ଗାଧୋଇବାକୁ ଯାଇ ଫେରି ନ ଥିଲେ । ସକାଳେ ନଦୀରେ ସନାତନଙ୍କ ମୃତଦେହ ଭାସୁଥିବା ଗାଁ ଲୋକମାନେ ଦେଖିଥିଲେ । ତାଙ୍କ ଶରୀରର ଅଧା ଅଂଶ କୁମ୍ଭୀର ଖାଇ ଦେଇଥିବା ଦେଖିବାକୁ ମିଳିଛି । କୁମ୍ଭୀର ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ରାଜକନିକା ଥାନାରେ ଅଭିଯୋଗ କରାଯାଇଛି ।

# 'ରତ୍ନଭଣ୍ଡାର ଚାବି ପ୍ରସଙ୍ଗରେ ପଦକ୍ଷେପ ନିଆଯିବ'

## ମହାପ୍ରଭୁଙ୍କୁ ଦର୍ଶନ କଲେ ଭାଜପାର ୩ ବିଜୟୀ ପ୍ରାର୍ଥୀ

**ପୁରୀ, ୫।୬(ଅଜିତ୍ କୁମାର ମହାନ୍ତି)**

ଚଳିତ ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇବା ପରେ ବିଜୟୀ ହୋଇଥିବା ଅନେକ ନେତା ବୁଧବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ପୁରୀ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ଡ. ସମ୍ବିତ ପାତ୍ର ବିଜୟୀ ହେବା ପରେ ଶ୍ରୀମନ୍ଦିର ଯାଇ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିଛନ୍ତି । ଏହାପରେ ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ଭାଜପା ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି । ଓଡ଼ିଶାରେ ଯେଉଁ ପରିବର୍ତ୍ତନ ହୋଇଛି, ସେଥିପାଇଁ ମହାପ୍ରଭୁଙ୍କୁ ପ୍ରଣିପାତ ଜଣାଉଛି । ଆଗାମୀ ଦିନରେ ଦେଶ ଓ ରାଜ୍ୟର ବିକାଶ ହେବ । ସେହିପରି ଶ୍ରୀମନ୍ଦିର ଚାରିଦ୍ୱାର ଖୋଲାଯିବା ସହ ରତ୍ନଭଣ୍ଡାର ଚାବି କିପରି ମିଳିବ ସେଥିଲାଗି ପଦକ୍ଷେପ ନିଆଯିବ । ସେହିପରି ସତ୍ୟବାଦୀ ବିଧାନସଭା ଆସନରେ ବିଜୟ ହାସଲ କରିଥିବା ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ପରେ ସେ କହିଛନ୍ତି, ସ୍ୱାଭିମାନୀ ସତ୍ୟବାଦୀବାସୀଙ୍କ ବିଜୟ ହୋଇଛି ।


ଶ୍ରୀମନ୍ଦିରରୁ ସମ୍ବିତ ପାତ୍ର, ଓମ୍‌ପ୍ରକାଶ ମିଶ୍ର ଏବଂ ଅନ୍ୟମାନେ ଫେରୁଛନ୍ତି ।

ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ଅନେକ ସମସ୍ୟା ରହିଛି । କେନ୍ଦ୍ର ସରକାରଙ୍କ କେତେକ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ କରାଯାଉ ନ ଥିଲା । ମାତ୍ର ଏବେ ଦେଶ ଓ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ହେବାକୁ ଯାଉଛି । ଫଳରେ ରାଜ୍ୟର ବିକାଶ ହେବା ସହ ସତ୍ୟବାଦୀ ମାଟିର ସମସ୍ୟା ଦୂର ହୋଇପାରିବ । ସତ୍ୟବାଦୀର ଲୋକେ ମୋତେ ହୃଦୟ ଖୋଲି ଭୋଟ ଦେଇ ବିଜୟୀ କରିଛନ୍ତି । ତେଣୁ ଆସନ୍ତା ୫ ବର୍ଷ ଏହି ମାଟି ପାଇଁ କାର୍ଯ୍ୟ କରିବି ବୋଲି ଓମ୍ ପ୍ରକାଶ କହିଛନ୍ତି । ସେହିପରି ଧାମନଗର ବିଧାନସଭା ଆସନରୁ ଜିତିଥିବା ଭାଜପାର ସୂରଜ ସୂର୍ଯ୍ୟବଂଶୀ ତାଙ୍କର କେତେଜଣ ସମର୍ଥକଙ୍କ ସହ ପୁରୀ ଆସି ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି । ପରେ ସେ କହିଛନ୍ତି, ନିର୍ବାଚନରେ ବିଜୟୀ ହେବା ନେଇ ମହାପ୍ରଭୁଙ୍କ ଉପରେ ଦୃଢ଼ ବିଶ୍ୱାସ ଓ ଆସ୍ଥା ରହିଥିଲା । ଓଡ଼ିଶାରେ ଯେପରି ଅଣଓଡ଼ିଆ ଶକ୍ତି ତା'ର ଶକ୍ତି ବିସ୍ତାର କରିଥିଲା, ତା' କବଳରୁ ଓଡ଼ିଶାବାସୀଙ୍କୁ ମହାପ୍ରଭୁ ମୁକ୍ତ କରିପାରିଛନ୍ତି । ମହାପ୍ରଭୁଙ୍କ ନିକଟରେ ସମର୍ପିତ ହେଲୁ । ଆଗାମୀ ଦିନ ପାଇଁ ଆଶୀର୍ବାଦ ନେଲୁ । ଲୋକଙ୍କୁ ଦେଇଥିବା କଥା ଯେପରି ରଖିପାରିବୁ ସେ ନେଇ ମହାପ୍ରଭୁ ଶକ୍ତି ସାମର୍ଥ୍ୟ ଦିଅନ୍ତୁ ବୋଲି ପ୍ରାର୍ଥନା କରିଲୁ । ଏହି ଜନାଦେଶର ମୁଖ୍ୟ ନାୟକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । କେନ୍ଦ୍ରୀୟ ସଂସଦୀୟ ଦଳ ଯାହା ନିଷ୍ପତ୍ତି ନେବ, ତାହାକୁ ଗ୍ରହଣ କରାଯିବ ।

# ୯ରେ ଦକ୍ଷିଣ ଓଡ଼ିଶା ଛୁଇଁବ ମୌସୁମୀ

**ଭୁବନେଶ୍ୱର,୫।୬ (ଅନିଲ ଦାସ)**

ଆସନ୍ତା ୯ ତାରିଖରେ ରାଜ୍ୟକୁ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ । ଏଥିପାଇଁ ପାଗ ଅନୁକୂଳ ହୋଇଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ମୌସୁମୀ ପ୍ରଥମେ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଆଦି ଜିଲାରେ ପ୍ରବେଶ କରିବ । ୨ ଦିନ ଧରି ଉକ୍ତ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି । ତେବେ ୧୧ ରୁ ଏହା ଦୁର୍ବଳ ହୋଇଯିବ । ଏହା ଆଉ ଆଗକୁ ବଢ଼ିପାରିବ ନାହିଁ । ଏହି ସମୟରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ରୁ ୪୪ ଡିଗ୍ରୀକୁ ଛୁଇଁବା ସମ୍ଭାବନା ରହିଛି । ତେବେ ପାଗ ଅନୁକୂଳ ହେବା ପରେ ରାଜ୍ୟର ଅନ୍ୟ ଭାଗକୁ ମୌସୁମୀ ପ୍ରବେଶ କରିବ । ବୁଧବାର ରାଜ୍ୟରେ ପାଗ ମେଘୁଆ ରହିବା ବେଳେ ଗୋଟିଏ ଦୁଇଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ର ୪୦ ଡିଗ୍ରୀ ଉପରେ ରହୁଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାରେ ପ୍ରଚଣ୍ଡ ଗରମ ସହ ଆର୍ଦ୍ରତା ରହିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ମେଣ୍ଟ ସରକାରର ....

ତାହା ଏକ ପଙ୍ଗୁ ସରକାର ହେବ । ୨୪୦ଟି ଆସନ ଭାଜପାକୁ ମିଳିଛି । ଅନ୍ୟ ଆସନଗୁଡ଼ିକ ଭଡାରେ ଆସିଛି । ତେଣୁ ନୀତୀଶ, ଚନ୍ଦ୍ରାବାବୁଙ୍କ ବିନା ପରାମର୍ଶରେ କିଛି କରିପାରିବେ ନାହିଁ । ଅହଙ୍କାରର ଯୋଉ ଶାସନ ଚାଲିଥିଲା ଅନ୍ଧଭକ୍ତମାନେ ସବୁ ଠିକିଗଲେ । ସାଧାରଣ ଲୋକଙ୍କ ମନରେ ଯେଉଁ ଭୟ ସୃଷ୍ଟି କରୁଥିଲେ ତାହା ମଧ୍ୟ ଆଉ କରିପାରିବେ ନାହିଁ ।

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି, ୨୦୨୪ ନିର୍ବାଚନକୁ ଏନ୍‌ଡିଏ ଯେଉଁଭଳି ନରେନ୍ଦ୍ର ମୋଦିଙ୍କ ନାଁରେ ଲଢ଼ିଥିଲା ଏବଂ ଭାଜପା ସଂଖ୍ୟାଗରିଷ୍ଠତା ହରାଇଲା, ଏଥିରୁ ସବୁ ବୁଝାପଡ଼ିଯାଉଛି । ମୋଦିଙ୍କୁ ଦେଶବାସୀ ପ୍ରତ୍ୟାଖ୍ୟାତ କରିଥିବା ବେଳେ ମେଣ୍ଟ ସରକାରକୁ କ୍ଷମତା ଦେଇଛନ୍ତି । ବହୁମତ ଆଶା କରି ଭାଜପା ଯେଭଳି ସମ୍ବିଧାନ ଓ ସାମ୍ବିଧାନିକ ସଂସ୍ଥା ଉପରେ କବ୍‌ଜା କରିବାକୁ ଚାହୁଁଥିଲା, ଭାରତୀୟ ନାଗରିକ ତାହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଦେଶବାସୀ ମେଣ୍ଟ ସରକାରକୁ ସମର୍ଥନ କରିଛନ୍ତି କିନ୍ତୁ ଭାଜପାକୁ ନୁହେଁ ।

### ବିଏସ୍‌କେୱାଇ....

ଓଡ଼ିଆଙ୍କ ପାଇଁ ମଧ୍ୟ ଏହା କାର୍ଯ୍ୟକାରୀ ହେବ । ବିଏସ୍‌କେୱାଇରେ ଲିମିଟେଡ୍ ସ୍କୋପ୍ ଅଛି । ତାହା ବନ୍ଦ ହୋଇଯିବ । ଆୟୁଷ୍ମାନ ଯୋଜନାରେ ସାଧାରଣ ଲୋକ ଶହେ ପ୍ରତିଶତ ୫ଲକ୍ଷ ଟଙ୍କାର ଚିକିତ୍ସା ପାଇଁ ପାଇବେ । ସେଥିରେ କୌଣସି ଲିମିଟେଶନ ରହିବ ନାହିଁ । ରାଜ୍ୟରେ ଭାଜପା ସରକାର ଶପଥ ନେବା ପରେ ଆମେ ଯାହା ପୂର୍ବରୁ କହିଥିଲୁ, ତାହା କରିବୁ । ଓଡ଼ିଶାରେ ଆୟୁଷ୍ମାନ ଯୋଜନା ଲାଗୁ ହେବ ବୋଲି ସେ କହିଛନ୍ତି ।

ମନମୋହନଙ୍କ ଏହି ମନ୍ତବ୍ୟ ପରେ ବିଏସ୍‌କେୱାଇ କାର୍ଡ ଅଚଳ ପ୍ରସଙ୍ଗ ଅଧିକ ଜଟିଳ ହୋଇଥିଲା । ଏହାପରେ ଏହି ମନ୍ତବ୍ୟକୁ ଖଣ୍ଡନ କରିବାକୁ ଯାଇ ମନମୋହନ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ରାଜ୍ୟର କିଛି ଘରୋଇ ହସ୍ପିଟାଲ ବିଏସ୍‌କେୱାଇ କାର୍ଡ ବନ୍ଦ ହୋଇଗଲା କହି ଚିକିତ୍ସା ନ ଯୋଗାଇ ରୋଗୀମାନଙ୍କୁ ଫେରାଇ ଦେଉଥିବା ବିଭିନ୍ନ ଗଣମାଧ୍ୟମରେ ଅଭିଯୋଗ ଆସୁଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି । ରୋଗୀ ଓ ରୋଗର କୌଣସି ଜାତି, ଧର୍ମ ଓ ଦଳ ନାହିଁ । ସାଧାରଣ ନାଗରିକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପ୍ରତ୍ୟେକ ସରକାରର ପ୍ରାଥମିକତା । ସରକାର ପରିବର୍ତ୍ତନ ଏକ ନିରନ୍ତର ପ୍ରକ୍ରିୟା । ଏହି ଆଳରେ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରାଯାଇ ଚିକିତ୍ସା ସେବାରୁ ବଞ୍ଚିତ ରଖାଯିବା ଏକ ସାମାଜିକ ଏବଂ ବୈଧାନିକ ଅପରାଧ । ଏଭଳି ସାମାଜିକ ଅପରାଧରୁ କ୍ଷାନ୍ତ ରହି ରୋଗୀମାନଙ୍କୁ ଉପଯୁକ୍ତ ଏବଂ ଉନ୍ନତମାନର ସେବା ଓଡ଼ିଶାବାସୀଙ୍କୁ ଯୋଗାଇ ଦେବା ଉଚିତ । ଏଥି ସହିତ ପ୍ରଶାସନ ମିଥ୍ୟା ଗୁଜବ ପ୍ରତି ସତର୍କ ଦୃଷ୍ଟି ରଖିବାକୁ ସାମଲ କହିଛନ୍ତି ।

ଏ ସମ୍ପର୍କରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଆଶୁତୋଷ ମହାନ୍ତି କହିଛନ୍ତି, 'ମୋ ଝିଅକୁ ବୁଧବାର କେମୋ ଦିଆଯିବାର ଥିଲା । କିନ୍ତୁ ଆମକୁ ହସ୍ପିଟାଲ ପକ୍ଷରୁ ମନା କରିଦିଆଗଲା । ଆମେ ତାଙ୍କୁ କାରଣ ପଚାରିବାରୁ ବିଏସ୍‌କେୱାଇ କାର୍ଡ ଆଉ କାର୍ଯ୍ୟ କରୁନି ବୋଲି କହିଥିଲେ । ଫଳରେ ଆମକୁ ଏବେ ନିରାଶ ହୋଇ ଫେରିବାକୁ ପଡ଼ିଥିଲା । ସେପଟେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ବିଏସ୍‌କେୱାଇ କାର୍ଡ ଏବେ ବି ପୂର୍ବଭଳି କାର୍ଯ୍ୟ କରୁଛି । ତାକୁ ବନ୍ଦ କରିବା ପାଇଁ କୌଣସି ନୋଟିଫିକେଶନ ହୋଇନାହିଁ । କାର୍ଡଧାରୀ ରୋଗୀଙ୍କୁ ଫେରାଇ ଦିଆଯାଉଥିବା ଭଳି ଅଭିଯୋଗ ଆସିବା ପରେ ଏପରି ନ କରିବା ପାଇଁ ଆମେ ନିର୍ଦ୍ଦେଶ ଦେଇଛୁ । ଯେପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କୌଣସି ନୋଟିସ ଯାଇନାହିଁ, ସେ ପର୍ଯ୍ୟନ୍ତ ବିଏସ୍‌କେୱାଇ କାର୍ଡକୁ ଗ୍ରହଣ କରିବା ପାଇଁ ଉକ୍ତ ହସ୍ପିଟାଲଗୁଡ଼ିକୁ କୁହାଯାଇଛି ।

ସୂଚନାଯୋଗ୍ୟ, ରାଜ୍ୟରେ ୨୦୧୮ ଅଗଷ୍ଟ ୧୫ରୁ ବିଏସ୍‌କେୱାଇ ଲାଗୁ ହେବା ପରେ ୬୭୯ଟି ଓଡ଼ିଶାର ଏବଂ ରାଜ୍ୟ ବାହାରର ୧୫୬ଟି ଘରୋଇ ହସ୍ପିଟାଲରେ ଅନ୍ତର୍ଭୁକ୍ତ ହୋଇ ରୋଗୀଙ୍କୁ ଚିକିତ୍ସା ଯୋଗାଉଛନ୍ତି ।

### ଲକ୍ଷ୍ମୀ ବସ୍...

କରୁନାହାନ୍ତି । ବିଭାଗର ଅତିରିକ୍ତ ସଚିବ ଲକ୍ଷ୍ମୀକାନ୍ତ ସେଠୀ ବସ୍ ଚଳାଚଳ ବନ୍ଦ ନେଇ କୌଣସି ସୂଚନା ଥିଲେ ଆମେ ଖବରଦାତା ସମ୍ମିଳନୀରେ ସୂଚନା ଦେବୁ ବୋଲି କହିଛନ୍ତି । କିନ୍ତୁ ଲକ୍ଷ୍ମୀ ବସ୍‌ଗୁଡ଼ିକର ରୂପରେଖ ପରିବର୍ତ୍ତନ ନେଇ ଯୋଜନା ଥିବା ସେ କହିଛନ୍ତି । ୩,୧୭୮ କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ ହୋଇଥିବା ଏତେସଂଖ୍ୟକ ବସ୍‌ର ରୂପରେଖ ପରିବର୍ତ୍ତନ କରି ଅତିରିକ୍ତ ବ୍ୟୟ ଯୋଡ଼ିବା ରାଜ୍ୟ ଅର୍ଥନୀତି ପ୍ରତି ଶୁଭଙ୍କର ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

### ଆହାର...

ତାଲା ଝୁଲୁଥିବା ନେଇ ଅଭିଯୋଗ ଆଣିଛନ୍ତି । ସରକାର ବଦଳିବା ପରେ ରାତାରାତି ଯୋଜନା ବନ୍ଦ ହୋଇଯିବା ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେବଳ ଭୁବନେଶ୍ୱରରେ ମୋଟ୍ ୧୩ଟି ଆହାର କେନ୍ଦ୍ର ରହିଛି । ପ୍ରତିଦିନ ସେଠାରେ ୧୩ହଜାର ୨ଶହ ମିଲ୍ ପ୍ରସ୍ତୁତ ହୋଇଥାଏ । ସହରରେ ରହୁଥିବା ପ୍ରାୟତଃ ଦିନମଜୁରିଆ ଓ ନିମ୍ନମଧ୍ୟବିତ୍ତ ଏହାର ଲାଭ ପାଉଥିଲେ । 'ଆହାର' ବନ୍ଦ ହେବା ଚର୍ଚ୍ଚା ଜୋର୍ ଧରିଥିବାବେଳେ ସାଧାରଣରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

### ପାଣ୍ଡିଆନଙ୍କ ଅନୁପସ୍ଥିତିରେ ...

ପାଇଁ କାର୍ଯ୍ୟ କରିବାକୁ ବିଧାୟକମାନଙ୍କୁ ପରାମର୍ଶ ଦେଇଛନ୍ତି । ଦଳ କାହିଁକି ନିର୍ବାଚନରେ ବିପର୍ଯ୍ୟୟର ସମ୍ମୁଖୀନ ହେଲା ତା'ର କାରଣ ଖୋଜିବା ପାଇଁ କମିଟି ଗଠନ ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଛି । ସେହିପରି ଦଳ ପକ୍ଷରୁ ଜାରି ଏକ ଭିଡିଓରେ ନବୀନ ଦଳର ବିଧାୟକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି, ତାଙ୍କ ସରକାର ୨୦୦୦ ମସିହାରେ ଓଡ଼ିଶାରେ କ୍ଷମତାକୁ ଆସିବାବେଳେ ୭୦ % ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିଲେ । ଏବେ ସେହି ପରିମାଣ ମାତ୍ର ୧୦% ରହିଛନ୍ତି । ତାଙ୍କ ସରକାର ଅନୁସୂଚିତ ଜାତି–ଜନଜାତି, ମହିଳା ଓ ସବୁ ବର୍ଗ ପାଇଁ ଯୋଜନା କରିଛି । ଜଳସେଚନ, ସ୍ୱାସ୍ଥ୍ୟ, କୃଷି ଓ ଶିକ୍ଷା ଆଦି କ୍ଷେତ୍ରରେ ଭଲ କାମ କରିଛି । ବିଜେଡି ଆଗକୁ ମଧ୍ୟ ରାଜ୍ୟବାସୀଙ୍କ ପାଇଁ ଭଲ କାମ ଜାରି ରଖିବ ବୋଲି ନବୀନ କହିଛନ୍ତି ।

ବୈଠକରେ ବିଜେଡି ନେତା ପ୍ରତାପ ଦେବ, ଅରୁଣ ସାହୁ, ବଦ୍ରି ନାରାୟଣ ପାତ୍ର, ପ୍ରମିଳା ମଲ୍ଲିକ, ସୁଶାନ୍ତ ରାଉତ, ବିଭୂତି ବଳବନ୍ତରାୟ, ବ୍ୟୋମକେଶ ରାୟ, କଳିକେଶ ସିଂଦେଓ, ରମେଶ ବେହେରା, ଗଣେଶ୍ୱର ବେହେରା, ସୁବାସିନୀ ଜେନା, ସତ୍ୟନ୍ଦ୍ର ହରିପାଲ, ନବ ମଲ୍ଲିକ, ଦେବୀ ରଞ୍ଜନ ତ୍ରିପାଠୀ, ସଞ୍ଜୀବ ମଲ୍ଲିକ, ଅଭିମନ୍ୟୁ ସେଠୀ, ବିଶ୍ୱରଞ୍ଜନ ମଲ୍ଲିକ, ପ୍ରଶାନ୍ତ ବେହେରା, ଅଧୀରାଜ ପାଣିଗ୍ରାହୀ, ସୌଭିକ ବିଶ୍ୱାଳ, ଅନନ୍ତ ନାରାୟଣ ଜେନା, ଅରବିନ୍ଦ ମହାପାତ୍ରଙ୍କ ସମେତ ଅନ୍ୟ ନିର୍ବାଚିତ ଦଳୀୟ ନେତା ଯୋଗଦେଇଥିଲେ ।

# ଆଜି ମୋର ପ୍ରଥମ ସାବିତ୍ରୀ ବ୍ରତ

ଭୁବନେଶ୍ୱର,୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଆଜି ସାବିତ୍ରୀ ବ୍ରତ। ପ୍ରତି ଓଡ଼ିଆ ସଧବା ମହିଳାଙ୍କ ପାଇଁ ଏହି ଦିନଟିର ମହତ୍ତ୍ୱ ସର୍ବାଧିକ। ସଧବା ସ୍ତ୍ରୀମାନେ ଏହି ଦିନଟିକୁ ଚାତକ ପରି ଚାହିଁ ରହିଥା'ନ୍ତି। ପୁରାଣ କଥା ଅନୁଯାୟୀ, ମହାସତୀ ସାବିତ୍ରୀ ଯେପରି ଯମଙ୍କ ପାଖରୁ ନିଜ ସ୍ୱାମୀଙ୍କୁ ଛଡାଇ ଆଣିଥିଲେ, ଠିକ୍ ସେପରି ସ୍ତ୍ରୀମାନେ ସବୁ ବାଧାବିଘ୍ନ, ଅମଙ୍ଗଳକୁ କାଟି ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ମଙ୍ଗଳ ମନାସି ଥାନ୍ତି। ଏଥିପାଇଁ ସକାଳୁ ମନ୍ଦିରରେ ମହିଳାଙ୍କ ଲମ୍ବା ଧାଡ଼ି ଲାଗିରହେ। ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୁର ଏବଂ ବିଭିନ୍ନ ଫଳମୂଳ ହାତରେ ଧରି ମା' ସାବିତ୍ରୀଙ୍କ ପାଖରେ ନିଜର ମନସ୍କାମନା ନେଇ ପହଞ୍ଚି ଯାଆନ୍ତି। ତେବେ ପ୍ରତିଟି ମହିଳାଙ୍କ ପାଇଁ ଏହି ବ୍ରତର ମାହାତ୍ମ୍ୟ ରହିଥିବାବେଳେ ପ୍ରଥମ କରି ସାବିତ୍ରୀ କରୁଥିବା ମହିଳାଙ୍କ ଭିତରେ ଏକ ନିଆରା ଉତ୍କଣ୍ଠା ଲାଗିରହେ। ଏବର୍ଷ ପ୍ରଥମ କରି ସାବିତ୍ରୀ ବ୍ରତ କରୁଥିବା କେତେଜଣ ମହିଳାଙ୍କୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।


ସାବିତ୍ରୀ ବ୍ରତ ପାଇଁ ଭୁବନେଶ୍ୱରର ଏକ ଫଳ ବଜାରରେ ଭିଡ଼।


"ବାହାଘର ପରେ ଏହା ମୋର ପ୍ରଥମ ସାବିତ୍ରୀ ବ୍ରତ। ଜଣେ ବିବାହିତ ନାରୀ ଭାବେ ପ୍ରଥମ ସାବିତ୍ରୀ ବ୍ରତ ପାଳନ ମୋ ପାଇଁ ନିହାତି ଭାବେ ସ୍ପେଶାଲ। ଏଥିପାଇଁ ମୋ ବାପଘରୁ ଭାର ଆସି ପହଞ୍ଚିଯାଇଛି। ସକାଳୁ ଉଠି ପୂଜା କରିବି। କେବଳ ସାବିତ୍ରୀ ବ୍ରତ ନୁହେଁ, ସବୁଦିନ ସ୍ୱାମୀଙ୍କ ପ୍ରତି ଯେପରି ମୋର ଶ୍ରଦ୍ଧା ଓ ସମ୍ମାନ ରହିବ ସେ ନେଇ ଚେଷ୍ଟା କରିବି। ଭବିଷ୍ୟତରେ ଉତ୍ତମ ବୁଝାମଣା ଓ ପରସ୍ପରର ସହଯୋଗରେ ଜୀବନ ବିତାଇବାକୁ ସଙ୍କଳ୍ପ ନେବି।

-ଶୁଭସ୍ମିତା ଦଳେଇ, ଭୁବନେଶ୍ୱର


"ପ୍ରଥମ ସାବିତ୍ରୀ ବ୍ରତ ଥିବାରୁ ନିହାତି ଭାବେ ମୁଁ ଉତ୍ସାହିତ ଅଛି। ପୂର୍ବରୁ ମା', ଭାଉଜ ବ୍ରତ ପାଳନ କରିବାର ଦେଖିଛି। ଗାଁରେ ସବୁ ମହିଳାମାନେ ଏକତ୍ରିତ ହୋଇ ପୂଜା କରନ୍ତି। ଉପାସ ରୁହନ୍ତି। ମୋ' ପାଇଁ ନୂଆ ଶାଢ଼ି ହୋଇଛି। ସ୍ୱାମୀଙ୍କ ଭଲ ପାଇଁ ମୁଁ ନିଷ୍ଠାର ସହ ଏହି ବ୍ରତ ପାଳନ କରିବି। ଏକ ଭିନ୍ନ ଅନୁଭୂତି ମିଳିବ ବୋଲି ମୋର ଆଶା ରହିଛି।

-ମଧୁସ୍ମିତା ପଣ୍ଡା, ଭଦ୍ରକ


"ବାହାଘର ପରେ ସବୁ ପର୍ବ ପର୍ବାଣି ଜଣେ ସଧବା ନାରୀ ପାଇଁ ସ୍ୱତନ୍ତ୍ର। ଏବର୍ଷ ମୁଁ ପ୍ରଥମ ସାବିତ୍ରୀ ବ୍ରତ ପାଳନ କରିବି। ଏଥିପାଇଁ ମୁଁ ବେଶ୍ ଖୁସି ଓ ଉତ୍ସାହିତ ରହିଛି। ସାବିତ୍ରୀ ପାଇଁ ନୂଆ ଶାଢ଼ି କିଣା ହୋଇଛି। ସକାଳୁ ଉଠି ପୂଜା ପାଇଁ ସମସ୍ତ ପ୍ରସ୍ତୁତି କରିବି। ଘର ପାଖେ ଏକ ମନ୍ଦିରକୁ ଯାଇ ପୂଜା କରିବି। ସାଙ୍ଗରେ ସ୍ୱାମୀ ମଧ ରହିବେ। ତାଙ୍କର ଦୀର୍ଘ ଆୟୁଷ ସହ ଭବିଷ୍ୟତର ମଙ୍ଗଳ କାମନା କରିବି।

-ସସ୍ମିତା ମଲ୍ଲିକ, ଭଦ୍ରକ


"ଆଜିକାଲି ସାବିତ୍ରୀ ବ୍ରତ ନାଁରେ ବେଶି ସାଜସଜ୍ଜା ଓ ଫଟୋ ସେସନ୍ ହେଉଛି। ସୋସିଆଲ ମିଡିଆ ଯୁଗରେ ପ୍ରକୃତ ପରମ୍ପରା ବୁଡ଼ିବାକୁ ବସିଲାଣି। ଯେହେତୁ ମୋର ଏହା ପ୍ରଥମ ସାବିତ୍ରୀ, ମୁଁ ଚାହିଁବି ଏହାକୁ କିଭଳି ନିଷ୍ଠାର ସହ ପାଳନ କରିବି। ସମସ୍ତେ ମଧ ଏହି ବ୍ରତକୁ ଭଲ ମନରେ କରିବା ଉଚିତ। ସକାଳୁ ଉଠି ମୁଁ ଓ ଘରର ଅନ୍ୟ ମହିଳାଙ୍କ ସହ ମିଶି ପୂଜା କରିବି। ସ୍ୱାମୀଙ୍କୁ ନେଇ ଭବିଷ୍ୟତ କିଭଳି ସୁଖ ଓ ସମୃଦ୍ଧିରେ ରହିବ ତାହା ହିଁ ଠାକୁରଙ୍କୁ ପ୍ରାର୍ଥନା କରିବି।

-ଶୁଭସ୍ମିତା ସାହୁ, ଯାଜପୁର

"ପ୍ରଥମ ସାବିତ୍ରୀ ପାଇଁ ଉତ୍ସାହିତ ରହିଛି। ଏହି ବ୍ରତରେ ଶଙ୍ଖା, ସିନ୍ଦୂର ପୂଜା ହୁଏ। ସମ୍ଭବ ଥିଲେ ନୂଆ ଶାଢ଼ି ମଧ କରାଯାଏ। ହେଲେ ଆଜିକାଲି ଶାଢ଼ି ଆଗ, ପରେ ପୂଜା। ପୁଣି ପୂଜା କରିବା ଗୋଟେ ଶୋ' ହୋଇଗଲାଣି। ପୂଜା କରିବାକୁ ସ୍ୱାମୀଙ୍କୁ ଡିମାଣ୍ଡ କରିବେ, ଭଲ ଶାଢ଼ି, ଚୁଡ଼ି ଆଣିଦିଅ। ସେସବୁ ହେଲେ ସ୍ତ୍ରୀ ମେକଅପ୍ ନେଇ ମନ୍ଦିର ଯିବେ। ଏପରିକି ସାବିତ୍ରୀ ବହି ପଢ଼ିବା ବି ଅନେକ ଭୁଲିଗଲେଣି।


-ଧରିତ୍ରୀ ସାହୁ, ଗୋପୀନାଥପୁର, ସାଲେପୁର


"ପ୍ରଥମ ସାବିତ୍ରୀ ପାଇଁ ଯେମିତି ପରମ୍ପରା ଅନୁସାରେ ବାପ ଘରୁ ଭାର ଆସିଥାଏ, ସେମିତି ମୋ ଘରକୁ ମଧ ଆସିଛି। ସାବିତ୍ରୀ ବ୍ରତ ଏକ ବିଶ୍ୱାସର ଡୋରି। ଏହା ସଧବା ମହିଳାଙ୍କ ପାଇଁ ଏକ ପର୍ବଠୁ କିଛି କମ୍ ନୁହେଁ। ପୂର୍ବର ପରମ୍ପରାକୁ ବଜାୟ୍ ରଖିବା ସହ ସ୍ୱାମୀଙ୍କ ଦୀର୍ଘ ଆୟୁଷ କାମନା କରାଯାଏ। ମୁଁ ମଧ ମୋର ପ୍ରଥମ ସାବିତ୍ରୀ ପାଇଁ ବେଶ୍ ଉତ୍ସାହିତ ଅଛି। ସ୍ୱାମୀଙ୍କ ମଙ୍ଗଳ ମନାସି ଠାକୁରଙ୍କ ପାଖେ ପ୍ରାର୍ଥନା କରିବି।

-ବର୍ଷାରାଣୀ ଓଝା, ପୁରୀ

## ଭାଲୁ ସହ ସଂଘର୍ଷକରି ଜୀବନ ହାରିଲେ

କେନ୍ଦୁଝର,୫।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବୀଣାଝରୀ ଗ୍ରାମ ନିକଟ ଜଙ୍ଗଲରେ ଭାଲୁ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଚୈତନ୍ୟ ନାଏକ (୫୮)। ବଞ୍ଚିବା ପାଇଁ ଚୈତନ୍ୟ ଭାଲୁ ସହ ବହୁ ସଂଘର୍ଷ କରିଥିବା ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାପଡ଼ିଛି। ଘଟଣା ପରେ ଉକ୍ତ ଅଞ୍ଚଳରେ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ପୋଲିସ, ବନ ବିଭାଗ ମୃତଦେହ ଜବତକରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଚୈତନ୍ୟ ଭୋର ୪ଟାରେ ଟିକରପଡ଼ା ସାହିରୁ ଜଙ୍ଗଲ ରାସ୍ତା ଦେଇ ପାଖ ପୋଖରୀକୁ ଶୌଚହେବାକୁ ଯାଉଥିଲେ। ସେହି ସମୟରେ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁଟି ଚୈତନ୍ୟଙ୍କ ମୁଣ୍ଡ ଓ ଛାତିକୁ ଆକ୍ରମଣକରି ରକ୍ତାକ୍ତ କରିଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ସେ ଭାଲୁ ସହ ସଂଘର୍ଷ କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଛି। ତାଙ୍କର ପେଟରୁ ଅନ୍ତବୁଜୁଳା ବାହାରିପଡ଼ିଛି। ସକାଳେ ଗ୍ରାମବାସୀ ରକ୍ତାକ୍ତ ଅବସ୍ଥାରେ ମୃତଦେହ ଦେଖି ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ବନ ବିଭାଗ, ଘଟଗାଁ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ କରିବାକୁ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ କରୁଛି। ଘଟଗାଁ ରେଞ୍ଜ ଦାୟିତ୍ୱରେ ଥିବା ଅତିରିକ୍ତ ବନ ସଂରକ୍ଷକ ପ୍ରଭାତ କୁଅଁର କହିଛନ୍ତି, ମୃତକଙ୍କ କେହି ନିକଟତମ ସମ୍ପର୍କୀୟ ନାହାନ୍ତି। ଏଣୁ କ୍ଷତିପୂରଣ ଦିଆଯାଇ ପାରିନାହିଁ। ପାଚିଲା ଆମ୍ବ ଖାଇବାକୁ ଭାଲୁ ଜଙ୍ଗଲରୁ ଗାଁ ତୋଟା ଆଡ଼କୁ ଚାଲି ଆସିଥାନ୍ତି। ଏଣୁ ସାବଧାନ ଅବଲମ୍ବନ କରିବା ସହ ସକାଳେ କିମ୍ବା ସନ୍ଧ୍ୟାରେ ପଦାକୁ ନ ବାହାରିବାକୁ ଲୋକଙ୍କୁ ମାଇକ ଯୋଗେ ସଚେତନ କରାଯାଇଛି।

PARADIP PORT AUTHORITY
ENGINEERING DEPARTMENT
PUBLIC HEALTH DIVISION (M)
e-TENDER CALL NOTICE
No.-CE/PHD(M)/ACCTS-21/23/237 Dt.29/5/2024
Name of the Work: "Construction of Reservoir, Intake Well and Pump House and Ancillary Structures, Supply, Delivery, Erection, Testing and Commissioning of related Elctro Mechinical & Piping works including 1 Month Trial Run and Two year Operation & Maintenance" Estimated cost: Rs. 21,63,80,074.91. The last date & time of submission: 13.07.2024 upto 17:30 Hrs.
Refer our website for details:
eprocure.gov.in/eprocure/app
Executive Engineer, P.H Division, (M)
Paradip Port Authority
PPA/PR/06/2024-25 dtd.04.06.2024

ଦ.ପୂ. ରେଳପଥ - ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଓ ତାରିଖ; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ: (୧) ୧୧-ଇଏଲ୍-ଡବ୍ଲୁଟି-୨୦୨୪-୨୫, ତାରିଖ ୦୪।୦୬।୨୦୨୪; ଚକ୍ରଧରପୁର ଡିଭିଜନର ବିଭିନ୍ନ ଷ୍ଟେଶନରେ ୧୫ ବେ' ପ୍ଲାଟ୍‌ଫର୍ମ ଶେଲ୍ଟରର ବ୍ୟବସ୍ଥା ବାବଦୀୟ କାର୍ଯ୍ୟ ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। ₹୨୬,୪୯,୭୦୧.୯୩; ₹୫୩,୦୦୦/- । (୨) ୧୨-ଇଏଲ୍-ଡବ୍ଲୁଟି-୨୦୨୪-୨୫, ତାରିଖ ୦୪।୦୬।୨୦୨୪; "ସୁଗମ୍ୟ ଭାରତ ଅଭିଯାନ" ଅଧୀନରେ ୦୩ ଗୋଟି ଲିଫ୍ଟର ବ୍ୟବସ୍ଥା (ଟାଟାନଗରଠାରେ ୦୧ ଗୋଟି ଏବଂ ଚକ୍ରଧରପୁରଠାରେ ୦୨ ଗୋଟି) କରିବା ସଂକ୍ରାନ୍ତରେ ସମ୍ବନ୍ଧିତ ବୈଦ୍ୟୁତିକ (ଜି) କାର୍ଯ୍ୟ । ₹୧୯,୯୬,୪୭୭.୮୭; ₹୩୯,୯୦୦/- । (୩) ୧୩-ଇଏଲ୍-ଡବ୍ଲୁଟି-୨୦୨୪-୨୫, ତାରିଖ ୦୪।୦୬।୨୦୨୪; ଚକ୍ରଧରପୁର ଡିଭିଜନର ୨୯ ଷ୍ଟେଶନ ନିମନ୍ତେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ସୁବିଧାସୁଯୋଗର ବ୍ୟବସ୍ଥା ସଂକ୍ରାନ୍ତୀୟ ବୈଦ୍ୟୁତିକ (ଜି) କାର୍ଯ୍ୟ । ₹୫୬,୪୨,୦୬୯.୧୬; ଟ.୧,୧୨,୯୦୦/- । ଟେଣ୍ଡର କାଗଜପତ୍ର ମୂଲ୍ୟ: ପ୍ରତ୍ୟେକ ପାଇଁ ଶୂନ୍ୟ । ବନ୍ଦ ହେବା/ଖୋଲାଯିବା ତାରିଖ: ପ୍ରତ୍ୟେକ ପାଇଁ ତା୦୩।୦୭।୨୦୨୪ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-221)

ସାର୍ବଜନୀନ ବିଜ୍ଞପ୍ତି
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।
ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି
1) ମଡେଲ ନଂ. ବିବି3723ଆର୍
ଗାଡ଼ି ନଂ.- OD16F5257
ନିର୍ମାଣ ବର୍ଷ - 2019
ସଂରକ୍ଷିତ ମୂଲ୍ୟ - 1265000.00
2) ମଡେଲ ନଂ. ସିବି_ଅଶୋକ_ଲେଲ୍ୟାଣ୍ଡ 3718ଆଇଏଲ୍
ଗାଡ଼ି ନଂ.- OD04N8622
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1265000.00
3) ମଡେଲ ନଂ. ଅଶୋକ ଲେଲ୍ୟାଣ୍ଡ 3718ଆଇଏଲ୍
ଗାଡ଼ି ନଂ.- OD04M1479
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1046783.93
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482

## 'ଭୂମିର ଅବକ୍ଷୟ ରୋକିବା ଏକାନ୍ତ ଆବଶ୍ୟକ'

### ଇଂ. ରମେଶ ଚନ୍ଦ୍ର ତ୍ରିପାଠୀଙ୍କୁ 'ଓଡ଼ିଶାର ଜଳ ମାନବ' ପୁରସ୍କାର

ଭୁବନେଶ୍ୱର, ୫।୬ (ବନ୍ଦନା ସେଠୀ)


ଅତିଥିଙ୍କ ଗହଣରେ ପୁରସ୍କୃତ ଇଂ. ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ସହ ଅନ୍ୟମାନେ।

ଓଡ଼ିଶା ପରିବେଶ ସମିତି ପକ୍ଷରୁ ବୁଧବାର 'ବିଶ୍ୱ ପରିବେଶ ଦିବସ' ପାଳିତ ହୋଇଯାଇଛି। ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ଼. ଦେବାଶିଷ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାକୃତିକ ପରିସଂସ୍ଥାନର ସୁରକ୍ଷା ଓ ମାନବ ପରିବେଶର ଗୁଣବତ୍ତା ବଞ୍ଚାଇ ରଖିବା ଉପରେ ଡ. ଦାଶ ଗୁରୁତ୍ୱାରୋପ କହି କହିଲେ, ଭୂମି ହେଉଛି ଖାଦ୍ୟ ଉତ୍ପାଦନ ଲାଗି ମଣିଷ ତଥା ଅନ୍ୟ ଜୀବଜନ୍ତୁଙ୍କ ଆବଶ୍ୟକ ସମ୍ବଳର ଉତ୍ସ। ତେଣୁ ଆମେ ଭୂମିର ପୁନରୁଦ୍ଧାର କାର୍ଯ୍ୟ ଗ୍ରହଣ କରିବା ସହ ଏହାର ଅବକ୍ଷୟ ରୋକିବା ଏକାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସୋଆ ବିଶ୍ୱବିଦ୍ୟାଳୟ ପରିବେଶ ଏବଂ ଜଳବାୟୁ କେନ୍ଦ୍ରର ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ ଯୋଗଦେଇ ଜଳବାୟୁ ପରିବର୍ତ୍ତନକୁ ନେଇ ବାରମ୍ବାର ମରୁଡ଼ି ପରିସ୍ଥିତି ସୃଷ୍ଟି ଯୋଗୁ ଜମିର ଅବନତି ଏବଂ ମରୁଭୂମିକରଣ କିପରି ତୀବ୍ର ହେଉଛି ତାହା ବର୍ଣ୍ଣନା କରିଥିଲେ। ସମିତି ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଜାତିସଂଘର ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି (୨୦୨୧ -୨୦୩୦) ଉପରେ ଆଲୋକପାତ କରି ପରିବେଶ ଦିବସ ଉତ୍ସବ ପାଳନର ମହତ୍ତ୍ୱ ଉପରେ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ।

ଏହି ଅବସରରେ ଜଳ ସମ୍ପଦ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ତଥା ଜଳ ବିଶେଷଜ୍ଞ ଇଂ. ରମେଶ ଚନ୍ଦ୍ର ତ୍ରିପାଠୀଙ୍କୁ 'ଓଡିଶାର ଜଳ ମାନବ' ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ହୃଦ୍‌ରୋଗ ବିଶେଷଜ୍ଞ ଡା. ପ୍ରଭାତ କୁମାର ଦାଶଙ୍କୁ 'ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଆଜୀବନ ଅବଦାନ' ପୁରସ୍କାର, ପୂର୍ବତନ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଡ. ବାମନ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ଚଳିତ ବର୍ଷର 'ପରିବେଶବିତ୍ ପୁରସ୍କାର' ଏବଂ ସିଏସଆର୍ ତଥା ବୃକ୍ଷରୋପଣ କ୍ଷେତ୍ରରେ କାର୍ଯ୍ୟରତ ସୁକାନ୍ତ ପଟ୍ଟନାୟକଙ୍କୁ 'ସବୁଜ ଯୋଦ୍ଧା' ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଉପସଭାପତି ଡ. ଲାଲା ଏ.କେ. ସିଂହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ଡ. ଚିତ୍ତ ରଞ୍ଜନ ମିଶ୍ର, ରମେଶ ଚନ୍ଦ୍ର ପଣ୍ଡା, ଡ. ସୁରଭୀ ଜୈନ ଏବଂ ଇଂ. ଦିଲ୍ଲୀପ କୁମାର ଶତପଥୀ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ସମିତିର ବାର୍ଷିକ ରିପୋର୍ଟ 'ପରିବେଶ ଓ ବିଜ୍ଞାନ ଉପରେ ଆଲୋଚନା'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଯୁଗ୍ମ ସମ୍ପାଦକ ଇଂ. ମନୋରଂଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଠେଙ୍ଗାରେ ପିଟି ବାପାଙ୍କୁ ହତ୍ୟା: ପୁଅବୋହୂ ଗିରଫ

କୁଚିଣ୍ଡା, ୫।୬(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବଡ଼ ଡୁମେରମୁଣ୍ଡା ଖଡ଼ିଆପଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିବା ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଛନ୍ତି ସୁନ୍ଦର ଖଡିଆ(୬୬)। ଏହି ଘଟଣାରେ ପୋଲିସ ମୃତକଙ୍କ ପୁଅ ଜଗନ୍ନାଥ ଖଡ଼ିଆ(୪୦) ଓ ବୋହୂ ତୁଳାବତୀ ଖଡ଼ିଆ (୩୫)ଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମୃତକଙ୍କ ଭଣଜା ମହେଶ୍ୱର ଟେଟେଙ୍କ ଅଭିଯୋଗ ଆଧାରରେ ଗୋବିନ୍ଦପୁର ଥାନାରେ ଦଫା ୩୦୨, ୩୪ରେ ଏକ ମାମଲା(ନଂ.୯୭/୨୪) ରୁଜୁ ହୋଇଥିବା କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା କହିଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ସୁନ୍ଦର ଖଡିଆଙ୍କ ସହ କୌଣସି କଥାକୁ ନେଇ ପୁଅବୋହୂଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜଗନ୍ନାଥ ଏକ ଠେଙ୍ଗାରେ ବାପାଙ୍କୁ ପିଟିଥିଲେ। ବୋହୂ ତୁଳାବତୀ ମଧ ଶ୍ୱଶୁରଙ୍କୁ କାଠ ଫାଳିଆରେ ମାଡ ମାରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁନ୍ଦର ରାତି ସାରା ଘରେ ପଡି ରହିଥିଲେ। ପ୍ରବଳ ରକ୍ତସ୍ରାବ ଯୋଗୁ ବୁଧବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ORISSA
OA No. 407 OF 2022
INDIAN BANK .....APPLICANT
VS
RINKI MISHRA & OTHERS .....DEFENDANTS
To,
(DEFENDANT NO. 1)
Rinki Mishra, Prop. Haraparbati Agency, W/o- Satya Sankar Satpathy, Plot No.: 2 C/169, Sector 9, CDA, Cuttack-753014.
(DEFENDANT NO. 2)
Satya Sankar Satpathy, S/o- Ramakrushna Satpathy, Plot No.: 2 C/169, Sector 9, CDA, Cuttack-753014.
(DEFENDANT NO. 3)
Biranchi Narayan Mishra, S/o- Gobinda Chandra Mishra, Gopinathpur Sasan, PO: Tigiria, Cuttack-754029, Orissa.
SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an OA No. 407 of 2022 in the Court of the Debts Recovery Tribunal, Cuttack for recovery of Rs.20,18,231.00 only together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within 30 days from the publication or on 10.07.2024 at 10.30 a.m. as to why reliefs prayed for should not be granted.
Take notice that in case of default the application will be heard and determined in their absence.
Given under my hand seal of this Tribunal on this 15th day of May, 2024.
Sd/- (N. R. PATI)
Registrar


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଖାଳ ଭାତକୁ ନ ଥାଏ ଲୁଣ**
**ମିଛେ ବୋଲୁଥାଏ ତିନି ତୁଉଣ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପାଖରେ ଶୁଏ କାନରେ କୁହେ**
**ତା' କଥାକି କେବେ ଅନ୍ୟଥା ହୁଏ ?**

ସଦାସର୍ବଦା ଯିଏ ଫାଇଦା ପାଇବାକୁ ପାଖେ ପାଖେ ଛାଇ ପରି ଲାଗି ରହିଥାଏ ସେ କେବେ ନିରାଶ ହୁଏନାହିଁ। କଳେବଳେ ସେ ତା'ର ଈପ୍‌ସିତ କାର୍ଯ୍ୟ କରାଇନେବାରେ ସଫଳ ହୋଇଥାଏ। କ'ଣ କଲେ କାମ ହୋଇଯିବ ତାହା ତାଙ୍କୁ ବେଶ ଭଲ ଭାବେ ଜଣା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

Azadi Ka Amrit Mahotsav | G20
SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
OLATPUR, P.O.-BAIROI, DIST-CUTTACK-754010, ODISHA
Ref. No.: AD 6B 02/04/2024 Dated: 06.06.2024
RECRUITMENT NOTICE
Applications are invited from the eligible candidates for the post of Director for CRCSRE, Guwahati on deputation / short term contract basis. The details are mentioned below:

| | | |
|---|---|---|
| 1 | Name of the post | Director (CRCSRE, Guwahati) |
| 2 | Method of Recruitment | On Deputation / Short Term Contract |
| 3 | No. of vacancy | 01 (One) (Category – UR) |
| 4 | Scale of Pay | For Deputation:- Pay Matrix Level-12 (Rs.78,800/- to 2,09,200/-)<br>For Contract:-Consolidated remuneration of Rs.90,000/- per month with provision of annual increment @ 3%. |
| 5 | Age Limit | Maximum age limit will be 56 years for deputation and 62 years for short term contract (Age shall be reckoned as on closing date of receipt of application) |

The aspiring applicants fulfilling the eligibility criteria in all respect may send their applications as per prescribed format which can be downloaded from the website i.e. https://svnirtar.nic.in and www.crcguwahati.com. For all other details, term and conditions, please log on to the above official websites of this Institute.
Sd/- Director

ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ

-ଅମାବାସ୍ୟା ଓ ସାବିତ୍ରୀ ବ୍ରତ



# ଏଆଇ ଓ ଉତ୍ପାଦକତା



ଡାରୋନ ଆକେମୋଗ୍ଲୁ

ପ୍ରଯୁକ୍ତି ବିଶେଷଜ୍ଞ ଏବଂ ଶିକ୍ଷାବିତ୍‌ଙ୍କ ଅନୁଯାୟୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିଶ୍ୱକୁ ପରିବର୍ତ୍ତନ କରିବା ପାଇଁ ଏବେ ପ୍ରସ୍ତୁତ। ଆମେ ଜାଣିବାରେ ଏଆଇର ଅଭୂତପୂର୍ବ ଉତ୍ପାଦକତା ଲାଭ ମାଧ୍ୟମରେ ଏହା ସମ୍ଭବ ହେବ। କେତେଜଣ ବିଶ୍ୱାସ କରନ୍ତି ଯେ, ମଣିଷ ଯାହା କରୁଛନ୍ତି ଯନ୍ତ୍ର ତାହାକୁ ଶୀଘ୍ର କରିପାରିବ, ସୀମାହୀନ ସମୃଦ୍ଧିର ଏକ ନୂତନ ଯୁଗକୁ ଗ୍ରହଣ କରିବ ଏବଂ ଅନ୍ୟ ସବୁ ଆକଳନ ସ୍ଥିର କରିବ। ଉଦାହରଣ ସ୍ୱରୂପ ଗୋଲ୍ଡସ୍ମ୍ୟାନ ସାକ୍ସ ଆକଳନ କରନ୍ତି ଯେ, ଜେନେରେଟିଭ ଏଆଇ ଆଗାମୀ ଦଶନ୍ଧିରେ ବୈଶ୍ୱିକ ଜିଡିପିରେ ୭% ବୃଦ୍ଧି କରିବ। ମ୍ୟାକନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ ଅନୁମାନ କରେ ଯେ, ବର୍ତ୍ତମାନଠାରୁ ୨୦୪୦ ମସିହା ମଧ୍ୟରେ ବାର୍ଷିକ ଜିଡିପି ହାର ୩-୪ ପ୍ରତିଶତ ବୃଦ୍ଧି ପାଇବ। ଅନ୍ୟପକ୍ଷରେ ଅର୍ଥନୀତିଜ୍ଞମାନେ ଆଶା କରନ୍ତି, ଏଆଇ ଏକ ଶ୍ରମଭିତ୍ତିକ ଲାଭଜନକ ବ୍ୟବସ୍ଥା ସୃଷ୍ଟି କରିବ। ଏହା ବାସ୍ତବରେ ହେବ କି ? ନିକଟରେ ଏକ କାଗଜରେ ପ୍ରକାଶିତ ମୋ ଲେଖା ଅନୁଯାୟୀ, ଅଧିକାଂଶ ପୂର୍ବାନୁମାନ ଏବଂ ଅନୁମାନ ଅପେକ୍ଷା ଦୃଷ୍ଟିକୋଣ ଅଧିକ ଅନିଶ୍ଚିତ। ତଥାପି ୨୦ କିମ୍ବା ୩୦ ବର୍ଷ ମଧ୍ୟରେ ଏଆଇ କ'ଣ କରିବ ତାହା କୌଣସି ଆତ୍ମବିଶ୍ୱାସ ସହିତ ପୂର୍ବାନୁମାନ କରିବା ଅସମ୍ଭବ। କାରଣ ନିକଟ ଭବିଷ୍ୟତରେ ଅର୍ଥନୈତିକ କାର୍ଯ୍ୟଗୁଡ଼ିକ ମଧ୍ୟରେ ଅଧିକାଂଶରେ ଏବକାର ପ୍ରଯୁକ୍ତି ଜଡ଼ିତ ହେବା ସହ ସେଗୁଡ଼ିକର ବିକାଶ କରିବ। ଏହା ଅନୁମାନ କରିବା ଯୁକ୍ତିଯୁକ୍ତ ଯେ, ଏଆଇର ସବୁଠାରୁ ବଡ଼ ପରିଣାମ ହେଉଛି ତାହା କିଛି କାର୍ଯ୍ୟକୁ ସ୍ୱୟଂଚାଳିତ କରିବା ସହ କିଛି ବୃତ୍ତିରେ ଅନେକ ଶ୍ରମିକଙ୍କୁ ଅଧିକ ଉତ୍ପାଦକକ୍ଷମ କରିବା। ଅର୍ଥନୈତିକ ତତ୍ତ୍ୱ ଏହି ସାମଗ୍ରିକ ପରିଣାମଗୁଡ଼ିକର ମୂଲ୍ୟାଙ୍କନ ପାଇଁ ମାର୍ଗଦର୍ଶନ କରେ। ହୁଲ୍‌ଟେନ ଥିଓରମ ଅନୁଯାୟୀ, ଟୋଟାଲ ଫ୍ୟାକ୍ଟର ପ୍ରଡକ୍ଟିଭିଟି ବା ଜିଡିପି ଓ ସାମଗ୍ରିକ ଇନ୍‌ପୁଟର ଅନୁପାତ (ଟିଏଫ୍‌ପି) ଫଳାଫଳ ହେଉଛି କେବଳ କାର୍ଯ୍ୟାଂଶର ଉତ୍ପାଦ, ଯାହା ହାରାହାରି ମୂଲ୍ୟ ସଞ୍ଚୟ ବା କଷ୍ଟ ସେଭିଂ ଦ୍ୱାରା ବୃଦ୍ଧି ପାଇଥାଏ।

ହାରାହାରି କଷ୍ଟ ସେଭିଂ କେତେ କରାଯାଇପାରିବ, ତାହା ଆକଳନ କରିବା କଷ୍ଟକର। ତେବେ ନିର୍ଦ୍ଦିଷ୍ଟ କାର୍ଯ୍ୟ ଉପରେ ଏଆଇର ପରିଣାମ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଅନୁଧ୍ୟାନ କରାଯାଇଛି। ଉଦାହରଣ ସ୍ୱରୂପ, ଶକ୍କେଡ ନୟ ଏବଂ ହ୍ୱିଟ୍‌ନାଙ୍ଗେ ଲେଖାଲେଖି ଉପରେ ଚାଟ୍ ଜିପିଟିର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିଥିବାବେଳେ ଏରିକ୍ ବ୍ରିଞ୍ଜୋଲ୍‌ଫସନ, ଡାନିଏଲ ଲି ଏବଂ ଲିଣ୍ଡସେ ରେମଣ୍ଡ ଖାଉଟି ସେବାରେ ଏଆଇର ବ୍ୟବହାର ସମ୍ପର୍କରେ ଆକଳନ କରିଛନ୍ତି। ଏହିସବୁ ଗବେଷଣାକୁ ବିଚାରକୁ ନେଲେ ଜଣାଯାଏ ଯେ, ଏବେ ଉପଲବ୍ଧ ଜେନେରେଟିଭ୍ ଏଆଇ ସାଧନଗୁଡ଼ିକ ଶ୍ରମ ମୂଲ୍ୟ



ବଞ୍ଚାଇବାରେ ୨୭% ଲାଭ ଦେବା ସହ ସାମଗ୍ରିକ ୧୪.୪% କଷ୍ଟ ସେଭିଂ କରିଥାଏ। ତେବେ ଏଆଇ ଏବଂ ଏହା ସହିତ ସମ୍ବନ୍ଧିତ ପ୍ରଯୁକ୍ତିଗୁଡ଼ିକ ଦ୍ୱାରା କାର୍ଯ୍ୟର ଅଂଶ କିଭଳି ପ୍ରଭାବିତ ହେବ ତାହା ଜାଣିବା ଦରକାର। ଏବକାର ଗବେଷଣାଗୁଡ଼ିକର ତଥ୍ୟଗୁଡ଼ିକୁ ଭିତ୍ତିକରି ମୁଁ ଆକଳନ କରିଛି ଏବଂ ତାହା ଅନୁଯାୟୀ, ଉତ୍ପାଦନ କାର୍ଯ୍ୟଗୁଡ଼ିକର ଅଂଶ ୪.୬% ପ୍ରଭାବିତ ହେବ। ଏହା ସୂଚିତକରେ ଯେ, ଏଆଇ ଦଶ ବର୍ଷ ମଧ୍ୟରେ ଟିଏଫ୍‌ପିରେ କେବଳ ୦.୬୬% ବୃଦ୍ଧି କରିବ ଏବଂ ଏହା ବାର୍ଷିକ ୦.୦୬% ବଢ଼ିବ। ଯେହେତୁ ଏଆଇ ଏବେ ନିବେଶ ବୃଦ୍ଧି କରିବ, ସେଥିପାଇଁ ଜିଡିପି ଅଭିବୃଦ୍ଧି ସାମାନ୍ୟ କିଛି ବଢ଼ିପାରେ, ସମ୍ଭବତଃ ୧-୧.୫% ହୋଇପାରେ। ଏହିସବୁ ସାଂଖ୍ୟିକ ତଥ୍ୟ ଗୋଲ୍ଡମ୍ୟାନ ଶାକ୍ସ ଏବଂ ମ୍ୟାକିନ୍‌ସେଙ୍କ ନିର୍ଦ୍ଧାରିତ ସଂଖ୍ୟାଠାରୁ ବହୁତ କମ୍। ଯଦି ଆପଣ ବଡ଼ ସଂଖ୍ୟା ହାସଲ କରିବାକୁ ଚାହୁଁଛନ୍ତି, ତୁମକୁ ମାର୍କେଟରେ ଉତ୍ପାଦକତା ଲାଭ ବୃଦ୍ଧି କରିବାକୁ ପଡ଼ିବ କିମ୍ବା ଧରିନେବାକୁ ହେବ ଯେ, ଅର୍ଥ ବ୍ୟବସ୍ଥାରେ ଅତ୍ୟଧିକ କାର୍ଯ୍ୟ ପ୍ରଭାବିତ ହେବ। କିନ୍ତୁ କୌଣସି ପରିସ୍ଥିତି ଯଥାର୍ଥ ନୁହେଁ। ସେହିପରି କାର୍ଯ୍ୟର ଅଂଶ ୪.୬%ରୁ ଅଧିକ ହେବାର ସମ୍ଭାବନା ନାହିଁ। କାରଣ ଏଆଇ କୌଣସିଠାରେ ଲୋକଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟ କିମ୍ବା ସାମାଜିକ କାର୍ଯ୍ୟ କରିବାକୁ ସକ୍ଷମ ନୁହେଁ। ୨୦୧୯ରେ ଆମେରିକାର ସମସ୍ତ ବିଜ୍‌ନେସ ଉପରେ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସର୍ଭେରୁ ଜଣାପଡ଼ିଛି ଯେ, ସେମାନଙ୍କ ମଧ୍ୟରୁ ପାଖାପାଖି ୧.୫% ଏଆଇ ଉପରେ ନିବେଶ କରିଥିଲେ। ଏପରିକି ଏଭଳି ନିବେଶଗୁଡ଼ିକ ଗତ ଦେଢ଼ବର୍ଷରେ ବୃଦ୍ଧି ପାଇଥିଲେ ବି ଏଆଇକୁ ବ୍ୟାପକ କରିବା ଲାଗି ଆମକୁ ଆହୁରି ଅନେକ କିଛି କରିବାକୁ ପଡ଼ିବ। ଅବଶ୍ୟ, ଯଦି ଏଆଇ ବୈଜ୍ଞାନିକ ଆବିଷ୍କାର ପ୍ରକ୍ରିୟାରେ ବୈପ୍ଳବିକ ପରିବର୍ତ୍ତନ ଆଣେ କିମ୍ବା ଅନେକ ନୂତନ କାର୍ଯ୍ୟ ଏବଂ ଉତ୍ପାଦ ସୃଷ୍ଟି କରେ, ତେବେ ମୋର ବିଶ୍ଳେଷଣ ଅପେକ୍ଷା ତାହା ଅଧିକ ପ୍ରଭାବୀ ହୋଇପାରେ। ନୂତନ ଆବିଷ୍କାରଗୁଡ଼ିକ ପରୀକ୍ଷା କରାଗଲେ ପ୍ରକୃତ ଉତ୍ପାଦରେ ପରିଣତ ହେବ। କିନ୍ତୁ ପ୍ରଯୁକ୍ତି ଶିଳ୍ପ ବର୍ତ୍ତମାନ ଶ୍ରମିକମାନଙ୍କ ପାଇଁ ନୂତନ ଉତ୍ପାଦନ କାର୍ଯ୍ୟ ଆରମ୍ଭ କରିବା ପରିବର୍ତ୍ତେ ସ୍ୱୟଂଚାଳିତ ଏବଂ ତଥ୍ୟ ସଞ୍ଚାଳନ ଉପରେ ଅତ୍ୟଧିକ ଧ୍ୟାନ ଦେଉଛି।

ଜେନେରେଟିଭ ଏଆଇର ଗ୍ରହଣୀୟତା ସ୍ୱାଭାବିକ ଭାବରେ ଘଟିଛି ଓ ଏହା ଭଲ ଭାବରେ ପ୍ରଦର୍ଶନ କରିଛି। ଅର୍ଥାତ୍ ସଫଳତା ପାଇଁ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଉଛି , ଯେପରିକି ସରଳ ପ୍ରୋଗ୍ରାମିଂ ପ୍ରସ୍ତୁତ କରିବା କିମ୍ବା ସୂଚନା ଯାଞ୍ଚ କରିବା। ଏଠାରେ ବାହ୍ୟ ସୂଚନା ଆଧାରରେ ଏବଂ ସହଜରେ ଉପଲବ୍ଧ ଐତିହାସିକ ତଥ୍ୟକୁ ନେଇ ମଡେଲ ଅନୁଧ୍ୟାନ କରାଯାଇପାରେ। କିନ୍ତୁ କାର୍ଯ୍ୟର ୪.୬%ର ମଡେଲ ୧୦ ବର୍ଷ ମଧ୍ୟରେ ସ୍ୱୟଂଚାଳିତ ହେବାର ସମ୍ଭାବାନ ଅଛି। ବିଭିନ୍ନ ଆପ୍ଲିକେଶନର ମୂଲ୍ୟାଙ୍କନ, ସ୍ୱାସ୍ଥ୍ୟ ସମସ୍ୟାର ନିରୀକ୍ଷଣ, ବିତ୍ତୀୟ ପରାମର୍ଶ ଦେବା ଭଳି କାର୍ଯ୍ୟର ସଫଳତା ପାଇବା ଲାଗି କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ। ଏହିସବୁ ଘଟଣାରେ ବାହ୍ୟ ଅନୁଧ୍ୟାନରୁ ଜାଣିବା କଷ୍ଟକର। ଏଣୁ ଏବକାର ଶ୍ରମିକମାନଙ୍କ କାର୍ଯ୍ୟ ବଦଳରେ ଏଆଇ ଉପରେ ନିର୍ଭର କରିବାକୁ ହେବ। ଏହି ପରିସ୍ଥିତିରେ ମାନବ ଶ୍ରମ ଉପରେ ପ୍ରମୁଖ ବିକାଶ ଲାଗି କମ୍ ସୁଯୋଗ ରହିବ। ଏଣୁ ମୋ ଆକଳନ ଅନୁଯାୟୀ, ୪.୬% କାର୍ଯ୍ୟର ଗୋଟିଏ ତ୍ରୈମାସିକ ସମ୍ପର୍କରେ ଜାଣିବା ଅତ୍ୟନ୍ତ କଷ୍ଟକର ଏବଂ ଏହାର ଉତ୍ପାଦକତା ଲାଭ ମଧ୍ୟ କମ୍ ରହିବ। ଥରେ ଯଦି ଏହାର ସମାଧାନ ହୋଇପାରିବ ତେବେ ୦.୬୬% ଟିଏଫ୍‌ପି ଅଭିବୃଦ୍ଧି ସଂଖ୍ୟା ୦.୫୩%କୁ କମି ଆସିବ।

ଶ୍ରମିକ, ମଜୁରି ଏବଂ ଅସମାନତା ଉପରେ ଏଆଇର ପ୍ରଭାବ ରହିଛି। ଭଲ ଖବର ହେଉଛି, ପ୍ରାରମ୍ଭିକ ସ୍ୱୟଂଚାଳିତ ଧାରା (ରୋବୋ କିମ୍ବା ସଫ୍ଟୱେର ସିଷ୍ଟମ) ତୁଳନାରେ ଏଆଇର ଫଳାଫଳକୁ ଅଧିକ ବିସ୍ତାର କରାଯାଇପାରେ। ଏହା ଯଦି ହୁଏ, ତେବେ ଏହାର ଅସମାନତା ଉପରେ ଅଧିକ ପ୍ରଭାବ ପଡ଼ିବ ନାହିଁ; ଯେପରି ପୂର୍ବ ସ୍ୱୟଂଚାଳିକ ପ୍ରଯୁକ୍ତି କରିଥିଲା। ତଥାପି, ମୁଁ କୌଣସି ପ୍ରମାଣ ପାଇନାହିଁ ଯେ ଏଆଇ ଅସମାନତା ହ୍ରାସ କରିବ କିମ୍ବା ବେତନ ବୃଦ୍ଧି କରିବ। ଅର୍ଥନୈତିକ ତତ୍ତ୍ୱ ଏବଂ ଉପଲବ୍ଧ ତଥ୍ୟ ଏଆଇ ପାଇଁ ଏକ ମଧ୍ୟମ, ବାସ୍ତବବାଦୀ ଦୃଷ୍ଟିକୋଣକୁ ସିଦ୍ଧ କରେ। ଆମେ ନିୟମାବଳୀ ବିଷୟରେ ଚିନ୍ତା କରିବା ଉଚିତ ନୁହେଁ, କାରଣ ଏଆଇ ସବୁ ଅଂଶୀଦାରଙ୍କୁ ଲାଭ ପହଞ୍ଚାଇବ, ଏଭଳି ଯୁକ୍ତିକୁ କମ୍ ଲୋକ ସମର୍ଥନ କରନ୍ତି। ଅର୍ଥନୀତିଜ୍ଞମାନେ ଏହାକୁ ଏକ ସାଧାରଣ ଉଦ୍ଦେଶ୍ୟସମ୍ପନ୍ନ ପ୍ରଯୁକ୍ତିବିଦ୍ୟା ବୋଲି କହନ୍ତି। ଆମେ ଏହାକୁ ଏଆଇ ମାଧ୍ୟମରେ ଅନେକ କିଛି କରିପାରିବା। ସ୍ୱୟଂଚାଳିତ କାର୍ଯ୍ୟ ତୁଳନାରେ ନିଶ୍ଚିତ ଭାବରେ ଭଲ କାର୍ଯ୍ୟ କରିବାକୁ ଅଛି। କିନ୍ତୁ ଯଦି ଆମେ ପ୍ରଯୁକ୍ତି ଆଶାବାଦକୁ ସହଜରେ ଗ୍ରହଣ କରୁ କିମ୍ବା ପ୍ରଯୁକ୍ତି ଶିଳ୍ପକୁ ଏଜେଣ୍ଡା ସ୍ଥିର କରିବାକୁ ଦେଉ, ତେବେ ଅନେକ ସମ୍ଭାବନା ନଷ୍ଟ ହୋଇପାରେ।

**ଇନ୍‌ଷ୍ଟିଚ୍ୟୁଟ ପ୍ରଫେସର, ଇକୋନୋମିକ୍ସ, ଏମ୍‌ଆଇଟି**

## ଗ୍ରୀଷ୍ମରେ ସମସ୍ୟା



ଡା. କାନ୍ତୀ ନାୟକ

ଗ୍ରୀଷ୍ମଋତୁରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖିବାକୁ ମିଳେ। ତନ୍ମଧ୍ୟରୁ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ହେଉଛି ଏଭଳି ଏକ ସମସ୍ୟା ଯେଉଁଥିପାଇଁ ଲୋକମାନେ ଅନେକ ସମୟରେ ଅସୁବିଧାରେ ପଡ଼ନ୍ତି। ଶରୀରରେ ଅତ୍ୟଧିକ କିମ୍ବା କମ୍ ପରିମାଣର ଜଳ ହେତୁ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ଦେଖାଦେଇପାରେ। ଶରୀରରେ ଜଳ ସନ୍ତୁଳନ ବଜାୟ ରଖିବା, କୋଷକୁ ପୁଷ୍ଟିକର ଖାଦ୍ୟ, ଯୋଗାଇବା, ବର୍ଜ୍ୟବସ୍ତୁ ବାହାରକରିବା, ସ୍ନାୟୁକୁ ସଙ୍କେତ ପଠେଇବାରେ ସାହାଯ୍ୟ କରିବା, ମାଂସପେଶୀକୁ ଆରାମ ଦେବା ଏବଂ ମସ୍ତିଷ୍କ ଏବଂ ହୃଦୟ ଭଲ କାର୍ଯ୍ୟ କରିବାରେ ଇଲେକ୍ଟ୍ରୋଲାଇଟ୍‌ର ବିଶେଷ ଭୂମିକା ରହିଛି। ସୋଡିୟମ, ପୋଟାସିୟମ, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ, ଫସ୍‌ଫେଟ, କ୍ଲୋରାଇଡ୍ ପରି ଉପାଦାନ ଇଲେକ୍ଟ୍ରୋଲାଇଟ୍ ବଜାୟ ରଖିବାରେ ସହାୟକ ହୋଇଥାଏ। ଏହି ପୋଷକ ତତ୍ତ୍ୱରେ ଅସନ୍ତୁଳନ ହେଲେ ଶରୀରରେ ଅନେକ ପ୍ରକାର ସମସ୍ୟା ଦେଖାଦେଇପାରେ। ତେଣୁ ଏହାର ଲକ୍ଷଣ ପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ। ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ସମସ୍ତଙ୍କ ଶରୀରରେ ସମାନ ଭାବରେ ଦେଖାଦେଇ ନ ଥାଏ। ଛୋଟ ପିଲା, ବୟସ୍କ, ଯୁବବର୍ଗ, ପରିଶ୍ରମୀ ମଣିଷ, ମହିଳାମାନଙ୍କ ପାଇଁ ସେମାନଙ୍କ ଶରୀରର ସଞ୍ଚାଳନ ଓ କର୍ମ ବ୍ୟସ୍ତତାକୁ ଦେଖି ଏହା କମ୍ ବେଶି ହୋଇଥାଏ। ତେବେ ବର୍ତ୍ତମାନ ସମୟକୁ ଦେଖିଲେ ପାଣିପାଗରେ କୌଣସି ଶୀତଳତା ନ ଥିବାରୁ ଏବଂ ଖରାରେ, ସମସ୍ତଙ୍କ ଶରୀରରେ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ଦେଖିବାକୁ ମିଳୁଛି। ବାସ୍ତବ କଥା ହେଉଛି ଏହା ସେପରି ଏକ ଭୟଭୀତ ହେଲା ପରି ସ୍ୱାସ୍ଥ୍ୟ ସମସ୍ୟା ନୁହେଁ।

ଶରୀରରେ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ଥିବାର ଯଦି ସାମାନ୍ୟତମ ଅନୁଭବ କରନ୍ତି ତେବେ ଆପଣ ଆପଣଙ୍କ ନିୟମିତ ଖାଦ୍ୟ ତାଲିକା ବଦଳାଇ ଖାଦ୍ୟରେ ଜଳ ଓ ତରଳ ପଦାର୍ଥର ମାତ୍ରା ଅଧିକ ରହୁଥିବା ଜିନିଷ ଗ୍ରହଣ କରନ୍ତୁ। ପ୍ରଚୁର ପରିମାଣର ଚିନି ଲୁଣ ପାଣି ଓ ଯଥା ସମ୍ଭବ ଅଧିକ ପରିମାଣର ଓଆର୍‌ଏସ୍ ପିଅନ୍ତୁ। କେତେକ ପରିସ୍ଥିତିରେ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ଗୁରୁତର ଏବଂ ଏପରିକି ଜୀବନ ପ୍ରତି ବିପଦ ସୃଷ୍ଟି ମଧ୍ୟ କରିପାରେ। ଏପରି ପରିସ୍ଥିତିରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ଆପଣଙ୍କ ଶରୀରରେ ଶରୀର ତତ୍ତ୍ୱ ଅନୁଯାୟୀ ଜଳର ପରିମାଣର ମାତ୍ରା ଖସି ଆସିଲେ ବା କମ୍ ହୋଇଗଲେ ସେତେବେଳେ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ହୋଇପାରେ। ଏହାର ଅନେକ କାରଣ ମଧ୍ୟ ରହିଛି। ବାନ୍ତି, ଝାଡ଼ା, ଅତ୍ୟଧିକ ଝାଳ ବାହାରିବା ଭଳି ସମସ୍ୟା ଦେଖାଦେଲେ ଡାୟୁରେଟିକ୍ ମେଡିସିନ ଖାଇବା ଦ୍ୱାରା କିଡ୍‌ନୀ କିମ୍ବା ଫୁସ୍‌ଫୁସ୍ ରୋଗରେ ପୀଡ଼ିତ ଥିଲେ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ ହେବା ଆଶଙ୍କା ଅଧିକ ରହିଥାଏ। ତେଣୁ ଏଥିପ୍ରତି ଯତ୍ନବାନ୍ ହେବା ଜରୁରୀ।

ସାଧାରଣତଃ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନର ସାମାନ୍ୟ ସ୍ତରରେ ଥିବାବେଳେ ଅନେକ ଲକ୍ଷଣ ଦେଖାଯାଇ ନ ଥାଏ। ଜଣେ ରକ୍ତ ପରୀକ୍ଷା ନ କରିବା ପର୍ଯ୍ୟନ୍ତ ଏହି ସମସ୍ୟା ଚିହ୍ନଟହେବା ସମ୍ଭବ ହୋଇ ନ ଥାଏ। ତେବେ ପରବର୍ତ୍ତୀ ସମୟରେ ଅସ୍ୱସ୍ତିକର ସହ ସମସ୍ୟା ଜଣକୁ ବିଚଳିତ କରିବା ସହ ହୃଦ୍‌ସ୍ପନ୍ଦନ, ଥକ୍କାପଣ, ବାନ୍ତି, ଝାଡ଼ା କିମ୍ବା କୋଷ୍ଠକାଠିନ୍ୟ ଏବଂ ପେଟ ସମସ୍ୟା ସୃଷ୍ଟି ହୋଇଥାଏ। କର୍ମଜୀବୀ ମହିଳା ହୁଅନ୍ତୁ ବା ଗୃହିଣୀ ସମସ୍ତେ କର୍ମବ୍ୟସ୍ତ ସମୟରେ ଗ୍ରୀଷ୍ମଦିନରେ ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନକୁ ସାମ୍ନା କରିଥାନ୍ତି। ଏହାକୁ କେହି କେହି ଅଣଦେଖା କରିଥାନ୍ତି, କିନ୍ତୁ ଆପଣଙ୍କର ଉଦାସୀନତା ବା ଅବହେଳା ପରବର୍ତ୍ତୀ ସମୟରେ ଅଂଶୁଘାତ ସମସ୍ୟା ପରି ଶରୀରକୁ ସଙ୍କଟାପନ୍ନ କରିଦେବ। ଗ୍ରୀଷ୍ମଦିନରେ ନିଜ ଖାଦ୍ୟପେୟ, ବିଶ୍ରାମ ସହ ଯଥା ସମ୍ଭବ ଟାଣଖରାରୁ ଦୂରେଇ ରହିବା ସର୍ବାଦୌ ବାଞ୍ଛନୀୟ। ପ୍ରଚୁର ପରିମାଣର ବିଶୋଧିତ ପାଣି ପିଇବା ସହ ଶରୀରରୁ ଝାଳ ଦ୍ୱାରା ଅନେକ ପରିମାଣର ବର୍ଜ୍ୟବସ୍ତୁ ବାହାରକୁ ଚାଲିଯାଉଥିଲେ ମଧ୍ୟ ଯଥାସମ୍ଭବ ଫଳରସ, ପଇଡ଼, ଆଖୁରସ, ବେଲପଣା ଓ ଦେଶୀୟ ଫଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ। ତେବେ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନକୁ ଗ୍ରୀଷ୍ମଦିନରେ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ।

**ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଅଧୀକ୍ଷକ, ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହସ୍ପିଟାଲ, ସିଡିଏ, କଟକ**

## ଏଇ ଭାରତରେ

ନିଜେ ଓ ନିଜର ପରିବାରକୁ ଅସହାୟ ବୃଦ୍ଧାବୃଦ୍ଧଙ୍କ ସେବାରେ ଯୋଡ଼ି ଏକ ଉଦାହରଣ ସୃଷ୍ଟି କରିଛନ୍ତି ଗୁଜରାଟ ଦିସାର ଆଶାବେନ ରାଜପୁରୋହିତ। ୩୦ ବର୍ଷୀୟା ଆଶା ଏବେ ୨୨ ଜଣ ବୃଦ୍ଧାବୃଦ୍ଧଙ୍କ ସେବା କରୁଛନ୍ତି। ଆଶା ଆଶ୍ରୟସ୍ଥଳୀର ନାମ ଦେଇଛନ୍ତି 'ସୁଦାମା ବୃଦ୍ଧାଶ୍ରମ'। ଏହି ବୃଦ୍ଧାଶ୍ରମ ତାଙ୍କ ପିତା କାନ୍ତିଲାଲ ରାଜପୁରୋହିତ ୧୨ ବର୍ଷ ପୂର୍ବେ ଆରମ୍ଭ କରିଥିଲେ । କାନ୍ତିଲାଲଙ୍କ ଦେହାନ୍ତ ପୂର୍ବରୁ ସେ ଆଶ୍ରମର ଦାୟିତ୍ୱ ଝିଅ ଆଶାଙ୍କୁ ଦେଇଥିଲେ। ପିତାଙ୍କ କଥା ରଖି ଆଶା ଏହି କାମ କରୁଛନ୍ତି। ବୃଦ୍ଧାବୃଦ୍ଧଙ୍କ ସେବା କରିବା ଲାଗି ସେ ଗୃହସ୍ଥ ଜୀବନ ଛାଡ଼ି ଆଶ୍ରମରେ ରହୁଛନ୍ତି। ଏପରିକି ଆଶା ତାଙ୍କ ପୁଅକୁ ବି ନିଜଠାରୁ ଦୂରରେ ରଖିଛନ୍ତି। ପ୍ରଥମେ ଏହି ଆଶ୍ରମରେ ୧୦ରୁ ୧୪ ଜଣ ବୃଦ୍ଧ ରହୁଥିଲେ। ବୃଦ୍ଧାଶ୍ରମ ଲୋକଙ୍କ ସାହାଯ୍ୟରେ ଚାଲୁଛି। ଆଶ୍ରମରେ ଅର୍ଥାଭାବ ଥିବାରୁ ଆଶା ନିଜେ ରୋଷେଇଠାରୁ ଆରମ୍ଭକରି ଘର ସଫା କରିବା ଓ ବୃଦ୍ଧାବୃଦ୍ଧମାନଙ୍କୁ ଔଷଧ ସେବନ କରାଉଛନ୍ତି। ସେ ୪ ବର୍ଷ ହେଲା ଆଶ୍ରମରେ ରହୁଛନ୍ତି। ତାଙ୍କୁ ସେହି ଜାଗା ଏତେ ଭଲ ଲାଗୁଛି ଓ ତାଙ୍କ ମା' ତାଙ୍କୁ ଏଭଳି ସେବା କରିବାକୁ ଜନ୍ମ ଦେଇଛନ୍ତି ବୋଲି କହନ୍ତି ଆଶା।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୬ ଜୁନ୍ ୧୯୭୫

- ମିଶରର ରାଷ୍ଟ୍ରପତି ଅନୱାର ସାଦତ ଆନୁଷ୍ଠାନିକ ଭାବରେ ସୁଏଜ କେନାଲକୁ ଜାହାଜ ଚଳାଚଳ ପାଇଁ ଖୋଲିଛନ୍ତି।
- ମାନ୍ଦ୍ରାଜରେ ବିଷାକ୍ତ ମଦ୍ୟପାନ କରି ୨୫ ମୃତ ଓ ୧୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ।
- ଭାରତର ପ୍ରଥମ ଉପଗ୍ରହ ଆର୍ଯ୍ୟଭଟ୍ଟ ମହାଶୂନ୍ୟରେ ଏକ୍ସରେର ସୂତ୍ର ସମ୍ପର୍କରେ ନୂତନ ତଥ୍ୟ ଆବିଷ୍କାର।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | 2 | | | | |
| 5 | 4 | 9 | | | | | | |
| 1 | | | | | | | | |
| | | | | | | | | 8 |
| | | | 9 | | | 1 | | |
| | 9 | | | | 5 | 4 | 7 | 2 |
| 6 | | 8 | | 7 | | | 2 | |
| 7 | | 3 | | | 4 | | 8 | |
| | 5 | | | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 9 | 2 | 1 | 7 | 3 | 8 | 5 |
| 1 | 3 | 7 | 9 | 8 | 5 | 4 | 2 | 6 |
| 2 | 5 | 8 | 6 | 4 | 3 | 1 | 7 | 9 |
| 8 | 2 | 1 | 5 | 3 | 9 | 7 | 6 | 4 |
| 6 | 7 | 5 | 4 | 2 | 1 | 8 | 9 | 3 |
| 9 | 4 | 3 | 8 | 7 | 6 | 5 | 1 | 2 |
| 3 | 8 | 4 | 7 | 6 | 2 | 9 | 5 | 1 |
| 7 | 9 | 2 | 1 | 5 | 4 | 6 | 3 | 8 |
| 5 | 1 | 6 | 3 | 9 | 8 | 2 | 4 | 7 |

ଗତକାଲିର ଉତ୍ତର

# ପ୍ରବାସୀଙ୍କ ଭବିଷ୍ୟତ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଯୌଥ ପରିବାର ପ୍ରତ୍ୟାବର୍ତ୍ତନର ପଦଧ୍ୱନି ଅଧୁନା ସ୍ପଷ୍ଟହେବାରେ ଲାଗିଛି। ଆମ ଦେଶର ଉଚ୍ଚ ଶିକ୍ଷିତ ତଥା ବିଭିନ୍ନ ବିଷୟର ବିଶେଷଜ୍ଞମାନେ ବିଦେଶ ମୁଖ୍ୟତଃ ଉନ୍ନତ ଦେଶଗୁଡ଼ିକୁ ଯିବା ଘଟଣା ନିତିଦିନିଆ ବ୍ୟାପାର ହୋଇଯାଇଛି। ସେଠାରେ ଧନ ଓ ମର୍ଯ୍ୟାଦା ପ୍ରାପ୍ତହେବା ସହ ସେମାନଙ୍କ ଜ୍ଞାନର ଉତ୍ତରୋତ୍ତର ଉନ୍ନତି ହେବ ବୋଲି ସେମାନଙ୍କ ମଧ୍ୟରୁ ଅନେକେ ବିଚାର କରୁଛନ୍ତି। ଏହା ପରୋକ୍ଷରେ ପ୍ରତିଭା ଚାଲାଣ ଭାବେ ଅଭିହିତ।

କିନ୍ତୁ ଏହି ଦେଶାନ୍ତରୀମାନଙ୍କ ଭବିଷ୍ୟତ କେତେ ସୁରକ୍ଷିତ ? ତାଇୱାନ ପ୍ରତି ଆମେ ଦୃଷ୍ଟି ପକାଇବା। ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଏହା ବିଶ୍ୱବିଖ୍ୟାତ। ଚାଇନା ଭୂଖଣ୍ଡଠାରୁ ଅଳ୍ପ ଦୂରରେ ଗୋଟିଏ ଦ୍ୱୀପ ଉପରେ ଏହା ଅବସ୍ଥିତ। ଏହାକୁ ଅକ୍ତିଆର କରିବାକୁ ପରାକ୍ରମୀ ଚାଇନା ସର୍ବଦା ଲୋଲୁପଦୃଷ୍ଟି ପକାଇଆସୁଛି। ତେଣୁ ତାଇୱାନ ନାଗରିକମାନେ ଚାପଗ୍ରସ୍ତ ହୋଇଥାନ୍ତି ନିଜର ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତା ପାଇଁ।

ନିକଟରେ ତାଇୱାନ ଭାରତର ଶ୍ରମିକଙ୍କୁ ନିଜ ଦେଶରେ ନିଯୁକ୍ତିଦେବା ପାଇଁ ଗୋଟିଏ ବୁଝାମଣାପତ୍ର ସମ୍ପାଦନ କରିଛି। ଏହାକୁ କାର୍ଯ୍ୟାନ୍ୱିତ କରିବା ସକାଶେ ସେଠାକାର ଶ୍ରମମନ୍ତ୍ରୀ ସୁ ମିଙ୍ଗ୍ ଚୁନ୍ ମାର୍ଚ୍ଚ ୨୦୨୪ରେ ଟେଲିଭିଜନରେ ଏକ ସାକ୍ଷାତ୍‌କାର ବେଳେ କହିଥିଲେ, ଏଥିରେ ଉତ୍ତର ଭାରତୀୟଙ୍କୁ ବଛାଯିବ, କାରଣ ଏହି ପ୍ରବାସୀମାନଙ୍କ ରଙ୍ଗ, ଖାଦ୍ୟ ଅଭ୍ୟାସ ତାଇୱାନ ବାସିନ୍ଦାଙ୍କ ସହ ମେଳଖାଉଛି। ସେମାନେ ଅବଶ୍ୟ ନିର୍ମାଣ, କୃଷି ଓ କଳକାରଖାନା କାର୍ଯ୍ୟରେ କୁଶଳୀ। ତେବେ ସେମାନଙ୍କୁ ଅଧିକ ପସନ୍ଦ କରାଯିବା କାରଣ ହେଉଛି , ସେମାନେ ତାଇୱାନ ଲୋକଙ୍କ ପରି ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ।

କଥା ହେଉଛି , ଗୋଟିଏ ଆଧୁନିକ ସମୃଦ୍ଧ ଗଣତାନ୍ତ୍ରିକ ଦେଶରେ ଜାତିଭେଦ ଓ ବର୍ଣ୍ଣବୈଷମ୍ୟ ବିଚାର ଏବେ ମଧ୍ୟ ତିଷ୍ଠି ରହିଛି। ଏହି କାରଣରୁ ସେମାନେ ବାଛବିଚାର ପନ୍ଥା ଅବଲମ୍ବନକରି ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗକୁ ଅଗ୍ରାଧିକାର ଦେଉଛନ୍ତି। ଅବଶ୍ୟ ମନ୍ତ୍ରୀ ଜଣକ ସମାଲୋଚିତ ହେବାରୁ ପରେ ନିଜ ମନ୍ତବ୍ୟ ପ୍ରତ୍ୟାହାର କରିନେଇଥିଲେ। କିନ୍ତୁ ତାଙ୍କ ଦେଶରେ କେଉଁଠି ଏମିତି ଏକ ଦୁର୍ଭାବନା ଲୁଚି ରହିଥିବା ସନ୍ଦେଶ ଅମୂଳକ ହୋଇ ନ ପାରେ। ପ୍ରକାଶ ଥାଉକି, ସେଠାରେ ଯୁବକଙ୍କ ଅପେକ୍ଷା ବୃଦ୍ଧମାନଙ୍କ ସଂଖ୍ୟା ଆନୁପାତିକ ବିଚାରରେ ଅଧିକ। ଦେଶ ଚଳାଇବା ପାଇଁ ବିଦେଶର ଶ୍ରମଶକ୍ତି ନିହାତି ଦରକାର। ଏତାଦୃଶ ବାଧ୍ୟବାଧକତା ଥିଲେ ମଧ୍ୟ ନିଯୁକ୍ତି ପାଇଁ ଅବାଞ୍ଛିତ ସର୍ତ୍ତମାନ ବାଢ଼ିବା ଏକ ଅପରିଣାମଦର୍ଶୀ ଚିନ୍ତାଧାରା।

ଗୋଟିଏ ଜନମତ ସର୍ଭେରୁ ଜଣାପଡ଼େ, ୟୁରୋପୀୟ ଦେଶ ମଧ୍ୟରେ ଜର୍ମାନୀ, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ସୁଇଡେନ୍, ୟୁନାଇଟେଡ୍ କିଙ୍ଗଡମ୍, ଫ୍ରାନ୍ସ, ନରୱେ ପରି ଉଚ୍ଚ ଶିକ୍ଷିତ ଦେଶରେ ଦେଶାନ୍ତରୀଙ୍କ ବିପକ୍ଷେ ସ୍ଥାନୀୟ ଲୋକେ ମତପୋଷଣ କରୁଛନ୍ତି। ଏପରିକି ଏହି ଦେଶଗୁଡ଼ିକରେ ଦକ୍ଷିଣପନ୍ଥୀ ରାଜନୈତିକ ଦଳଗୁଡ଼ିକ ପ୍ରତି ଜନସମର୍ଥନ କ୍ରମଶଃ ବୃଦ୍ଧିପାଉଛି। ଏପରିକି ଆମେରିକାରେ ନିର୍ବାଚନ ପ୍ରଚାର(୨୦୨୪) ଚାଲିଥିବା ବେଳେ ସିବିଏସ୍/ୟୁଗଭର୍ନମେଣ୍ଟ ପୋଲ୍ ମଧ୍ୟରେ ଜଣାପଡ଼ିଛି ଯେ, ପ୍ରାୟ ଅର୍ଦ୍ଧେକ ମତଦାତା ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ଆଣ୍ଟି ଇମିଗ୍ରାଣ୍ଟ ନୀତିକୁ ସମର୍ଥନ ଜଣାଇଛନ୍ତି।



ସ୍ମରଣୀୟ ଯେ, ଟ୍ରମ୍ପଙ୍କ ଭାଷାରେ ପ୍ରବାସୀମାନେ କୁଆଡ଼େ ଯୁକ୍ତରାଷ୍ଟ୍ରରେ ରହି ଆମେରିକାର ରକ୍ତକୁ ବିଷାକ୍ତ କରିଦେଉଛନ୍ତି। ନିଜ ଦେଶ ଛାଡ଼ି ଯେଉଁ ପରଦେଶକୁ ଉଜ୍ଜ୍ୱଳ ଭବିଷ୍ୟତ ଆଶାରେ ଲୋକେ ଯାଇ ବସବାସ କରୁଛନ୍ତି ତାହା ଯେ ସୁଖଦ ଓ ନିରାପଦ, ସେମିତି କିଛି ଗ୍ୟାରେଣ୍ଟି ନାହିଁ। ଏହି ଅନିଶ୍ଚିତତା କ୍ରମଶଃ ଉତ୍କଟ ହେବା ଜଳ ଜଳ ଦେଖାଯାଉଛି, ଯଦି ଆମେ ସାମ୍ପ୍ରତିକ ନିର୍ବାଚନୀ ଫଳାଫଳ ବିଶ୍ଳେଷଣକରିବା। ଏହା ଏକ ସତର୍କଘଣ୍ଟି।

ବିଦେଶ କଥାରୁ ବାହାରି ଆସି ଆମେ ନିଜ ଦେଶ ସମ୍ପର୍କରେ ଚର୍ଚ୍ଚାକରିବା। ତାମିଲନାଡୁର ଡିଏମ୍‌କେ ଲୋକ ସଭା ସଦସ୍ୟ ଓ ପୂର୍ବତନ ମନ୍ତ୍ରୀ ଏ. ରାଜା କହିଥିବା ପ୍ରକାଶ, ଭାରତ ଗୋଟିଏ ରାଷ୍ଟ୍ର ନୁହେଁ, କିନ୍ତୁ ଗୋଟିଏ ଉପମହାଦେଶ। କାରଣ କ'ଣ ? ......ତାମିଲ ଗୋଟିଏ ଦେଶ, ଗୋଟିଏ ରାଷ୍ଟ୍ର। ମାଲୟାଲମ ଗୋଟିଏ ଭାଷା, ଗୋଟିଏ ଦେଶ, ଗୋଟିଏ ରାଷ୍ଟ୍ର। ଓଡ଼ିଶା ଗୋଟିଏ ଦେଶ, ଭାଷା ଓ ରାଷ୍ଟ୍ର। ଏହିସବୁ ଦେଶ ଦ୍ୱାରା ଭାରତ ଗଠିତ। ତେଣୁ ଭାରତ ଗୋଟିଏ ଦେଶ ନୁହେଁ। ଏହା ଗୋଟିଏ ଉପ ମହାଦେଶ। ଏଠାରେ ଅନେକ ପରମ୍ପରା ଓ ସଂସ୍କୃତି ରହିଛି। ଯଦି ତୁମେ ତାମିଲନାଡୁ ଆସୁଛ ଗୋଟିଏ ସଂସ୍କୃତିକୁ ଭେଟିବ...। ଏହି ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକଟକରି ଭାଜପାର ପ୍ରମୁଖ ସଦସ୍ୟ ଅମିତ ମାଲବ୍ୟ ଅଭିଯୋଗ ବାଢ଼ିଲେ ଯେ, ଦେଶକୁ ଭାଗ ଭାଗ କରିବା ବିଷୟ ଏଥିରେ ରହିଛି। ଏହା ଘୃଣାଭାବ ସୃଷ୍ଟିକରିବ। ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଏହି ପ୍ରକାର ବାକ୍ୟ ବିନିମୟ ସ୍ପୃହଣୀୟ ନୁହେଁ। ଓଡ଼ିଶା, ବିହାର, ବଙ୍ଗଳା, ୟୁପି ଇତ୍ୟାଦି ପ୍ରଦେଶରୁ ରୋଜଗାର ପାଇଁ ଶ୍ରମିକ ଓ ଉଚ୍ଚ ଡିଗ୍ରୀଧାରୀମାନେ ତାମିଲନାଡୁ, କେରଳ, କର୍ଣ୍ଣାଟକ, ଗୁଜରାଟ ଇତ୍ୟାଦି ରାଜ୍ୟକୁ ଯାଇଥାନ୍ତି। ଏହି ପ୍ରକାର ବାକ୍‌ବିତଣ୍ଡା ପରିବେଶକୁ କଳୁଷିତ ଓ ଜୀବନକୁ ଅସହଜ କରିଦେବ।

ସମ୍ପ୍ରତି ବୈଶ୍ୱୀକରଣ ବା ଗ୍ଲୋବାଲାଇଜେଶନ ରାଜତ୍ୱ କରୁଛି। ଦେଶ ଓ ବିଦେଶ ମଧ୍ୟରେ ପୂର୍ବରୁ ଦୃଢ଼ୀଭୂତ ହୋଇଥିବା ବିଭାଜନ ଲୁପ୍ତହେବା ପଥରେ ଅଗ୍ରସର ହେଉଛି। ଏହାଦ୍ୱାରା ଯେକୌଣସି ଅଞ୍ଚଳରେ ବିଭିନ୍ନ ପ୍ରକାର ପ୍ରବାସୀ ସ୍ଥାନୀୟ ବ୍ୟକ୍ତିଙ୍କ ଗହଣରେ ନିବାସ କରି ରହିଛନ୍ତି। ବିଦେଶାଗତଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଘଟିବା ସହ ଉନ୍ନତ ଦେଶଗୁଡ଼ିକର ଶ୍ରମିକ ଅଭାବ ପୂରଣ ହୋଇପାରୁଛି। ଏହି ବିଷୟକୁ ଦୃଷ୍ଟିରେ ରଖି ଏକ ସ୍ୱାଗତଯୋଗ୍ୟ ସହାବସ୍ଥାନ ଦେଖାଦେବା ସଙ୍ଗତ ମନେହୁଏ। ତଥାପି ବାସ୍ତବ କ୍ଷେତ୍ରରେ ଏମିତି ସ୍ଥିତି ରୂପାୟିତ ହୋଇପାରୁନାହିଁ। ଦେଶାନ୍ତର ଏକ ବହୁ ସମସ୍ୟା ବିଜଡ଼ିତ ପ୍ରସଙ୍ଗ। ଦେଶ ଭିତରେ ଆଞ୍ଚଳିକ ମନୋଭବ ଏବଂ ବିଦେଶରେ ବର୍ଣ୍ଣ ଓ ଜାତିଭେଦ ଅପ୍ରୀତିକର ପରିସ୍ଥିତି ସୃଷ୍ଟିକରେ। ସ୍ମରଣଯୋଗ୍ୟ, ଭୂମଣ୍ଡୀକରଣର ଉଦ୍‌ଭବ ଓ ପ୍ରସାରଣ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅନେକାଂଶରେ ଦାୟୀ। କିନ୍ତୁ ବୈଜ୍ଞାନିକ ଉପକରଣ ଏବଂ ପ୍ରୟୋଗିକ ଗାଜେଟ୍‌ମାନେ ଦିନକୁ ଦିନ ନୂତନ ସଂସ୍କରଣରେ ବଜାରକୁ ଆସୁଛନ୍ତି। ଟେକ୍ନୋଲୋଜିର ନୂତନ ପରିଚାଳନା ଓ ଉପଯୋଗ ପାଇଁ ବୃତ୍ତିଧାରୀମାନେ ଚାପଗ୍ରସ୍ତ ହୋଇଥାନ୍ତି। ନୂତନ କୌଶଳମାନ ଯଥାଶୀଘ୍ର ନ ଶିଖିଲେ, ସେମାନେ ନିଯୁକ୍ତି ହରାଇବେ। ବାସ୍ତବିକ ଅଧୁନା ପ୍ରବାସୀ ଜୀବନ ସଙ୍କଟାପନ୍ନ। ଏମିତି ଉଦ୍‌ବେଗଜନକ ପୃଷ୍ଠଭୂମିରେ ହୁଏତ ନିଜ ଅଞ୍ଚଳରେ ଆତ୍ମନିର୍ଭରଶୀଳ ହୋଇ ଉନ୍ନତି ଓ ସମୃଦ୍ଧି ହାସଲ କରିବା ଏକ ତେଜୀୟାନ ବିକଳ୍ପ ହୋଇପାରେ।

ମୋ: ୯୦୭୮୭୪୩୮୪୩

## ପାଠକ ଶ୍ରେଷ୍ଠ ବିଚାରକ

### ପରିବେଶ ଅନୁକୂଳ ବିଜୟ ଉତ୍ସବ ପାଳନ ହେଉ

ମହାଶୟ,

ସାଧାରଣତଃ ନିର୍ବାଚନରେ ଜିତିଥିବା ଅଧିକାଂଶ ବିଜୟୀ ପ୍ରାର୍ଥୀ ବାଣ ଫୁଟାଇ କିମ୍ବା ଅବିର ଖେଳି ସେମାନଙ୍କର ବିଜୟ ଉତ୍ସବ ପାଳନ କରିଥାଆନ୍ତି । ବର୍ତ୍ତମାନ ଦେଶର ଅଧିକାଂଶ ଅଞ୍ଚଳରେ ଅଗ୍ନିବର୍ଷା ଜାରି ରହିଛି ତଥା ବହୁ ସ୍ଥାନରେ ଜଳ ଅଭାବଜନିତ ପରିସ୍ଥିତି ଦୃଷ୍ଟିଗୋଚର ହେଉଛି। ଏହି ପରିସ୍ଥିତିରେ ବିଜୟୀ ପ୍ରାର୍ଥୀମାନେ ବାଣ ଫୁଟା କିମ୍ବା ଅବିର ଖେଳ ଇତ୍ୟାଦିରୁ ବିରତ ରହିବା କିମ୍ବା ଏକ ନିର୍ଦ୍ଦିଷ୍ଟ ପରିସୀମା ମଧ୍ୟରେ ଏହାକୁ ସମ୍ପାଦନ କଲେ ଭଲ ହୁଅନ୍ତା । ଏହା ପରିବର୍ତ୍ତେ ବିଜୟୀ ପ୍ରାର୍ଥୀମାନେ ବୃକ୍ଷରୋପଣ ପରି ଜନମଙ୍ଗଳ କାର୍ଯ୍ୟ ସମ୍ପାଦନକରି ପରିବେଶ ଅନୁକୂଳ ବାତାବରଣ ସୃଷ୍ଟି କରିପାରିବେ ।

**-ନବନିତ ପାଣିଗ୍ରାହୀ, ରାୟଗଡ଼ା**

## ଚିରନ୍ତନୀ

ଜୀବନ ଗୋଟା ଲୋଡେ କରିବାକୁ ଖେଳଛୁଟି
ଧରାରେ ଯେଉଁ ହାସ
ବାର ମାସ ଉଠେ ଫୁଟି,
ପ୍ରଦୋଷ ଉଷା ପରେ ଫୁଲେ ଫୁଲେ ଯାଏ ଲିହି
ଯେ ହାସ ପାଇଁ ତବ
ଅବୟବ ଗଢ଼େ ବିହି।

-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







## ଭୋଟ ପ୍ରତିଶତ (ଦଳ ୱାରି)




| | | | | |
|---|---|---|---|---|
| ଭାଜପା | ୩୬.୫୬% | | ସିପିଏମ୍ | ୧.୭୬% |
| କଂଗ୍ରେସ | ୨୧.୧୯% | | ଆଇୟୁଏମ୍‌ଏଲ୍ | ୦.୨୭% |
| ଟିଡିପି | ୧.୯୮% | | ଏଏପି | ୧.୧୧% |
| ଜେଡିୟୁ | ୧.୨୫% | | ଜେଏମ୍‌ଏମ୍ | ୦.୪୧% |
| ଶିବସେନା | ୧.୧୫% | | ଜେକେଏନ୍‌ସି | ୦.୧୮% |
| ଏଲ୍‌ଜେପିଆର୍‌ଭି | ୦.୪୪% | | ସିପିଆଇ | ୦.୪୯% |
| ଜେଡିଏସ୍ | ୦.୩୪% | | ସିପିଆଇ(ଏମ୍‌ଏଲ୍)(ଏଲ୍) | ୦.୨୭% |
| ଏନ୍‌ସିପି | ୦.୩୨% | | ୱାଇଏସ୍‌ଆର୍‌ସିପି | ୨.୦୬% |
| ଏସ୍‌ପି | ୪.୨୫% | | ଏସ୍‌ଏଡି | ୦.୨୮% |
| ତୃଣମୂଳ କଂଗ୍ରେସ | ୪.୩୭% | | ଏଆଇଏମ୍‌ଆଇଏମ୍ | ୦.୨୨% |
| ଡିଏମ୍‌କେ | ୧.୮୨% | | ବିଏସ୍‌ପି | ୨.୦୪% |
| ଶିବସେନା(ୟୁବିଟି) | ୧.୪୮% | | ବିଜେଡି | ୧.୪୬% |
| ଏନ୍‌ସିପି(ଏସ୍‌ପି) | ୦.୯୨% | | ଏଆଇଡିଏମ୍‌କେ | ୧.୩୯% |
| ଆର୍‌ଜେଡି | ୧.୫୭% | | ନୋଟା | ୦.୯୯% |

# ଲୋକ ସଭା ନିର୍ବାଚନ: ରାଜ୍ୟୱାରି ପ୍ରମୁଖ ଦଳର ଭୋଟ ହାର

### ଆଣ୍ଡାମାନ୍ ନିକୋବର




ଭାଜପା ୫୦.୫୯%
କଂଗ୍ରେସ ୩୮.୫୯%
ସିପିଏମ୍ ୨.୯୭%
ଅନ୍ୟାନ୍ୟ ୬.୨୧%

### ଆନ୍ଧ୍ରପ୍ରଦେଶ




ୱାଇଏସ୍‌ଆର୍‌ସିପି ୩୯.୬୧%
ଟିଡିପି ୩୭.୭୯%
ଭାଜପା ୧୧.୨୮%
କଂଗ୍ରେସ ୨.୬୬%

### ଅରୁଣାଚଳ ପ୍ରଦେଶ




ଭାଜପା ୪୮.୮୭%
କଂଗ୍ରେସ ୩୦.୩୭%
ନୋଟା ୦.୯୮%
ଅନ୍ୟାନ୍ୟ ୧୯.୭୭%

### ଆସାମ




କଂଗ୍ରେସ ୩୭.୪୮%
ଭାଜପା ୩୭.୪୩%
ଏଜିପି ୬.୪୬%
ବିଓପିଏଫ୍ ୩.୮୬%

### ବିହାର




ଆର୍‌ଜେଡି ୨୨.୧୪%
ଭାଜପା ୨୦.୫୨%
ଜେଡିୟୁ ୧୮.୫୨%
କଂଗ୍ରେସ ୯.୨୦%

### ଚଣ୍ଡିଗଡ଼




କଂଗ୍ରେସ ୪୮.୨୩%
ଭାଜପା ୪୭.୬୬%
ବିଏସ୍‌ପି ୧.୪୯%
ଅନ୍ୟାନ୍ୟ ୧.୯୭%

### ଛତିଶଗଡ଼




ଭାଜପା ୫୨.୬୫%
କଂଗ୍ରେସ ୪୧.୦୬%
ବିଏସ୍‌ପି ୧.୧୬%
ଅନ୍ୟାନ୍ୟ ୩.୯୯%

### ଦାଦ୍ରା ଓ ଡାମନ ଡିଉ




ଭାଜପା ୫୨.୭୯%
କଂଗ୍ରେସ ୨୫.୦୯%
ବିଏସ୍‌ପି ୧.୦୬%
ଅନ୍ୟାନ୍ୟ ୧୯.୦୦%

### ଗୋଆ




ଭାଜପା ୫୦.୭୯%
କଂଗ୍ରେସ ୩୯.୭୧%
ଆର୍‌ଭିଏଲ୍‌ଟି ୭.୧୫%
ବିଏସ୍‌ପି ୦.୩୫%

### ଗୁଜରାଟ




ଭାଜପା ୬୧.୮୬%
କଂଗ୍ରେସ ୩୧.୨୪%
ଏଏପି ୨.୬୯%
ବିଏସ୍‌ପି ୦.୭୬%

### ହରିୟାଣା




ଭାଜପା ୪୬.୧୧%
କଂଗ୍ରେସ ୪୩.୬୭%
ଏଏପି ୩.୯୪%
ଆଇଏନ୍‌ଏଲ୍‌ଡି ୧.୭୪%

### ହିମାଚଳ ପ୍ରଦେଶ




ଭାଜପା ୫୬.୪୪%
କଂଗ୍ରେସ ୪୧.୬୭%
ବିଏସ୍‌ପି ୦.୫୨%
ଅନ୍ୟାନ୍ୟ ୦.୮୦%

### ଜମ୍ମୁ-କଶ୍ମୀର




ଭାଜପା ୨୪.୩୬%
ଜେକେଏନ୍ ୨୨.୩୦%
କଂଗ୍ରେସ ୧୯.୩୮%
ଜେକେପିଡିପି ୮.୪୮%

### ଝାଡ଼ଖଣ୍ଡ




ଭାଜପା ୪୪.୬୦%
କଂଗ୍ରେସ ୧୯.୧୯%
ଜେଏମ୍‌ଏମ୍ ୧୪.୬୦%
ଅନ୍ୟାନ୍ୟ ୧୧.୧୭%

### କର୍ଣ୍ଣାଟକ




ଭାଜପା ୪୬.୦୬%
କଂଗ୍ରେସ ୪୫.୪୩%
ଜେଡିଏସ୍ ୫.୬୦%
ଅନ୍ୟାନ୍ୟ ୨.୦୨%

### କେରଳ




କଂଗ୍ରେସ ୩୫.୦୬%
ସିପିଆଇଏମ୍ ୨୫.୮୨%
ଭାଜପା ୧୬.୬୮%
ଆଇୟୁଏମ୍‌ଏଲ୍ ୬.୦୭%

### ଲଦାଖ




କଂଗ୍ରେସ ୨୬.୯୭%
ଭାଜପା ୨୩.୭୬%
ନୋଟା ୦.୬୮%
ଅନ୍ୟାନ୍ୟ ୪୮.୫୯%

### ଲାକ୍ଷାଦ୍ୱୀପ




କଂଗ୍ରେସ ୫୨.୨୪%
ଏନ୍‌ସିପିଏସ୍‌ପି ୪୬.୯୬%
ଏନ୍‌ସିପି ୦.୪୧%
ନୋଟା ୦.୨୭%

### ମଧ୍ୟପ୍ରଦେଶ




ଭାଜପା ୫୯.୨୭%
କଂଗ୍ରେସ ୩୨.୪୪%
ବିଏସ୍‌ପି ୩.୨୮%
ଅନ୍ୟାନ୍ୟ ୩.୩୨%

### ମହାରାଷ୍ଟ୍ର




ଭାଜପା ୨୬.୧୮%
କଂଗ୍ରେସ ୧୬.୯୨%
ଏସ୍‌ଏଚ୍‌ଏସ୍‌ୟୁବିଟି ୧୬.୭୨%
ଏସ୍‌ଏଚ୍‌ଏସ୍ ୧୨.୯୫%

### ମଣିପୁର




କଂଗ୍ରେସ ୪୭.୫୯%
ଏନ୍‌ପିଏଫ୍ ୧୮.୮୭%
ଭାଜପା ୧୬.୫୮%
ଅନ୍ୟାନ୍ୟ ୧୬.୩୧%

### ମେଘାଳୟ




କଂଗ୍ରେସ ୩୪.୦୫%
ଭିଓଟିପିପି ୩୩.୪୦%
ଏନ୍‌ପିଇପି ୨୪.୨୨%
ଏଆଇଟିସି ୨.୮୫%

### ମିଜୋରାମ




ଜେପିଏମ୍ ୪୨.୩୯%
ଏମ୍‌ଏନ୍‌ଏଫ୍ ୨୮.୬୬%
କଂଗ୍ରେସ ୨୦.୦୮%
ଭାଜପା ୬.୭୮%

### ନାଗାଲାଣ୍ଡ




କଂଗ୍ରେସ ୫୨.୭୬%
ଏନ୍‌ଡିପିପି ୪୬.୨୪%
ନୋଟା ୦.୨୦%
ଅନ୍ୟାନ୍ୟ ୦.୮୦%

### ଦିଲ୍ଲୀ




ଭାଜପା ୫୪.୩୫%
ଏଏପି ୨୪.୧୭%
କଂଗ୍ରେସ ୧୮.୯୧%
ବିଏସ୍‌ପି ୦.୭୦%

### ଓଡ଼ିଶା




ଭାଜପା ୪୫.୩୪%
ବିଜେଡି ୩୭.୫୩%
କଂଗ୍ରେସ ୧୨.୫୨%
ଅନ୍ୟାନ୍ୟ ୨.୧୯%

### ପୁଡୁଚେରୀ




କଂଗ୍ରେସ ୫୨.୭୪%
ଭାଜପା ୩୫.୮୧%
ଏଡିଏମ୍‌କେ ୩.୧୧%
ବିଏସ୍‌ପି ୦.୧୯%

### ପଞ୍ଜାବ




ଏଏପି ୨୬.୦୨%
ଭାଜପା ୧୮.୫୬%
କଂଗ୍ରେସ ୨୬.୩୦%
ଏସ୍‌ଏଡି ୧୩.୪୨%

### ରାଜସ୍ଥାନ




ଭାଜପା ୪୯.୨୪%
କଂଗ୍ରେସ ୩୭.୯୧%
ସିପିଆଇଏମ୍ ୧.୯୭%
ବିଏସ୍‌ପି ୦.୭୪%

### ସିକିମ୍




ଏସ୍‌କେଏମ୍ ୪୨.୫୨%
ଏସ୍‌ଡିଏଫ୍ ୨୦.୪୬%
ଭାଜପା ୫.୦୯%
କଂଗ୍ରେସ ୦.୫୯%

### ତାମିଲନାଡୁ




ଏଡିଏମ୍‌କେ ୨୦.୪୬%
ଡିଏମ୍‌କେ ୨୬.୯୩%
ଭାଜପା ୧୧.୨୪%
କଂଗ୍ରେସ ୧୦.୬୭%

### ତେଲଙ୍ଗାନା




କଂଗ୍ରେସ ୪୦.୧୦%
ଭାଜପା ୩୫.୦୮%
ବିଏଚ୍‌ଆର୍‌ଏସ୍ ୧୬.୬୮%
ଏଆଇଏମ୍‌ଆଇଏମ୍ ୩.୦୨%

### ତ୍ରିପୁରା




ଭାଜପା ୭୦.୭୨%
ସିପିଆଇଏମ୍ ୧୨.୪୪%
କଂଗ୍ରେସ ୧୧.୪୯%
ଅନ୍ୟାନ୍ୟ ୩.୯୪%

### ଉତ୍ତରପ୍ରଦେଶ




ଭାଜପା ୪୧.୩୭%
ଏସ୍‌ପି ୩୩.୫୯%
କଂଗ୍ରେସ ୯.୪୬%
ବିଏସ୍‌ପି ୯.୩୯%

### ଉତ୍ତରାଖଣ୍ଡ




ଭାଜପା ୫୬.୮୧%
କଂଗ୍ରେସ ୩୨.୮୩%
ବିଏସ୍‌ପି ୧.୮୧%
ଅନ୍ୟାନ୍ୟ ୭.୪୬%

### ପଶ୍ଚିମବଙ୍ଗ




ଏଆଇଟିସି ୪୫.୭୬%
ଭାଜପା ୩୮.୭୩%
କଂଗ୍ରେସ ୪.୬୮%
ସିପିଆଇଏମ୍ ୫.୬୭%

ପୁରୀ ବାଣ ବିସ୍ଫୋରଣ

# ତଦନ୍ତ ଆରମ୍ଭ କଲେ ଏସ୍ଆର୍ସି

■ କ୍ଷତିଗ୍ରସ୍ତଙ୍କ ଆପତ୍ତି ଅଭିଯୋଗ ଶୁଣିଲେ
■ ପ୍ରଶାସନ ମୁଣ୍ଡରେ ଦୋଷ ଲଦିଲେ ଲୋକେ

ପୁରୀ,୫।୬(ଅଜିତ୍ କୁମାର ମହାନ୍ତି)

ଗତ ମାସ ୨୯ ତାରିଖରେ ଭଉଁରି ଯାତ୍ରା ଅବସରରେ ପୁରୀ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଘଟିଥିବା ବାଣ ବିସ୍ଫୋରଣ ଘଟଣାର ତଦନ୍ତ ବୁଧବାରଠାରୁ ଆରମ୍ଭ ହୋଇଛି। ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍ସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ବୁଧବାର ପୁରୀ ସର୍କିଟ ହାଉସ୍ରେ ପହଞ୍ଚି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ତେବେ ପ୍ରଥମେ ସେ ବିସ୍ଫୋରଣସ୍ଥଳ ପରିଦର୍ଶନ କରିବା ସହ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଥିଲା ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ଆହତମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ସର୍କିଟ ହାଉସରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ସାହୁ ଯୋଗଦେଇ ପ୍ରାୟ ୩୦ ଜଣ କ୍ଷତିଗ୍ରସ୍ତଙ୍କ ପରିବାର ସଦସ୍ୟ, ଗ୍ରାମବାସୀ, ପ୍ରତ୍ୟକ୍ଷଦର୍ଶୀ, ଉଦ୍ଧାରକାରୀ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକଙ୍କଠାରୁ ଘଟଣା ସମ୍ପର୍କରେ ଜମାନବନ୍ଦୀ ନେଇଥିଲେ। କାହିଁକି ଓ କିପରି ଏହି ଘଟଣା ଘଟିଲା, କେଉଁ ବିଭାଗର ଦାୟିତ୍ୱରେ ତ୍ରୁଟି ରହିଥିଲା, ଆଗକୁ କିପରି ଏଥିପାଇଁ ସତର୍କ ରହିବା ସହ ଏହିଭଳି ଘଟଣାକୁ ପ୍ରତିହତ କରାଯାଇପାରିବ ସେ ସମ୍ପର୍କରେ ସାହୁ ତଦନ୍ତ କରିଥିଲେ। ପରବର୍ତ୍ତୀ ଶୁଣାଣି ଚଳିତ ମାସ ୭ତାରିଖରେ ସର୍କିଟ ହାଉସରେ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଦିନ ପୂର୍ବାହ୍ନ ୧୧ଟା ୩୦ ମିନିଟରେ ଦାୟିତ୍ୱରେ ଥିବା ବିଭିନ୍ନ ବିଭାଗର ଅଧିକାରୀମାନଙ୍କର ଜମାନବନ୍ଦୀ ନିଆଯିବ। ପରେ ଅପରାହ୍ନ ୩ଟା ୩୦ ମିନିଟରୁ ଅପରାହ୍ନ ୫ଟା ୩୦ ମିନିଟ ପର୍ଯ୍ୟନ୍ତ ଜନସାଧାରଣଙ୍କ ମତାମତ ନିଆଯିବାର କାର୍ଯ୍ୟକ୍ରମ ରହିଛି। ତେବେ ବୁଧବାର ଶୁଣାଣିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍ପି ପିନାକ ମିଶ୍ର, ଅତିରିକ୍ତ ଏସ୍ଆର୍ସି ପଦ୍ମନାଭ ବେହେରା, ଏସ୍ଆର୍ସି କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ, ସିଡିଏମ୍ଓଙ୍କ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶୁଣାଣି ଅବସରରେ ଏସ୍ଆର୍ସିଙ୍କୁ ଭେଟି ଅଭିଯୋଗ ଜଣାଇଥିବା କ୍ଷତିଗ୍ରସ୍ତ ସୁଶାନ୍ତ କୁମାର ସାହୁ କହିଛନ୍ତି, ବାଣ ବିସ୍ଫୋରଣରେ ତାଙ୍କର ଭାଇ ଓ ଝିଆରୀଙ୍କ ମୃତ୍ୟୁ ଘଟିଛି। ଏହି ଅଘଟଣ ପାଇଁ ପୋଲିସ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଛୁ। ଏସ୍ଆର୍ସି ନ୍ୟାୟ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭିତ୍ତିଭୂମି ଅଭାବ ଓ ପୋଲିସ ପ୍ରଶାସନର ଅବହେଳା ସମ୍ପର୍କରେ ଆଲୋଚନା କରିଛୁ। ପୁରୀ ଏକ ଧାର୍ମିକସ୍ଥଳ ତଥା ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ମାତ୍ର ପୁରୀରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଠିକ୍ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ବର୍ନ ୟୁନିଟ୍ ନାହିଁ। ସରକାରଙ୍କୁ ଜମି ଯୋଗାଇ ଦିଆଯିବ, ଉଚ୍ଚମାନର ବର୍ନ ୟୁନିଟ୍ ସ୍ଥାପନ କରାଯାଉ ବୋଲି ସାହୁ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଥିବା କହିଛନ୍ତି।



ସ୍ୱତନ୍ତ୍ର ରିଲିଫ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପୁରୀ ସର୍କିଟ ହାଉସରେ କ୍ଷତିଗ୍ରସ୍ତ ପରିବାର ସଦସ୍ୟଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

ସେହିପରି ଅଭିଯୋଗକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି, ବାଣ ବିସ୍ଫୋରଣରେ ତାଙ୍କ ପରିବାରର ୪ ଜଣଙ୍କ ଜୀବନ ଯାଇଛି। ପୋଲିସ ପ୍ରଶାସନ ଏବଂ ସିଡିଏମ୍ଓଙ୍କ ଅବହେଳା ଯୋଗୁ ଏହି ଘଟଣା ଘଟିଛି। ଯଦି ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ସୁବିଧା ସାଙ୍ଗକୁ ଆବଶ୍ୟକ ସଂଖ୍ୟକ ଡାକ୍ତର, ନର୍ସ, କର୍ମଚାରୀ ଥାନ୍ତେ ତେବେ ଉପଯୁକ୍ତ ଚିକିତ୍ସା ହୋଇପାରିଥାନ୍ତା ଏବଂ ଏତେ ଜୀବନ ଯାଇନଥାନ୍ତା ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ଅଭିଯୋଗ ଦେଇଥିବା ପ୍ରଭାତି ସାହୁ କହିଛନ୍ତି, ପ୍ରଶାସନର ଅବହେଳା କାରଣରୁ ତାଙ୍କ ପୁଅର ଜୀବନ ଚାଲିଗଲା। ତେଣୁ କେଉଁମାନେ ବାଣ ଆଣିଥିଲେ, କିଏ ଅନୁମତି ଦେଇଥିଲେ, ବାଣ ସହ ବାରୁଦ କାହିଁକି ରଖାଯାଇଥିଲା ଆଦି ସମସ୍ତ ଦିଗକୁ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରତିଭା ଦାବି କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅର୍ଜୁନ


@ ଦିବ୍ୟରାଜ


@ ପ୍ରଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଙ୍କୀରେ ବାଦୁଡ଼ି ଗଣନା: ବଢ଼ିଲେ ୧୧୦୫



ବାଙ୍କୀ, ୫।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ସେଣ୍ଟର ଫର୍ ରୁରାଲ୍ ଟୁରିଜମ୍ ଡେଭେଲପମେଣ୍ଟ ସମ୍ପାଦକ ଲଳିତ ମୋହନ ପଣ୍ଡାଙ୍କ ନେତୃତ୍ୱରେ ବୁଧବାର କଟକ ଜିଲାର ବାଙ୍କୀ ଥାନା ଓ ମୁଖ୍ୟ କାରାଗାର ପରିସର ବିଭିନ୍ନ ଗଛରେ ଥିବା ବାଦୁଡ଼ି ଗଣନା କରାଯାଇଛି। ଚଳିତବର୍ଷ ବାଦୁଡ଼ିଙ୍କ ସଂଖ୍ୟା ୧୧୦୫କୁ ବୃଦ୍ଧି ପାଇଛି। ଗତବର୍ଷ ୪,୨୦୩ ବାଦୁଡ଼ି ଥିବାବେଳେ ଚଳିତବର୍ଷ ୫,୩୦୮ଟି ବାଦୁଡ଼ି ଥିବା ଜଣାପଡ଼ିଛି। ବାଦୁଡ଼ିମାନେ ଫାଶୀ, କୋଚିଲା, ଦେବଦାରୁ, ଆମ୍ବ, ଅର୍ଜୁନ ଆଦି ଗଛଗୁଡିକରେ ଝୁଲି ରହିଥିବା ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଥିଲା। କିନ୍ତୁ ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ପାଇଁ ଥାନା ପରିସରରେ ୬୯ଟି ବାଦୁଡ଼ି ପ୍ରାଣ ହରାଇଛନ୍ତି। ଏଥିପାଇଁ ବାଦୁଡ଼ିଙ୍କ ସଂରକ୍ଷଣ ଉପରେ ସଂସ୍ଥା ପ୍ରାଥମିକତା ଦେଇଛି। ପ୍ରାକୃତିକ ଜଳାଶୟଗୁଡିକ ପୋତାହେବା ଫଳରେ ବାଦୁଡ଼ିଙ୍କ ଆବାସସ୍ଥଳ କ୍ରମଶଃ ନଷ୍ଟ ହେବା ସହ ସଂଖ୍ୟା ହ୍ରାସ ହେବାର ମୁଖ୍ୟ କାରଣ ସାଜିଛି। ଏହି ଗଣନାରେ ସଂସ୍ଥାର ସଭାପତି ମିନତି ସାହୁ, ସଂଯୋଜକ ଅମିତ୍ ସାହୁ, ସଦସ୍ୟ ଦୁର୍ଗାପ୍ରସାଦ ମହାପାତ୍ର, ପରିବେଶପ୍ରେମୀ ସଞ୍ଜୟ ଦାଶ ଓ ଅସିତ୍ ପ୍ରଧାନ ସାମିଲ୍ ଥିଲେ।

# ସଙ୍ଗୀତ ସୁଧାକରଙ୍କୁ ମନେ ପକାଇଲା 'ସେଭେନ୍ ନୋଟ୍ ସିମ୍ଫୋନୀ'


ଉତ୍ସବରେ ଯନ୍ତ୍ର ସଙ୍ଗୀତ ପରିବେଷଣ କରାଯାଉଛି।

## ୧୧୦ତମ ଜୟନ୍ତୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେଶନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ସଙ୍ଗୀତ ସୁଧାକରଙ୍କ ୧୧୦ତମ ଜୟନ୍ତୀ ଓ ଫାଉଣ୍ଡେଶନର ୩୨ତମ ସଂସ୍କରଣର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଜବାହାର ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଙ୍ଗୀତର ମିଶ୍ର ରାଗରେ 'ସେଭେନ୍ ନୋଟ୍ ସିମ୍ଫୋନୀ' ଉପସ୍ଥାପିତ ହୋଇଥିଲା। ସଙ୍ଗୀତ ସୁଧାକରଙ୍କ ଅମଳିନ ସଙ୍ଗୀତକୁ ନେଇ ଯନ୍ତ୍ର ସଙ୍ଗୀତରେ ଏହି ଧୂନକୁ ଉପଭୋଗ କରିଥିଲେ ଦର୍ଶକ। ପରେ ସଙ୍ଗୀତ ସୁଧାକରଙ୍କ ସଙ୍ଗୀତ ଓ ଆଦିଗୁରୁ ପଙ୍କଜ ଚରଣଙ୍କ ନୃତ୍ୟ ସଂଯୋଜନାରେ ପ୍ରସ୍ତୁତ 'ଗ୍ଲାନି ସଂହାର' ଅଭିନୟକୁ ମଞ୍ଚସ୍ଥ କରିଥିଲେ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ଶିଳ୍ପୀଗଣ। ଗୁରୁ କେଶବ ଚନ୍ଦ୍ର ରାଉତ ଓ ଡ. ସଚ୍ଚିକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡ. ମୃତ୍ୟୁଞ୍ଜୟ ରଥଙ୍କ ମଞ୍ଚ ସଂଯୋଜନା କରିଥିଲେ।

ଅତିଥି ଭାବେ ଓଡ଼ିଶା ସ୍ଥାବର ସମ୍ପତ୍ତି ପୁନର୍ବିଚାର ନ୍ୟାୟାଧିକରଣର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ, ଶିଳ୍ପ ବିଭାଗର ସ୍ୱତନ୍ତ୍ର ସଚିବ ଶୁଭେନ୍ଦୁ କୁମାର ନାୟକ, ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ର ମୁଖ୍ୟ ମହାପ୍ରାବନ୍ଧିକ ଚନ୍ଦ୍ରଶେଖର ପ୍ରଧାନ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଯୋଗଦେଇଥିଲେ। ଫାଉଣ୍ଡେଶନ ସଭାପତି ପୂର୍ବତନ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଗୁରୁ ରାମହରି ଦାଶ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ କୋଷାଧ୍ୟକ୍ଷ ଅରକ୍ଷିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତଟ ରେଳପଥ ପାଳିଲା ବିଶ୍ୱ ପରିବେଶ ଦିବସ

ଭୁବନେଶ୍ୱର,୫।୬(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ବୁଧବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ବିଭାଗୀୟ ମୁଖ୍ୟଙ୍କ ସହିତ କର୍ମଚାରୀ ଓ ଅଧିକାରୀମାନେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଚାରା ରୋପଣ କରିଥିଲେ। ସେହିପରି ସକାଳେ ପ୍ରଭାତଫେରି କାର୍ଯ୍ୟକ୍ରମରେ ରେଳ କର୍ମଚାରୀ ଏବଂ ଅଧିକାରୀମାନେ ବିଭିନ୍ନ ବ୍ୟାନର, ପୋଷ୍ଟର, ପ୍ଲାକାର୍ଡ ଏବଂ ପରିବେଶ ପ୍ରସଙ୍ଗରେ ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ପିଲାମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଇକୋ ଫ୍ରେଣ୍ଡ୍ଲି ଫ୍ୟାନ୍ସି ଡ୍ରେସ୍ ପ୍ରଦର୍ଶନ କରିବା ସହ ଚାରା ରୋପଣ କରିଥିଲେ। ଖୋର୍ଦ୍ଧା ରୋଡ୍, ୱାଲ୍ଟିୟର, ସମ୍ବଲପୁର ରେଳ ମଣ୍ଡଳ ସହିତ ରେଳପଥ ମୁଖ୍ୟାଳୟ ଚନ୍ଦ୍ରଶେଖରପୁରଠାରେ ମଧ୍ୟ ଚାରା ରୋପଣ ସହିତ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସୂଚନା ଦିଆଯାଇଛି।


ଚନ୍ଦ୍ରଶେଖରପୁରସ୍ଥିତ ପୂର୍ବତଟ ରେଳପଥ ମୁଖ୍ୟାଳୟଠାରେ ଚାରା ରୋପଣ କରାଯାଉଛି।

# ଏସ୍ସିବିରେ ପ୍ରଶାନ୍ତଙ୍କୁ ଭେଟିଲେ ଅପରାଜିତା

କଟକ,୫।୬(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍ସିବି ମେଡିକାଲରେ ବିଜୟୀ ଖୋର୍ଦ୍ଧା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ଚିକିତ୍ସିତ ହେଉଛନ୍ତି। ଭୁବନେଶ୍ୱରର ବିଜୟୀ ଭାଜପା ଏମ୍ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ବୁଧବାର ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏଥିସହ ଚିକିତ୍ସା ସମ୍ପର୍କରେ ଡାକ୍ତରୀଟିମ୍ ସହ ଆଲୋଚନା କରିଛନ୍ତି। ଏନେଇ ଅପରାଜିତା କହିଛନ୍ତି, ପ୍ରଶାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତରମାନେ ପ୍ରକାଶ କରିଛନ୍ତି। ହେଲେ କିଛିଦିନ ସେ ମେଡିକାଲରେ ରହି ଚିକିତ୍ସିତ ହେବେ। ସେ ଜଣେ ଦକ୍ଷ ନେତା। ତାଙ୍କ ଆଶୁ ଆରୋଗ୍ୟ କାମନା କରୁଛି ବୋଲି ଷଡ଼ଙ୍ଗୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ ନଂ. ବୁଥ୍ରେ ଇଭିଏମ୍ ଭାଙ୍ଗିବା ଅଭିଯୋଗରେ ପ୍ରଶାନ୍ତଙ୍କୁ ପୋଲିସ ଗିରଫ କରି ଖୋର୍ଦ୍ଧା ଜେଲକୁ ପଠାଇଥିଲା। ୨୮ ତାରିଖ ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବାକୁ ସେ କୋର୍ଟରେ ଆବେଦନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଜେଲ ପରିସରରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତାଙ୍କର ଅଧିକ ଚିକିତ୍ସା ପାଇଁ ୨୯ ତାରିଖ ଭୋର ୪ଟାରେ ତାଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ କଡ଼ା ସୁରକ୍ଷା ବଳୟ ଭିତରେ କଟକ ଏସ୍ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା ପରେ ତାଙ୍କ ଶରୀରରେ ମଧୁମେହର ପରିମାଣ ଅଧିକ ରହିଥିବା ଜଣାପଡିଥିଲା। ସେହିଦିନଠାରୁ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

# ପରିବେଶ ସୁରକ୍ଷା ପାଇଁ ଏସ୍ବିଆଇର ପଦଯାତ୍ରା

ଭୁବନେଶ୍ୱର,୫।୬(ଅନୁରାଧା ମହାରଣା)

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୁଧବାର ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍ବିଆଇ) ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥିଙ୍କ ନେତୃତ୍ୱରେ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ପରିବେଶ ସୁରକ୍ଷା ସଚେତନତା ପାଇଁ ଏକ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ୨୦୦ରୁ ଅଧିକ କର୍ମଚାରୀ ଓ ଅଧିକାରୀ ଯୋଗଦେଇଥିଲେ। ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ 'ଜମିର ପୁନରୁଦ୍ଧାର, ମରୁଭୂମି ଏବଂ ମରୁଡ଼ିର ମୁକାବିଲା' ନେଇ ଏକ ବାଲୁକା କଳା ପ୍ରଦର୍ଶନ କରାଯାଇଥିଲା। ଶିଶୁମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ବିଷୟକୁ ଆଧାର କରି ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହାସହ ଏକ ଔଷଧୀୟ ଉଦ୍ୟାନ ଓ ବ୍ୟବହୃତ ପ୍ଲାଷ୍ଟିକ ବୋତଲ ପ୍ରକ୍ରିୟାକରଣ ମେସିନ ସ୍ଥାପନ କରାଯାଇଥିଲା।



ଭୁବନେଶ୍ୱରଠାରେ ଏସ୍ବିଆଇ ପକ୍ଷରୁ ବୁଧବାର ଅନୁଷ୍ଠିତ ପଦଯାତ୍ରା।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଚାଲୁ ରଖାଯାଉ: ଇଣ୍ଡିଆ

ଭୁବନେଶ୍ୱର,୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟର ରୋଗୀଙ୍କ ଚିକିତ୍ସା ପାଇଁ ଉପଲବ୍ଧ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଜାରି ରଖାଯାଉ। ଏହି କାର୍ଡ ବନ୍ଦ ନେଇ କୌଣସି ଅପପ୍ରଚାର କରା ନ ଯାଉ। ଏହାଦ୍ୱାରା ରାଜ୍ୟର ବହୁ ରୋଗୀ ଏବଂ ତାଙ୍କ ପରିବାର ହଇରାଣ ହେବା ସହ ଆର୍ଥିକ ଭାବେ କ୍ଷତିଗ୍ରସ୍ତ ହେବେ ବୋଲି ଇଣ୍ଡିଆ ମେଣ୍ଟ ପକ୍ଷରୁ କୁହାଯାଇଛି। ଏନେଇ ବୁଧବାର ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ବାସଭବନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜେନାଙ୍କ ସମେତ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ସମାଜବାଦୀ ପାର୍ଟି ଓଡ଼ିଶା ମୁଖ୍ୟ ରବି ବେହେରା, ଫରୱାର୍ଡ ବ୍ଲକ ନେତା ଜ୍ୟୋତି ମହାପାତ୍ର, ଏନ୍ସିପି ନେତା ବିକ୍ରମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ସିପିଆଇ, ସିପିଏମ୍, ଆର୍ଜେଡି, ସିପିଆଇ ଏମ୍ଏଲ ଓ ଆମ୍ ଆଦମୀ ପାର୍ଟି ନିଜ ସମର୍ଥନ ଜାରି କରିଛନ୍ତି।

ବୈଠକରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଥିଲେ, ଘରୋଇ ଚିକିତ୍ସାଳୟ ବିଏସ୍କେୱାଇ ଗ୍ରହଣ ନ କରିବା ଦ୍ୱାରା ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଏପରି କରା ନ ଯାଉ। ସେହିପରି କାନୁନଗୋ କହିଲେ, ରୋଗୀମାନଙ୍କ ଚିକିତ୍ସା ଓ ସୁରକ୍ଷା ପାଇଁ ସମସ୍ତ ରାଜନୈତିକ ଦଳ ଏକ ହୋଇ ସ୍ୱର ଉତ୍ତୋଳନ କରିବୁ। ସେହିପରି ରବି ବେହେରା କହିଲେ, ବିଏସ୍କେୱାଇ ଗ୍ରହଣ ହେଉ ନ ଥିବାରୁ ରାଜ୍ୟରେ ଏକ ଆତଙ୍କ ସୃଷ୍ଟି ହେଉଛି। ଓଡ଼ିଶା ଏନ୍ସିପି ମୁଖ୍ୟ ବିକ୍ରମ ସ୍ୱାଇଁ କହିଲେ, ଆମେ କ୍ୟାପିଟାଲ ହସ୍ପିଟାଲ ଯାଇ ଦେଖିଲୁ, ରୋଗୀମାନେ ବିଏସ୍କେୱାଇ ସେବାରୁ ବଞ୍ଚିତ ହେଉଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ସ୍ୱାଇଁ କହିଥିଲେ। ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ନାଁରେ ହୋଇଥିବା ଯୋଜନାକୁ ବନ୍ଦ କରିବାକୁ ଦିଆଯିବ ନାହିଁ ବୋଲି ଇଣ୍ଡିଆ ମେଣ୍ଟର ସବୁ ଦଳ ଏକ ସ୍ୱରରେ କହିଥିଲେ।


ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ଇଣ୍ଡିଆ ମେଣ୍ଟର ନେତୃବୃନ୍ଦ।

## ସାମୂହିକ ଉଦ୍ୟମରେ ପରିବେଶ ସୁରକ୍ଷା ସମ୍ଭବ



କଳାପଥର,୫।୬(ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ମିଳିତ ଯୁବକ ସଂଘ ପକ୍ଷରୁ ଚାନ୍ଦୁଆ ଶିଳ୍ପକେନ୍ଦ୍ର ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସଂଘର ସମ୍ପାଦକ ଭାଗୀରଥି ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କବି ବଂଶୀଧର ପଣ୍ଡା, ଶିକ୍ଷକ ପ୍ରଫୁଲ କୁମାର ହୋତା, ଶିକ୍ଷକ ପ୍ରଶାନ୍ତ କୁମାର ମହାପାତ୍ର ଦିବସର ଆଭିମୁଖ୍ୟ ଉପରେ ମତବ୍ୟକ୍ତ କରିଥିଲେ। ମହିଳାମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି ସମସ୍ତଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରିବେଶ ସମ୍ବଳିତ ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା। ସଞ୍ଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ। ନବ ମହାପାତ୍ର, ଲିପିକା ମହାପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସୁସ୍ଥ ପରିବେଶ ଲୋଡ଼ା

ବେଗୁନିଆ,୫।୬(ହର ପ୍ରସନ୍ନ ପଣ୍ଡା)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଅତ୍ୟାଧୁନିକ ଯୁଗରେ ଦୈନନ୍ଦିନ ସଭିଏଁ ବ୍ୟସ୍ତତା ଭିତରେ ଗତି କରୁଛନ୍ତି। କେବେ କେହି ସୁସ୍ଥ ପରିବେଶ ପ୍ରତି ଚିନ୍ତା କରୁନାହାନ୍ତି। ବାରମ୍ବାର ପ୍ରକୃତି ଦାଉ ସାଧୁଥିବା ବେଳେ ପରିବେଶ ପ୍ରଦୂଷଣ ମୁହାଁ ହୋଇଛି। ଫଳରେ ଏହାର ପ୍ରଭାବ ପଡିଛି ମୃତ୍ତିକା ଏବଂ ଭବିଷ୍ୟତ ଉପରେ। ଏବେ ସଚେତନ ହେବାର ବେଳ ଆସିଛି ପୃଥିବୀ ପୃଷ୍ଠକୁ ସବୁଜମୟ କରିବା, ଚାରାଟିଏ ଲଗାଇ ତାର ଯତ୍ନ ନେବା ବୋଲି ବୁଧବାର ବେଗୁନିଆ ସଦରମହକୁମା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ପରେ ବିଦ୍ୟାଳୟ ସଭାଗୃହ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ଅଧ୍ୟକ୍ଷତାରେ 'ପ୍ରକୃତିର ଆହ୍ୱାନ' ଶୀର୍ଷକ କବିତା ପାଠ ଓ ଆଲୋଚନାଚକ୍ର ହୋଇଥିଲା। ପଣ୍ଡିତ ବିନୋଦ ଦାଶ ବେଦପାଠ କରିଥିଲେ। କାର୍ଯ୍ୟକ୍ରମ ଆବାହକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପରିବେଶ ଦିବସର ତାତ୍ପର୍ଯ୍ୟ ଓ ଏହାର ସୁରକ୍ଷା ଦିଗରେ ସଚେତନତା ବାର୍ତ୍ତା ଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ସମସ୍ତେ ଶପଥ ପାଠ କରିଥିଲେ। ଛାତ୍ରୀ ବୀଣାପାଣି କର ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସଙ୍ଗୀତ ଗାନ କରିଥିଲେ। ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିବେଶ ଅଧ୍ୟୟନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ.ସୁନନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟବକ୍ତା, ଶିକ୍ଷାବିତ୍ ଗୌରଚରଣ ସାମନ୍ତସିଂହାର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପରିବେଶର ପ୍ରାକୃତିକ ସମ୍ପଦ ମୌଳିକ ଆବଶ୍ୟକ ପୂରଣ କରେ। ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାକୁ ହେଲେ ସୁସ୍ଥ ପରିବେଶ ଲୋଡ଼ା ବୋଲି ଅତିଥି ପ୍ରଧାନ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ କବୟିତ୍ରୀ ମାନସୀ ଦାସ, ମୋନାଲିସା ପଟ୍ଟନାୟକ, କବି କୈଳାସ ନାଥ ପଟ୍ଟନାୟକ, ବିଷ୍ଣୁ ପ୍ରସାଦ କର, ଶିକ୍ଷକ ବଂଶୀଧର ପାଣିଗ୍ରାହୀ, ସରୋଜ କୁମାର ମହାପାତ୍ର, ଅବସରପ୍ରାପ୍ତ ସେନା କର୍ମଚାରୀ ବସନ୍ତ କୁମାର ହୋତା, ପ୍ରଶାନ୍ତ କୁମାର ବାରିକ, ବିଦ୍ୟାଳୟ କମିଟି ଅଧ୍ୟକ୍ଷ ପ୍ରକାଶ କୁମାର ରାଉତ, ଗଙ୍ଗାଧର ସାହୁ , କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷକ ସ୍ମୃତି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ANNEXURE - I

**Directorate of Higher Secondary Education, Odisha**

**e-Admission into Higher Secondary Schools of the State for the Session 2024-25**

No.N-12 :Online applications are invited through SAMS for admission into Class-XI of Arts, Science, Commerce, Upashastri and Vocational streams in all Higher Secondary Schools (HSSs) of the State affiliated to CHSE (O) and Shree Jagannath Sanskrit University, Puri, Odisha.

**Eligibility :**
Applicants must have passed the High School Certificates (HSC) Examination of the Board of Secondary Education (BSE), Odisha or its equivalent Boards.

**Procedure :**
- Applicants shall apply online by **registering** themselves on the SAMS portal (www.samsodisha.gov.in).
- The applicants are advised to read the **Common Prospectus (CP)** carefully before filling the online Common Application Form (CAF).
- Applicants must retain the **print copy of** CAF and payment receipt after successful submission of the CAF for future reference.
- The **CAF** fee must be paid through online mode only (details available in CP).
- All relevant original documents are to be verified at the selected Higher Secondary School during the time of admission only.
- Application fees for **General Category is Rs.200/-**, for **ST & SC Category is Rs. 100/-**.
- The application fee is **Rs. 0.00/-** for Persons with Disabilities (PwD) with a **permanent disability certificate** or a **valid temporary disability certificate of 40% and above**, as well as for **transgender** individuals and orphans.

**N.B. Any claim (Reservation / Weightage / Relaxation) must be supplemented with relevant documents.**

**Important Dates**

| Sl.# | Activities | Datelines |
|---|---|---|
| 1) | Commencement of **On-line Common Application Form (CAF)** for admission into Class-XI in the SAMS Portal **(www.samsodisha.gov.in)** | 07.06.2024 (11.00 AM) |
| 2) | **Last date for submission of on-line Common Application Form (CAF)** by the applicant at Student Login **(www.samsodisha.gov.in)** | 06.07.2024 (11.45 PM) |
| 3) | **Commencement of Class-XI** | **01.08.2024** |

**For More details,**
a) Regarding publication of merit list along with the admission datelines, please visit www.samsodisha.gov.in
b) Contact Sanjog Helpline (Toll Free) number 155335, 1800-345-6770, e-mail : sams.dhse@gov.in
Changes to the dateline (if any) will be notified in the newspapers & website as well.

OIPR-11033/11/0001/2425

**ଓଡ଼ିଶା ସରକାର**
**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ବିଭାଜନ-୧,ଯାଜପୁର**

ପତ୍ର ସଂଖ୍ୟା- ତାରିଖ-

**ବିଜ୍ଞାପନ**

No.XXIV-03:ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ, ଯାଜପୁର ଅଧୀନରେ ଭଣ୍ଡାରିପୋଖରୀ ବ୍ଲକର ବୈତରଣୀ ନଦୀ ଉପରେ ସେତୁର ଉଭୟ ପଟ ସଂଯୋଗ ରାସ୍ତା ନିମନ୍ତେ ବନ୍ଦାଲୋ ଓ ଖପିରାପଦା ଗ୍ରାମର ନିମ୍ନଲିଖିତ ପ୍ଲଟର ଜମି ଅଧିଗ୍ରହଣ କରାଯିବ । ଏହି ଜମିର ହିତାଧିକାରୀମାନଙ୍କ ନାମ ଓ ଜମିର ବିବରଣୀ ସଂଲଗ୍ନ କରାଯାଇଅଛି । ଏହି ହିତାଧିକାରୀ ତାଲିକାରେ ଯଦି କାହାର କିଛି ଅଭିଯୋଗ ଅଛି ତା ଏହି ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଜେ. କେ. ରୋଡଙ୍କ କାର୍ଯ୍ୟାଳୟରେ ବିଜ୍ଞାପନ ବାହାରିବାର ୭ ଦିନ ମଧ୍ୟରେ ଲିଖିତ ଆକାରରେ ଅଭିଯୋଗ ଦର୍ଶାଇଲେ ତାହା ବିଚାରଯୋଗ୍ୟ ହେବ । ନଚେତ୍ ନିମ୍ନ ଜମିମାଲିକମାନଙ୍କୁ ଯୋଗ୍ୟ ସ୍ୱତ୍ୱାଧିକାରୀ ଭାବେ ବିବେଚନା କରାଯାଇ ତାଙ୍କର ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବ । ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ । ତେଣୁ ପ୍ରକୃତ ଜମିମାଲିକମାନଙ୍କୁ ଅନୁରୋଧ କରାଯାଉ ଅଛି କି ସେମାନେ ତାଙ୍କର ନିମ୍ନଲିଖିତ ଦସ୍ତାବିଜ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଜେ.କେ. ରୋଡଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ପରେ ପ୍ରଦାନ କଲେ ବିକ୍ରି କବଲା କରିବାପାଇଁ ଉପନିବନ୍ଧକ ଭଣ୍ଡାରିପୋଖରୀଙ୍କ କାର୍ଯ୍ୟାଳୟରେ ଅତ୍ୟାବଶ୍ୟକ ଆୟୋଜନ କରାଯିବ ।

ବିକ୍ରି କବଲା କରିବା ପାଇଁ ନିମ୍ନଲିଖିତ ଆବଶ୍ୟକ କାଗଜପତ୍ର-

1) Certificate of Encumbrance on property (EC), 2) Legal Heir Certificate issued by Tahasildar in case of land owner in not alive, 3) Voter ID Card, 4) Adhar Card.

ବି.ଦ୍ର.- ହିତାଧିକାରୀମାନଙ୍କ ନାମ ଏବଂ ଜମିର ବିବରଣୀ ସଂଲଗ୍ନ କରାଗଲା ।

ଆପଣଙ୍କର ବିଶ୍ୱସ୍ତ
ଜ୍ଞାନରଞ୍ଜନ ନାୟକ
ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ନିର୍ମାଣ ବିଭାଜନ-୧,ଯାଜପୁର

**LAND SCHEDULE FOR DIRECT PURCHASE OF PRIVATE LAND IN CONSTRUCTION OF HL BRIDGE OVER RIVER BAITARANI AT 7.00 KM ON BARUNDEI TO BANDALO ROAD UNDER BSY FOR THE YEAR 2018-19 IN THE DISTRICT OF JAJPUR**
**Village-Khapirapada, Tahasil-Bhandaripokhari, P.S.-Bhandaripokhari, No-15,District-Bhadrak**

| Sl. No. | Khata No. | Plot No. | Kisam | Total Area (In Acre) | Acquired Area (in Acre) | Name of the Recorded Tenant |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 20 | 459/952 | Gharabari | 0.09 | 0.05 | Ananta Prasad Pati, S/o-Bhagabata Pati of Village-Bandalo |
| | 25 | 459 | Patita | 0.23 | 0.19 | |
| 2 | 254 | 457 | Patita | 0.12 | 0.09 | Hrushikesh Mishra, S/o- Bhikari Mishra of Village- Bandalo |
| | 254 | 458 | Gharabari | 0.01 | 0.01 | |
| | 254 | 466 | Gharabari | 0.06 | 0.06 | |
| 3 | 254/3 | 454 | Patita | 0.22 | 0.03 | Choudary Brindaban Nanda, S/o. Ananta Prasad Nanda and other of Village-Khapirapada |
| | 254/3 | 454/979 | Patita | 0.22 | 0.02 | |
| 4 | 246 | 479 | Patita | 0.16 | 0.02 | Sukadeb Panda, S/o-Dane Panda and others of Village-Khapirapada |
| 5 | 185 | 472 | Gharabari | 0.3 | 0.09 | Mayadhara Sahoo, S/o. Chandramani Sahoo of Village Khapirapada |
| 6 | 254/97 | 465 | Gharabari | 0.07 | 0.02 | Minarani Mishra, W/o. Hrushikesha Mishra of Village Khapirapada |
| | | Total Area (in Acre) | | | 0.58 | |

**LAND SCHEDULE FOR DIRECT PURCHASE OF PRIVATE LAND IN CONSTRUCTION OF HL BRIDGE OVER RIVER BAITARANI AT 7.00 KM ON BARUNDEI TO BANDALO ROAD UNDER BSY FOR THE YEAR 2018-19 IN THE DISTRICT OF JAJPUR**
**Village-Bandalo, Tahasil-Bhandaripokhari, P.S.-Bhandaripokhari, No-61,District-Bhadrak**

| Sl. No. | Khata No. | Plot No. | Kisam | Total Area (In Acre) | Acquired Area (in Acre) | Name of the Recorded Tenant |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 255 | 2 | Gharabari | 0.53 | 0.3 | Narayan Mishra, S/o. Jagabandhu Mishra of Bandalo |
| 2 | 325 | 23 | Gharabari | 0.21 | 0.08 | Benudhara Panda, S/o. Sidheswar Panda and others of Village Bandalo |
| 3 | 483/148 | 9 | Gharabari | 0.18 | 0.08 | MRF Laxman Kumar Dash, S/o. Khetra Dash and others of Village Bandalo |
| 4 | 495 | 8 | Gharabari | 0.11 | 0.04 | MRF Baidhara Rana, S/o- Sendha Rana of Village Bandalo |
| | | Total Area (in Acre) | | | 0.50 | |

Sd./- Junior Engineer, R.W.Section, Panikoili
Sd./- Executive Engineer, R.W.Division, Jajpur-I
Sd./- Asst. Executive Engineer, R.W. Sub-Division, J.K. Road

OIPR-25047/14/0001/2425

## ଅବସରପ୍ରାପ୍ତ ରସାୟନ ବିଭାଗ ପରୀକ୍ଷାଗାର ସହାୟକଙ୍କ ପରଲୋକ

ବେଗୁନିଆ,୫।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମସ୍ଥିତ ରମାମଣି ମହାବିଦ୍ୟାଳୟର ଅବସରପ୍ରାପ୍ତ ରସାୟନ ବିଭାଗ ପରୀକ୍ଷାଗାର ସହାୟକ ପ୍ରଦୀପ୍ତ ମହାପାତ୍ରଙ୍କ ସିମୋର ଗ୍ରାମସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପାଚେରି ନାହିଁ, ଫାଟକରେ ତାଲା

ବୋଲଗଡ଼,୫।୬(ଦେବବ୍ରତ ହୋତା)



ପାଚେରି ନିର୍ମାଣ କରାଯାଇ ନାହିଁ। ହେଲେ ନିର୍ମାଣ କରାଯାଇଛି ପ୍ରବେଶ ଫାଟକ। ପୁଣି ଫାଟକରେ ପଡ଼ିଛି ତାଲା। ଅନ୍ୟପଟେ ସୂଚନା ଫଳକରେ ଲେଖାଯାଇଛି ପାଚେରି ଓ ଫାଟକ ନିର୍ମାଣ ପାଇଁ ୩ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବୋଲଗଡ଼ ବ୍ଲକ ଅଧୀନ ପିଚୁକୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ। ସୂଚନା ମୁତାବକ, ୫୭ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି ପିଚୁକୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମୁଖରେ ପାଚେରି ନିର୍ମାଣ ହୋଇନାହିଁ। ହେଲେ ସମ୍ମୁଖରେ ନିର୍ମାଣ ହୋଇଛି ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରବେଶ ଦ୍ୱାର। ଦୁଇବର୍ଷ ହେବ ଏହି ମୁଖ୍ୟ ଫାଟକ କୁହାଯାଉଥିବା ପ୍ରବେଶ ଦ୍ୱାର ନିର୍ମାଣ ହୋଇଥିଲେ ମଧ୍ୟ ପାଚେରି ନିର୍ମାଣ କରାଯାଉନାହିଁ। ପାଚେରି ନ ଥିବାରୁ ଗୋରୁ, ଛେଳି ଏବଂ ଅନ୍ୟମାନଙ୍କ ଅବାଧ ପ୍ରବେଶ ହେଉଛି। ଫଳରେ ଏହି ଫାଟକ କିଛି କାମରେ ଆସୁନାହିଁ। ସେପଟେ ନିର୍ମାଣ ପରଠାରୁ ଲୁହାଗ୍ରୀଲ ଗେଟ ବି ବନ୍ଦ ରହିଛି। ପ୍ରବେଶ ଦ୍ୱାରରେ ଅନାବନା ଗଛଲତା ମାଡ଼ି ଗଲାଣି। ଏହାକୁ ମଧ୍ୟ ସଫେଇ କରାଯାଉ ନାହିଁ। ସୂଚନାଫଳକରେ ଲେଖାଥିବା ସୂଚନା ଅନୁସାରେ, ପିଚୁକୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରି ଏବଂ ପ୍ରବେଶଦ୍ୱାର ପାଇଁ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିସନ ପାଣ୍ଠିରୁ ୩ଲକ୍ଷ ୩୨ହଜାର ୧୫୭ ଟଙ୍କା ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟଟି ବୋଲଗଡ଼ ପଞ୍ଚାୟତ ସମିତି ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ବିଭାଗୀୟ କାର୍ଯ୍ୟଦେଶରେ ସମ୍ପାଦନ କରାଯାଇଛି। କେବଳ ପ୍ରବେଶ ଦ୍ୱାର ହୋଇଥିବା ବେଳେ ପାଚେରି ନିର୍ମାଣ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

Government of Odisha
**Department of Social Security and Empowerment of Persons with Disabilities**
No. : 4085 /SSEPD Dt. 04.06.2024
SSEPD-DA6-SCH-0004-2023

**CORRIGENDUM TO e-TENDER NOTICE NO. 1644 dated 02.03.2024**

No.gg-04 : Following modifications is hereby issued in the e-tender bid documents issued vide e-Tender Notice No. 1644 dated 02.03.2024 :

Last date for submission of e-tender bids is extended from 04.06.2024-5 PM to 19.06.2024-5 PM. Technical Bids will be opened on 20.06.2024-11.30 AM at Conference Hall of SSEPD Deptt., Lokseva Bhaban, Bhubaneswar.

OIPR-46001/11/0004/2425 Sd./-Director

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ-(୦୬୭୪)୨୩୯୩୫୨୪
ଇପିବିଏକ୍ସ (୦୬୭୪) ୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୨୦ ତା.୩୧.୦୫.୨୦୨୪

**ବିଜ୍ଞାପନ**

No.CAD-163:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରଶାନ୍ତିବିହାର, ଶିଖରଚଣ୍ଡୀ, ପଟିଆ ଗୃହ ନିର୍ମାଣ ପ୍ରକଳ୍ପ, ଭୁବନେଶ୍ୱରରେ ଗୃହ ନଂ. ଏଲ୍.ଆଇ.ଜି.-୭୬୨ (LIG-762)ଟିକୁ ଅଳକା କୁମାରୀ ଗନ୍ତାୟତ @ ସାହୁ, ସ୍ୱା-ବୃନ୍ଦାବନ ଚନ୍ଦ୍ର ସାହୁ, ଗ୍ରା-ସାନ ବ୍ରାହ୍ମଣ ଷ୍ଟ୍ରିଟ୍, ପୋ/ଥା- ଟେକ୍କଲୀ, ଜି-ସିକାକୁଲମ୍‌ଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଅଳକା କୁମାରୀ ଗନ୍ତାୟତ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଶୁଭଶ୍ରୀ ପରିଡ଼ା, ସ୍ୱା-ସୂର୍ଯ୍ୟ ବାହାଦୂର ଅସିତ୍ ରଞ୍ଜନ ଚୌଧୁରୀ, ଗ୍ରା/ପୋ-ଆରିପଦା, ଥା/ଜି-କେନ୍ଦ୍ରାପଡାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./-ପ୍ରଶାସନିକ ଅଧିକାରୀ,
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0135/2425

See Career Appointment on every Wednesday & Saturday

**ଓଡ଼ିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଘୋଷଣା**

**No. RDM-LAA-MBJ-0023-2022-5759 R&DM, Dated 29.02.2024**

No. XXI-20: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନାକରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ବେଣାପାଟିଆ, ଥାନା-ମୋରଡା, ନଂ.୧୬୯, ତହସିଲ ମୋରଡା, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାସଗୋବିନ୍ଦପୁର ମାଇନର ଏବଂ ଶଶା ଓ ବାଛୁରିପାଳ ସବ୍‌ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୩୭୫୬, ତା.୦୧.୧୦.୨୦୨୨ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ. ୨୬୬୧ ତା.୨୯.୦୧.୨୦୨୪ ରିଖ ଅନୁସାରେ ଅଧିସୂଚନାର ବୈଧତା ତା.୦୧.୧୦.୨୦୨୪ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ବେଣାପାଟିଆ, ଥାନା-ମୋରଡା, ନଂ.୧୬୯, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ମୟୂରଭଞ୍ଜ ତହସିଲ-ମୋରଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବେଣାପାଟିଆ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୨୫.୬୦ | ଏକର ୫.୬୯ | ଏଥିସହିତ ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ମୟୂରଭଞ୍ଜ ତହସିଲ-ମୋରଡା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୧.୧୨.୨୦୨୨

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା-୩୯/୨୦୧୯
ଏ.୫.୬୯ ଡେ.ମି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ରାସଗୋବିନ୍ଦପୁର ମାଇନର, ଶଶା ଓ ବାଛୁରୀପାଳ ସବ୍-ମାଇନର**
**ମୌଜା-ବେଣାପାଟିଆ, ଥାନା-ମୋରଡା, ନଂ.୧୬୯, ତହସିଲ-ମୋରଡା, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୪ ରୟତି | ୫୧୯ | ୧.୨୯ | ୦.୦୧ | ଡାହି ଦୁଇ | କାଙ୍ଗ ମାଝୀ, ପି:ମିର୍ଜା ମାଝୀ, ଜା:ସାନ୍ତାଳ, ବା:ଖଣ୍ଡାହାର |
| | ୫୨୧/୫୬୨ | ୦.୦୪ | ୦.୦୪ | ରାସ୍ତା | |
| | ୫୨୨ | ୦.୯୮ | ୦.୦୫ | ଡାହି ଦୁଇ | |
| ୧୦ ରୟତି | ୧୧ | ୨.୪୯ | ୦.୮୬ | ଘରବାରି | କୁଅଁର ମାଝୀ, ଦୁଲା ମାଝୀ, ପି:ନିମାୟ ମାଝୀ, ହରିଆ ମାଝୀ, ପି:ସଂଗ୍ରାମ ମାଝୀ, ସୁକୁଲ ମାଝୀ, ପି: ଦାଡ଼ିଆ ମାଝୀ, ତଳ ମାଝୀ, ଦୁଲା ମାଝୀ, ପି:ସୁକୁଲୁ ମାଝୀ, କୁନା ମାଝୀ, ପି:ଛୋଟରାଏ ମାଝୀ, ବାସ୍ତୁ ମାଝୀ, ଉଞ୍ଜି ମାଝୀ, ପି:ସାଙ୍ଗ ମାଝୀ, ଉମା ମାଝୀ, ସ୍ୱା:ସାଙ୍ଗ ମାଝୀ, ଜା:ସାନ୍ତାଳ, ବା:ଶଶା |
| | ୧୩ | ୦.୮୫ | ୦.୩୦ | ଡାହି ଏକ | |
| ୩୧ ରୟତି | ୨ | ୦.୭୨ | ୦.୧୫ | ଡାହି ଦୁଇ | ଯୁଧିଷ୍ଠିର ମହାନାଏକ, ବିଦ୍ୟାଧର ମହାନାଏକ, ପି:ରୁଦ୍ର ମହାନାଏକ, ଜା:ପୁରାଣ, ବା:ବାଛୁରିପାଳ |
| ୩୭ ରୟତି | ୫୧୨/୫୩୫ | ୨.୫୫ | ୦.୧୦ | ଡାହି ଦୁଇ | ଦଶରଥ ମାଝୀ, ପି:ରୁପାୟ ମାଝୀ, କୁଅଁର ମାଝୀ, ପି: ବାଲାକା ମାଝୀ, ବାରୀ ମାଝୀ, ସ୍ୱା:ବାଲାକା ମାଝୀ, ଭାଗବତ ମାଝୀ, ପିରୁ ମାଝୀ, ପି:ସମାୟ ମାଝୀ, ଦାନଗୀ ମାଝୀ, ସ୍ୱା:ସମାୟ ମାଝୀ, ରୁପାୟ ମାଝୀ, ଦୁଃଶାସନ ମାଝୀ, ପି:ମାଧୁ ମାଝୀ, ଜା:ସାନ୍ତାଳ, ବା:ଅନ୍ଧାରିଆ |
| ୪୨ ରୟତି | ୧୦ | ୧.୦୬ | ୦.୩୦ | ଡାହି ଏକ | ଦୁଲା ମାଝୀ, ପି:ନିଳା ମାଝୀ, କାନାଇ ମାଝୀ, ଲୁଗୁ ମାଝୀ, ମାନକା ମାଝୀ, ପି:ରେଣ୍ଟା ମାଝୀ, ଜା:ସାନ୍ତାଳ, ବା:ଶଶା |
| ୪୪ ରୟତି | ୬୬ | ୦.୦୩ | ୦.୦୧ | ଘରବାରି | ନନ୍ଦ ମାଝୀ, ପି:ଥରପ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୬୭ | ୦.୯୫ | ୦.୨୦ | ଡାହି ଦୁଇ | |
| ୫୨ ରୟତି | ୮ | ୧.୪୬ | ୦.୦୮ | ଡାହି ଏକ | ବାଇଧର ମହାନାଏକ, କଣା ମହାନାଏକ, ବିଷ୍ଣୁ ମହାନାଏକ, ପି. ଭୀମ ମହାନାଏକ, ଗୋପ ମହାନାଏକ, ପି.ଶିତଳ ମହାନାଏକ, ଜା.ପୁରାଣ, ବା. ବାଛୁରୀପାଳ |
| ୫୭ ରୟତି | ୩ | ୧.୦୩ | ୦.୩୮ | ଡାହି ଏକ | ବାହାଦୁର ରାଜ, ଲକ୍ଷ୍ମୀଧର ରାଜ, ଭାଗୀରଥି ରାଜ, କଇଁତା ରାଜ, ବିଜୟା ରାଜ, ପି.ମହାବୀର ରାଜ, ସରଦି ରାଜ, ସ୍ୱା:ବାଇନ ରାଜ, ଗେଡି ରାଜ, ସ୍ୱା:ବୁଧିଆ ରାଜ, ଦୁର୍ଜନ ରାଜ, ପି:ବୁଧିଆ ରାଜ, ମଙ୍ଗଲ ରାଜ, ମଡିଆ ରାଜ, ପି:ବନ୍ଧୁଆ ରାଜ, ସାବିତ୍ରୀ ରାଜ, ଲତା ରାଜ, ଗେହ୍ଲା ରାଜ, ପି:ବାଇନ ରାଜ, ଆଶା ରାଜ, ଫୁଟି ରାଜ, କୁନି ରାଜ, ନାଲିମଣି ରାଜ, ପି:ବୁଧିଆ ରାଜ, ଜା:ପୁରାଣ, ବା:ବାଛୁରିପାଳ |
| ୭୦ ରୟତି | ୫୧୨ | ୨.୫୧ | ୦.୪୮ | ଡାହି ଦୁଇ | ମଙ୍ଗଲ ସରେନ, ପି:ସୁଦାମ ସରେନ୍, ଜା:ସାନ୍ତାଳ, ବା:ଅନ୍ଧାରିଆ |
| ୭୪ ରୟତି | ୭ | ୧.୩୯ | ୦.୩୦ | ଡାହି ଏକ | ମରା ମାଝୀ, ନୁନ୍ଦୁର ମାଝୀ, ଦୁଃଖିଆ ମାଝୀ, ଲାଟୁନୁ ମାଝୀ, ମୋହନ ମାଝୀ, ପି:କାରିଆ ମାଝୀ, ଜା:ସାନ୍ତାଳ, ବା:ଶଶା |
| ୮୩ ରୟତି | ୪୭୮ | ୦.୭୧ | ୦.୧୭ | ଡାହି ଦୁଇ | ମେଘରାଏ ମାଝୀ, ପି: କୟ ମାଝୀ, ପାଣ୍ଡୁ ମାଝୀ, ପିଥ ମାଝୀ, ଚାନ୍ଦରାଏ ମାଝୀ, ପି:ରାମ ମାଝୀ, ଲକ୍ଷ୍ମୀ ମାଝୀ, ସ୍ୱା:ରାମଜିତ ମାଝୀ, ଆରସୁ ମାଝୀ, ପି:ଛୋଟରାଏ ମାଝୀ, ସିଂଙ୍ଗ ମାଝୀ, ସ୍ୱା:ଛୋଟରାଏ ମାଝୀ, ଆରସୁ ମାଝୀ, ସ୍ୱା: କୟ ମାଝୀ, ଜା:ସାନ୍ତାଳ, ବା:ଶଶା |
| ୯୨ ରୟତି | ୫୦୩ | ୦.୦୭ | ୦.୦୭ | ରାସ୍ତା | ରୁପାଇ ମାଝୀ, ପି:ରେଣ୍ଟା ମାଝୀ, ରେଣ୍ଟା ମାଝୀ, ପି:ମୁଷ୍ଟୁ ମାଝୀ, ଜା:ସାନ୍ତାଳ, ବା:ଅନ୍ଧାରୀ |
| | ୫୦୮ | ୧.୮୦ | ୦.୫୨ | ଡାହି ଦୁଇ | |
| ୧୦୩ ରୟତି | ୪ | ୦.୮୫ | ୦.୦୬ | ଡାହି ଏକ | ସୁର ମହାନାଏକ, ଶ୍ରୀମତୀ ମହାନାଏକ, ପାଟ ମହାନାଏକ, ନେତ ମହାନାଏକ, ପି:ଶ୍ରୀହରି ମହାନାଏକ, ରଘୁନାଥ ମହାନାଏକ, ପୂର୍ଣ୍ଣଚନ୍ଦ୍ର ମହାନାଏକ, କାଳି ଚରଣ ମହାନାଏକ, ଚାନ୍ଦମଣୀ ମହାନାଏକ, ରୁକ୍ମଣୀ ମହାନାଏକ, ଗେଡିମଣୀ ମହାନାଏକ, ପି:କୃଷ୍ଣ ମହାନାଏକ, ରେପ ମହାନାଏକ, ସ୍ୱା:କୃଷ୍ଣ ମହାନାଏକ, ବେଣୁଧର ମହାନାଏକ, ଦୟାନିଧି ମହାନାଏକ, ପି:ରାମ ମହାନାଏକ, ଜା:ପୁରାଣ, ବା:ବାଛୁରୀପାଳ |
| ୧୦୪/୨ ରୟତି | ୫୧୪ | ୦.୧୦ | ୦.୦୬ | ରାସ୍ତା | ରୁପାଇ ମାଝୀ, ପି:ମାଧ ମାଝୀ, ଜା:ସାନ୍ତାଳ, ବା:ଅନ୍ଧାରୀ |
| | ୫୧୫ | ୦.୮୦ | ୦.୪୫ | ଡାହି ଦୁଇ | |
| ୧୦୪/୧୪ ରୟତି | ୫ | ୨.୧୦ | ୦.୬୬ | ଡାହି ଏକ | ମନମୋହନ ମୁର୍ମୁ, ପି:ରାଧୁ ମୁର୍ମୁ, ଜା:ସାନ୍ତାଳ, ବା:ବାଛୁରୀପାଳ |
| ୧୦୪/୧୫ ରୟତି | ୧୩/୫୫୮ | ୦.୩୫ | ୦.୦୪ | ଡାହି ଏକ | ସାଉନା ମାର୍ଣ୍ଡି , ପି:କନ୍ଦା ମାର୍ଣ୍ଡି , କନ୍ଦା ମାର୍ଣ୍ଡି , ପି: ପ୍ରଧାନ ମାର୍ଣ୍ଡି , ଜା:ସାନ୍ତାଳ, ବା:ନିଜଗାଁ |
| ୧୦୪/୨୦ ରୟତି | ୬ | ୧.୪୭ | ୦.୪୦ | ଡାହି ଏକ | ଗୟାପ୍ରସାଦ ମହାନାୟକ, ସଞ୍ଜିତ କୁମାର ମହାନାୟକ, ପି: ରଘୁନାଥ ମହାନାୟକ, ଜା: ଭଞ୍ଜପୁରାଣ, ବା:ବାଛୁରିପାଳ |
| ମୋଟ | ୨୩ ପ୍ଲଟ | ଏ. ୨୫.୬୦ ଡେ.ମି. | ଏ.୫.୬୯ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ନୃସିଂହ ଚରଣ ସ୍ୱାଇଁ)
ସ୍ୱତନ୍ତ୍ର ଶାସନ ସଚିବ

OIPR-24001/14/0057/2425

## ସଂକ୍ଷେପରେ

### ଲୋକଙ୍କ ପାଇଁ ସେବା ଜାରି ରହିବ: ସୁରେଶ

ଖୋର୍ଦ୍ଧା,୫।୬(ପ୍ରଭାତ ପାଣିଗ୍ରାହୀ)

ଚଳିତ ନିର୍ବାଚନରେ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟଙ୍କ ଦୁଇ ପୁଅ ସିଦ୍ଧାର୍ଥ ଏବଂ ମନ୍ମଥ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ବିଜେଡି ମନ୍ମଥଙ୍କୁ ଭୁବନେଶ୍ୱର ଲୋକ ସଭା ଆସନରେ ପ୍ରାର୍ଥୀ କରିଥିବା ବେଳେ ସିଦ୍ଧାର୍ଥ ନିମାପଡ଼ା ବିଧାନସଭା ଆସନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ତେବେ ଉଭୟ ପରାଜିତ ହୋଇଛନ୍ତି। ଅନ୍ୟପଟେ ଦୁଇ ପୁଅ ହାରିବା ପରେ ସୁରେଶଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା ଚର୍ଚ୍ଚା ହେଉଛି। ଏନେଇ ସୁରେଶ କହିଛନ୍ତି, ଲୋକଙ୍କ ଜନାଦେଶକୁ ସମ୍ମାନ ଜଣାଉଛି। ନବୀନ ପଟ୍ଟନାୟକ ୨୫ ବର୍ଷ ଧରି ଓଡ଼ିଶାରେ ଶାସନ କରିଛନ୍ତି। ଏବେ ଜନତା ଭାଜପାକୁ ବହୁମତ ଦେଇଛନ୍ତି। ନିର୍ବାଚନରେ ଜୟ ପରାଜୟ ଲାଗିରହିଛି। କଂଗ୍ରେସ ମଧ୍ୟ ସରକାରକୁ ଆସିଛି। ଏଥିରେ କୌଣସି ବିଚଳିତ ନୁହଁ। ମନ୍ମଥ ପ୍ରଥମଥର ନିର୍ବାଚନ ଲଢୁଥିବା ବେଳେ ପୁଣି ଲୋକ ସଭା ପାଇଁ ଲଢ଼ିବା ଏକ ବଡ଼ ଚାଲେଞ୍ଜ ରହିଥିଲା। ୭ ନିର୍ବାଚନମଣ୍ଡଳୀରେ ଜନତା ମନ୍ମଥଙ୍କୁ ଅଜସ୍ର ଭଲପାଇବା ଦେଇଛନ୍ତି। ଭାଜପାର ଅପରାଜିତା ଷଡ଼ଙ୍ଗୀ ୫ ଲକ୍ଷ ୧୨ ହଜାର ୫୧୯ ଖଣ୍ଡ ଭୋଟ ପାଇଥିବା ବେଳେ ମନ୍ମଥ ୪ ଲକ୍ଷ ୭୭ ହଜାର ୩୬୭ ଭୋଟ ପାଇଛି। ମନ୍ମଥ ନୂତନଭାବେ ନିର୍ବାଚନ ଲଢ଼ି ଏତେ ଭୋଟ ପାଇବା ଏକ ବଡ଼କଥା। ସେହିପରି ନିମାପଡ଼ା ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡ଼ା ଜିତିଥିବା ବେଳେ ବିଜେଡି ପ୍ରାର୍ଥୀ ଦିଲୀପ ନାୟକ ୨ୟ ଏବଂ ସିଦ୍ଧାର୍ଥ ୩ୟ ସ୍ଥାନରେ ରହିଛି। ତେବେ ଲୋକଙ୍କ ପାଇଁ ସେବା ଜାରି ରହିବ ବୋଲି ସୁରେଶ କହିଛନ୍ତି।

# ପ୍ଲାଷ୍ଟିକ୍, ପଲିଥିନ ଜୀବଜଗତ ପ୍ରତି ବିପଦ

ଖୋର୍ଦ୍ଧା,୫।୬(ପ୍ରଭାତ ପାଣିଗ୍ରାହୀ)

## କଟକଣା ସତ୍ତ୍ୱେ ମାନୁନାହାନ୍ତି, ସଚେତନତା ଜରୁରୀ



ରାସ୍ତା ପାର୍ଶ୍ୱରେ ଗଦା ହୋଇଥିବା ପଲିଥିନ୍।

ପଲିଥିନ୍, ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପରିବେଶ ପାଇଁ ଚିନ୍ତାର କାରଣ ସାଜିଛି। ଏହାର ବ୍ୟବହାର ଉପରେ ସରକାର କଟକଣା ଜାରି କରିଥିଲେ ମଧ୍ୟ ଦୈନନ୍ଦିନ ଜୀବନରେ ପଲିଥିନ୍‌ର ବ୍ୟବହାର ବଢ଼ିଚାଲିଛି, ଯାହା ଆଗକୁ ବଡ଼ ବିପଦକୁ ଟାଣିଆଣିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ରାଶନ ସାମଗ୍ରୀ, ଫଳ, ପନପରିବା ଏପରିକି ଔଷଧ ଏବଂ ଖାଦ୍ୟପଦାର୍ଥ ଆଣିବାରେ ପଲିଥିନ ବ୍ୟବହାର ହେଉଛି। ତେବେ ବ୍ୟବହାର ପରେ ଲୋକେ ଏଣେତେଣେ ତାହାକୁ ଫୋପାଡ଼ି ଦେଉଛନ୍ତି। ନାଳନର୍ଦ୍ଦମାରେ ପ୍ଲାଷ୍ଟିକ୍, ପଲିଥିନ ପଡ଼ି ପଚିଶଢ଼ି ପାଣି ନିଷ୍କାସନରେ ଅସୁବିଧା ହେଉଛି। ଫଳରେ ପରିବେଶ ପ୍ରଦୂଷଣ ହେବା ସହ ବର୍ଷାଦିନେ ନଳାପାଣି ରାସ୍ତାରେ ଚାଲୁଛି।

କଟକଣା ସତ୍ତ୍ୱେ ଖୋର୍ଦ୍ଧା ସହରର ବିଭିନ୍ନ ଛକ, ଗଳିକନ୍ଦିରେ ଅଳିଆଗଦା ଭଳି ପ୍ଲାଷ୍ଟିକ୍, ପଲିଥିନ ଗଦାହୋଇରହୁଛି। ପୌର ପ୍ରଶାସନ ପକ୍ଷରୁ ଧରପଗଡ଼ ପରେ ଏଥିରେ ଶିଥିଳ ପଡ଼ିଯାଇଛି। ଫୁଟ୍‌ପାଥ୍ ବ୍ୟବସାୟୀଙ୍କଠାରୁ ଆରମ୍ଭକରି ସମସ୍ତ ହୋଟେଲ, ପାନ ଦୋକାନ, ବଡ଼ ବ୍ୟବସାୟିକ ପ୍ରତିଷ୍ଠାନରେ ଖୁଲମ୍‌ଖୁଲା ଭାବେ ବହୁଳ ବ୍ୟବହାର କରାଯାଉଛି। ଅନ୍ୟପଟେ ସହରର ଏକାଧିକ ଡ୍ରେନ୍‌ରେ ପ୍ଲାଷ୍ଟିକ୍, ପଲିଥିନ ବର୍ଷ ବର୍ଷ ଧରି ପଡିରହି ପାଣି ନିଷ୍କାସନରେ ବାଧା ସୃଷ୍ଟିକରୁଛି। ଗୋପୀନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହି, ସାମନ୍ତରାପୁର ଛକ, ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଳି ସାହି, ମାଛ ମାର୍କେଟ, ଉପଜିଲାପାଳଙ୍କ ବାସଭବନ ପଛପଟ ଆଦି ସାହିର ନାଳରେ ବର୍ଷ ବର୍ଷ ଧରି ପ୍ଲାଷ୍ଟିକ୍, ପଲିଥିନ ଜମି ରହିଛି। ଫଳରେ ବର୍ଷାହେଲେ ଖୋର୍ଦ୍ଧା ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଏନେଇ ପରିବେଶପ୍ରେମୀ ଧନେଶ୍ୱର ବିଧାର କହିଛନ୍ତି ପ୍ଲାଷ୍ଟିକ୍, ପଲିଥିନ ବ୍ୟବହାର ବଢ଼ିଚାଲିଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ। କେହି ସଚେତନ ହେବାକୁ ପ୍ରସ୍ତୁତ ନୁହନ୍ତି। ସେହିପରି ବୁଦ୍ଧିଜୀବୀ ଜ୍ଞାନରଞ୍ଜନ ଦାଶ କହିଛନ୍ତି, ଭବିଷ୍ୟତରେ ଏହା ମାନବ ସମାଜ ପାଇଁ ଘାତକ ସାଜିବାକୁ ଯାଉଥିବା ଜାଣି ମଧ୍ୟ କେହି ସଚେତନ ହେଉନାହାନ୍ତି। ପ୍ରାଧ୍ୟାପକ ଗୋପାଳ ଦାସ କହିଛନ୍ତି, ପ୍ଲାଷ୍ଟିକ୍ ଏବଂ ପଲିଥିନ ଲୋକଙ୍କ ଜୀବନରେ ଏକ ଅଂଶବିଶେଷ ପାଲଟିଗଲାଣି। ପଲିଥିନ ବ୍ୟବହାର ଉପରେ କଟକଣା ସତ୍ତ୍ୱେ କେହି ମାନିବାକୁ ନାରାଜ। ତେବେ ଏନେଇ ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଛନ୍ତି, ବର୍ଷାଦିନ ପୂର୍ବରୁ ନାଳରେ ଜମି ରହିଥିବା ପ୍ଲାଷ୍ଟିକ୍, ପଲିଥିନ ବାହାର କରାଯିବ। ଏହାର ବ୍ୟବହାର ଉଭୟ ମାନବ ସମାଜ ଏବଂ ଜୀବଜଗତ ପ୍ରତି ମଧ୍ୟ ବିପଦ। ଲୋକେ ସଚେତନ ହେଲେ ଏହାକୁ ରୋକାଯାଇପାରିବ।

## ବିଶ୍ୱ ପରିବେଶ ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା




ବାଲୁଗାଁ,୫।୬(ସଂଗ୍ରାମ ପାଇକରାୟ)

ବାଲୁଗାଁ ସ୍ଥିତ ବିହଙ୍ଗ ଫାଉଣ୍ଡେଶନ ପକ୍ଷରୁ ବୁଧବାର ଉମାମହେଶ୍ୱର ମନ୍ଦିର ପରିସରରେ ବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ସହ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେଶନର ସଭାପତି ଅଧ୍ୟାପକ ଡ.କୈଳାସ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ୪୦ଜଣ ଛାତ୍ରୀଛାତ୍ର ଯୋଗଦେଇ ଚଳିତ ବର୍ଷର ବିଶ୍ୱ ପରିବେଶ ଦିବସ ବିଷୟବସ୍ତୁ ସମ୍ପର୍କିତ ଚିତ୍ରାଙ୍କନ ଅଙ୍କନ କରି ନିଜ ସର୍ଜନାତ୍ମକ ପ୍ରତିଭା ପ୍ରତିପାଦିତ କରିଥିଲେ। ବିଚାରକ ତଥା ଅତିଥିଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ଶିତିକାନ୍ତ ସାମନ୍ତସିଂହାର ଓ ସଞ୍ଜୀବ ମହାରଣା ଯୋଗଦେବା ସହ ଚିତ୍ରଶିଳ୍ପ ସମ୍ପର୍କିତ ନିଜର ଦୀର୍ଘ ଅନୁଭୂତି ଉପସ୍ଥାପିତ କରି କୃତୀ ଶିକ୍ଷାର୍ଥୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହା ପରେ ଫାଉଣ୍ଡେଶନର ଉପସଭାପତି ଡ.ଅକ୍ଷୟ କୁମାର ମିଶ୍ର, ଚିଲିକା ଶିଶୁକଳା ପ୍ରତିଷ୍ଠାନ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ଗୌଡ଼, ଫାଉଣ୍ଡେଶନ ସଂଯୋଜକ ଭାଗୀରଥି ପାଇକରାୟ, ନବ ନାରାୟଣ ଜାଲି ପ୍ରମୁଖ ସାମ୍ପ୍ରତିକ ପରିବେଶ ଓ ଆମ ଦାୟିତ୍ୱ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ବବୁଲ ରଣସିଂ ଧନ୍ୟବାଦ ଦେଇଥିଲେ। ଉମାମହେଶ୍ୱର ମନ୍ଦିର ପରିସରରେ ବିଭିନ୍ନ ଚାରାରୋପଣ କରାଯିବା ସହ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା।




ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏବଂ ଅନ୍ୟମାନେ।

### ପରିବେଶ ସୁରକ୍ଷା, ସନ୍ତୁଳନ ରକ୍ଷା ସମସ୍ତଙ୍କ ଦାୟିତ୍ୱ

ବୋଲଗଡ଼,୫।୬(ଦେବବ୍ରତ ହୋତା)

ବିଶ୍ୱ ପରିବେଶ ଦିବସ ଅବସରରେ ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସୁରକ୍ଷା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାକୁ ଆଭାସୀ ପଦ୍ଧତିରେ ବକ୍ତୃତା ପ୍ରତିଯୋଗିତା ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶରେ 'ପରିବେଶ ପ୍ରଦୂଷଣ ଓ ତା'ର ନିରାକରଣ' ପ୍ରସଙ୍ଗ ଉପରେ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଏବଂ ସୌଦାମିନୀ ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ କନିଷ୍ଠ ଓ ବରିଷ୍ଠ ବିଭାଗ ପ୍ରତିଯୋଗିତା ହୋଇଥିଲା। କନିଷ୍ଠ ବିଭାଗରେ ଶିକ୍ଷକ ବିଶ୍ୱଜିତ୍ ସରୋଜ କୁମାର, ବିଭୁପ୍ରସାଦ ମହାପାତ୍ର, ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ର ବିଚାରକଭାବେ ମୂଲ୍ୟାଙ୍କନ କରିଥିଲେ। ମଧୁସ୍ମିତା ପ୍ରିୟଦର୍ଶିନୀ ପ୍ରଥମ, ଜାଗୃତିପ୍ରଭା ସାହୁ ଦ୍ୱିତୀୟ ଓ ଲକ୍ଷ୍ମୀପ୍ରିୟା ସେନ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବରିଷ୍ଠ ବିଭାଗରେ ଶିକ୍ଷକ ବିଚିତ୍ର କୁମାର ଘଡ଼େଇ, ଦୀପ୍ତିରଞ୍ଜନ ଦାସ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ବିଶ୍ୱରଞ୍ଜନ ଦତ୍ତ, ଓମ୍‌ପ୍ରକାଶ ନାୟକ ଏବଂ ସଞ୍ଚିତା ପ୍ରିୟଦର୍ଶିନୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନ ଶିକ୍ଷକ ସ୍ୱାଇଁ, ଶିକ୍ଷକ ଅଂଶୁମାନ ଧଳ, ଶିକ୍ଷୟିତ୍ରୀ ନମିତା ସାହୁ ପ୍ରମୁଖ ପରିବେଶର ସୁରକ୍ଷା ଏବଂ ସନ୍ତୁଳନ ରକ୍ଷା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ।

### ବିଶ୍ୱ ପରିବେଶ ଦିବସ

ବାଲୁଗାଁ,୫।୬(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନା ଦାଶଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ ଏନ୍‌ସିସି କ୍ୟାଡେଟ ମିଳିତଭାବେ ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଏହା ପରେ ସିଡିଏ ଅଫିସ ବଡକୁଳସ୍ଥିତ ଚିଲିକା ତଟବର୍ତ୍ତୀ ଅଞ୍ଚଳରେ ଚାରାରୋପଣ ସହ ଚିଲିକା ପରିସଂସ୍ଥାନ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶନ ଓ ଆଲୋଚନାରେ ଭାଗ ନେଇଥିଲେ। ସିଡିଏ ଏସିଏଫ୍ ରଶ୍ମୀ ଚୈଧୁରୀ, ଡ.ପ୍ରଦୀପ ରଞ୍ଜନ ମୃଦିଲି, ମନୋରଞ୍ଜନ ମିଶ୍ର, ଜଗବନ୍ଧୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସଭା ହେବା ସହ ଚାରାରୋପଣ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥିଭାବେ ଡ.ରଶ୍ମୀ ରେଖା ଜେନା, ଡ.ସୃଜନୀ ପ୍ରଜ୍ଞା ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ.ଲକ୍ଷ୍ମୀଧର ସୁବୁଦ୍ଧି, ରିନା ରାଉତ, ଅକ୍ଷୟ ମିଶ୍ର, ଅଧ୍ୟାପକ ଡ.କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

## ବାଲୁଗାଁ ରେଳ ଷ୍ଟେଶନରୁ ୮୦ କେଜି ଗଞ୍ଜେଇ ଜବତ, ୩ ଗିରଫ

ବାଲୁଗାଁ,୫।୬(ସଂଗ୍ରାମ ପାଇକରାୟ)



ଜବତ ଗଞ୍ଜେଇ ଏବଂ ୩ ଅଭିଯୁକ୍ତ।

ବାଲୁଗାଁ ରେଲ୍‌ୱେ ପୋଲିସ ଚଢ଼ାଉ କରି ୮୦ କେଜି ଗଞ୍ଜେଇ ଜବତ କରିବା ସହ ୩ ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବାଣପୁର ବଡ଼ହନ୍ତୁଆଡ଼ ଗ୍ରାମର ପ୍ରଶାନ୍ତ ପରିଡା(୨୩), ଗଞ୍ଜାମ ଜିଲା କୋଦଳା ଅଞ୍ଚଳର ନାରାୟଣ ପ୍ରଧାନ(୨୩) ଏବଂ ଗଞ୍ଜାମ ପୁରୁଷୋତ୍ତମପୁର ଅଞ୍ଚଳର ଭଗବାନ ସେଠୀ (୨୦)। ସୂଚନା ଅନୁଯାୟୀ, କିଛିଦିନ ହେବ ଏକ ଗଞ୍ଜେଇ ଚାଲାଣକାରୀ ଦଳ ସକ୍ରିୟ ହୋଇ ବାଲୁଗାଁ ଷ୍ଟେଶନରୁ ବିଭିନ୍ନ ଟ୍ରେନ୍‌ରେ ସୁରଟ ଏବଂ ହାଇଦ୍ରାବାଦକୁ ଚୋରାଚାଲାଣ କରୁଥିବା ନେଇ ରେଲୱେ ପୋଲିସକୁ ଖବର ମିଳିଥିଲା। ଏହି ଗ୍ୟାଙ୍ଗକୁ ଠାବ କରିବା ପାଇଁ ବାଲୁଗାଁ ରେଳ ସୁରକ୍ଷା ବଳ ଅଧିକାରୀ ଜିତେନ୍ଦ୍ର ମୌର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏକ ଟମ୍ ଗଠନ କରାଯାଇଥିଲା। ଏହି ଟିମ୍ ସାଦା ପୋଷାକରେ ଗଞ୍ଜେଇ ଚାଲାଣକାରୀଙ୍କ ଉପରେ କଡ଼ା ନଜର ରଖିଥିଲା। ଏପରିସ୍ଥଳେ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ଟ୍ରେନ୍‌ରେ ଯିବା ପାଇଁ ୧ନଂ. ପ୍ଲାଟ୍‌ଫର୍ମରେ ୪ଟି ଟ୍ରଲି ବ୍ୟାଗ୍ ଧରି ଅପେକ୍ଷାରତ ୩ ଯୁବକଙ୍କ ଗତିବିଧିକୁ ସନ୍ଦେହକରି ରେଲୱେ ପୋଲିସ ସେମାନଙ୍କ ବ୍ୟାଗ୍ ତଲାସିବାରୁ ସେଥିରୁ ୮୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ସେମାନେ ଏହି ଗଞ୍ଜେଇ ସିକନ୍ଦରବାଦ ଚାଲାଣ କରୁଥିବା ନେଇ ରେଲୱେ ପୋଲିସ ଆଗରେ ସ୍ୱୀକାର କରିଥିଲେ। ବୁଧବାର ୩ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଜିଆର୍‌ପିକୁ ହସ୍ତାନ୍ତର କରାଯାଇଥିଲା। ଏନେଇ ଏକ ମାମଲା (ନଂ.୬୫/୨୪) ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା।

# ଫଳ ଦରକୁ ନେଇ ଚିନ୍ତାରେ ବ୍ରତଧାରୀ

## ଆଜି ସାବିତ୍ରୀ ବ୍ରତ

ଖୋର୍ଦ୍ଧା/ନିରାକାରପୁର,୫।୬
(ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)



ଗୁରୁବାର ସାବିତ୍ରୀ ବ୍ରତ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ନିରାକାରପୁର ଏବଂ ଖୋର୍ଦ୍ଧା ସହର। ଲୁଗା ଦୋକାନଠାରୁ ଫଳଦୋକାନ ପର୍ଯ୍ୟନ୍ତ ସବୁଠି ରହିଛି ଲୋକଙ୍କ ଭିଡ଼। ଖୋର୍ଦ୍ଧାର ଫୁଟ୍‌ପାଥ୍ ଦୋକାନଠାରୁ ପୌର ମାର୍କେଟ କମ୍ପ୍ଲେକ୍ସ, ଟ୍ରାଫିକ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ସମବାୟ ଛକ, ମାରୱାଡି ପଟି, ସମବାୟ ଛକ, ନୂଆ ବସ୍‌ଷ୍ଟାଣ୍ଡରେ ଥିବା ଦୋକାନରେ ଲୋକେ କିଣାକିଣିରେ ବ୍ୟସ୍ତ ରହିଥିଲେ। ଗ୍ରାହକଙ୍କ ଆବଶ୍ୟକ ଅନୁସାରେ ପୂଜା ଦୋକାନରେ ୪୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ପ୍ୟାକେଟ୍ କରି ବିକ୍ରି କରୁଥିବା ବେଳେ ଫୁଟ୍‌ପାଥ୍ ବ୍ୟବସାୟୀ ମଧ୍ୟ ପସରା ମେଲାଇଛନ୍ତି। ସେହିଭଳି ସହରର ବିଭିନ୍ନ ଛକରେ ତାଳସଜ, ପଣସ ପସରା ମେଲିଛି। ୫୦ରୁ ୪ଶହ ଟଙ୍କା ପର୍ଯ୍ୟନ୍ତ ପଣସ ବିକ୍ରି ହେଉଛି। ବର୍ଷକୁ ଥରେ ସାବିତ୍ରୀ ସମୟରେ ପଣସ ବେପାର ଭଲ ହୋଇଥାଏ ବୋଲି ବେପାରୀ ସୁଜିତ୍ କହିଛନ୍ତି। ଲୋକଙ୍କ ଚାହିଦା ଅନୁସାରେ ବିକ୍ରି ଚାଲିଛି। ସପ୍ତାହେ ହେବ ପସରା ମେଲିଥିବା ବେଳେ ବୁଧବାର ବେପାର ଭଲ ହୋଇଥିବା ସେ କହିଛନ୍ତି। ସେହିଭଳି ସାବିତ୍ରୀରେ ତାଳସଜ, ଖଜୁରି କୋଳି, ଖଜୁରା, ନଡ଼ିଆ, କଦଳୀ ପୂଜାରେ ଲାଗିଥାଏ। ତାଳସଜ ଗୋଟାକୁ ୧୦ଟଙ୍କା, ଖଜୁରି କୋଳି ଗୋଟା ୨ଟଙ୍କାରେ ବିକ୍ରି ହେଉଛି। ନିରାକାରପୁର, ରାମେଶ୍ୱରରୁ ଆସି ଗତ ସପ୍ତାହ ହେବ ବେପାର କରୁଥିବା ଦୁଇ ଭାଇ କହିଛନ୍ତି, ୫୦ଟି ତାଳସଜ ଏବଂ ୩୦ଟି ଖଜୁରି ପ୍ୟାକେଟ କରି ଆଣିଥିଲି। ବିଶେଷ ଲାଭ ନ ହେଲେ ମଧ୍ୟ ବେପାର ଭଲ ରହିଛି। ସେହିଭଳି ସାବିତ୍ରୀ ବ୍ରତ ସମୟରେ କଦଳୀ ବେପାର ଭଲ ହୋଇଥାଏ ବୋଲି ଫୁଟ୍‌ପାଥ୍ ବ୍ୟବସାୟୀ ଅର୍ଜୁନ ପ୍ରଧାନ କହିଛନ୍ତି। କଦଳୀ ଓଜନ ପିଛା ୮୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ରାସ୍ତାକଡ଼ରେ ସିଜନ ବେପାର କରୁଥିବା ରାକେଶ ସ୍ୱାଇଁ କୁହନ୍ତି, ଗୋଦାମରୁ ନଡ଼ିଆ କିଣିଆଣି ବେପାର କରିଥାଏ। ସାବିତ୍ରୀ ଲାଗି ୨୦ରୁ ୪୦ ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଫଳ ଦରକୁ ନେଇ ଗ୍ରାହକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଆମ୍ବ କେଜି ୮୦ରୁ ୧୫୦, ସପୁରି ଗୋଟା ୩୦ରୁ ୪୦, ସେଓ ୧୫୦ରୁ ୨୫୦, କମଳା ୧୫୦ରୁ ୧୮୦, ଲିଚୁ ୧୨୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ବେଳେ ଭେରାଇଟି ଅନୁସାରେ ବିଭିନ୍ନ ସ୍ଥାନରେ ଦର ରହିଛି। ଫଳ ଦର ଗ୍ରାହକଙ୍କ ଚିନ୍ତାର କାରଣ ସାଜିଛି। ସେପଟେ ଶପିଂ ମଲ୍, ପୌର ମାର୍କେଟ କମ୍ପ୍ଲେକ୍ସ, ଲୁଗା ଦୋକାନରେ ମହିଳାଙ୍କ ପ୍ରବଳ ଗହଳି ଲାଗି ରହିଛି। ଗ୍ରାହକଙ୍କ ଚାହିଦା ଅନୁସାରେ କେତେକ ଦୋକାନ ଆଗରେ ରିହାତି ଦର ମଧ୍ୟ ଲାଗିଛି। ବଜାରରେ ଲୋକଙ୍କ ଗହଳି ଯୋଗୁ ଯାତାୟାତରେ ଅସୁବିଧା ହେଉଥିବା ଦେଖିବାକୁ ମିଳିଥିଲା।


## ତହସିଲ କାର୍ଯ୍ୟାଳୟ, ରାଇରଙ୍ଗପୁର

ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ
ଜାତୀୟ ରାଜପଥ ନଂ.୨୨୦ ପ୍ରକଳ୍ପ, ରାଇରଙ୍ଗପୁର, ଜିଲ୍ଲା-ମୟୂରଭଞ୍ଜ

### ସର୍ବସାଧାରଣ ନୋଟିସ

No.XXI-23:ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956) ର ଧାରା ୩ (କ) ଉପଧାରା-୩ ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ. ୨୨୦ ପ୍ରକଳ୍ପର ପ୍ରଶସ୍ତୀକରଣ ଓ ମଜଭୁତୀକରଣ ନିମନ୍ତେ ରାଜ୍ୟର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁର ତହସିଲର ଅଧୀନସ୍ଥ ନିମ୍ନ ତହସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଜାତୀୟ ରାଜପଥ ସଂଖ୍ୟା-୨୨୦ (ରାଞ୍ଚି-ବିଜୟୱାଡା)ର ରାଇରଙ୍ଗପୁର ବାଇପାସ୍ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ ର ୪୮ ନଂ ଆଇନ)ର ଧାରା ୩ (କ) ର ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ.S.O.788 (E) ତା.୧୯.୦୨.୨୦୨୪ ରିଖ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ଏକୋଇଶ ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ଉକ୍ତ ଜମିର ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତାହାହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ଉପରୋକ୍ତ ଆଇନର ଧାରା-୩ (ଗ) ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।
ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ୍ ବିବରଣୀ ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ) ରାଇରଙ୍ଗପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ହେଉଅଛି ।

ସ୍ୱା:ତହସିଲଦାର ଏବଂ ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ,
ଜାତୀୟ ରାଜପଥ ନଂ. ୨୨୦ ପ୍ରକଳ୍ପ, ରାଇରଙ୍ଗପୁର

### MINISTRY OF ROAD TRANSPORT AND HIGHWAYS
### NOTIFICATION

**New Delhi, the 19th February, 2024**

S.O. 788(E).— In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation of NH220 in the stretch of land from Km. 31.5 to Km. 38.5 (Rairangpur Bypass) in the district of MAYURBHANJ in the state of ODISHA, hereby declares its intention to acquire such land. Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act. Every such objection shall be made to the Competent Authority, namely, Tahasildar, Rairangpur in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections. Any order made by the Competent Authority under sub-section (2) of section 3C of the said Act shall be final. The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

**SCHEDULE**

Brief Description of the land to be acquired with or without structures falling NH220 in the stretch of land from Km 31.5 to Km 38.5 (Rairangpur Bypass) in the district of MAYURBHANJ in the state of ODISHA.

### THE GAZETTE OF INDIA: EXTRAORDINARY

[PART-II-SEC, 3 (ii)]

**SCHEDULE**

**Brief Description of the land to be acquired with or without structures falling NH220 in the stretch of land from Km 31.5 to Km 38.5 (Rairangpur Bypass) in the district of MAYURBHANJ in the state of ODISHA.**

| State: ODISHA | | | District: MAYURBHANJ | | |
|---|---|---|---|---|---|
| Sl.No. | Survey/Plot Number | Type of Land | Nature of Land | Area (in Local Unit) | Area (in Hectares) |
| 1 | 2 | 3 | 4 | 5 | 6 |
| Taluk: Rairangpur | | | | | |
| Village: Purunapani | | | | | |
| 1 | 137 | Private | Sarada 2 | 0.004 (Hectare) | 0.004 |
| 2 | 137/1040 | Private | Sarada 2 | 0.0323 (Hectare) | 0.0323 |
| 3 | 141 | Private | Sarada 1 | 0.0364 (Hectare) | 0.0364 |
| 4 | 141/1056 | Private | Sarada 1 | 0.0242 (Hectare) | 0.0242 |
| 5 | 147/1042 | Private | Sarada 1 | 0.0161 (Hectare) | 0.0161 |
| 6 | 54 | Private | Sarada Jal 2 | 0.0121 (Hectare) | 0.0121 |
| 7 | 54/1093 | Private | Gharabari | 0.0323 (Hectare) | 0.0323 |
| 8 | 564 | Private | Gharabari | 0.008 (Hectare) | 0.008 |
| 9 | 564/1088 | Private | Gharabari | 0.0161 (Hectare) | 0.0161 |
| 10 | 91/1151 | Private | Sarada Jal 2 | 0.0121 (Hectare) | 0.0121 |
| 11 | 91/1152 | Private | Sarada Jal 2 | 0.0242 (Hectare) | 0.0242 |
| Village- Sijukala | | | | | |
| 12 | 1009/1337 | Private | Gharabari | 0.0101 (Hectare) | 0.0101 |
| Village-Halda | | | | | |
| 13 | 736 | Private | Sarada 1 Jalasechita | 0.1659 (Hectare) | 0.1659 |
| 14 | 736/1158 | Private | Sarada 1 Jalasechita | 0.1659 (Hectare) | 0.1659 |
| 15 | 742/1098 | Private | Sarada Jal Dafasili 1 | 0.0647 (Hectare) | 0.0647 |
| 16 | 974 | Private | Sarada Jal 3 | 0.0607 (Hectare) | 0.0607 |
| 17 | 974/1164 | Government (Private) | Sarada Jal 3 | 0.006 (Hectare) | 0.006 |
| Village: Bhanjasara | | | | | |
| 18 | 163 | Private | Sarada Jal 2 | 0.008 (Hectare) | 0.008 |
| 19 | 163/922 | Private | Sarada Jal 2 | 0.1618 (Hectare) | 0.1618 |
| 20 | 165 | Private | Sarada Jal 2 | 0.2144 (Hectare) | 0.2144 |
| 21 | 165/959 | Private | Gharabari | 0.0202 (Hectare) | 0.0202 |
| 22 | 329 | Private | Sarada Jal 1 | 0.004 (Hectare) | 0.004 |
| Village: Nuagaon | | | | | |
| 23 | 1161/1824 | Private | Sarada Jal 1 Jalasechita | 0.0348 (Hectare) | 0.0348 |
| 24 | 1161/1825 | Private | Sarada Jal 1 Jalasechita | 0.0121 (Hectare) | 0.0121 |
| 25 | 1162 | Private | Sarada Jal 1 Jalasechita | 0.008 (Hectare) | 0.008 |
| 26 | 1162/1826 | Private | Sarada Jal 1 Jalasechita | 0.0121 (Hectare) | 0.0121 |
| 27 | 1240 | Private | Sarada Jal 1 | 0.0242 (Hectare) | 0.0242 |
| 28 | 1536 | Private | Sarada 2 | 0.0016 (Hectare) | 0.0016 |
| 29 | 1536/1852 | Private | Gharabari | 0.0012 (Hectare) | 0.0012 |
| | | | | Total | 1.1935 |

[ F.No. RO/BBSR/11017/LA/97/2016/3A]
ABHAY JAIN, Dy. Secy.
OIPR-24100/14/0002/2425



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୫।୬।୨୦୨୪

| | |
|---|---|
| ୩,୧୫,୪୫୬ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୩୩.୨୫୦ ଗ୍ରାମ୍ |

# ଖୋ ଖୋ ହାଇପର୍‌ଫର୍ମାନ୍ସ ସେଣ୍ଟର ଉଦ୍‌ଘାଟିତ

ପୁରୀ,୫।୬(ଅଜିତ୍ କୁମାର ମହାନ୍ତି)

ପୁରୀ ତାଳବଣିଆସ୍ଥିତ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ବୁଧବାର ଖୋ ଖୋ କ୍ରୀଡ଼ାର ହାଇପର୍‌ଫର୍ମାନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁମ୍ବାଇ ଏସ୍.ଏଫ୍.ଏର ବିଜ୍‌ନେସ ଡେଭଲପମେଣ୍ଟ ମୁଖ୍ୟ ଗାନ୍ଧାଲି ପାଲାଣ୍ଡେ, ନୀଳାଦ୍ରି ବିହାରୀ ଦାସ, ମୁଖ୍ୟ କୋଚ୍ ସଞ୍ଜୀବ ଶର୍ମା, ଖୋ ଖୋ ହାଇପର୍‌ଫର୍ମାନ୍ସ ସେଣ୍ଟର ପ୍ରୋଗ୍ରାମ ପରିଚାଳକ ବାପି ରାୟ, ମେଣ୍ଟର ମହେଶ ଫଲାଦ୍ରେ, ଆକାଶ ରଣା ପ୍ରମୁଖ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ୫୦ ଜଣ କ୍ରୀଡ଼ାବିତ୍‌ଙ୍କ ଉପସ୍ଥିତିରେ ଖୋ ଖୋ ହାଇପର୍‌ଫର୍ମାନ୍ସ ସେଣ୍ଟର୍ ଉଦ୍‌ଘାଟନ କରାଯାଇଥିଲା। ୧୪ ବର୍ଷରୁ କମ୍ ବାଳକ ବିଭାଗରେ ସୌରଭ ନାୟକ, ଶୁଭମ୍ ବିଶ୍ୱାଳ, ସୁନୀଲ ନାୟକ, ଆଦିତ୍ୟ ଦାସ, ଅଲ୍ପନ୍ କୁମାର ଦାସ, ରାମଲାଲ ବିରୁଆ, ତେଫ୍ରାନିସ ରଣା, ସୌମ୍ୟରଞ୍ଜନ ସ୍ୱାଇଁ, ଶୁଭମ୍ ଦଳାଇ



ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରରେ ଖୋ ଖୋ କ୍ରୀଡ଼ାର ହାଇପର୍‌ଫର୍ମାନ୍ସ ସେଣ୍ଟର ଉଦ୍‌ଘାଟନ ଅବସରରେ ଉପସ୍ଥିତ କ୍ରୀଡ଼ାବିତ୍‌ମାନେ।

ରହିଛନ୍ତି। ସେହିପରି ବାଳିକା ବିଭାଗରେ ଶୁଭଶ୍ରୀ ମଲ୍ଲିକ, ଲିସାରାଣୀ ରଇତ, ସଲିନା ଛତାର, ଚିନ୍ମୟୀ ପ୍ରଧାନ, ରକ୍ତିମା ଭର୍ନାଡ, କେ. ଭବାନୀ, ଲିପିନା ନାଥ, ସମୀକ୍ଷା ବିଶ୍ୱାଳ ରହିଛନ୍ତି। ୧୬ ବର୍ଷରୁ କମ୍ ବାଳକ ବିଭାଗରେ ଶିବ ଗୁପ୍ତା, ଉଦୟ ପଦଲକର, ରାହୁଲ, ଯଶୋବନ୍ତ କୁମାର ଯାଦବ, ଶାରଦା ଘାଟ୍‌ଗେ, କୁନା ବେହେରା ରହିଥିବାବେଳେ ଓପନ ବାଳିକା ବିଭାଗରେ ଅର୍ଚ୍ଚନା ମାଝୀ, ମାଗାଇ ମାଝୀ, ଶୁଭଶ୍ରୀ ସିଂ, ଅର୍ଚ୍ଚନା ପ୍ରଧାନ, ଅନନ୍ୟା ପ୍ରଧାନ, କାଦମ୍ବିନୀ ମାଝୀ, ସବିତା ମୁର୍ମୁ, ଲିପି ନାୟକ, ଦୁର୍ଗାସିନୀ ମାଝୀ, ଜି. ନନ୍ଦିନୀ, କେ. ରମ୍ୟା, ହରପ୍ରିୟା ଭୂୟାଁ, ବାସନ୍ତୀ ନାଗ, ସୁଜାତା ପାଙ୍ଗୀ, ସ୍ମୃତିସମୀକ୍ଷା ବରାଳ, ଗୌରୀ ମୁର୍ମୁ, ଆସିକା କୁଜୁର୍ ରହିଛନ୍ତି। ସେହିପରି ଓପନ ପୁରୁଷ ବିଭାଗରେ ଅର୍ଜୁନ ସିଂ, ଟି. ଜଗନ୍ନାଥ ଦାସ, ପବାନୀ ଶବର, ଦୀପକ କୁମାର ସାହୁ, ବିଶାଲ ଓରାମ, ତେପାଳ ଶଙ୍କର, ପପୁ ମାରାଣ୍ଡି, ସୁନୀଲ ପାତ୍ର, ଆଦିତ୍ୟ କେ. ଏନ୍, ସମୀର ଆଦିୱାଲ୍‌ଙ୍କୁ ଚୟନ କରାଯାଇଛି। ସେମାନଙ୍କ ନିମନ୍ତେ ଏହି ହାଇପର୍‌ଫର୍ମାନ୍ସ ସେଣ୍ଟରରେ ସରକାରଙ୍କ ପକ୍ଷରୁ କ୍ରୀଡ଼ା ସହ ବିଦ୍ୟା ଅଧ୍ୟୟନ କରିବାର ସୁଯୋଗ ଦିଆଯିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ କହିଛନ୍ତି। କାର୍ଯ୍ୟକ୍ରମକୁ ଟିମ୍ ପରିଚାଳକ ରାଜେଶ ରୋଶନ ପ୍ରଧାନ ପରିଚାଳନା କରିଥିବାବେଳେ ପ୍ରୋଜେକ୍ଟ ମ୍ୟାନେଜର ବାପି ରାୟ ମଞ୍ଚ ପରିଚାଳନା କରିଥିଲେ।

## ତୁଷାରକାନ୍ତିଙ୍କୁ ବଧେଇ

ଯୋଗେଶ୍ୱରପୁର,୫।୬(ରଶ୍ମିରଞ୍ଜନ ସାହୁ)

କାକଟପୁରର ବିଜେଡି ପ୍ରାର୍ଥୀ ତୁଷାରକାନ୍ତି ବେହେରା ଦ୍ୱିତୀୟ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଏନେଇ ଧୂମାଳ ପଞ୍ଚାୟତ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅଭିମନ୍ୟୁ ସିଂହ, ସଭାପତି ଆଲୋକ ରାୟ, ସରପଞ୍ଚ ମୋନାଲିସା ସିଂ, ସମିତି ସଭ୍ୟା ଭାନୁମତି ମାଣିକ, ନୟାହାଟ ସୋସାଇଟି ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ନାଏବ ସରପଞ୍ଚ ଅଶୋକ ସାହୁ ପ୍ରମୁଖ ତୁଷାରକାନ୍ତିଙ୍କୁ ବଧେଇ ଜଣାଇଛନ୍ତି।

## ରଥଖଳାରୁ...

### କୋଣଗୁଜରେ ସିଂହବିରାଳ ରୂପ ଖୋଦେଇ

ପୁରୀ,୫।୬(ଅଜିତ୍ ମହାନ୍ତି)



ରଥଖଳାରେ ବୁଧବାର ୩ ରଥର ମୋଟ ୪୨ ଚକ ମଧ୍ୟରୁ ୩୫ଟି ଚକ ନିର୍ମାଣ ଶେଷ ହେବା ସହ ୨୧ଟି ଅଖ ନିର୍ମାଣ ସରିଛି। ଗୁରୁବାର ୩ ରଥର ଆଗ, ପଛ ୨ଟି ଲେଖାଏ ମୁହାଁଟର ଅନୁକୂଳ ପୂଜା ହୋଇ ବିନ୍ଧ କାର୍ଯ୍ୟ ଆରମ୍ଭ ହେବ। ଏଥିସହ ୩ ରଥ ପାଟଦଣ୍ଡାର ଅନୁକୂଳ ପୂଜା ହୋଇ ଦଣ୍ଡାଗୁଡ଼ିକର ଚଉପଟ କାର୍ଯ୍ୟ ଆରମ୍ଭ ହେବ। ବୁଧବାର ତାଳଧ୍ୱଜ ରଥର ୧୧ଟି ଚକ ନିର୍ମାଣ ଶେଷ ହୋଇ ୧୨ତମ ଏବଂ ୧୩ ଚକର ତୁମ୍ବରେ ପଇ ସଂଯୋଗ ପରେ ପଇ କଳସା କାର୍ଯ୍ୟ ଜାରି ରହିଛି। ପ୍ରଥମ ଭୂଇଁର ୪ଟି ଭୂଇଁ ଚଉତା ଚଉପଟ କାର୍ଯ୍ୟ ଶେଷ ହୋଇଛି। ରଥର ୭ଟି ଅଖର ନିର୍ମାଣ କାର୍ଯ୍ୟ ସରିଛି। ପୋଲ ଗୟଳର ଚିରଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦର୍ପଦଳନ ରଥର ୬ଟି ଅଖର ନିର୍ମାଣ କାର୍ଯ୍ୟ ସରିବା ସହ ୧୧ତମ ଚକର ପଇ କଳସା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥର ୪ଟି ପ୍ରଥମ ଭୂଇଁ ଚଉତାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ନନ୍ଦିଘୋଷ ରଥର ୧୬ଟି ଚକରୁ ୧୪ଟି ଚକ ନିର୍ମାଣ ଶେଷ ହୋଇ ୧୫ତମ ଚକର ତୁମ୍ବ ସିଙ୍ଗଡ଼ାରେ ପଇ ପିନ୍ଧା ପରେ ପଇ କଳସା ଜାରି ରହିଛି। ଏଥିସହ ୮ଟି ଅଖର ନିର୍ମାଣ ସରି ୧୨ଟି ଭୂଇଁ ଚଉତାରୁ ପ୍ରଥମ ଭୂଇଁର ୪ଟି ଭୂଇଁ ଚଉତା କାଠର ଚଉପଟ ଶେଷ ହୋଇ, ଦ୍ୱିତୀୟ ଭୂଇଁର ୪ଟି ଭୂଇଁ ଚଉତାର ଚଉପଟ କାର୍ଯ୍ୟ ଜାରି ରହିଛି। ୩ ରଥର ରୂପକାର ସେବକମାନେ କୋଣଗୁଜରେ ସିଂହବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ଶେଷ ହୋଇଥିବା ରୂପଗୁଡ଼ିକର ପଲିସ ସହ ଅଳଙ୍କାର ପକା କାର୍ଯ୍ୟ ଜାରି ରହିଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ୩ ରଥର ଯୋକା କଣ୍ଟା, ଦଣ୍ଡା କଣ୍ଟା, ଅଗ ପତେଳି କଣ୍ଟା ସହ ବିଡ଼ିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

# ପରିବେଶ ସୁରକ୍ଷା ବାର୍ତ୍ତା ବାଣ୍ଟିଲେ ଛାତ୍ରୀଛାତ୍ର




କଣାସ,୫।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀ ସଂସ୍କୃତି କଳା ପରିଷଦ, ତିପୁରୀ, ଜନମଙ୍ଗଳ କ୍ଲବ କଣାସ ଏବଂ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବୁଧବାର ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ପି.ଏସ୍. କ୍ୟାରିୟର ଓ ଗ୍ରିନ୍ ଫ୍ୟାମିଲି କଣାସର ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା କଣାସ ପଞ୍ଚାୟତ ସମିତିଠାରୁ ବାହାରି ବାଲିଘାଇ ଛକ, କୁଞ୍ଜେଶ୍ୱରୀ ବଜାର, ଗୋଲାବଜାର ଦେଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା। ଛାତ୍ରୀଛାତ୍ର ପରିବେଶ ସୁରକ୍ଷା ସମ୍ପର୍କିତ ଲେଖାଥିବା ପ୍ଲାକାର୍ଡ ଧରି ସ୍ଲୋଗାନ୍ ଦେଇଥିଲେ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଡାକ୍ତର ବିଶ୍ୱରଞ୍ଜନ ଜେନା, ବିପିଏମ୍ ଧନେଶ୍ୱର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଆଧୁନିକ ସମାଜରେ ଧ୍ୱଂସାଭିମୁଖୀ ପରିବେଶକୁ କିପରି ରକ୍ଷା କରାଯାଇପାରିବ, ସେନେଇ ସମସ୍ତ ଛାତ୍ରୀଛାତ୍ର ଆଗଭର ହେବା ଦରକାର ବୋଲି ପରାମର୍ଶ ଦେଇଥିଲେ। ଶେଷରେ ଡାକ୍ତରଖାନା ପରିସରରେ ବଉଳ, ଲିମ୍ବ, ଅଶୋକ ଇତ୍ୟାଦି ବୃକ୍ଷର ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିବେଶବିତ୍ ଅର୍ପିତ ମହାପାତ୍ର, ଅଗ୍ନିଶମ ବିଭାଗ କର୍ମଚାରୀ ମହେଶ୍ୱର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।



କେନ୍ଦୁଝରଠାରେ ହେବାକୁ ଥିବା ବରିଷ୍ଠ ପୁରୁଷ ଓ ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ଦଳକୁ ବୁଧବାର ପୁରୀ ଝାଡ଼େଶ୍ୱରୀ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

## ବୃକ୍ଷ ହିଁ ଆମ ଭବିଷ୍ୟତ

ଗୋପ,୫।୬(ଭାରତୀ ଭୂଷଣ ଉପାଧ୍ୟାୟ)

ବୃକ୍ଷ ହିଁ ଆମ ଜୀବନର ଭବିଷ୍ୟତ ହୋଇ ଥିବାବେଳେ ଆମେ ଏଥିପ୍ରତି ସଚେତନ ହେଉନାହୁଁ। ଏବେଠାରୁ ଆମମାନଙ୍କୁ ଗୋଟିଏ ଗୋଟିଏ ଚାରାରୋପଣ କରିବା ସହିତ ପରିବେଶ ସନ୍ତୁଳନତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ବୁଧବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡା. ଜସ୍ମିନି ଆଫ୍ରୋଜ ଏହି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଡା. ଶିବ ପ୍ରସାଦ ମଙ୍ଗରାଜ, ଡା. ସରିତା ମିଶ୍ରଙ୍କ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଯୋଗଦେଇ ପରିବେଶ ସହିତ ବୃକ୍ଷ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରୋଗୀଙ୍କୁ ଫଳ ବଣ୍ଟନ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡା. ଆଫ୍ରୋଜ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରାରୋପଣ କରିଥିଲେ। ଏହାକୁ ସୁଶାନ୍ତ କୁମାର ରାଉତରାୟ, ସୁରେଶ ପ୍ରଧାନଙ୍କ ସହିତ ଅନ୍ୟମାନେ ପରିଚାଳନା କରିଥିଲେ।

## ଓମ୍ ପ୍ରକାଶଙ୍କ ବିଜୟ ଉତ୍ସବ

କଣାସ,୫।୬(ବିଭୂତି ଭୂଷଣ ତ୍ରିପାଠୀ)

ସତ୍ୟବାଦୀ ନିର୍ବାଚନମଣ୍ଡଳୀର ନବ ନିର୍ବାଚିତ ଭାଜପା ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ର ବୁଧବାର କଣାସର ଆରାଧ୍ୟା ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ପୀଠକୁ ଆସି ପ୍ରଥମେ ପୂଜାର୍ଚ୍ଚନା କରିଥିଲେ। ପରେ ମନ୍ଦିର ବାହାରେ କଣାସ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂ, ଜିଲା ପରିଷଦ ସଭ୍ୟା ଲତାମଣି ଜଗଦେବ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ସିରେଇ ପୂର୍ବତନ ସରପଞ୍ଚ ରାଜକିଶୋର ସାମନ୍ତରାୟ, ଗଡ଼ସାହି ପୂର୍ବତନ ସରପଞ୍ଚ ବିଶ୍ୱଭୂଷଣ ମଙ୍ଗରାଜ, ପାଣ୍ଡିଆକେରା ପୂର୍ବତନ ସରପଞ୍ଚ କସ୍ତୁରୀ ବଳିୟାରସିଂହ, ପାଣ୍ଡିଆକେରା ପୂର୍ବତନ ସରପଞ୍ଚ ମନମୋହନ ସାମନ୍ତରାୟ ପ୍ରମୁଖ ତାଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। ମିଶ୍ର ଏକ ଶୋଭାଯାତ୍ରାରେ କଣାସ ବଜାର ଦେଇ ଗୋଲାବଜାର, ଦୋକନ୍ଦା ନୀଳକଣ୍ଠେଶ୍ୱର ମହାଦେବଙ୍କ ପାଖରୁ ଫେରି କଣାସ ଗ୍ରାମ, ଜଳିଆପଡ଼ା, ଗାଣ୍ଡପଡ଼ା, ଡିମିରି, ବେଣାଗାଁ, ଦୟାବିହାର, ଜଙ୍କିଆ, ମର୍ଦ୍ଧାପଲ୍ଲୀ, ଗଡ଼ସାହି ଗ୍ରାମ ପରିକ୍ରମା କରିଥିଲେ। ଜନସାଧାରଣ ତାଙ୍କୁ ଆଶୀର୍ବାଦ ଦେଇଥିବାରୁ ସେ ୫ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସେବା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଗୌରାଙ୍ଗ ଖୁଣ୍ଟିଆ, ପାଗଳ ସ୍ୱାଇଁଙ୍କୁ ଗୁରୁ ପ୍ରଣାମୀ ସମ୍ମାନ

ପୁରୀ,୫।୬(ଅଜିତ୍ କୁମାର ମହାନ୍ତି)

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ କୃଷ୍ଣମଣି ନୃତ୍ୟକଳା ପୀଠ ପକ୍ଷରୁ ଶ୍ରୀପଞ୍ଚମୀ ମହୋତ୍ସବ ତଥା ଅଷ୍ଟମ ଗୁରୁ ପ୍ରଣାମୀ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଗବାନ ମହାସୁଆର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୁରୁ ସୁରେନ୍ଦ୍ର ନାୟକ, ଗୁରୁ ନାରାୟଣ ପାଣ୍ଡେ, ଗୁରୁ ଅଶୋକ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶୀ ସଙ୍ଗୀତ ଗୁରୁ ଗୌରାଙ୍ଗ ଚରଣ ଖୁଣ୍ଟିଆ, ଓଡ଼ିଶୀ ନୃତ୍ୟ ଗୁରୁ ପାଗଳ ସ୍ୱାଇଁଙ୍କୁ ଗୁରୁ ପ୍ରଣାମୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଅତିଥି କଳାକାର ଶୁଭଲକ୍ଷ୍ମୀ ପୂଜାପଣ୍ଡାକୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ମାହାରୀ ନୃତ୍ୟ, ଶିବସ୍ତୁତି, ସମ୍ବଲପୁରୀ ନୃତ୍ୟ ଏବଂ ପାରମ୍ପାରିକ ଲୋକ ନୃତ୍ୟ ପରିବେଷଣ ହୋଇଥିଲା। ଉଦ୍‌ଘୋଷକ ଭାବେ ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଗୁରୁ କୃଷ୍ଣ କୁମାର ଦାସ ଧନ୍ୟବାଦ ଦେଇଥିଲେ।




ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଆୟୋଜିତ ଅଷ୍ଟମ ଗୁରୁ ପ୍ରଣାମୀ ସମ୍ମାନ କାର୍ଯ୍ୟକ୍ରମ ତଥା କୃଷ୍ଣମଣି ନୃତ୍ୟ କଳାପୀଠର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ କଳାକାରମାନେ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)


## ତହସିଲ କାର୍ଯ୍ୟାଳୟ, ରାଇରଙ୍ଗପୁର

ଭୂ–ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ
ଜାତୀୟ ରାଜପଥ ନଂ.୨୨୦ ପ୍ରକଳ୍ପ, ରାଇରଙ୍ଗପୁର, ଜିଲ୍ଲା–ମୟୂରଭଞ୍ଜ

**ସର୍ବସାଧାରଣ ନୋଟିସ**

No.XXI–23:ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956) ର ଧାରା ୩ (କ) ଉପଧାରା–୩ ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ. ୨୨୦ ପ୍ରକଳ୍ପର ପ୍ରଶସ୍ତୀକରଣ ଓ ମଜଭୁତୀକରଣ ନିମନ୍ତେ ରାଜ୍ୟର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁର ତହସିଲର ଅଧୀନସ୍ଥ ନିମ୍ନ ତହସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଜାତୀୟ ରାଜପଥ ସଂଖ୍ୟା–୨୨୦ (ରାଞ୍ଚି–ବିଜୟୱାଡା)ର ରାଇରଙ୍ଗପୁର ବାଇପାସ୍ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ ର ୪୮ ନଂ ଆଇନ)ର ଧାରା ୩ (କ) ର ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ.S.O.788 (E) ତା.୧୯.୦୨.୨୦୨୪ ରିଖ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ଏକୋଇଶ ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ଉକ୍ତ ଜମିର ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତାହାହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ଉପରୋକ୍ତ ଆଇନର ଧାରା–୩ (ଗ) ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡାନ୍ତ ବିବେଚିତ ହେବ ।
ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ୍ ବିବରଣୀ ଭୂ–ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂ–ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ) ରାଇରଙ୍ଗପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ହେଉଅଛି ।

ସ୍ୱା:ତହସିଲଦାର ଏବଂ ଭୂ–ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ,
ଜାତୀୟ ରାଜପଥ ନଂ. ୨୨୦ ପ୍ରକଳ୍ପ, ରାଇରଙ୍ଗପୁର

**MINISTRY OF ROAD TRANSPORT AND HIGHWAYS**
**NOTIFICATION**
**New Delhi, the 19th February, 2024**

S.O. 788(E).— In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation of NH220 in the stretch of land from Km. 31.5 to Km. 38.5 (Rairangpur Bypass) in the district of MAYURBHANJ in the state of ODISHA, hereby declares its intention to acquire such land. Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act. Every such objection shall be made to the Competent Authority, namely, Tahasildar, Rairangpur in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections. Any order made by the Competent Authority under sub-section (2) of section 3C of the said Act shall be final. The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

**SCHEDULE**

Brief Description of the land to be acquired with or without structures falling NH220 in the stretch of land from Km 31.5 to Km 38.5 (Rairangpur Bypass) in the district of MAYURBHANJ in the state of ODISHA.

**THE GAZETTE OF INDIA: EXTRAORDINARY**
**[PART-II-SEC, 3 (ii)]**
**SCHEDULE**

**Brief Description of the land to be acquired with or without structures falling NH220 in the stretch of land from Km 31.5 to Km 38.5 (Rairangpur Bypass) in the district of MAYURBHANJ in the state of ODISHA.**

| State: ODISHA | | | District: MAYURBHANJ | | |
|---|---|---|---|---|---|
| Sl.No. | Survey/Plot Number | Type of Land | Nature of Land | Area (in Local Unit) | Area (in Hectares) |
| 1 | 2 | 3 | 4 | 5 | 6 |
| Taluk: Rairangpur | | | | | |
| Village: Purunapani | | | | | |
| 1 | 137 | Private | Sarada 2 | 0.004 (Hectare) | 0.004 |
| 2 | 137/1040 | Private | Sarada 2 | 0.0323 (Hectare) | 0.0323 |
| 3 | 141 | Private | Sarada 1 | 0.0364 (Hectare) | 0.0364 |
| 4 | 141/1056 | Private | Sarada 1 | 0.0242 (Hectare) | 0.0242 |
| 5 | 147/1042 | Private | Sarada 1 | 0.0161 (Hectare) | 0.0161 |
| 6 | 54 | Private | Sarada Jal 2 | 0.0121 (Hectare) | 0.0121 |
| 7 | 54/1093 | Private | Gharabari | 0.0323 (Hectare) | 0.0323 |
| 8 | 564 | Private | Gharabari | 0.008 (Hectare) | 0.008 |
| 9 | 564/1088 | Private | Gharabari | 0.0161 (Hectare) | 0.0161 |
| 10 | 91/1151 | Private | Sarada Jal 2 | 0.0121 (Hectare) | 0.0121 |
| 11 | 91/1152 | Private | Sarada Jal 2 | 0.0242 (Hectare) | 0.0242 |
| Village- Sijukala | | | | | |
| 12 | 1009/1337 | Private | Gharabari | 0.0101 (Hectare) | 0.0101 |
| Village-Halda | | | | | |
| 13 | 736 | Private | Sarada 1 Jalasechita | 0.1659 (Hectare) | 0.1659 |
| 14 | 736/1158 | Private | Sarada 1 Jalasechita | 0.1659 (Hectare) | 0.1659 |
| 15 | 742/1098 | Private | Sarada Jal Dafasili 1 | 0.0647 (Hectare) | 0.0647 |
| 16 | 974 | Private | Sarada Jal 3 | 0.0607 (Hectare) | 0.0607 |
| 17 | 974/1164 | Government (Private) | Sarada Jal 3 | 0.006 (Hectare) | 0.006 |
| Village: Bhanjasara | | | | | |
| 18 | 163 | Private | Sarada Jal 2 | 0.008 (Hectare) | 0.008 |
| 19 | 163/922 | Private | Sarada Jal 2 | 0.1618 (Hectare) | 0.1618 |
| 20 | 165 | Private | Sarada Jal 2 | 0.2144 (Hectare) | 0.2144 |
| 21 | 165/959 | Private | Gharabari | 0.0202 (Hectare) | 0.0202 |
| 22 | 329 | Private | Sarada Jal 1 | 0.004 (Hectare) | 0.004 |
| Village: Nuagaon | | | | | |
| 23 | 1161/1824 | Private | Sarada Jal 1 Jalasechita | 0.0348 (Hectare) | 0.0348 |
| 24 | 1161/1825 | Private | Sarada Jal 1 Jalasechita | 0.0121 (Hectare) | 0.0121 |
| 25 | 1162 | Private | Sarada Jal 1 Jalasechita | 0.008 (Hectare) | 0.008 |
| 26 | 1162/1826 | Private | Sarada Jal 1 Jalasechita | 0.0121 (Hectare) | 0.0121 |
| 27 | 1240 | Private | Sarada Jal 1 | 0.0242 (Hectare) | 0.0242 |
| 28 | 1536 | Private | Sarada 2 | 0.0016 (Hectare) | 0.0016 |
| 29 | 1536/1852 | Private | Gharabari | 0.0012 (Hectare) | 0.0012 |
| | | | | Total | 1.1935 |

[ F.No. RO/BBSR/11017/LA/97/2016/3A]
ABHAY JAIN, Dy. Secy.
OIPR-24100/14/0002/2425

# ସାବିତ୍ରୀ ପାଇଁ ବଜାର ଭିଡ଼

ଭୁବନେଶ୍ୱର,୫।୬(ଶର୍ମିଷ୍ଠା ପାଣିଗ୍ରାହୀ)

ସାବିତ୍ରୀ ବ୍ରତ ପାଇଁ ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ବଜାରରେ ପ୍ରବଳ ଭିଡ଼ ହୋଇଥିଲା। ବିଶେଷକରି ଫଳ, ଶାଢ଼ି ଦୋକାନରେ ଦିନ ତମାମ ଅଧିକ ଗହଳି ଲାଗି ରହିଥିଲା। ସନ୍ଧ୍ୟାରେ ଭିଡ଼ ବଢ଼ିବା ସହ ବିଭିନ୍ନ ସ୍ଥାନରେ ଟ୍ରାଫିକ ମଧ୍ୟ ଜାମ୍ ହୋଇଥିଲା। ୧ ନମ୍ବର ଓ ମାର୍କେଟ ବିଲ୍ଡିଂରେ ତିନିରୁ ଚାରି ଦିନ ହେବ ଏସବୁ ଦୋକାନରେ ଭଲ ବ୍ୟବସାୟ ହୋଇଥିଲା। ବ୍ୟବସାୟୀମାନେ ବିଶ୍ରାମ ନେବାକୁ ବି ସମୟ ପାଇ ନ ଥିଲେ। ତେବେ ବୁଧବାର ଫଳ ଓ ଚୁଡ଼ି ଦୋକାନରେ ସର୍ବାଧିକ ଭିଡ଼ ହୋଇଥିଲା। ରସୁଲଗଡ଼ କୋଟିଲାଇ ହାଟ, କଳ୍ପନାସ୍ଥିତ ଫଳ ମାର୍କେଟ, ତାରିଣୀ ବସ୍ତ୍ରାଳୟ, ମାର୍କେଟ ବିଲ୍ଡିଂରେ ଥିବା ଦୋକାନଗୁଡ଼ିକରେ ଅଧିକ ଭିଡ଼ ରହିଥିଲା। ଶଙ୍ଖା, ସିନ୍ଦୁର, କଳାମାଳି, ଛୋଟ ଅଇନା, ଅଳତା ବିକ୍ରି କରୁଥିବା ଦୋକାନୀଙ୍କ ପାଖରେ ମହିଳା ଭିଡ଼ ଜମାଇ କିଣାକିଣି କରୁଥିବା ଦେଖିବାକୁ ମିଳିଥିଲା। ତେବେ ଡିମାଣ୍ଡ ଅଧିକ ରହିବାରୁ ଫଳ ଓ ସାବିତ୍ରୀ ବ୍ରତ ସାମଗ୍ରୀର ଦର ମଧ୍ୟ ବଢ଼ାଇ ଦେଇଥିଲେ ବେପାରୀ। ଆମ୍ବ ୧୨୦ରୁ ୨୦୦, ତରଭୁଜ ୩୦, ସପୁରି ୬୦ରୁ ୮୦, କଦଳୀ ୮୦ରୁ ୧୫୦, ନଡ଼ିଆ ୩୦ରୁ ୬୦, ଲିଚୁ ୨୫୦, ସେଓ ୨୦୦ରୁ ୨୫୦, ଗୋଟା ତାଳ ୨୦ଟଙ୍କା, ଜାମୁରୋଳ ୩ଟାକୁ ୨୦ଟଙ୍କା, କେନ୍ଦୁ ୩ଟାକୁ ୨୦ ଗୋଟା ୧୦ ରହିଥିଲା। ପୂର୍ବରୁ ଏହିସବୁ ଦର୍ ଟିକେ କମ୍ ଥିବା ବେଳେ ସାବିତ୍ରୀ ପାଇଁ ଦର ବୃଦ୍ଧି ଘଟିଥିବା ବ୍ୟବସାୟୀମାନେ କହିଛନ୍ତି।

## ୪୦ ଭଉଣୀଙ୍କୁ ସାବିତ୍ରୀ ସଜ

ଭୁବନେଶ୍ୱର,୫।୬(ଶର୍ମିଷ୍ଠା ପାଣିଗ୍ରାହୀ)



ସାବିତ୍ରୀ ବ୍ରତ ପାଳନ ପାଇଁ ଜଣେ ଭଉଣୀ ୪୦ଜଣ ମହିଳାଙ୍କ ପାଇଁ ସାବିତ୍ରୀ ସଜ ନେଇ ସେମାନଙ୍କ ଘରେ ପହଞ୍ଚିଛନ୍ତି। ସେ ତାଙ୍କ ନାମ ମଧ୍ୟ ପ୍ରକାଶ କରିନାହାନ୍ତି। କାରଣ ସେ ନାମ ପାଇଁ ଏହି କାମ କରିନାହାନ୍ତି। ବସ୍ତୁବାଦୀ ଦୁନିଆରେ ଏମିତି କିଛି ଭଲ ମଣିଷଙ୍କ ପାଇଁ ଏ ସଂସାର ଚାଲିଛି କହିଲେ ଆଦୌ ଭୁଲ୍ ହେବ ନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଯାଁଳାସ୍ଥିତ ଏକ କଲୋନୀରେ। ଭଉଣୀ ଜଣକ ୪୦ଜଣ ଅଭାବୀ ଭଉଣୀଙ୍କ ପାଇଁ ନୂଆ ଲୁଗା, ଶଙ୍ଖା, ସିନ୍ଦୂର, ଅଳତା, ବ୍ରତ, ନଡିଆ, ଫଳ ଆଦି ସାଥିରେ ନେଇ ଆସିଥିଲେ। ଏ ସମ୍ପର୍କରେ ସେ କୁହନ୍ତି, ଆଜିକା ମହଙ୍ଗା ଯୁଗରେ ସବୁ ମହିଳାଙ୍କ ଭାଗ୍ୟରେ ନ ଥାଏ ସାବିତ୍ରୀ ବ୍ରତ ପାଳିବା। କାହା ପାଇଁ ଅର୍ଥ ବାଧକ ସାଜିଥାଏ ତ ଆଉ କାହାର ଭାଇଟିଏ ନ ଥାଏ। ଏହାଦ୍ୱାରା ବାପ ଘରୁ ସାବିତ୍ରୀ ସଜ ଆସି ପାରି ନ ଥାଏ। ଏହି କଲୋନୀର ଭଉଣୀଙ୍କ ଜୀବନ ସଂଘର୍ଷ କଥା ଶୁଣି ମୁଁ ଏ ଦାୟିତ୍ୱଟିକୁ ଜୀବନ ଥିବା ଯାଏ ନିଷ୍ଠାର ସହ ପାଳନ କରିବି ବୋଲି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଭଉଣୀଙ୍କ ଏହି ମହାନ୍ କାର୍ଯ୍ୟରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ତ୍ରିଲୋଚନ ବେଉରା, ସ୍ଥାନୀୟ ଯୁବ ସାମାଜିକ କର୍ମୀ ପ୍ରଦୀପ କୁମାର ନାୟକ, ପ୍ରଦୀପ ରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ବିଜେବି ନଗରରେ ବାବୁ ସିଂଙ୍କୁ ସମ୍ବର୍ଦ୍ଧନା

ପୁରୁଣା ଭୁବନେଶ୍ୱର,୫।୬ (ସୁବାସ ଚନ୍ଦ୍ର ପ୍ରଧାନ)

ବିଜେବିନଗରର ମହିଷାଖାଲ ଅଞ୍ଚଳରେ ବୁଧବାର ଭାଜପା ନେତା ସମରେଶ ବେଉରାଙ୍କ ନେତୃତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏକାମ୍ର ନିର୍ବାଚନମଣ୍ଡଳୀର ନବନିର୍ବାଚିତ ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ବଡ଼ଗଡ଼ ଗ୍ରାମର ଯୁବନେତା ସଂଗ୍ରାମ ମାର୍ଥା, ପ୍ରଭାତ ଦଳବେହେରା, ସ୍ମୃତିସାଗର ମହାପାତ୍ର, ବସ୍ତିବାସିନ୍ଦା ନେତା ସର୍ବଶ୍ରୀ ରାଜକିଶୋର ଜେନା, ମୁରଲୀଧର ନାୟକ, ସୂରଜ ମଣ୍ଡଳ, ମନୋଜ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ବସ୍ତିବାସିନ୍ଦାଙ୍କୁ ସେମାନଙ୍କର ସମର୍ଥନ ପାଇଁ ବାବୁ ସିଂ ଧନ୍ୟବାଦ ଦେବା ସହ ନୂତନ ସରକାର ଗଠନ ହେବା ପରେ ଏକାମ୍ରର ବିକାଶ ପାଇଁ କାର୍ଯ୍ୟ କରାଯିବ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ପ୍ରଧାନମନ୍ତ୍ରୀ ଗୃହ ନିର୍ମାଣ ଯୋଗାଣ ଆଦି ସମସ୍ୟାର ସମାଧାନ କରାଯିବ।

## ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କଲେ ଅପରାଜିତା, ବାବୁ ସିଂ



ପୁରୁଣା ଭୁବନେଶ୍ୱର,୫।୬(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ବୁଧବାର ପଦଯାତ୍ରାରେ ଯାଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି। ଏଥିରେ ନବନିର୍ବାଚିତ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ନାରୀ ନେତ୍ରୀ ରଶ୍ମି ମହାପାତ୍ର, ସୁରେନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ରଣସିଂହ, ଅରୁଣ ପୁରୋହିତଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଯୋଗଦେଇଥିଲେ। ଲିଙ୍ଗରାଜ ମନ୍ଦିରରେ ଷଷ୍ଟାଙ୍ଗ ପ୍ରଣିପାତ କରିଥିଲେ ଅପରାଜିତା। ଏହି ଅବସରରେ ବାବୁ ସିଂ କହିଛନ୍ତି, ଏହି ବିଜୟ ଏକାମ୍ରର ପ୍ରତ୍ୟେକ ଜନସାଧାରଣଙ୍କର।

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚରଣରେ ପ୍ରଣାମ କରୁଛି। ଏକାମ୍ର ତଥା ଓଡ଼ିଶାର ସ୍ୱାର୍ଥ ପୂରଣ କରିବା ଦିଗରେ ବାଟ କଢ଼େଇ ନେବାକୁ ସଭିଙ୍କୁ ନିବେଦନ କରିଥିଲେ।

## ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବେ ବେଦାନ୍ତ, ଆଇଓଆର୍ଏ

ଭୁବନେଶ୍ୱର,୫।୬(ଅନୁରାଧା ମହାରଣା)

### ବୁଝାମଣାପତ୍ର ସ୍ୱାକ୍ଷରିତ



ବିଶ୍ୱ ପରିବେଶ ଦିବସରେ ବୁଧବାର ବେଦାନ୍ତ ଆଲୁମିନିୟମ ଭାରତର ଅଗ୍ରଣୀ ପରାମର୍ଶଦାତା ସଂସ୍ଥା ଆଇଓଆର୍ଏ ଇକୋଲୋଜିକାଲ ସଲ୍ୟୁଶନ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଉଭୟ ଅନୁଷ୍ଠାନ ପରିବେଶ ଓ ପ୍ରକୃତିର ସଂରକ୍ଷଣ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବେ। ବିଶେଷକରି ବିଭିନ୍ନ ଅଞ୍ଚଳରେ ଜଳ, ମାଟି, ଗଛଲତା ଓ ଜୀବଜନ୍ତୁ ଆଦି ପ୍ରାକୃତିକ ସଂରକ୍ଷଣକୁ ଗୁରୁତ୍ୱ ଦେବେ। ୨୦୦୯ରେ ପ୍ରତିଷ୍ଠିତ ଆଇଓଆର୍ଏ ବେଦାନ୍ତ ଆଲୁମିନିୟମ ସହ ମିଶି ସ୍ଥାନୀୟ ବିବିଧତା ଓ ଇକୋସିଷ୍ଟମ ଲ୍ୟାଣ୍ଡସ୍କେପ ସ୍ତରୀୟ ପରିଚାଳନା ଉପରେ ପର୍ଯ୍ୟବସିତ ପ୍ରକଳ୍ପର ବିକାଶ ତଥା କାର୍ଯ୍ୟକାରିତାରେ ସହାୟତା କରିବ। ଜଳବାୟୁ ଅଫ୍‌ସେଟ ଓ ଜୈବ ବିବିଧତା ପରିଚାଳନା ପ୍ରକଳ୍ପ ଓଡ଼ିଶା ଓ ଛତିଶଗଡ଼ରେ ଥିବା କମ୍ପାନିର କାର୍ଯ୍ୟାଳୟ ପରିସରରେ ପ୍ରତିଷ୍ଠା ହେବ। ଏନେଇ ବେଦାନ୍ତର ସିଇଓ ଜନ ସ୍ଲାଭେନ କହିଛନ୍ତି, କମ୍ପାନୀ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ମାଧ୍ୟମରେ ପରିବେଶ ପରିଚାଳନାକୁ ଗୁରୁତ୍ୱ ଦେଉଛି। ଆଇଓଆରଏ ସିଇଓ ସ୍ୱପନ ମେହେରା କହିଛନ୍ତି ଯେ, ବେଦାନ୍ତ ଆଲୁମିନିୟମ ସହିତ ସହଭାଗୀ ହୋଇ ଆମେ ପରିବେଶର ଉନ୍ନତି ପାଇଁ କାମ କରିବୁ।

## ରେଳଷ୍ଟେଶନରୁ ୮୦ କେଜି ଗଞ୍ଜେଇ ଜବତ: ୩ ଗିରଫ

ବାଲୁଗାଁ,୫।୬(ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଲ୍‌ୱେ ପୋଲିସ ଚଢ଼ାଉ କରି ୮୦ କେଜି ଗଞ୍ଜେଇ ଜବତ କରିବା ସହ ୩ ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବାଣପୁର ବଡ଼ହନ୍ତୁଆଡ଼ ଗ୍ରାମର ପ୍ରଶାନ୍ତ ପରିଡା(୨୩), ଗଞ୍ଜାମ ଜିଲା କୋଦଳା ଅଞ୍ଚଳର ନାରାୟଣ ପ୍ରଧାନ(୨୩) ଏବଂ ଗଞ୍ଜାମ ପୁରୁଷୋତ୍ତମପୁର ଅଞ୍ଚଳର ଭଗବାନ ସେଠୀ (୨୦)। ଏମାନେ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ଟ୍ରେନ୍‌ରେ ସିକନ୍ଦରାବାଦ ଯିବା ପାଇଁ ୧ନଂ. ପ୍ଲାଟ୍‌ଫର୍ମରେ ୪ଟି ଟ୍ରଲି ବ୍ୟାଗ୍ ଧରି ଅପେକ୍ଷା କରିଥିବା ବେଳେ ରେଲୱେ ପୋଲିସ ସେମାନଙ୍କ ବ୍ୟାଗ୍‌ରୁ ୮୦ କେଜି ଗଞ୍ଜେଇ ଜବତ କରିଥିଲା। ବୁଧବାର ୩ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଜିଆର୍‌ପିକୁ ହସ୍ତାନ୍ତର କରାଯାଇଥିଲା।

## ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଚାରା ରୋପଣ

ଭୁବନେଶ୍ୱର,୫।୬(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟା ମନ୍ଦିରଠାରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କର ଉପ ମହାପ୍ରବନ୍ଧକ (ସି ଆଣ୍ଡ୍ ଏ) ଏ. ପି. ଦାସ ଏବଂ କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟା ମନ୍ଦିରର ଅଧକ୍ଷା ଜ୍ୟୋସ୍ନାରାଣୀ ନନ୍ଦ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। ବିଓବି କାର୍ଯ୍ୟାଳୟ ଓ କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟା ମନ୍ଦିରର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



ବିଓବି ପକ୍ଷରୁ କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟା ମନ୍ଦିରଠାରେ ଚାରା ରୋପଣ କରାଯାଉଛି।

## ଓମ୍‌ଫେଡ୍‌ର ସବୁଜ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୫।୬(ଅନୁରାଧା ମହାରଣା)



ବିଶ୍ୱ ପରିବେଶ ଦିବସ ଅବସରରେ ଓମ୍‌ଫେଡ୍ ପକ୍ଷରୁ ସବୁଜ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଓମ୍‌ଫେଡ୍ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗ୍ରାମ୍ୟ ଓ ଜିଲା ସ୍ତରରେ ଏହି କାର୍ଯ୍ୟକ୍ରମ ମାସେ ବ୍ୟାପୀ ଜାରି ରହିବ। ରାଜ୍ୟର ସମସ୍ତ ପ୍ରାଥମିକ ଦୁଗ୍ଧ ସମବାୟ ସମିତି, ଜିଲା ମୁଖ୍ୟ ଦୁଗ୍ଧ ସମବାୟ ସମିତି ଓ ଦୁଗ୍ଧ ଶୀତଳିକରଣ କେନ୍ଦ୍ର ପରିସରରେ ବ୍ୟାପକ ଚାରା ରୋପଣ କରାଯିବ । ଏଥିରେ ସମବାୟ ସମିତି ସଭ୍ୟାସଭ୍ୟଙ୍କ ସହ ଅଧିକାରୀ ଓ କର୍ମଚାରୀ ସାମିଲ ହେବେ ବୋଲି କୁଲାଙ୍ଗେ ସୂଚନା ଦେଇଛନ୍ତି। ଏଥିସହ ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବ। ଏହି ଅବସରରେ ଓମ୍‌ଫେଡ୍‌ର ବୈଷୟିକ ପରାମର୍ଶଦାତା ଡ. ଦିଗମ୍ବର ନାୟକ, ଜେନେରାଲ ମ୍ୟାନେଜର (ଡାଏରୀ ଅପରେଶନ) ସୌମେନ୍ଦ୍ର ଭୌମିକ, ସାଧାରଣ ପରିଚାଳକ (ଅର୍ଥ) ସୁରେଶ ଚନ୍ଦ୍ର ଆଲଟିଆ, ଉପ-ସାଧାରଣ ପରିଚାଳକ (ମାନବ ସମ୍ବଳ) ଡକ୍ଟର ଜୟକୃଷ୍ଣ ପଟ୍ଟନାୟକ, ଉପ-ପରିଚାଳକ(ସିଏସ୍‌ଏସ୍, ଏମ୍‌ଏମ୍) ଡ. ବିଶ୍ୱରଞ୍ଜନ ତ୍ରିପାଠୀ, ମାର୍କେଟିଂ ଇନ୍-ଚାର୍ଜ ଡ. ଆଲୋକ ଅଗ୍ନିବେଶ, ସହକାରୀ ପରିଚାଳିକା ମନସ୍ୱିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଏଇଏସ୍‌ଏଲ୍‌ର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୫।୬ (ଅଭୟ ଦାଶ)



ଏନଇଇଟି ୟୁଜି ପରୀକ୍ଷା-୨୦୨୪ରେ କୃତକାର୍ଯ୍ୟ ହୋଇଥିବା ଭୁବନେଶ୍ୱର ସେଣ୍ଟରର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ସେଣ୍ଟରର ଅଧିକାରୀଙ୍କ ସହ ଅନ୍ୟମାନେ।

ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍)ର ଛାତ୍ରୀଛାତ୍ରମାନେ ଚଳିତ ବର୍ଷର ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି)ରେ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛନ୍ତି। ଏପରିକି ଏଇଏସ୍‌ଏଲ୍‌ର ୨୧କୃତୀ ପରୀକ୍ଷାର୍ଥୀ ଏନ୍‌ଇଇଟି ୟୁଜି ପରୀକ୍ଷା-୨୦୨୪ ଫଳାଫଳରେ ପ୍ରତ୍ୟେକ ୭୨୦ରୁ ୭୨୦ ସ୍କୋର କରିବା ସହ ସର୍ବଭାରତୀୟସ୍ତର (ଅଲ ଇଣ୍ଡିଆ ର୍ୟାଙ୍କ୍ ବା ଏଆଇଆର୍)ରେ ୧ର୍ୟାଙ୍କ ହାସଲ କରିଛନ୍ତି। ଏହି ୨୧ଜଣଙ୍କ ମଧ୍ୟରୁ ୧୪ଜଣ ଏଇଏସ୍‌ଏଲ୍‌ର କ୍ଲାସ୍‌ରୁମ୍ ଛାତ୍ର ହୋଇଥିବାବେଳେ ୭ଜଣ ଆକାଶର ଡିଷ୍ଟାନ୍ସ ଲର୍ନିଂ ପ୍ରୋଗ୍ରାମ (ଡିଏଲ୍‌ପି)ର ଛାତ୍ର ବୋଲି ଆକାଶ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି ୟୁଜି ପରୀକ୍ଷା-୨୦୨୪ ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏହି ଫଳାଫଳ ଅନୁଯାୟୀ ଆକାଶ ଓଡ଼ିଶା ଶାଖାର ୩୫ଛାତ୍ର ଏନ୍‌ଇଇଟି ୟୁଜି- ୨୦୨୪ ପରୀକ୍ଷା ଫଳାଫଳରେ ୬୯୫ ଓ ତଦୂର୍ଦ୍ଧ୍ୱ ସ୍କୋର କରିଛନ୍ତି। ସେହିଭଳି ୭୨୦ରୁ ୭୧୫ ସ୍କୋର ସହ ଆକାଶ ଓଡ଼ିଶା ସେଣ୍ଟରର ଛାତ୍ର ଗୌତମ ସିଅଳ (ଏଆଇଆର୍-୧୯୦),ଓମ୍ ଅମ୍ରିତ ମହାନ୍ତି (ଏଆଇଆର୍-୨୧୫), ମହମ୍ମଦ ଜାଇଦ ଖାନ୍ (ଏଆଇଆର୍-୨୧୭),ଉତ୍ତମ କୁମାର ପଣ୍ଡା (ଏଆଇଆର୍-୨୩୪) ପ୍ରୀତମ ପାତ୍ର (ଏଆଇଆର୍-୨୬୫),ଅଭିକ ଦ୍ୱିଜେଶ ଦାସ (ଏଆଇଆର୍-୨୯୧), ଆୟୁଷ ଆୟୁଷ୍ମାନ (ଏଆଇଆର୍-୨୯୪) ଏବଂ ୭୧୦ ସ୍କୋର ସହିତ ଆର୍ଯ୍ୟାନ ଦାସ (ଏଆଇଆର୍-୫୯୩) ସଫଳତା ହାସଲ କରିଛନ୍ତି। ଅପରପକ୍ଷରେ

### ଆକାଶର ଓଡ଼ିଶା ସେଣ୍ଟରରୁ ୩୫ ଶ୍ରେଷ୍ଠ ସ୍କୋରର

ଆକାଶର ମୃଦୁଲ ମାନ୍ୟ ଆନନ୍ଦ, ଆୟୁଷ ନାଉଗ୍ରାୟା, ଅକ୍ଷତ ପାନଗାରିଆ, ଆଦିତ୍ୟ କୁମାର ପଣ୍ଡା, ଅର୍ଘ୍ୟଦୀପ ଦତ୍ତ, ସକ୍ଷମ ଅଗ୍ରୱାଲ, ସୁଜୟ ଦତ୍ତ, ଆର୍ଯ୍ୟନ ଯାଦବ, ମାନବ ପ୍ରିୟଦର୍ଶୀ, ପଲାଂଶା ଅଗ୍ରୱାଲ, ଧ୍ରୁବ ଗର୍ଗ, ସମିତ କୁମାର ସାଇନି ଏବଂ ଇରମ କ୍ୱାଜି ଓ କୀର୍ତ୍ତି ଶର୍ମା ଏଆଇଆର୍-୧ ରେ ସ୍ଥାନ ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ଆକାଶ ଭୁବନେଶ୍ୱର ସେଣ୍ଟର ପକ୍ଷରୁ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଆକାଶର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏଇଏସ୍‌ଏଲ୍‌ର ଆଞ୍ଚଳିକ ନିର୍ଦ୍ଦେଶକ (ରିଜିଓନାଲ ଡାଇରେକ୍ଟର) ଅଜୟ ବାହାଦୁର ସିଂ କହିଛନ୍ତି,ଚଳିତ ବର୍ଷ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସଫଳତା ନିମନ୍ତେ ଅଭିନନ୍ଦନ ଜଣାଉଛି। ଏପରିକି ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଭବିଷ୍ୟତ ପ୍ରୟାସଗୁଡ଼ିକ ନିମନ୍ତେ ସର୍ବକୁଶଳତା କାମନା କରୁଛି।


# ତହସିଲ କାର୍ଯ୍ୟାଳୟ, ରାଇରଙ୍ଗପୁର

ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ
ଜାତୀୟ ରାଜପଥ ନଂ.୨୨୦ ପ୍ରକଳ୍ପ, ରାଇରଙ୍ଗପୁର, ଜିଲ୍ଲା-ମୟୂରଭଞ୍ଜ

**ସର୍ବସାଧାରଣ ନୋଟିସ**

No.XXI-23:ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956) ର ଧାରା ୩ (କ) ଉପଧାରା-୩ ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ. ୨୨୦ ପ୍ରକଳ୍ପର ପ୍ରଶସ୍ତୀକରଣ ଓ ମଜଭୁତୀକରଣ ନିମନ୍ତେ ରାଜ୍ୟର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁର ତହସିଲର ଅଧୀନସ୍ଥ ନିମ୍ନ ତହସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଜାତୀୟ ରାଜପଥ ସଂଖ୍ୟା-୨୨୦ (ରାଞ୍ଚି-ବିଜୟୱାଡା)ର ରାଇରଙ୍ଗପୁର ବାଇପାସ୍ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ ର ୪୮ ନଂ ଆଇନ)ର ଧାରା ୩ (କ) ର ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ.S.O.788 (E) ତା.୧୯.୦୨.୨୦୨୪ ରିଖ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ଏକୋଇଶ ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ଉକ୍ତ ଜମିର ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତାହାହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ଉପରୋକ୍ତ ଆଇନର ଧାରା-୩ (ଗ) ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡାନ୍ତ ବିବେଚିତ ହେବ ।
ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ୍ ବିବରଣୀ ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ) ରାଇରଙ୍ଗପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ହେଉଅଛି ।

ସ୍ୱା:ତହସିଲଦାର ଏବଂ ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ,
ଜାତୀୟ ରାଜପଥ ନଂ. ୨୨୦ ପ୍ରକଳ୍ପ, ରାଇରଙ୍ଗପୁର

**MINISTRY OF ROAD TRANSPORT AND HIGHWAYS**
**NOTIFICATION**
**New Delhi, the 19th February, 2024**

S.O. 788(E).— In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation of NH220 in the stretch of land from Km. 31.5 to Km. 38.5 (Rairangpur Bypass) in the district of MAYURBHANJ in the state of ODISHA, hereby declares its intention to acquire such land. Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act. Every such objection shall be made to the Competent Authority, namely, Tahasildar, Rairangpur in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections. Any order made by the Competent Authority under sub-section (2) of section 3C of the said Act shall be final. The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

**SCHEDULE**

Brief Description of the land to be acquired with or without structures falling NH220 in the stretch of land from Km 31.5 to Km 38.5 (Rairangpur Bypass) in the district of MAYURBHANJ in the state of ODISHA.

**THE GAZETTE OF INDIA: EXTRAORDINARY**
[PART-II-SEC, 3 (ii)]

**SCHEDULE**

**Brief Description of the land to be acquired with or without structures falling NH220 in the stretch of land from Km 31.5 to Km 38.5 (Rairangpur Bypass) in the district of MAYURBHANJ in the state of ODISHA.**

| State: ODISHA | | | District: MAYURBHANJ | | |
|---|---|---|---|---|---|
| Sl.No. | Survey/Plot Number | Type of Land | Nature of Land | Area (in Local Unit) | Area (in Hectares) |
| 1 | 2 | 3 | 4 | 5 | 6 |
| Taluk: Rairangpur | | | | | |
| Village: Purunapani | | | | | |
| 1 | 137 | Private | Sarada 2 | 0.004 (Hectare) | 0.004 |
| 2 | 137/1040 | Private | Sarada 2 | 0.0323 (Hectare) | 0.0323 |
| 3 | 141 | Private | Sarada 1 | 0.0364 (Hectare) | 0.0364 |
| 4 | 141/1056 | Private | Sarada 1 | 0.0242 (Hectare) | 0.0242 |
| 5 | 147/1042 | Private | Sarada 1 | 0.0161 (Hectare) | 0.0161 |
| 6 | 54 | Private | Sarada Jal 2 | 0.0121 (Hectare) | 0.0121 |
| 7 | 54/1093 | Private | Gharabari | 0.0323 (Hectare) | 0.0323 |
| 8 | 564 | Private | Gharabari | 0.008 (Hectare) | 0.008 |
| 9 | 564/1088 | Private | Gharabari | 0.0161 (Hectare) | 0.0161 |
| 10 | 91/1151 | Private | Sarada Jal 2 | 0.0121 (Hectare) | 0.0121 |
| 11 | 91/1152 | Private | Sarada Jal 2 | 0.0242 (Hectare) | 0.0242 |
| Village- Sijukala | | | | | |
| 12 | 1009/1337 | Private | Gharabari | 0.0101 (Hectare) | 0.0101 |
| Village-Halda | | | | | |
| 13 | 736 | Private | Sarada 1 Jalasechita | 0.1659 (Hectare) | 0.1659 |
| 14 | 736/1158 | Private | Sarada 1 Jalasechita | 0.1659 (Hectare) | 0.1659 |
| 15 | 742/1098 | Private | Sarada Jal Dafasili 1 | 0.0647 (Hectare) | 0.0647 |
| 16 | 974 | Private | Sarada Jal 3 | 0.0607 (Hectare) | 0.0607 |
| 17 | 974/1164 | Government (Private) | Sarada Jal 3 | 0.006 (Hectare) | 0.006 |
| Village: Bhanjasara | | | | | |
| 18 | 163 | Private | Sarada Jal 2 | 0.008 (Hectare) | 0.008 |
| 19 | 163/922 | Private | Sarada Jal 2 | 0.1618 (Hectare) | 0.1618 |
| 20 | 165 | Private | Sarada Jal 2 | 0.2144 (Hectare) | 0.2144 |
| 21 | 165/959 | Private | Gharabari | 0.0202 (Hectare) | 0.0202 |
| 22 | 329 | Private | Sarada Jal 1 | 0.004 (Hectare) | 0.004 |
| Village: Nuagaon | | | | | |
| 23 | 1161/1824 | Private | Sarada Jal 1 Jalasechita | 0.0348 (Hectare) | 0.0348 |
| 24 | 1161/1825 | Private | Sarada Jal 1 Jalasechita | 0.0121 (Hectare) | 0.0121 |
| 25 | 1162 | Private | Sarada Jal 1 Jalasechita | 0.008 (Hectare) | 0.008 |
| 26 | 1162/1826 | Private | Sarada Jal 1 Jalasechita | 0.0121 (Hectare) | 0.0121 |
| 27 | 1240 | Private | Sarada Jal 1 | 0.0242 (Hectare) | 0.0242 |
| 28 | 1536 | Private | Sarada 2 | 0.0016 (Hectare) | 0.0016 |
| 29 | 1536/1852 | Private | Gharabari | 0.0012 (Hectare) | 0.0012 |
| | | | | Total | 1.1935 |

[ F.No. RO/BBSR/11017/LA/97/2016/3A]
ABHAY JAIN, Dy. Secy.
OIPR-24100/14/0002/2425

# ୧୫ ସୁଦ୍ଧା ପଙ୍କୋଦ୍ଧାର ସରିବ

**କଟକ,୫।୬(କାର୍ତ୍ତିକ ସାହୁ)**

ସହରର ଜଳବନ୍ଦୀ ସମସ୍ୟାକୁ ପ୍ରତିହତ କରିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ଚୌଧୁରୀବଜାରସ୍ଥିତ ବିଜୁ ଭବନ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର କାଉନ୍‌ସିଲ୍ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଦ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ଉପରେ ଆଲୋଚନା ହୋଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ଏହି ବୈଠକରେ ଆଗାମୀ ବର୍ଷାଦିନ ମୁକାବିଲା ନିମନ୍ତେ ପ୍ରସ୍ତୁତି ଉପରେ ଆଲୋକପାତ କରାଯାଇଥିଲା। କର୍ପୋରେଟରମାନେ ନିଜ ୱାର୍ଡର ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ। ତେବେ ସହରର ପ୍ରାୟ ୬୦% ଡ୍ରେନ୍‌ରୁ ପଙ୍କୋଦ୍ଧାର କରାଯାଇଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଶତ ପ୍ରତିଶତ ପଙ୍କୋଦ୍ଧାର କାର୍ଯ୍ୟ ଶେଷ କରିବାକୁ ମେୟର ସିଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଳିଆ ଅଞ୍ଚଳରେ ଜଳ ନିଷ୍କାସନ ଠିକ୍ ଭାବରେ ନ ହେବାରୁ ସେଠାକାର ଲୋକମାନେ ଦୀର୍ଘ ସମୟ ଧରି ଜଳବନ୍ଦୀ ସମସ୍ୟା ଭୋଗୁଛନ୍ତି। ତେଣୁ ଏସବୁ ଅଞ୍ଚଳରୁ ଜଳ ନିଷ୍କାସନ ନିମନ୍ତେ ୨୮୦ଟି ମୋଟର ପମ୍ପ ଲଗାଯିବାକୁ ସ୍ଥିର ହୋଇଛି। ସେଥିମଧ୍ୟରୁ ୧୮୦ଟି ପମ୍ପକୁ ଚିହ୍ନଟ ହୋଇଥିବା ସ୍ଥାନରେ ରଖାଯାଇ ଚାଳକଙ୍କୁ ନିୟୋଜିତ କରାଯାଇଥିବା ମେୟର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଜଳ ନିଷ୍କାସନରେ ମୁଖ୍ୟ ପ୍ରତିବନ୍ଧକ ସାଜିଛି ମୁଖ୍ୟ ଡ୍ରେନ୍ ନିର୍ମାଣ କାର୍ଯ୍ୟ। ଛତ୍ରବଜାରଠାରୁ ମାତୃଭବନ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ମୁଖ୍ୟ ନାଳରେ ଜଳ ନିଷ୍କାସନ ହୋଇପାରୁ ନ ଥିଲା। ଏହାର ପ୍ରତିକାର ପାଇଁ ବର୍ଷାଦିନରେ ମାତୃଭବନଠାରୁ କିଛିଦିନ ପାଇଁ ମୁଖ୍ୟ ଡ୍ରେନ୍‌କୁ ଖୋଲିଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ବକ୍ସ ଡ୍ରେନ୍‌ର ଏକାଧିକ ସ୍ଥାନରେ ଜାମ୍ ରହିଛି। ତେଣୁ ତୁରନ୍ତ ସେହି ସ୍ଥାନଗୁଡ଼ିକୁ ସଫା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସିଏମ୍‌ସି ଦ୍ୱାରା ପ୍ରସ୍ତୁତି କରାଯାଉ ନ ଥିବାରୁ ଲୋକମାନେ ହନ୍ତସନ୍ତ ହେଉଛନ୍ତି ବୋଲି କର୍ପୋରେଟରମାନେ ଅଭିଯୋଗ କରିଥିଲେ। କେତେ ସଂଖ୍ୟକ ମୋଟର ପମ୍ପ ଅଛି ତାହାର ତାଲିକା ତିଆରି କରାଯାଇନାହିଁ। ଏ ନେଇ କର୍ପୋରେଟରମାନଙ୍କୁ ମଧ୍ୟ କୌଣସି ସୂଚନା ଦିଆଯାଉନାହିଁ ବୋଲି କେତେଜଣ କର୍ପୋରେଟର କହିଥିଲେ। ସବୁ ୱାର୍ଡରେ ଜଳ ନିଷ୍କାସନ ମାତ୍ର ୩୦% ହୋଇଥିବା କଂଗ୍ରେସ ଓ ଭାଜପା କର୍ପୋରେଟରମାନେ ଅଭିଯୋଗ କରିଥିଲେ। ତେବେ ତୁରନ୍ତ ଅସୁବିଧା ଓ ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଭାଜପା କର୍ପୋରେଟରମାନେ ସାଧାରଣ ନିର୍ବାଚନରେ ଭାଜପାର ଅଭୂତପୂର୍ବ ବିଜୟ ପାଇଁ ମେୟରଙ୍କ ସମେତ ଅନ୍ୟମାନଙ୍କୁ ମିଠା ଖୁଆଇଥିଲେ। ଏହି ବୈଠକରେ ସିଏମ୍‌ସି କମିଶନର ବିଜୟ କୁମାର ଦାସ, ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ ସମସ୍ତ ଡେପୁଟି କମିଶନର, ଯନ୍ତ୍ରୀ, ବିଭାଗୀୟ ଅଧିକାରୀ ଏବଂ କର୍ପୋରେଟରମାନେ ଉପସ୍ଥିତ ଥିଲେ।



ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ ଅନ୍ୟମାନେ।

**ସିଏମ୍‌ସିର ସ୍ୱତନ୍ତ୍ର କାଉନ୍‌ସିଲ ବୈଠକ**

- ଜଳ ନିଷ୍କାସନରେ ଲାଗିବ ୨୮୦ ମୋଟର ପମ୍ପ
- କିଛି ଦିନ ଖୋଲିଦିଆଯିବ ମୁଖ୍ୟ ଡ୍ରେନ
- ରସଗୋଲା ଖୁଆଇଲେ ଭାଜପା କର୍ପୋରେଟର

# ‘କଟକର ବିକାଶକୁ ଗୁରୁତ୍ୱ ଦେବି’

**କଟକ, ୫।୬(ଶିଳ୍ପା ପ୍ରିୟଦର୍ଶିନୀ)**

**ଶୋଭାଯାତ୍ରାରେ କଟକବାସୀଙ୍କୁ ଧନ୍ୟବାଦ ଜଣାଇଲେ ସୋଫିଆ**

ଚଳିତ ନିର୍ବାଚନରେ ବାରବାଟୀ-କଟକ ଆସନରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ ୭୦୦୦ରୁ ଅଧିକ ଭୋଟରେ ବିଜୟୀ ହୋଇଛନ୍ତି। ଏହାକୁ ନେଇ କଂଗ୍ରେସ ପକ୍ଷରୁ ବୁଧବାର ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ମାଛୁଆ ବଜାରସ୍ଥିତ ଏଲ୍‌ଆଇସି କାର୍ଯ୍ୟାଳୟ ନିକଟରୁ ବାହାରି ବକ୍ସିବଜାର, ଚୌଧୁରୀ ବଜାର ଦେଇ ଚାନ୍ଦିନୀଚୌକଠାରେ ଶେଷ ହୋଇଥିଲା। ଏଥିରେ ସୋଫିଆ ଫିର୍ଦ୍ଦୋସ, କଂଗ୍ରେସ୍‌ର ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମ ଯୋଗଦେଇଥିଲେ। ଶୋଭାଯାତ୍ରାରେ ଉକ୍ତ ଅଞ୍ଚଳର ଲୋକଙ୍କୁ ଭେଟି କଂଗ୍ରେସକୁ ସମର୍ଥନ କରିଥିବାରୁ ସୋଫିଆ ଧନ୍ୟବାଦ ଜଣାଇଛନ୍ତି। ଏନେଇ ସେ କହିଛନ୍ତି, ବାରବାଟୀ-କଟକବାସୀ ମୋ ଉପରେ ବିଶ୍ୱାସ କରିଥିବାରୁ ଧନ୍ୟବାଦ ଜଣାଉଛି। ଏବେ ବିକାଶର ସମୟ ଆସିଛି। କଟକର ବିକାଶ ଓ କଟକବାସୀଙ୍କ ସମସ୍ୟା ସମାଧାନ ଉପରେ ଅଧିକ ଗୁରୁତ୍ୱ ଦେବି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରା, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଜେ. କାମେଶ ରାଓ, ବିକି ଚକ୍ରବର୍ତ୍ତୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ଶୋଭାଯାତ୍ରାରେ ବିଜୟୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ, କଂଗ୍ରେସ୍‌ର ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମଙ୍କ ସମେତ ଅନ୍ୟମାନେ।



ବକ୍ସିବଜାରଠାରେ ବୁଧବାର କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି।

# ‘ବୃକ୍ଷଲତା ଜୀବଜଗତର ବନ୍ଧୁ’

**କଟକ,୫।୬ (କାର୍ତ୍ତିକ ସାହୁ)**

ବୃକ୍ଷଲତା ହେଉଛି ଜୀବଜଗତର ବନ୍ଧୁ। ଆମ ପରିବେଶରେ ବୃକ୍ଷଲତା ପର୍ଯ୍ୟାବରଣର ଅପରିହାର୍ଯ୍ୟ ଅଂଶ। ଆମେ ସମସ୍ତେ ଗଛ ଲଗାଇ ଜୀବଜଗତକୁ ସୁରକ୍ଷିତ ରଖିବା ସହ ମାନବ ସଭ୍ୟତାର କଲ୍ୟାଣ ସାଧନ କରିବା ଆଜିର ଆହ୍ୱାନ ବୋଲି ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ କହିଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ଆଚାର୍ଯ୍ୟ ଯୋଗଦେଇ ଉପରୋକ୍ତ ବିଷୟରେ କହିଛନ୍ତି। ଅପରାହ୍ନରେ ଆୟୋଜିତ ଆଭାସୀ ୱେବିନାରରେ ମୁଖ୍ୟବକ୍ତା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ନରେନ୍ଦ୍ର କୁମାର ରାଣା କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ରୋକିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ୪ଟି ଚାରାରୋପଣ କରିବାକୁ ହେବ। ଅନ୍ୟତମ ଅତିଥି ଓଡ଼ିଶା ପରିବେଶ ସମିତିର ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ପରିବେଶ ସୁରକ୍ଷା ସହ ନିରନ୍ତର ବିକାଶର ଆବଶ୍ୟକତା ଥିବା କହିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳସଚିବ କାହ୍ନୁ ଚରଣ ମଲ୍ଲିକ କହିଛନ୍ତି, ପରିବେଶର ସୁରକ୍ଷା ପାଇଁ ବିଦ୍ୟାର୍ଥୀମାନଙ୍କ ଉଦ୍ୟମ ଆବଶ୍ୟକ। ବରିଷ୍ଠ ପ୍ରଫେସର ଡ. ପ୍ରଦୀପ କୁମାର ମହାପାତ୍ର କହିଛନ୍ତି, ଚାରାରୋପଣ ମାନବ ଜୀବନଚର୍ଯ୍ୟାର କେନ୍ଦ୍ରରେ ରହିଲେ ପରିବେଶ ସୁରକ୍ଷିତ ରହିପାରିବ। ଫରେଷ୍ଟ ଅଫିସର ମାଣିକ ମୁଣ୍ଡା ଚାରାରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଡ. ଶିବଶଙ୍କର ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ମୁଖ୍ୟ ୱାର୍ଡେନ ପ୍ରଫେସର ଶିବବ୍ରତ ଦାସ, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଡ. ସୀତାରାମ ମହାପାତ୍ର, ପ୍ରୋଗ୍ରାମ ଅଫିସର ଡ. କାଶ୍ମୀରା ମୁର୍ମୁ, ଡ. ସରୋଜ କୁମାର ସିଂହ, ଡ. ସୁଶାନ୍ତ କୁମାର ମିଶ୍ର, ଡ. ଶ୍ୟାମସୁନ୍ଦର ଓ ବିଭିନ୍ନ ବିଭାଗର ସ୍ୱେଚ୍ଛାସେବୀ ଚାରାରୋପଣ କରିଥିଲେ। ସ୍ୱେଚ୍ଛାସେବୀ ସ୍ଥିତପ୍ରଜ୍ଞା ତ୍ରିପାଠୀ ଆଭାସୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ବିକଳି ଚରଣ ଦାସ ଧନ୍ୟବାଦ ଦେଇଥିଲେ।

# ଅରୁଣ, ବିଚିତ୍ରା ପାଇବେ ନନ୍ଦକିଶୋର ସାମଲ ସ୍ମୃତି ସମ୍ମାନ

**କଟକ,୫।୬ (କାର୍ତ୍ତିକ ସାହୁ)**

ଶିଶୁ ସାହିତ୍ୟ ସ୍ରଷ୍ଟା ଅରୁଣ ଚନ୍ଦ୍ର ମହାନ୍ତି ଓ ଶିକ୍ଷୟିତ୍ରୀ ବିଚିତ୍ରା ବେହେରାଙ୍କୁ ଚଳିତବର୍ଷର ନନ୍ଦକିଶୋର ସାମଲ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ନନ୍ଦକିଶୋର ସାମଲଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଉଦ୍‌ଘାଟନୀ ଉତ୍ସବ ଉପଲକ୍ଷେ ଆସନ୍ତା ୧୨ ତାରିଖ ସନ୍ଧ୍ୟାରେ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯିବ। ଡ. ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅସୀମ ଅମିତାଭ ଦାଶ, ବିଶ୍ୱପ୍ରକାଶ ପଟ୍ଟନାୟକ, ଡା. ନିତ୍ୟାନନ୍ଦ ସ୍ୱାଇଁ, ପ୍ରଫେସର ବିଜୟାନନ୍ଦ ସିଂହ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସ୍ମୃତିନ୍ୟାସର ସାଧାରଣ ସମ୍ପାଦକ ଡ. ସୁନାମଣି ରାଉତ ସୂଚନା ଦେଇଛନ୍ତି।

# ଶୋଭାଯାତ୍ରାରେ ପରିବେଶ ସଚେତନତା ବାର୍ତ୍ତା



**କଟକ,୫।୬(କାର୍ତ୍ତିକ ସାହୁ)**

ଭାରତ ସରକାରଙ୍କ ଦକ୍ଷତା ବିକାଶ ଅନୁଷ୍ଠାନ ଜନ ଶିକ୍ଷଣ ସଂସ୍ଥାନର ସିଡିଏସ୍ଥିତ କାର୍ଯ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଆର୍‌ଡିଏସ୍‌ଡିଇର ଯୁଗ୍ମ ନିର୍ଦ୍ଦେଶକ ବି. ରବି, ସମ୍ମାନିତ ଅତିଥି ଏନ୍‌ଏସ୍‌ଟିଆଇର ମାଷ୍ଟର ଟ୍ରେନର ଅତନୁ ଘୋଷ ଯୋଗଦେଇ ବିଶ୍ୱ ପରିବେଶ ଦିବସର ଆଭିମୁଖ୍ୟ ଓ ଚାରାରୋପଣର ଗୁରୁତ୍ୱ ସମ୍ପର୍କରେ ସଂସ୍ଥାନର ଶିକ୍ଷାର୍ଥୀମାନଙ୍କୁ କହିଛନ୍ତି। ସଂସ୍ଥାନ ପ୍ରାଙ୍ଗଣରେ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା। ଏଥିସହ ସଂସ୍ଥାନର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପରିବେଶ ସଚେତନତା ଶୋଭାଯାତ୍ରା ସିଡିଏ ଅଞ୍ଚଳରେ ପରିକ୍ରମା କରିଥିଲା। ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ସମ୍ବିଦ ମହାନ୍ତି ଓ ସହ କାର୍ଯ୍ୟକ୍ରମ ଅଧିକାରୀ ଶୁଭଶ୍ରୀ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ପରିବେଶ ସୁରକ୍ଷା ପାଇଁ ଯତ୍ନବାନ ହୁଅନ୍ତୁ

**କଟକ,୫।୬(ଶିଳ୍ପା ପ୍ରିୟଦର୍ଶିନୀ)**

ରାଜ୍ୟ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଓଡ଼ିଶା ମାର୍କେଟିଂ ଉନ୍ନୟନ ପ୍ରକଳ୍ପର ମିଳିତ ଆନୁକୂଲ୍ୟରେ କଟକ ଖପୁରିଆସ୍ଥିତ ଯୁବ ଶିଳ୍ପୋଦ୍ୟୋଗୀ ସଂଘ କାର୍ଯ୍ୟାଳୟରେ ବିଶ୍ୱ ପରିବେଶ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଜିଲା ଶିଳ୍ପକେନ୍ଦ୍ର ମୁଖ୍ୟ ଅଧିକାରୀ ତରୁଣ କୁମାର ମହାନ୍ତି, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରଶ୍ମିତା ପ୍ରିୟଦର୍ଶିନୀ, ରଘୁନାଥଜୀଉ କଲେଜର ବରିଷ୍ଠ ଅଧ୍ୟାପକ ଡ. ସୁଧାମୟୀ ବେଉରା ଯୋଗଦେଇଥିଲେ। ପରିବେଶର ସୁରକ୍ଷା ଏବଂ ପ୍ରଦୂଷଣ ମୁକ୍ତ ପାଇଁ ଶିଳ୍ପୋଦ୍ୟୋଗୀମାନେ ଯତ୍ନବାନ ହୁଅନ୍ତୁ। ଏଥିସହ ସମସ୍ତେ ସଚେତନ ହେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ରବୀନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇ ପରିବେଶର ସୁରକ୍ଷା ଏବଂ ପ୍ରକୃତିର ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ସେହିପରି ଏସ୍‌ସିବି ମେଡିକାଲ ଓ ବନ ବିଭାଗର ମିଳିତ ଉଦ୍ୟମରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏସ୍‌ସିବି ମେଡିକାଲ ପରିସରରେ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ମିଶ୍ର, ପ୍ରଶାସନିକ ଅଧିକାରୀ ଡ. ଅଭିନାଶ ରାଉତ ଯୋଗଦେଇ ଚାରାରୋପଣ ସହ ଏ ଦିଗରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି କହିଛନ୍ତି।




ଖପୁରିଆସ୍ଥିତ ଯୁବ ଶିଳ୍ପୋଦ୍ୟୋଗୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।


# ତହସିଲ କାର୍ଯ୍ୟାଳୟ, ରାଇରଙ୍ଗପୁର

**ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ**
**ଜାତୀୟ ରାଜପଥ ନଂ.୨୨୦ ପ୍ରକଳ୍ପ, ରାଇରଙ୍ଗପୁର, ଜିଲ୍ଲା-ମୟୂରଭଞ୍ଜ**

**ସର୍ବସାଧାରଣ ନୋଟିସ**

No.XXI-23:ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956) ର ଧାରା ୩ (କ) ଉପଧାରା-୩ ମୁତାବକ ଯେହେତୁ, ଭାରତ ସରକାର ସଡ଼କ ଓ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ରାଜପଥ ନଂ. ୨୨୦ ପ୍ରକଳ୍ପର ପ୍ରଶସ୍ତୀକରଣ ଓ ମଜଭୁତୀକରଣ ନିମନ୍ତେ ରାଜ୍ୟର ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁର ତହସିଲର ଅଧୀନସ୍ଥ ନିମ୍ନ ତହସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟରେ ଜାତୀୟ ରାଜପଥ ସଂଖ୍ୟା-୨୨୦ (ରାଞ୍ଚି-ବିଜୟୱାଡା)ର ରାଇରଙ୍ଗପୁର ବାଇପାସ୍ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି । ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ ର ୪୮ ନଂ ଆଇନ)ର ଧାରା ୩ (କ) ର ଉପଧାରା (୧) ଅନୁଯାୟୀ କେନ୍ଦ୍ର ସରକାର ତାଙ୍କ ଅଧିସୂଚନା ନଂ.S.O.788 (E) ତା.୧୯.୦୨.୨୦୨୪ ରିଖ ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି । ଏତଦ୍ୱାରା ତଫସିଲଭୁକ୍ତ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ଅଧିସୂଚନା ପ୍ରକାଶିତ ହେବାର ଏକୋଇଶ ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ଉକ୍ତ ଜମିର ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ, ତାହାହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା ବିଧିପୂର୍ବକ କ୍ଷମତାପନ୍ନ ବ୍ୟକ୍ତିଙ୍କ ଦ୍ୱାରା କାରଣ ସହ ଲିଖିତ ଭାବେ ଉପରୋକ୍ତ ଆଇନର ଧାରା-୩ (ଗ) ଉପଧାରା (୨) ଅନୁଯାୟୀ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଆଦେଶ ଚୂଡ଼ାନ୍ତ ବିବେଚିତ ହେବ ।
ଉକ୍ତ ଜମିର ଏକ ନକ୍ସା ଓ ଅନ୍ୟାନ୍ୟ ବିଶଦ୍ ବିବରଣୀ ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ, ଭୂ-ଅର୍ଜନ ପ୍ରକୋଷ୍ଠ (ଜାତୀୟ ରାଜପଥ) ରାଇରଙ୍ଗପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣଙ୍କ ନିରୀକ୍ଷଣ କରିବା ନିମନ୍ତେ ହେଉଅଛି ।

ସ୍ୱା:ତହସିଲଦାର ଏବଂ ଭୂ-ଅର୍ଜନ ଅଧିକାରୀ ତଥା କ୍ଷମତାପନ୍ନ ପ୍ରାଧିକାରୀ,
ଜାତୀୟ ରାଜପଥ ନଂ. ୨୨୦ ପ୍ରକଳ୍ପ, ରାଇରଙ୍ଗପୁର

**MINISTRY OF ROAD TRANSPORT AND HIGHWAYS**
**NOTIFICATION**
**New Delhi, the 19th February, 2024**

S.O. 788(E).— In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the land, the brief description of which is given in the Schedule below, is required for building (widening/two lane with paved shoulder/four laning etc.,), maintenance, management and operation of NH220 in the stretch of land from Km. 31.5 to Km. 38.5 (Rairangpur Bypass) in the district of MAYURBHANJ in the state of ODISHA, hereby declares its intention to acquire such land. Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section (1) of section 3C of the said Act. Every such objection shall be made to the Competent Authority, namely, Tahasildar, Rairangpur in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections. Any order made by the Competent Authority under sub-section (2) of section 3C of the said Act shall be final. The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

**SCHEDULE**

Brief Description of the land to be acquired with or without structures falling NH220 in the stretch of land from Km 31.5 to Km 38.5 (Rairangpur Bypass) in the district of MAYURBHANJ in the state of ODISHA.

**THE GAZETTE OF INDIA: EXTRAORDINARY**
**[PART-II-SEC, 3 (ii)]**
**SCHEDULE**

**Brief Description of the land to be acquired with or without structures falling NH220 in the stretch of land from Km 31.5 to Km 38.5 (Rairangpur Bypass) in the district of MAYURBHANJ in the state of ODISHA.**

| State: ODISHA | | | District: MAYURBHANJ | | |
|---|---|---|---|---|---|
| Sl.No. | Survey/Plot Number | Type of Land | Nature of Land | Area (in Local Unit) | Area (in Hectares) |
| 1 | 2 | 3 | 4 | 5 | 6 |
| Taluk: Rairangpur | | | | | |
| Village: Purunapani | | | | | |
| 1 | 137 | Private | Sarada 2 | 0.004 (Hectare) | 0.004 |
| 2 | 137/1040 | Private | Sarada 2 | 0.0323 (Hectare) | 0.0323 |
| 3 | 141 | Private | Sarada 1 | 0.0364 (Hectare) | 0.0364 |
| 4 | 141/1056 | Private | Sarada 1 | 0.0242 (Hectare) | 0.0242 |
| 5 | 147/1042 | Private | Sarada 1 | 0.0161 (Hectare) | 0.0161 |
| 6 | 54 | Private | Sarada Jal 2 | 0.0121 (Hectare) | 0.0121 |
| 7 | 54/1093 | Private | Gharabari | 0.0323 (Hectare) | 0.0323 |
| 8 | 564 | Private | Gharabari | 0.008 (Hectare) | 0.008 |
| 9 | 564/1088 | Private | Gharabari | 0.0161 (Hectare) | 0.0161 |
| 10 | 91/1151 | Private | Sarada Jal 2 | 0.0121 (Hectare) | 0.0121 |
| 11 | 91/1152 | Private | Sarada Jal 2 | 0.0242 (Hectare) | 0.0242 |
| Village- Sijukala | | | | | |
| 12 | 1009/1337 | Private | Gharabari | 0.0101 (Hectare) | 0.0101 |
| Village-Halda | | | | | |
| 13 | 736 | Private | Sarada 1 Jalasechita | 0.1659 (Hectare) | 0.1659 |
| 14 | 736/1158 | Private | Sarada 1 Jalasechita | 0.1659 (Hectare) | 0.1659 |
| 15 | 742/1098 | Private | Sarada Jal Dafasili 1 | 0.0647 (Hectare) | 0.0647 |
| 16 | 974 | Private | Sarada Jal 3 | 0.0607 (Hectare) | 0.0607 |
| 17 | 974/1164 | Government (Private) | Sarada Jal 3 | 0.006 (Hectare) | 0.006 |
| Village: Bhanjasara | | | | | |
| 18 | 163 | Private | Sarada Jal 2 | 0.008 (Hectare) | 0.008 |
| 19 | 163/922 | Private | Sarada Jal 2 | 0.1618 (Hectare) | 0.1618 |
| 20 | 165 | Private | Sarada Jal 2 | 0.2144 (Hectare) | 0.2144 |
| 21 | 165/959 | Private | Gharabari | 0.0202 (Hectare) | 0.0202 |
| 22 | 329 | Private | Sarada Jal 1 | 0.004 (Hectare) | 0.004 |
| Village: Nuagaon | | | | | |
| 23 | 1161/1824 | Private | Sarada Jal 1 Jalasechita | 0.0348 (Hectare) | 0.0348 |
| 24 | 1161/1825 | Private | Sarada Jal 1 Jalasechita | 0.0121 (Hectare) | 0.0121 |
| 25 | 1162 | Private | Sarada Jal 1 Jalasechita | 0.008 (Hectare) | 0.008 |
| 26 | 1162/1826 | Private | Sarada Jal 1 Jalasechita | 0.0121 (Hectare) | 0.0121 |
| 27 | 1240 | Private | Sarada Jal 1 | 0.0242 (Hectare) | 0.0242 |
| 28 | 1536 | Private | Sarada 2 | 0.0016 (Hectare) | 0.0016 |
| 29 | 1536/1852 | Private | Gharabari | 0.0012 (Hectare) | 0.0012 |
| | | | | Total | 1.1935 |

[ F.No. RO/BBSR/11017/LA/97/2016/3A]
ABHAY JAIN, Dy. Secy.
OIPR-24100/14/0002/2425

# ଇନ୍ଦୋର ପ୍ରାର୍ଥୀଙ୍କ ବିଜୟ ବ୍ୟବଧାନ ୧୨ ଲକ୍ଷ

ନୂଆଦିଲ୍ଲୀ,୫।୬

ମଧ୍ୟପ୍ରଦେଶ ଇନ୍ଦୋର ଲୋକ ସଭାର ଭାଜପା ପ୍ରାର୍ଥୀ ଶଙ୍କର ଲାଲୱାନି ୧୧,୭୫,୦୯୨ ଭୋଟ ବ୍ୟବଧାନରେ ବିଜୟୀ ହୋଇ ଇତିହାସ ରଚିଛନ୍ତି। ପୂର୍ବରୁ ୨୦୧୪ରେ ଅନୁଷ୍ଠିତ ନିର୍ବାଚନରେ ମହାରାଷ୍ଟ୍ରର ଭିଡ୍ ଆସନରେ ଭାଜପାର ପ୍ରୀତମ୍ ମୁଣ୍ଡେ ୬,୯୬,୦୦୦ ଭୋଟ ବ୍ୟବଧାନରେ ଜିତି ଏହି ରେକର୍ଡର ଅଧିକାରୀ ହୋଇଥିଲେ। ଇନ୍ଦୋରରେ ନିର୍ବାଚନ ପୂର୍ବରୁ କଂଗ୍ରେସ ପ୍ରାର୍ଥୀ ଅକ୍ଷୟକାନ୍ତି ବାମ୍ ନାମାଙ୍କନ ପ୍ରତ୍ୟାହାର କରି ଭାଜପାରେ ସାମିଲ ହୋଇଥିଲେ। ଫଳରେ ବହୁ ଭୋଟର ବାଧ ହୋଇ ନନ୍ ଅଫ୍ ଦି ଆବଭ୍ (ନୋଟା) ସୁଇଚ୍ ଚିପିଥିଲେ। ୨୦୧୯ ଲୋକ ସଭା ନିର୍ବାଚନବେଳେ ଲାଲୱାନି ୫,୪୭,୦୦୦ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ।


ଶଙ୍କର ଲାଲୱାନି

ଆସାମର ଧୁବ୍ରି ଆସନରେ କଂଗ୍ରେସର ରକିବୁଲ ହୁସେନ ଏହି କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରକିବୁଲ ଏଆଇୟୁଡିଏଫ୍ ନେତା ବଦ୍ରୁଦ୍ଦିନ୍ ଅଜମଲଙ୍କୁ ୧୦,୧୨,୪୭୬ ଭୋଟ ବ୍ୟବଧାନରେ ହରାଇଛନ୍ତି। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଦିଶା ଆସନର ଭାଜପା ପ୍ରାର୍ଥୀ ଶିବରାଜ ସିଂ ଚୌହାନଙ୍କୁ ୧୦ ଲକ୍ଷ ଭୋଟ ମିଳିଥିବାବେଳେ କଂଗ୍ରେସର ପ୍ରତାପଭାନୁ ଶର୍ମା ମାତ୍ର ୨,୯୫,୦୫୨ ଭୋଟ ପାଇଛନ୍ତି। ସେହିପରି ଗୁଜରାଟର ଗାନ୍ଧୀନଗର ଆସନରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କଂଗ୍ରେସର ସୋନାଲ ରମଣଭାଇ ପଟେଲଙ୍କୁ ୭,୪୪,୭୧୬ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଗୁଜରାଟ ଭାଜପା ମୁଖ୍ୟ ସି.ଆର୍. ପାଟିଲ ନଭସାରିରେ କଂଗ୍ରେସର ନରସିଂଭାଇ ଭୂପତଭାଇ ଦେଶାଇଙ୍କୁ ୭,୭୩,୫୫୧ ଭୋଟ ବ୍ୟବଧାନରେ ହରାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ତଥା ଟିଏମ୍ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଡାଇମଣ୍ଡ ହାର୍ବର ଆସନରେ ଭାଜପାର ଅଭିଜିତ ଦାସଙ୍କଠାରୁ ଅଧିକ ୭,୧୦,୯୩୦ ଭୋଟ ପାଇ ବିଜୟୀ ହୋଇଛନ୍ତି।

## ବାରାଣସୀରେ ମୋଦିଙ୍କ ପ୍ରତି ସମର୍ଥନ ହ୍ରାସ

ଉତ୍ତର ପ୍ରଦେଶର ବାରାଣସୀ ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ନରେନ୍ଦ୍ର ମୋଦି ଲଗାତର ତୃତୀୟ ଥର ପାଇଁ ବିଜୟୀ ହୋଇଛନ୍ତି। କିନ୍ତୁ ତାଙ୍କ ପ୍ରତି ଭୋଟରଙ୍କ ସମର୍ଥନ ହ୍ରାସ ପାଇବାରେ ଲାଗିଛି। ସଦ୍ୟ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ମୋଦି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଅଜୟ ରାଏଙ୍କୁ ୧,୫୨,୫୧୩ ଭୋଟ ବ୍ୟବଧାନରେ ହରାଇଛନ୍ତି। ମୋଦିଙ୍କୁ ୬,୧୨,୯୭୦ ଭୋଟ ମିଳିଥିବାବେଳେ ୟୁପି କଂଗ୍ରେସ ସଭାପତି ଅଜୟ ରାଏ ୪,୬୦,୪୫୭ ଭୋଟ ପାଇଛନ୍ତି। ତୃତୀୟ ସ୍ଥାନରେ ଥିବା ବହୁଜନ ସମାଜ ପାର୍ଟି (ବିଏସ୍ପି)ର ଅଥେର ଜମାଲ ଲାରି ୩୩,୭୬୬ ଭୋଟ ପାଇଛନ୍ତି। ୨୦୧୯ ନିର୍ବାଚନରେ ମୋଦି ୬,୭୪,୬୪୪ ଭୋଟ ପାଇ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୪.୭୯ ଲକ୍ଷ ଭୋଟ ବ୍ୟବଧାନରେ ହରାଇଥିଲେ। ୨୦୧୪ ଲୋକ ସଭା ନିର୍ବାଚନରେ ମୋଦି ବାରାଣସୀରୁ ପ୍ରଥମ ଥର ପ୍ରାର୍ଥୀ ହୋଇଥିବାବେଳେ ୫୬.୩୭% ଭୋଟ ମିଳିଥିଲା। ସେତେବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆମ୍ ଆଦ୍ମୀ ପାର୍ଟି (ଆପ୍) ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍ରିୱାଲ ୩.୭୨ ଲକ୍ଷ ଭୋଟ ବ୍ୟବଧାନରେ ହାରିଥିଲେ। ଅଜୟ ରାଏ ୩ ନମ୍ବରରେ ରହିଥିଲେ।

# ଇସ୍ତଫା ଦେବେ ଫଡ୍ନବିସ୍

ମୁମ୍ବାଇ/ନୂଆଦିଲ୍ଲୀ,୫।୬


ଦେବେନ୍ଦ୍ର ଫଡ୍ନବିସ୍

ମହାରାଷ୍ଟ୍ରରେ ଭାଜପା ଏବଂ ଶିବସେନା (ଶିନ୍ଦେ)ର ଖରାପ ପ୍ରଦର୍ଶନକୁ ନେଇ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍ନବିସ୍ ନିଜ ପଦରୁ ଇସ୍ତଫା ଦେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଫଡ୍ନବିସ୍ କହିଛନ୍ତି, ମହାରାଷ୍ଟ୍ର ସରକାରରେ ଥିବା ସମସ୍ତ ଦାୟିତ୍ୱରୁ ତାଙ୍କୁ ମୁକ୍ତ କରିବା ପାଇଁ ଭାଜପା କେନ୍ଦ୍ରୀୟ ନେତୃତ୍ୱକୁ ସେ ଅନୁରୋଧ କରିବେ। ଦାୟିତ୍ୱ ମୁକ୍ତ ହେଲେ ସେ ନିଜ ରାଜ୍ୟରେ ଦଳ ପାଇଁ ଅଧିକ ସମର୍ପିତ ହୋଇ କାର୍ଯ୍ୟ କରିପାରିବେ ବୋଲି କହିଛନ୍ତି। ଲୋକ ସଭା ନିର୍ବାଚନରେ ଖରାପ ପ୍ରଦର୍ଶନ ପାଇଁ ସେ ନିଜକୁ ଦାୟୀ କରିଛନ୍ତି। ଏଥିସହ ନୂଆ ରଣନୀତି ପ୍ରସ୍ତୁତ କରି ଲୋକଙ୍କ ନିକଟକୁ ଯିବେ ବୋଲି କହିଛନ୍ତି। ପ୍ରକାଶ ଯେ, ମହାରାଷ୍ଟ୍ରର ୪୮ ଲୋକ ସଭା ଆସନ ମଧ୍ୟରୁ ବିରୋଧୀ ମହାବିକାଶ ଅଘାଡ଼ି (ଏମ୍ଭିଏ)କୁ ୩୦ ଆସନରେ ସଫଳତା ମିଳିଛି। ଏଥିରୁ କଂଗ୍ରେସ ୧୨, ଶିବସେନା ୟୁବିଟି ୧୦, ଶରଦ ପାୱାରଙ୍କ ଏନ୍ସିପିକୁ ୮ ଆସନ ମିଳିଛି। ଅନ୍ୟପକ୍ଷେ ଶାସକ ମହାୟୁତି ମେଣ୍ଟର ଭାଜପା ୯, ଶିବସେନା (ଶିନ୍ଦେ) ୭ ଏବଂ ଏନ୍ସିପି (ଅଜିତ) ପ୍ରାର୍ଥୀ ଗୋଟିଏ ଆସନରେ ଜିତିଛନ୍ତି। କଂଗ୍ରେସ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ବିଶାଳ ପି. ପାଟିଲ ସାଙ୍ଗ୍ଲି ଆସନରେ ବିଜୟୀ ହୋଇଛନ୍ତି। ଫଡ୍ନବିସଙ୍କ ଇସ୍ତଫା ପ୍ରସ୍ତାବକୁ କଂଗ୍ରେସ ଡ୍ରାମା ଆଖ୍ୟା ଦେଇଛି।

# ୯ରେ ଶପଥ ନେବେ ତମାଙ୍ଗ

ଗ୍ୟାଙ୍ଗଟକ୍, ୫।୬ (ପି.ଟି.)



ସିକିମକ୍ରାନ୍ତିକାରୀମୋର୍ଚ୍ଚା(ଏସ୍କେଏମ୍)ର ସୁପ୍ରିମୋ ପ୍ରେମ ସିଂ ତମାଙ୍ଗ ଆସନ୍ତା ୯ରେ ଦ୍ୱିତୀୟ ଥର ପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଗ୍ୟାଙ୍ଗଟକର ପରଜୋଲ ଷ୍ଟାଡିୟମରେ ତାଙ୍କ ନୂତନ ମନ୍ତ୍ରୀ ପରିଷଦର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବାନେଇ ସେ ସୂଚନା ଦେଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ଜନସାଧାରଣ ଏବଂ ଏସ୍କେଏମର କର୍ମୀମାନେ ଏହି ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବେ ବୋଲି ତମାଙ୍ଗ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ସିକିମ ବିଧାନସଭା ନିର୍ବାଚନରେ ସମୁଦାୟ ୩୨ ଆସନ ମଧ୍ୟରୁ ଏସ୍କେଏମ୍ ୩୧ ଆସନରେ ବିଜୟ ହୋଇଛି।


ରାଷ୍ଟ୍ରପତି ଭବନରେ ବୁଧବାର ରାତିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନୈଶଭୋଜିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉପରାଷ୍ଟ୍ରପତି ଜଗଦୀପ ଧନକର୍, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଦାୟୀ ମନ୍ତ୍ରିମଣ୍ଡଳର ସଦସ୍ୟଗଣ।

# ବ୍ରିଟେନରେ କିଙ୍ଗ୍ ଚାର୍ଲ୍ସଙ୍କ କରେନ୍ସିର ପ୍ରଚଳନ ଆରମ୍ଭ




ଲଣ୍ଡନ, ୫।୬

ବ୍ରିଟେନ୍ରେ କିଙ୍ଗ୍ ଚାର୍ଲ୍ସ-୩ଙ୍କ ଫଟୋ ଥିବା କରେନ୍ସିର ପ୍ରଚଳନ ବୁଧବାରଠାରୁ ଆରମ୍ଭ ହୋଇଛି। ୫, ୧୦, ୨୦ ଏବଂ ୫୦ ବ୍ରିଟିଶ୍ ପାଉଣ୍ଡର ଏହିସବୁ କରେନ୍ସିରେ ଚାର୍ଲ୍ସ-୩ଙ୍କ ଫଟୋ ରହିଛି। ଏହାସହ କିଙ୍ଗ୍ ଚାର୍ଲ୍ସ-୩ ବ୍ୟାଙ୍କ ଅଫ୍ ଇଂଲଣ୍ଡର କରେନ୍ସିରେ ସ୍ଥାନ ପାଇଥିବା ଦ୍ୱିତୀୟ ବ୍ରିଟିଶ୍ ସମ୍ରାଟ ହୋଇଛନ୍ତି। ଏହା ବ୍ରିଟେନ୍ ପାଇଁ ଏକ ଐତିହାସିକ କ୍ଷଣ ହୋଇଥିବା ବ୍ୟାଙ୍କ ଅଫ୍ ଇଂଲଣ୍ଡର ଗଭର୍ନର ଆଣ୍ଡ୍ରୁ ବେଲି କହିଛନ୍ତି। ତେବେ ଏହି ନୂଆ କରେନ୍ସି କେବଳ ପୁରୁଣା କରେନ୍ସିକୁ ବଦଳାଇବା ପାଇଁ ଛପାଯିବ, ଫଳରେ ଏହା ଜନସାଧାରଣଙ୍କ ନିକଟରେ ବହୁତ ଧୀର ଗତିରେ ପହଞ୍ଚିବ ବୋଲି ସେ କହିଛନ୍ତି।

## ରାସ୍ତା ଭୁଲି ୯ ଟ୍ରେକର ମୃତ

ଡେରାଡୁନ୍, ୫।୬

ଉତ୍ତରାଖଣ୍ଡର ଉତ୍ତରାକୋଶୀ ଜିଲା ଗଡ଼ୱାଲ ଅଞ୍ଚଳସ୍ଥିତ ସହସ୍ର ତାଲଟ୍ରେକ ପର୍ବତମାଳାର ୧୫ ହଜାର ଫୁଟ୍ ଉଚ୍ଚତାରେ ଖରାପ ପାଗ ଯୋଗୁ ରାସ୍ତା ଭୁଲି ୯ ଜଣ ପର୍ବତାରୋହୀଙ୍କ ମୃତ୍ୟୁ ଘଟିଛି। ଏକ ୨୨ ଜଣିଆ ପର୍ବତାରୋହୀଙ୍କ ଦଳ ଏହି ପର୍ବତମାଳାରେ ଟ୍ରେକିଂ କରୁଥିବାବେଳେ ମଙ୍ଗଳବାର ହଠାତ୍ ପାଗ ଖରାପ ହୋଇ ଯାଇ ଏହି ଅଘଟଣ ଘଟିଛି। ବୁଧବାର ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଦଳ ଦ୍ୱାରା ଘଟଣାସ୍ଥଳରେ ଉଦ୍ଧାରକାର୍ଯ୍ୟ କରାଯାଇ ୯ ପର୍ବତାରୋହୀଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ସେହିପରି ୧୩ ଜଣ ପର୍ବତାରୋହୀଙ୍କୁ ଜୀବିତ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ମୋଦିଙ୍କୁ ଅଭିନନ୍ଦନ ଜଣାଇଲେ ବିଶ୍ୱ ନେତା

ନୂଆଦିଲ୍ଲୀ, ୫।୬

ଲୋକ ସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍ଡିଏ)କୁ ବହୁମତ ମିଳିଛି। ଏହି ସଫଳତା ପରେ ପ୍ରଧାନମନ୍ତ୍ରୀଙ୍କୁ ଚାରିଆଡୁ ଅଭିନନ୍ଦନର ଶୁଅ ଛୁଟିଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ, ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଋଷି ସୁନକ, ଜର୍ମାନ୍ ଚ୍ୟାନ୍ସେଲର ଓଲାଫ ସ୍କୋଲ୍ଜ, ଇଟାଲୀ ପ୍ରଧାନମନ୍ତ୍ରୀ ଜିୟୋର୍ଜିଆ ମେଲୋନୀ ପ୍ରମୁଖ ୭୫ ଜଣ ବିଶ୍ୱନେତା ମୋଦିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମୋଦିଙ୍କୁ ଅଭିନନ୍ଦନ ଜଣାଇ ୨ ଦେଶ ମଧ୍ୟରେ ବନ୍ଧୁତ୍ୱ ବଢୁଥିବା ହେତୁ ଅସୀମିତ ସମ୍ଭାବନା ଥିବା ଭବିଷ୍ୟତର ଦ୍ୱାର ଖୋଲି ଥିବା ନେଇ ବୁଧବାର ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେହିପରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ମୋଦିଙ୍କୁ ସମର୍ଥନ ଜଣାଇ କହିଛନ୍ତି, ରୁଷିଆ ସର୍ବଦା ଭାରତ ସହ ସ୍ୱତନ୍ତ୍ର ରଣନୈତିକ ଭାଗୀଦାରିକୁ ଗୁରୁତ୍ୱ ଦେଇଆସିଛି। ଏହାସହ ଭାରତର ତ୍ୱରିତ ଅର୍ଥନୈତିକ ବିକାଶ ପାଇଁ ମୋଦିଙ୍କ ପ୍ରତିବଦ୍ଧତାକୁ ସେ ସମର୍ଥନ କରୁଥିବା ପୁଟିନ କହିଛନ୍ତି।

# ରାଷ୍ଟ୍ରପତିଙ୍କ ନୈଶଭୋଜିରେ ମୋଦି

ନୂଆଦିଲ୍ଲୀ,୫।୬: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ସପ୍ତଦଶ ଲୋକ ସଭାକୁ ଭଙ୍ଗ କରିବା ପରେ ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଦାୟୀ ମନ୍ତ୍ରୀ ପରିଷଦ ସଦସ୍ୟମାନଙ୍କୁ ନୈଶ ଭୋଜିରେ ଆପ୍ୟାୟିତ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଜଗଦୀପ ଧନକର ଓ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଯୋଗଦେଇଥିଲେ। ରାଷ୍ଟ୍ରପତିଙ୍କ ଅଫିସ୍ ପକ୍ଷରୁ ତାଙ୍କ ଏକ୍ସ' ହ୍ୟାଣ୍ଡେଲରେ ଏନେଇ ସୂଚନା ଦିଆଯାଇଛି।

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା (ଏକରରେ) | କିସମ | ରୟତର ନାମ |
|---|---|---|---|---|---|---|
| ୬୬ | ୯୯/୯ | ୧୦୯୮/୧୧୫୯ | ୦.୦୮୦ | ୦.୦୮୦ | ବାହାଲ ସାଧାରଣ | କୈଳାସ ଚନ୍ଦ୍ର ସାରା, ଶିବ ଶଙ୍କର ସାରା, ପିତା: ଗଜାପାତି ସାରା, ଜାତି: ବ୍ରାହ୍ମଣ, ବାସିନ୍ଦା: ତରେକେଲା। |
| | | ୧୧୦୦/୧୧୫୮ | ୦.୨୦୦ | ୦.୨୦୦ | ବାହାଲ ସାଧାରଣ | |
| | | ୫୭୭/୧୧୪୯ | ୦.୧୪୦ | ୦.୧୪୦ | ବାହାଲ ସାଧାରଣ | |
| | | ୫୬୮/୧୧୫୦ | ୦.୨୨୦ | ୦.୨୨୦ | ଆଟ ସାଧାରଣ | |
| | | ୫୮୦/୧୧୫୧ | ୦.୧୫୦ | ୦.୧୫୦ | ଆଟ ସାଧାରଣ | |
| | | ୬୧୨/୧୧୫୨ | ୦.୨୮୦ | ୦.୨୮୦ | ଆଟ ସାଧାରଣ | |
| | | ୬୧୭/୧୧୫୩ | ୦.୧୧୦ | ୦.୧୧୦ | ଆଟ ସାଧାରଣ | |
| | | ୬୧୮/୧୧୫୪ | ୦.୨୧୦ | ୦.୨୧୦ | ବାହାଲ ସାଧାରଣ | |
| ୬୭ | ୯୯/୯୨ | ୭୪୬/୧୩୧୮ | ୦.୦୭୦ | ୦.୦୭୦ | ଆଟ ସାଧାରଣ | ଘଷିଆ ମେହେର, ପିତା: ବିଦ୍ୟାଧର ମେହେର, ଜାତି: ଚମାର, ବାସିନ୍ଦା: ଘୁଙ୍ଗିପାଲି, ହିରମା, ଜିଲ୍ଲା: ସୁନ୍ଦରଗଡ଼, ସୁମିତ୍ରା ମେହେର, ସ୍ୱାମୀ: ବିଦ୍ୟାଧର ମେହେର, ଜାତି: ଚମାର, ବାସିନ୍ଦା: ଘୁଙ୍ଗୁପାଲି, ହିରମା, ଥାନା/ଜିଲ୍ଲା: ଝାରସୁଗୁଡ଼ା, ଚାରି ମେହେର, ପିତା: ବିଦ୍ୟାଧର ମେହେର, ଜାତି: ଚମାର, ବାସିନ୍ଦା: ଘୁଙ୍ଗିପାଲି, ହିରମା, ଜିଲ୍ଲା: ଝାରସୁଗୁଡ଼ା |
| ୬୮ | ୯୯/୯୬ | ୬୯୦/୧୩୨୨ | ୦.୧୦୦ | ୦.୧୦୦ | ଆଟ ସାଧାରଣ | ଲକ୍ଷ୍ମଣ ଅଗ୍ରୱାଲ, ପିତା: କିରୋଡିମାଲ ଅଗ୍ରୱାଲ, ଜାତି: ବଣିଆଁ, ବାସିନ୍ଦା: ଘୁମାଡେରା, ଥାନା: ବେଲପାହାଡ଼, ଲଖନପୁର, ଜିଲ୍ଲା: ଝାରସୁଗୁଡ଼ା |
| ୬୯ | ୯୯/୯୭ | ୬୯୦/୧୩୨୩ | ୦.୨୦୦ | ୦.୨୦୦ | ଆଟ ସାଧାରଣ | ଅକ୍ଷୟ କୁମାର ଯାଦବ, ପିତା: ହରଦେବ ପ୍ରସାଦ ଯାଦବ, ଜାତି: ଗୁଆଲା, ବାସିନ୍ଦା: ଗୁମାଡେରା, ବେଲପାହାଡ଼, ଲଖନପୁର, ଜିଲ୍ଲା: ଝାରସୁଗୁଡ଼ା |
| ୭୦ | ୯୯/୯୮ | ୬୯୦ | ୦.୩୦୦ | ୦.୩୦୦ | ଆଟ ସାଧାରଣ | ଅରୁଣ କୁମାର ଡାଲମିଆ, ପିତା: ସହଦେବ ଡାଲମିଆ, ଜାତି: ବଣିଆଁ, ବାସିନ୍ଦା: ଗୁମାଡେରା, ବେଲପାହାଡ଼, ଲଖନପୁର, ଜିଲ୍ଲା: ଝାରସୁଗୁଡ଼ା |
| | | ସର୍ବ ମୋଟ | ୭୫.୬୫୦ | ୭୫.୫୭୦ | | |

OIPR-24022/14/0003/2425

**ରାଜ୍ୟ ଖବର**

# ସିରିଜ୍ ଦୁର୍ଘଟଣାରେ ୩ ମୃତ, ୧୨ ଆହତ

## ପୁଣି ବେଆଇନ ପାର୍କିଂ ନେଲା ଜୀବନ

କେନ୍ଦୁଝର, ୫।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରରେ ପୁଣି ବେଆଇନ ପାର୍କିଂ ଜୀବନ ନେଇଛି। ସଦର ଥାନା ଅନ୍ତର୍ଗତ ଠାକୁର ଡିହିରୁ ପୁତୁଲୁପାଣି ଛକ ମଧ୍ୟରେ ଜାତୀୟ ରାଜପଥ ୪୯ରେ ବୁଧବାର ସିରିଜ୍ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୧୨ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମୃତକମାନେ ହେଲେ ସଦର ଥାନା ବାଂଶପାଳ କାଇପୁରର କୁଶ ବେହେରା (୩୬), ଖଗେଶ୍ୱର ବେହେରା(୨୮) ଏବଂ ଅନ୍ୟ ଜଣଙ୍କ ପରିଚୟ ମିଳି ନ ଥିବା ବେଳେ ସେ ନୟାଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଛି। ସଦର ଅଞ୍ଚଳରେ ରହି ସ୍କ୍ରାପ୍ ବ୍ୟବସାୟ କରୁଥିଲେ।

ସୂଚନା ଅନୁଯାୟୀ, ଏକ ଟ୍ରେଲର କ୍ଷୀପ୍ର ଗତିରେ କେନ୍ଦୁଝର ଆଡ଼କୁ ଆସୁଥିବା ବେଳେ ଠାକୁରଡିହିରୁ ପୁତୁଲୁପାଣି ଛକ ମଧ୍ୟରେ ପ୍ରଥମେ ଏକ ଲୁନାକୁ ଧକ୍କାଦେଇଥିଲା। ଲୁନା ଆରୋହୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ତାଙ୍କର ପରିଚୟ ମିଳି ପାରିନାହିଁ। ପରେ ଟ୍ରେଲରଟି ଏକ ବାଇକ୍କୁ ଧକ୍କାଦେବାରୁ ଆରୋହୀ କୁଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲେ। ବାଇକ୍ରେ ବସିଥିବା ଖଗେଶ୍ୱର ଗୁରୁତର ହୋଇ ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନା ପରେ କଟକ ସ୍ଥାନାନ୍ତର ବେଳେ ବାଟରେ ମୃତ୍ୟୁବରଣ କରିଥିଲେ। ପରେ ଟ୍ରେଲର ୨ କାର୍, ଏକ ଅଟୋ, ଏକ ବାଇକ୍କୁ ଧକ୍କା ଦେବା ଫଳରେ ସମୁଦାୟ ୧୨ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଜଣେ ବାଇକ୍ ଆରୋହୀଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ମୃତଦେହ ଜବତକରି ଜିଲା ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି। ସଦର ଥାନାରେ ଏକ ମାମଲା(ନଂ.୩୬୫/୨୦୨୪) ରୁଜୁ ହୋଇଛି। ଟ୍ରେଲର ଜବତ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ତ୍ରିନାଥ ସେଠୀ କହିଛନ୍ତି। ରାସ୍ତାକଡ଼ରେ ଛିଡାହୋଇଥିବା ଲମ୍ବା ଟ୍ରକ୍ ପାର୍କିଂ ଦୁର୍ଘଟଣାର ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି। ଟ୍ରକ୍କୁ ଓଭରଟେକ୍ କରିବା ସମୟରେ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ମତବ୍ୟକ୍ତ କରୁଛନ୍ତି। ତେବେ ରାସ୍ତାରେ ଟ୍ରାନ୍ସପୋର୍ଟରମାନେ ଗାଡ଼ି ଅଟକାଇ ଚାଲାଣ, ତେଲ ଟୋକନ୍ ଆଦି ଦେଉଛନ୍ତି। ଫଳରେ ବେଆଇନ ଟ୍ରକ୍ ପାର୍କିଂ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟିବା ସହ ବହୁ ଜୀବନହାନି ଘଟୁଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ମାନବାଧିକାର କମିଶନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାମାଜିକ କର୍ମୀମାନେ ଦାବି କରୁଛନ୍ତି।


ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାର୍

## ପାରିବାରିକ କଳହରୁ ସ୍ତ୍ରୀଙ୍କୁ ହାଣିଲେ ସ୍ୱାମୀ

ଭାପୁର,୫।୬ (ରାଜକୁମାର ପ୍ରଧାନ)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅନ୍ତର୍ଗତ ମୋଟରି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ଗ୍ରାମର ପତିତ ବେହେରା(୪୫) ନିଜ ଦ୍ୱିତୀୟ ସ୍ତ୍ରୀ ସୁନ୍ଦାଙ୍ଗିନି ବେହେରା (୩୦)ଙ୍କୁ ଫାର୍ସାରେ ହାଣି ହତ୍ୟା କରିଛନ୍ତି। ଏହାପରେ ପତିତ ଭାପୁର ଫାଣ୍ଡିରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ କହିଛି, ଘରୋଇ ବିବାଦରୁ ପ୍ରଥମ ସ୍ତ୍ରୀ ବାପ ଘରକୁ ଚାଲି ଯାଇଥିବାବେଳେ ୫ ବର୍ଷ ତଳେ ପତିତ ସୁନ୍ଦାଙ୍ଗିନିଙ୍କୁ ଭଲ ପାଇ ବିବାହ କରିଥିଲେ। ତାଙ୍କର ୪ ବର୍ଷର ଏକ ଶିଶୁପୁତ୍ର ରହିଛି। ହତ୍ୟାକାଣ୍ଡ ଖବରପାଇ ସଦର ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଛନ୍ତି। ଏ ନେଇ ସଦର ଥାନାରେ ନଂ. ୪୮୮/୨୪ରେ ଏକ ମାମଲା ରୁଜୁ ହୋଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପରିବର୍ତ୍ତନ ସତ୍ତ୍ୱେ ପଛରେ ପଡ଼ିଲେ ମନମୋହନ

**ଭଦ୍ରକ,୫।୬(ସନାତନ ରାଉତ)**

ଚଳିତ ନିର୍ବାଚନରେ ଓଡ଼ିଶାରେ ଅଭୂତପୂର୍ବ ପରିବର୍ତ୍ତନ ହୋଇଛି। ଓଡ଼ିଶାବାସୀ ଦୀର୍ଘବର୍ଷର ଶାସନ କ୍ଷମତାରେ ଥିବା ବିଜେଡିକୁ ଧରାଶାୟୀ କରି ଭାଜପାକୁ ବହୁମତ ଦେଇଛନ୍ତି। ନିର୍ବାଚନ ପୂର୍ବରୁ ଭାଜପା-ବିଜେଡି ମେଣ୍ଟ


ମନମୋହନ ସାମଲ

ନେଇ ବହୁ ଚର୍ଚ୍ଚା ଚାଲିଥିଲା। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସେଥିରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। କେନ୍ଦ୍ରୀୟ ନେତା ଓ ବିଜେଡି ମୁଖିଆଙ୍କ ମଧ୍ୟରେ ମେଣ୍ଟ ପାଇଁ ସମର୍ଥନ ରହିଥିବା ବେଳେ ଏକାକୀ ମନମୋହନ ମେଣ୍ଟ ପ୍ରତି ଅମଙ୍ଗ ହୋଇଥିଲେ। ସବୁବେଳେ ଗଣମାଧ୍ୟମରେ ପ୍ରତିକ୍ରିୟାରେ କହିଥିଲେ, 'ଓଡ଼ିଶାରେ ଏକା ଲଢ଼ିବୁ, ସରକାର ଗଢ଼ିବୁ'। ତାଙ୍କର ଏହି ଉକ୍ତିକୁ ଓଡ଼ିଶାବାସୀ ଜୁନ୍ ୪ ତାରିଖରେ ପ୍ରମାଣିତ କରିଦେଲେ। ସାରା ଓଡ଼ିଶାରେ ୭୮ ବିଧାନସଭା ଆସନରେ ଭାଜପା ବିଜୟୀ ହୋଇଥିବା ବେଳେ ଚାନ୍ଦବାଲି ନିର୍ବାଚନମଣ୍ଡଳୀରୁ ମନମୋହନ ପରାଜୟବରଣ କରିଛନ୍ତି। ଓଡ଼ିଆ ଅସ୍ମିତାକୁ ନେଇ ନିର୍ବାଚନ ଲଢୁଥିବା ମନମୋହନ ମାତ୍ର ୧,୯୧୬ ଖଣ୍ଡ ଭୋଟରେ ବିଜେଡି ପ୍ରାର୍ଥୀ ବ୍ୟୋମକେଶ ରାୟଙ୍କଠାରୁ ହାରିଯାଇଛନ୍ତି। ଭୋଟ ଗଣତି ଆରମ୍ଭରୁ ମନମୋହନ ଆଗୁଆ ରହିଥିବା ବେଳେ ୭ମ ରାଉଣ୍ଡ ଗଣତି ଶେଷରେ ୪୯୦ ଭୋଟ ପଛରେ ପଡ଼ିଯାଇଥିଲେ। ପରେ ଏହି ଟ୍ରେଣ୍ଡ ଶେଷ ପର୍ଯ୍ୟନ୍ତ ଲାଗି ରହିଥିଲା।

ପରିବର୍ତ୍ତନ ଆଣିବାରେ ମନମୋହନଙ୍କ ଯୋଗଦାନ ରହିଥିଲେ ମଧ୍ୟ ସେ ନିଜେ ହାରିଯିବା ତାଙ୍କ ସମର୍ଥକଙ୍କୁ ନିରାଶ କରିଛି। ଚାନ୍ଦବାଲିର ବରିଷ୍ଠ ଭାଜପା ନେତା ଅଜୟ ନାୟକ କହିଛନ୍ତି, ରାଜ୍ୟବାସୀଙ୍କ ଭାବାବେଗକୁ ମନମୋହନ ବୁଝିଥିବା ବେଳେ ଚାନ୍ଦବାଲିବାସୀ ତାଙ୍କୁ ବୁଝିପାରିଲେ ନାହିଁ। ସେହିପରି ମନମୋହନଙ୍କ ସମର୍ଥକ ଉପେନ୍ଦ୍ର ରାଉଳ କହିଛନ୍ତି, କେନ୍ଦ୍ର ନେତାଙ୍କ ପାଖରେ ଭାଜପା ଏକା ଲଢ଼ିବ ବୋଲି ସେ ଗ୍ୟାରେଣ୍ଟି ଦେଇଥିଲେ। ତାଙ୍କ ଗ୍ୟାରେଣ୍ଟି ପୂରଣ ହେଲା, କିନ୍ତୁ ଚାନ୍ଦବାଲିବାସୀ ପରିବର୍ତ୍ତନ ଚାହିଁଲେ ନାହିଁ।

# ଓଡ଼ିଶାରୁ ପୁଣି ଏକମାତ୍ର ଭରସା ସପ୍ତଗିରି


କୋରାପୁଟରେ ସ୍ତ୍ରୀ ପୂଜାଙ୍କ ସହ ସପ୍ତଗିରି ଉଲାକା ବିଜୟ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

## କୋରାପୁଟ ଲୋକ ସଭା ସହ ୬ ବିଧାନସଭା ଆସନ ଅକ୍ତିଆର କଲା କଂଗ୍ରେସ

**ରାୟଗଡ଼ା,୫।୬(ଆଶିଷ ରଞ୍ଜନ ପଣ୍ଡା)**

ଓଡ଼ିଶାର ୨୧ ଲୋକ ସଭା ଆସନ ମଧ୍ୟରୁ ୨୦ ଆସନରେ ଭାଜପା ବିଜୟୀ ହୋଇଛି। ରାଜ୍ୟ ରାଜନୀତିରେ ବ୍ୟାପକ ପରିବର୍ତ୍ତନ ହୋଇଥିଲେ ମଧ୍ୟ କୋରାପୁଟ ଲୋକ ସଭା ଆସନକୁ ବଜାୟ ରଖି ଦ୍ୱିତୀୟ ଥର ଏମ୍‌ପି ହୋଇଛନ୍ତି କଂଗ୍ରେସର ସପ୍ତଗିରି ଉଲାକା। ଚଳିତ ନିର୍ବାଚନରେ ସେ ୪, ୭୧, ୩୯୩ ଖଣ୍ଡ ଭୋଟ ପାଇ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ କୌଶଲ୍ୟା ହିକକାଙ୍କୁ ୧,୪୭, ୭୪୪ ଭୋଟରେ ପରାଜିତ କରିଛନ୍ତି। କୌଶଲ୍ୟା ୩,୨୩, ୬୪୯ ଖଣ୍ଡ ଭୋଟ ପାଇଛନ୍ତି । ସପ୍ତଗିରିଙ୍କ ରଣନୀତି ବିଜେଡିକୁ ଧରାଶାୟୀ କରି କୋରାପୁଟ ଲୋକ ସଭା ଆସନ ସହ ୬ଟି ବିଧାନସଭା ଆସନ ଅକ୍ତିଆର କରିବାରେ କାମ ଦେଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଭାଜପା କେବଳ କୋରାପୁଟ ବିଧାନସଭା ଆସନରେ ବିଜୟୀ ହୋଇଛି। ଉଲ୍ଲେଖଯୋଗ୍ୟ, ପଟାଙ୍ଗୀ, ଜୟପୁର, ଲକ୍ଷ୍ମୀପୁର, ରାୟଗଡ଼ା, ବିଷମକଟକ ଓ ଗୁଣପୁର ବିଧାନସଭା ଆସନରେ କଂଗ୍ରେସ ପୁଣି ନିଜ ଗଡ଼ ସୁଦୃଢ଼ କରିପାରିଛି ।

ବିଜେଡି ଏମ୍‌ପି ପ୍ରାର୍ଥୀ କୌଶଲ୍ୟାଙ୍କଠାରୁ ସପ୍ତଗିରି ରାୟଗଡ଼ା ଜିଲାର ରାୟଗଡା ଆସନରେ ସର୍ବାଧିକ ୩୭,୮୬୯, ଗୁଣପୁର ଆସନରେ ୩୬,୧୫୯ ଏବଂ ବିଷମକଟକ ଆସନରେ ୧୯,୮୧୪ ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ସେହିଭଳି କୋରାପୁଟ ଜିଲାର ଲକ୍ଷ୍ମୀପୁର ଆସନରେ ସର୍ବାଧିକ ୨୬,୨୩୩, କୋରାପୁଟରେ ୮,୫୪୩ ଏବଂ ଜୟପୁରରେ ୫,୨୯୮ ଖଣ୍ଡ ଭୋଟ ପାଇଛନ୍ତି। ଏପରିକି ପୋଷ୍ଟାଲ ବାଲଟରେ ମଧ୍ୟ ୧,୨୪୬ ଭୋଟରେ ଆଗୁଆ ରହିଛନ୍ତି ।

ପ୍ରକାଶଥାଉ କି, ସପ୍ତଗିରିଙ୍କ ପିତା ତଥା ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ମୃତ୍ୟୁ ପରେ ସେ ରାୟଗଡ଼ା ଜିଲାର ମଙ୍ଗ ଧରିଥିଲେ। ତତ୍କାଳୀନ ଜିଲା କଂଗ୍ରେସ ସଭାପତିଙ୍କ ସହ ଯୋଡ଼ି ହୋଇ ସପ୍ତଗିରି ଦଳର ସଙ୍ଗଠନକୁ ମଜଭୁତ କରିଥିଲେ। ୨୦୧୯ରେ ପ୍ରଥମ ଥର ସିଧାସଳଖ ସାଧାରଣ ନିର୍ବାଚନରେ ମୈଦାନକୁ ଓହ୍ଲାଇ କୋରାପୁଟ ଲୋକ ସଭା ଆସନରୁ ଏମ୍‌ପି ପ୍ରାର୍ଥୀ ହୋଇଥିଲେ। ବିଜେଡି ପ୍ରାର୍ଥୀ କୌଶଲ୍ୟା ହିକକାଙ୍କୁ ୩,୬୧୩ ଖଣ୍ଡ ଭୋଟରେ ପରାଜିତ କରି ଏକଦା କଂଗ୍ରେସ ହାତରୁ ଚାଲି ଯାଇଥିବା କୋରାପୁଟ ଲୋକ ସଭା ଆସନକୁ ସେ ଅକ୍ତିଆର କରିଥିଲେ। ସେତେବେଳେ ଓଡ଼ିଶାର ସମସ୍ତ ଲୋକ ସଭା ଆସନରେ କଂଗ୍ରେସ ଦଳର ପୁରୁଖା ରାଜନେତା ପରାଜିତ ହୋଇଥିବା ବେଳେ ସପ୍ତଗିରି ଏକମାତ୍ର କଂଗ୍ରେସ ଏମ୍‌ପି ଭାବେ ବିଜୟୀ ହୋଇଥିଲେ। ସଂସଦ ପ୍ରଶ୍ନକାଳରେ ସେ କୋରାପୁଟ ଓ ରାୟଗଡା ଜିଲାର ଅନେକ ପ୍ରସଙ୍ଗ ଉଠାଇ ବହୁ ବିକାଶମୂଳକ କାର୍ଯ୍ୟ କରିଥିବା ବିଷୟ ଏବେ ଆଲୋଚନା ହେଉଛି। ଦୁଇ ଜିଲ୍ଲାର ବିଭିନ୍ନ ଅପହଞ୍ଚ ଇଲାକାକୁ ଗମନାଗମନ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ଆବାସ ଯୋଜନା ଆଦି ସୁବିଧା କରିବା ସହିତ ଅପହଞ୍ଚ ଇଲାକାରେ ମୋବାଇଲ ଟାୱାର ସ୍ଥାପନାରେ ମୁଖ୍ୟ ଭୂମିକା ଗ୍ରହଣ କରି ଟାୱାରମ୍ୟାନ ପାଲଟିଯାଇଥିଲେ ସପ୍ତଗିରି। ସପ୍ତଗିରି କହିଛନ୍ତି, ଲୋକଙ୍କ ସେବା କରିବା ଏବଂ ଦଳର ସମସ୍ତ ବରିଷ୍ଠ ନେତା ଓ କର୍ମୀଙ୍କ ସହଯୋଗ କାରଣରୁ ସେ ନିଜେ ବିଜୟୀ ହେବା ସହିତ କୋରାପୁଟ ଲୋକ ସଭା ଆସନର ୬ଟି ବିଧାନସଭା ଆସନରେ କଂଗ୍ରେସ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ସମ୍ଭବ ହୋଇଛି।

# ରାସେଶ୍ୱରୀଙ୍କ ହସ, ଖୁସି ନା କଟାକ୍ଷ


ସମ୍ବଲପୁରରେ ଜୟନାରାୟଣ ମଙ୍ଗଳବାର ପରିବାର ସହ ଭେଟିବାକୁ ଯାଇଥିବା ବେଳେ ରାସେଶ୍ୱରୀଙ୍କ ଖୋଲା ହସ।

**ସମ୍ବଲପୁର,୫।୬ (ଭବାନୀ ଶଙ୍କର ଭୋଇ)**

ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ହସ ଭରା ଚେହେରା ଏବେ ସମ୍ବଲପୁରରେ ଚର୍ଚ୍ଚାର ବିଷୟ ପାଲଟିଛି। ଭାଜପା ପ୍ରାର୍ଥୀ ଜୟନାରାୟଣ ମିଶ୍ର ବିଧାୟକଭାବେ ବିଜୟୀ ହେବା ପରେ ମଙ୍ଗଳବାର ନିଜ ପରିବାର ଏବଂ ସମର୍ଥକଙ୍କ ସହ ଡା ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ଭେଟିବାକୁ ତାଙ୍କ ଶାନ୍ତିନଗରସ୍ଥିତ ବାସଭବନକୁ ଯାଇଥିଲେ। ଏହି ସମୟରେ ଜୟନାରାୟଣଙ୍କୁ ଆଶୀର୍ବାଦ କରିବା ସମୟରେ ରାସେଶ୍ୱରୀଙ୍କ ଖୋଲାହସକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଲୋକେ କହୁଛନ୍ତି ରାସେଶ୍ୱରୀଙ୍କ ହସ ଜୟନାରାୟଣ ଜିତିବାର ଖୁସିର ହସ ନା ତାଙ୍କ ବିରୋଧୀଙ୍କ ପାଇଁ କଟାକ୍ଷ। ଅଥବା ବିଜେଡି ତାଙ୍କ ପ୍ରତି କରିଥିବା ଅପମାନର ପ୍ରତିଶୋଧର ହସ।

୨୦୧୪ ସାଧାରଣ ନିର୍ବାଚନରେ ବିଜେଡିରୁ ବିଧାୟକଭାବେ ନିର୍ବାଚିତ ହେବା ପରେ ସମ୍ବଲପୁରର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ ରାସେଶ୍ୱରୀ। ୨୦୧୯ରେ ସେ ଜୟନାରାୟଣଙ୍କଠାରୁ ହାରିବା ସତ୍ତ୍ୱେ ପାଞ୍ଚବର୍ଷ ଧରି ସକ୍ରିୟ ରହି ଲୋକଙ୍କ ସହ ଜଡିତ ରହିଥିଲେ। ୨୦୨୪ ନିର୍ବାଚନରେ ବିଜେଡି ତାଙ୍କୁ ଟିକେଟ ଦେବ ବୋଲି ତାଙ୍କ ସମର୍ଥକମାନେ ଆଶା ବାନ୍ଧିଥିଲେ। ହେଲେ ଦଳ ତାଙ୍କୁ ଟିକେଟ ଦେଇ ନ ଥିଲା। ଏପରିକି ଯାହାକୁ ପ୍ରାର୍ଥୀ କଲେ ସେ ସମ୍ପର୍କରେ ବିଜେଡି ତାଙ୍କ ସହମତି ନେବା ବି ଉଚିତ ମଣି ନ ଥିଲା। ତାହାକୁ ନେଇ ରାସେଶ୍ୱରୀଙ୍କ ସମର୍ଥନଙ୍କ ଭିତରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଏପରିକି ସମ୍ବଲପୁର ବିଜେଡି ଏମ୍‌ପି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ବି ରାସେଶ୍ୱରୀଙ୍କୁ ଅଣଦେଖା କରିବା ପରେ ସେ ଏହାର ଜବାବ ଦେବାକୁ ପଣ କରିଥିଲେ। ପ୍ରଥମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପରେ ଜୟନାରାୟଣଙ୍କୁ ବିଜୟୀ ହେବା ପାଇଁ ଆଶୀର୍ବାଦ ଦେଇଥିଲେ। ତାଙ୍କ ସମର୍ଥକମାନେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଧର୍ମେନ୍ଦ୍ରଙ୍କ ସହ ଜୟନାରାୟଣଙ୍କୁ ଜିତାଇବାକୁ ଉଦ୍ୟମ କରିଥିଲେ। ଜୟନାରାୟଣ ଅସୁସ୍ଥତା ଯୋଗୁଁ ଦୀର୍ଘ ସମୟ ସମ୍ବଲପୁର ବାହାରେ ରହିଥିବାରୁ ଲୋକଙ୍କ ଭିତରେ ତାଙ୍କ ପ୍ରତି ଅସନ୍ତୋଷ ରହିଥିଲା। ମାତ୍ର ରାସେଶ୍ୱରୀଙ୍କ ସମର୍ଥନ ପରେ ସ୍ଥିତି ବଦଳିବା ଆରମ୍ଭ କଲା ବୋଲି କୁହାଯାଉଛି। ସମ୍ବଲପୁରରେ ରାସେଶ୍ୱରୀଙ୍କ ଏହି ହସ ପ୍ରସଙ୍ଗ ଚାରିଆଡେ ଚର୍ଚ୍ଚା ହେଉଛି।

# ସୁଜାତା ଯାଜପୁରର ୫ମ ମହିଳା ବିଧାୟିକା


ନିର୍ବାଚନ ଅଧିକାରୀଙ୍କଠାରୁ ବିଜୟ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି ସୁଜାତା ସାହୁ।

**ଯାଜପୁର,୫।୬(ହର୍ଷବର୍ଦ୍ଧନ ବେହେରା)**

ସଦ୍ୟସମାପ୍ତ ବିଧାନସଭା ନିର୍ବାଚନରେ ଜିଲାର ଯାଜପୁର ଆସନରୁ ବିଜେଡି ପ୍ରାର୍ଥୀ ସୁଜାତା ସାହୁ ବିଜୟୀ ହୋଇଛନ୍ତି । ସେ ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କୁ ପରାସ୍ତ କରିଛନ୍ତି। ଏହା ଗୌତମଙ୍କ ଦ୍ୱିତୀୟ ପରାଜୟ । ବିଜେଡିର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ନିଜ ଆସନ ଛାଡି ସମ୍ବଲପୁର ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବାରୁ ସୁଜାତାଙ୍କୁ ପ୍ରାର୍ଥୀ କରିଥିଲେ । ଏଥିରେ ସେ ସଫଳତା ପାଇଛନ୍ତି। ଏହି କ୍ରମରେ ଜିଲାରେ ସୁଜାତା ୫ମ ମହିଳା ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

ଯାଜପୁର ବିଧାନସଭା ଆସନରେ ମୋଟ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ବିଜେଡିର ସୁଜାତା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଗୌତମଙ୍କୁ ହରାଇ ବିଜୟୀ ହୋଇଛନ୍ତି । ସୁଜାତା ୮୬୦୪୯ ଭୋଟ ପାଇଥିବାବେଳେ ଗୌତମ ୮୩୪୮୫ ଭୋଟ ପାଇଛନ୍ତି । ଗୌତମ ତାଙ୍କୁ କଡା ଟକ୍କର ଦେଇ ମାତ୍ର ୨୫୬୪ ଭୋଟ ବ୍ୟବଧାନରେ ହାରିଛନ୍ତି। ଫଳରେ ଗୌତମଙ୍କ ପ୍ରଥମ ଥର ବିଧାୟକ ହେବାର ଆଶା ଧୂଳିସାତ ହୋଇଛି। କଂଗ୍ରେସ ପ୍ରାର୍ଥୀ ସୁଦୀପ କୁମାର କର ୬୪୭୭ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି । ଏଠାରେ ବିଜେଡି ପ୍ରାର୍ଥୀ ସୁଜାତାଙ୍କୁ ବବିଙ୍କ ସମର୍ଥକମାନେ ପୂରା ଦମ୍‌ରେ ସହଯୋଗ କରିଥିଲେ। ଫଳରେ ଯାଜପୁର ଆସନରେ ପ୍ରଥମ କରି ଜଣେ ମହିଳାଙ୍କୁ ନେତୃତ୍ୱ ନେବାର ସୁଯୋଗ ମିଳିଛି । ଏହି କ୍ରମରେ ସେ ଜିଲାର ୫ମ ମହିଳା ବିଧାୟିକା ହେବାର ଗୌରବ ଅର୍ଜନ କରିଛନ୍ତି ।

ଯାଜପୁର ଜିଲାର ପ୍ରଥମ ମହିଳା ବିଧାୟିକା ହେବା ଶ୍ରେୟ ସୁକିନ୍ଦା ରାଣୀ ଆନନ୍ଦମଞ୍ଜରୀ ଦେବୀଙ୍କ ରହିଛି। ୧୯୬୭ ନିର୍ବାଚନରେ ଆନନ୍ଦ ମଞ୍ଜରୀ ଦେବୀ ଓଡ଼ିଶା ଜନକଂଗ୍ରେସରୁ ସୁକିନ୍ଦା ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏଥିରେ ସେ ୧୩୦୦୫ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଏନ୍.ସି. ପତି ୪୨୭୫ ଭୋଟ ପାଇଥିଲେ । ପୁଣି ୧୯୭୭ ନିର୍ବାଚନରେ ସେ ଜନତା ପାର୍ଟିରୁ ସୁକିନ୍ଦା ନିର୍ବାଚନମଣ୍ଡଳୀରୁ ଦ୍ୱିତୀୟ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ଦୀର୍ଘ ୪୭ ବର୍ଷ ହେଲା ସୁକିନ୍ଦା ନିର୍ବାଚନମଣ୍ଡଳୀରେ ମହିଳାଙ୍କୁ ସ୍ଥାନ ମିଳିନାହିଁ। ଜିଲାର ଦ୍ୱିତୀୟ ମହିଳା ବିଧାୟିକା ଭାବେ ୧୯୯୦ ନିର୍ବାଚନରେ ଜନତା ଦଳର ପ୍ରମିଳା ମଲ୍ଲିକ ବିଞ୍ଝାରପୁର(ଏସ୍‌ସି) ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୦୦ରୁ ଆଜି ପର୍ଯ୍ୟନ୍ତ ପ୍ରମିଳା ବିଜେଡିରୁ ଅପ୍ରତିଦ୍ୱନ୍ଦ୍ୱୀ ମହିଳା ବିଧାୟିକା ଭାବେ ନିର୍ବାଚିତ ହୋଇ ଆସୁଛନ୍ତି। ୨୦୦୪ ନିର୍ବାଚନରେ ତୃତୀୟ ମହିଳା ବିଧାୟିକା ହେବାର ସୌଭାଗ୍ୟ ଲାଭ କରିଥିଲେ ଭାଜପାର ସଞ୍ଚିତା ମହାନ୍ତି। ଏହାର ୧୫ ବର୍ଷ ପରେ ୨୦୧୯ରେ ବରୀ ବିଧାନସଭାରୁ ସୁନନ୍ଦା ଦାସ ୪ର୍ଥ ମହିଳା ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ହେଲେ ଏଥର ତାଙ୍କୁ ଟିକେଟ୍ ନ ମିଳିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥର ଜିଲାର ବିଭିନ୍ନ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମହିଳା ପ୍ରାର୍ଥୀମାନେ ବିଜୟୀ ହୋଇପାରି ନାହାନ୍ତି। ଚଳିତ ନିର୍ବାଚନରେ କୋରେଇ ଆସନରେ କଂଗ୍ରେସର ବନ୍ଦିତା ପରିଡା, ବିଞ୍ଝାରପୁର ଆସନରେ ଭାଜପାର ବବିତା ମଲ୍ଲିକ ଓ କଂଗ୍ରେସର କନକଲତା ମଲ୍ଲିକ, ଧର୍ମଶାଳା ଆସନରେ ଭାଜପାର ସ୍ମୃତିରେଖା ପହି, ବଡ଼ଚଣାରେ ବିଜେଡିରୁ ବର୍ଷା ପ୍ରିୟଦର୍ଶିନୀ, କୋରେଇରୁ ବିଜେଡିର ସନ୍ଧ୍ୟାରାଣୀ ଦାସ ପ୍ରମୁଖ ନିର୍ବାଚନୀ ମଇଦାନରେ ଓହ୍ଲାଇଥିଲେ ହେଁ ପରାଜିତ ହୋଇଛନ୍ତି । ହେଲେ ସୁଜାତା ବିଜୟୀ ହୋଇ ଯାଜପୁରର ୫ମ ବିଧାୟିକା ଭାବେ ରେକର୍ଡ ସୃଷ୍ଟି କରିଛନ୍ତି।


# Classified Everyday
**0674-2580101, 2549949**




**SALE**

Residential plot for sale just 2.5K.M. from Patia Rlystation, Bhubaneswar. Immediate registration & possession. 7848939838. D-75961

**Plot for sale at Puri, Konark Marine Drive (550/- per sqft.). Contact- 6371703010.** D-436

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9938015048, 9040023313.** D-446




**Relax, Refresh your body, mind at Saikrupa Spa with best therapies. 8984068077.** D-416

Fully relaxed body massage trained therapist. Central SPA. 9556483961. D-75747

Newly open Jyoti SPA positively health benefits (Expert therapist). 8458067955. D-76125

Relax, refresh your body, mind by expert therapist. Contact- 9938843929. D-76124

**Full body massage experience, good looking therapist @999 (Bhubaneswar). 9078484455.** D-426

ବିନା ଔଷଧରେ ମଧୁମେହ, ରକ୍ତଚାପ, ଗ୍ୟାସଟ୍ରିକ୍, ଗଣ୍ଠିଯନ୍ତ୍ରଣା, ହୃଦରୋଗ, ଗୁପ୍ତରୋଗ ଭଲ ହେବାକୁ ଚାହୁଁଥିଲେ। 9439493164. D-75962

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75750

Monalisa massage Club:All types Body massage with hiprofile smart lady rooms service available. 9708545108. D-444

**AFFIDAVIT**

By virtue of an affidavit sworn before the Notary Public, Nuapada, I Manaprit Kour, W/o Balbeer Singh Bains, R/o Word No.9, Khariar Road NAC, P.O.- Khariar, Dist.- Nuapada declare that in the birth certificate of my son Aditya Singh Bains my name is endorsed as Manpreet Kour. That in SSE and SSCE CBSE Mark Sheet of my son erroneously my name is endorsed as Manprit Kaur. That by this affidavit No.445 Dtd. 24.4.24 I am clarify that my name Manaprit Kour, Manpreet Kour and Manprit Kaur is the same and one person. D-450


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


I (Sarat Chandra Mallik), aged 43 years, S/o (Gobinda Mallick) and my daughter (Pragyansmita Mallik), Village- Patamaha, P.O.- Badeketa, P.S.-Baliguda, Dist.- Kandhamal have changed our names from (Sarat Chandra Mallik) and (Pragyansmita Mallik) to Sarat Chandra Mallick and Pragyansmita Mallick, Vide Sov.238 dated 5.6.2024 before the Notary, Baliguda, Sri Kaushik Sahu. D-447

By virtue of an affidavit sworn before Executive Magistrate, Bhubaneswar, dated 31.05.2024, I, Abhay Kumar Behera, address MIG-II, 21/2 Housing Board Colony, P.S.- Chandrasekharpur, Bhubaneswar, Khordha, Pin- 751016 declare that I have changed my Son's name from Sahil Priyadarshee to Ayushman Priyadarshee. Henceforth, he will be known as Ayushman Priyadarshee for all purposes. (Abhay Kumar Behera) D-448

By virtue of affidavit before the Executive Magistrate, Bhubaneswar, after marriage I have changed my surname from Bauri to Mohapatra. Henceforth, I shall be known as Suchismita Mohapatra, W/o- Sanjeet Kumar Mohapatra, resident of Gopabandhu Nagar, Similiguda, Dist.- Koraput, Pin-764036, Odisha for all future purposes. D-75543

By virtue of an affidavit sworn before the Executive Magistrate, Koksara, I, Purnachandra Satanami, S/o Tanuram Satanami, R/o Village / P.O.- Temara, P.S.- Koksara, Dist.- Kalahandi declare that in my recent Aadhaar Card my surname is wrongly mentioned as KURRE in place of SATANAMI. I swear this affidavit to be submitted before the UIDAI Authority to make necessary correction. D-451

By virtue of an affidavit vide No.- 5003 date 31.05.2024, I declare my name from Sunil Patro to Sunil Kumar Patro. But it was wrongly mentioned in the School Certificate of my Son Venkata Patro as Sunil Patro, so this may be rectified from Sunil Patro to Sunil Kumar Patro in the said document. Sunil Kumar Patro, DFO Office, 4th Line, Rayagada. D-452

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**CLASSIFIED DISPLAY**
MORE SPACE • SAME PRICE


| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |


**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
**FREE ADMISSION & DEMO CLASSES**
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

नैनं छिन्दन्ति शस्त्राणि नैनं दहति पावकः।
न चैनं क्लेदयन्त्यापो न शोषयति मारुतः।।



(25.03.1933 – 19.05.2023)
In loving memory of
**Radha Mohan Mohanty**
(Moni-Babu)
Family, Relatives, Friends & Well wishers
Members & Associates of M/s G N Mohanty & Co
Samantarapur, Bhubaneswar – 751002
Ph: (0674) 2340528, 9437074183
gnmohantyandco@gmail.com
ଧ-୪୪୫

# ଭୋଟ ଫଳ ୨୦୨୪



| ବିଧାନସଭା ଆସନ | ବିଜୟୀ ପ୍ରାର୍ଥୀ | ଦ୍ୱିତୀୟ | ତୃତୀୟ |
|---|---|---|---|
| ୧. ପଦ୍ମପୁର | ବର୍ଷା ସିଂ ବରିହା(୯୧,୯୯୫) | ଗୋବର୍ଦ୍ଧନ ଭୁଏ(୮୧,୦୦୨) | ଟଙ୍କଧର ସାହୁ(୩୦,୪୫୩) |
| ୨. ବିଜେପୁର | ସନତ୍ କୁମାର ଗର୍ତ୍ତିଆ(୯୩,୧୬୧) | ରୀତା ସାହୁ(୮୩,୦୯୫) | କିଶୋର ଦଫାଦାର(୧୫,୭୦୭) |
| ୩. ବରଗଡ଼ | ଅଶ୍ୱିନୀ କୁମାର ଷଡ଼ଙ୍ଗୀ(୭୭,୬୬୬) | ଦେବେଶ ଆଚାର୍ଯ୍ୟ(୭୨,୯୯୪) | ନିପନ କୁମାର ଦାଶ(୧୦,୨୭୨) |
| ୪. ଅତାବିରା | ନିହାର ରଞ୍ଜନ ମହାନନ୍ଦ(୯୯,୪୮୭) | ସ୍ନେହାଙ୍ଗିନୀ ଛୁରିଆ(୭୦,୫୭୭) | ଅଭିଶେଖ ସେଠ(୬,୦୬୫) |
| ୫. ଭଟ୍ଲି | ଇରାଶିଷ୍ ଆଚାର୍ଯ୍ୟ(୧,୦୭,୫୦୮) | ସୁଶାନ୍ତ ସିଂ(୭୯,୬୧୬) | ବ୍ରହ୍ମା ମହାକୁଡ଼(୪,୬୧୪) |
| ୬. ବ୍ରଜରାଜନଗର | ସୁରେଶ ପୂଜାରୀ(୮୨,୧୯୯) | ଅଳକା ମହାନ୍ତି(୫୫,୪୧୦) | କିଶୋର ଚନ୍ଦ୍ର ପଟେଲ(୨୧,୮୦୯) |
| ୭. ଝାରସୁଗୁଡ଼ା | ଟଙ୍କଧର ତ୍ରିପାଠୀ(୯୧,୧୦୫) | ଦୀପାଳି ଦାସ(୮୯,୭୭୨) | ଅନୀତା ବିଶ୍ୱାଳ(୫,୭୭୫) |
| ୮. ତଲସରା | ଭବାନୀ ଶଙ୍କର ଭୋଇ(୬୮,୯୨୮) | ବିନୟ କୁମାର ଟପ୍ପୋ(୫୧,୭୩୯) | ଦେବେନ୍ଦ୍ର ଭିତରିଆ(୩୫,୨୬୨) |
| ୯. ସୁନ୍ଦରଗଡ଼ | ଯୋଗେଶ ସିଂ(୮୬,୩୯୮) | କୁସୁମ ଟେଟେ(୭୭,୨୭୬) | ସୁଧାରାଣୀ ରାଉଡ଼ିଆ(୮,୩୦୧) |
| ୧୦. ବୀରମିତ୍ରପୁର | ରୋହିତ ଯୋଶେଫ ତିର୍କୀ(୮୨,୧୧୬) | ଶଙ୍କର ଓରାମ(୭୭,୨୩୨) | ରେମିସ୍ ଜୋଜୋ(୮,୮୭୧) |
| ୧୧. ରଘୁନାଥପାଲି | ଦୁର୍ଗା ଚରଣ ତନ୍ତି(୫୧,୧୮୯) | ଅର୍ଚ୍ଚନାରେଖା ବେହେରା(୪୫,୪୧୫) | ଗୋପାଳ ଦାସ(୧୭,୦୩୮) |
| ୧୨. ରାଉରକେଲା | ସାରଦା ପ୍ରସାଦ ନାୟକ(୬୪,୬୬୦) | ଦିଲୀପ ରାୟ(୬୧,୧୦୮) | ବୀରେନ୍ଦ୍ର ନାଥ ପଟ୍ଟନାୟକ(୮,୭୫୧) |
| ୧୩. ରାଜଗାଙ୍ଗପୁର | ସିଏସ୍ ରାଜନ ଏକ୍କା(୬୬,୮୬୯) | ଅନିଲ ବରୁଆ(୫୬,୬୮୫) | ନରସିଂହ ମିଞ୍ଜ୍(୫୨,୬୫୫) |
| ୧୪. ବଣାଇ | ଲକ୍ଷ୍ମଣ ମୁଣ୍ଡା(ସିପିଏମ୍)(୮୧,୦୦୮) | ଭୀମସେନ ଚୌଧୁରୀ(୫୭,୫୬୯) | ସେବତୀ ନାୟକ(୩୦,୦୬୭) |
| ୧୫. କୁଚିଣ୍ଡା | ରବିନାରାୟଣ ନାଏକ(୯୫,୭୧୬) | ରାଜେନ୍ଦ୍ର କୁମାର ଛତ୍ରିଆ(୬୩,୪୯୬) | କେଦାର ନାଥ ବରିହା(୨୧,୨୧୫) |
| ୧୬. ରେଙ୍ଗାଲି | ସୁଦର୍ଶନ ହରିପାଲ୍(୭୩,୪୨୦) | ନାଉରୀ ନାୟକ(୭୦,୨୦୮) | ଦିଲୀପ କୁମାର ଦୁରିଆ(୯,୩୬୫) |
| ୧୭. ସମ୍ବଲପୁର | ଜୟନାରାୟଣ ମିଶ୍ର(୫୯,୮୨୭) | ରୋହିତ ପୂଜାରୀ(୫୫,୭୨୨) | ଦୁର୍ଗା ପ୍ରସାଦ ପାଢ଼ୀ(୧୦,୨୬୫) |
| ୧୮. ରେଢ଼ାଖୋଲ | ପ୍ରସନ୍ନ ଆଚାର୍ଯ୍ୟ(୬୧,୭୧୬) | ଦେବେନ୍ଦ୍ର ମହାପାତ୍ର(୫୬,୭୫୬) | ଆସଫ ଅଲ୍ଲୀ ଖାନ୍(୩୭,୫୭୯) |
| ୧୯. ଦେବଗଡ଼ | ରୋମାଞ୍ଚ ରଞ୍ଜନ ବିଶ୍ୱାଳ(୮୯,୦୭୪) | ସୁବାସ ଚନ୍ଦ୍ର ପାଣିଗ୍ରାହୀ(୭୩,୨୮୨) | ସେମ୍ ହେମ୍ବ୍ରମ(୨୮,୨୭୯) |
| ୨୦. ତେଲକୋଇ | ଫକୀରଚରଣ ନାୟକ(୮୩,୮୧୮) | ମାଧବ ସର୍ଦ୍ଦାର(୭୪,୩୭୯) | ନିର୍ମଳ ଚନ୍ଦ୍ର ନାୟକ(୧୧,୩୯୫) |
| ୨୧. ଘସିପୁରା | ବଦ୍ରିନାରାୟଣ ପାତ୍ର(୮୨,୫୧୬) | ସୌମ୍ୟରଞ୍ଜନ ପଟ୍ଟନାୟକ(୬୮,୭୦୫) | ଶମ୍ଭୁନାଥ ରାଉତ(୨୩,୮୧୩) |
| ୨୨. ଆନନ୍ଦପୁର | ଅଭିମନ୍ୟୁ ସେଠୀ(୭୧,୬୫୧) | ଜୟଦେବ ଜେନା(୬୦,୬୮୫) | ଆଲୋକ କୁମାର ସେଠୀ(୪୨,୫୯୧) |
| ୨୩. ପାଟଣା | ଅଖିଳ ଚନ୍ଦ୍ର ନାଏକ(୯୭,୦୪୧) | ଜଗନ୍ନାଥ ନାୟକ(୫୯,୦୬୨) | ହୃଷିକେଶ ନାଏକ(୯,୮୭୧) |
| ୨୪. କେନ୍ଦୁଝର | ମୋହନ ଚରଣ ମାଝୀ(୮୭,୮୧୫) | ମୀନା ମାଝୀ(୭୬,୨୩୮) | ପ୍ରତିଭା ମଞ୍ଜରୀ ନାଏକ(୧୧,୯୦୪) |
| ୨୫. ଚମ୍ପୁଆ | ସନାତନ ମହାକୁଡ଼(୧,୦୩,୧୨୦) | ମୁରଲୀ ଶର୍ମା(୬୩,୧୨୬) | ଯଶବନ୍ତ ଲାଗୁରି(୮,୬୪୯) |
| ୨୬. ଯଶୀପୁର | ଗଣେଶରାମ ସିଂହ ଖୁଣ୍ଟିଆ(୮୫,୩୮୪) | ଚକ୍ରଧର ହେମ୍ବ୍ରମ୍(୫୦,୭୧୭) | ଶ୍ୱେତା ଛତର(୧୮,୧୫୧) |
| ୨୭. ସାରସକଣା | ଭାଦବ ହାଁସଦା(୫୯,୩୮୭) | ଦେବାଶିଷ ମାରାଣ୍ଡି(୪୫,୭୩୫) | ଅଞ୍ଜନୀ ସୋରେନ୍(୨୦,୭୨୫) |
| ୨୮. ରାଇରଙ୍ଗପୁର | ଜୋଲେନ ନାଏକ(୬୨,୭୨୪) | ରାଇସେନ ମୁର୍ମୁ(୫୫,୦୩୧) | ଯୋଗେନ୍ଦ୍ର ବାଆଁରା(୨୪,୨୨୪) |
| ୨୯. ବାଙ୍ଗିରିପୋଷୀ | ସଞ୍ଜଳି ମୁର୍ମୁ(୮୭,୮୦୧) | ରଞ୍ଜିତା ମାର୍ଣ୍ଡି(୫୩,୩୨୫) | ମୁରଲୀଧର ନାୟକ(୧୩,୦୮୫) |
| ୩୦. କରଞ୍ଜିଆ | ପଦ୍ମଚରଣ ହାଇବୁରୁ(୬୫,୩୫୭) | ବାସନ୍ତୀ ହେମ୍ବ୍ରମ(୩୫,୮୫୮) | ଲକ୍ଷ୍ମୀଧର ସିଂ(୨୫,୪୭୧) |
| ୩୧. ଉଦଳା | ଭାସ୍କର ମଢ଼େଇ(୬୬,୪୦୧) | ଶ୍ରୀନାଥ ସୋରେନ୍(୫୯,୮୮୪) | ଦୁର୍ଗା ଚରଣ ଟୁଡୁ(୧୫,୮୫୭) |
| ୩୨. ବଡ଼ସାହି | ସନାତନ ବିଜୁଲି(୮୩,୨୭୬) | ଅନସୂୟା ପାତ୍ର(୪୫,୮୮୯) | କ୍ଷୀରୋଦ ଚନ୍ଦ୍ର ପାତ୍ର(୧୮,୭୩୮) |
| ୩୩. ବାରିପଦା | ପ୍ରକାଶ ସୋରେନ(୭୮,୨୭୨) | ସାନନ୍ଦ ମାର୍ଣ୍ଡି(୪୯,୮୮୭) | ପ୍ରମୋଦ କୁମାର ହେମ୍ବ୍ରମ(୨୫,୬୩୬) |
| ୩୪. ମୋରଡ଼ା | କୃଷ୍ଣଚନ୍ଦ୍ର ମହାପାତ୍ର(୭୭,୯୮୦) | ପ୍ରୀତିନନ୍ଦା କାନୁନ୍‌ଗୋ(୪୪,୭୧୦) | ପଭାସ କର ମହାପାତ୍ର(୨୭,୮୮୬) |
| ୩୫. ଜଳେଶ୍ୱର | ଅଶ୍ୱିନୀ ପାତ୍ର(୮୩,୧୦୫) | ବ୍ରଜ ପ୍ରଧାନ(୮୨,୭୮୬) | ସୁଦର୍ଶନ ଦାସ(୨୬,୬୯୨) |
| ୩୬. ଭୋଗରାଇ | ଗୌତମ ବୁଦ୍ଧ ଦାସ(୭୦,୧୯୮) | ସତ୍ୟଶିବ ଦାସ(୬୩,୬୩୪) | ଆଶିଷ ପାତ୍ର(୪୧,୦୫୯) |
| ୩୭. ବସ୍ତା | ସୁବାସିନୀ ଜେନା(୮୩,୩୧୪) | ବିଜନ ନାୟକ(୬୨,୯୩୭) | ରବୀନ୍ଦ୍ର ଅଣ୍ଡିଆ(୪୨,୭୩୨) |
| ୩୮. ବାଲେଶ୍ୱର | ମାନସ କୁମାର ଦତ୍ତ(୮୯,୩୬୦) | ସ୍ୱରୂପ କୁମାର ଦାସ(୬୦,୭୩୪) | ମୋନାଲିସା ସାମଲ(୧୯,୨୫୯) |
| ୩୯. ରେମୁଣା | ଗୋବିନ୍ଦ ଚନ୍ଦ୍ର ଦାସ(୯୨,୬୨୦) | ବିଦ୍ୟାସ୍ମିତା ମହାଲିକ(୬୮,୪୫୨) | ସୁଦର୍ଶନ ଜେନା(୧୨,୦୫୯) |
| ୪୦. ନୀଳଗିରି | ସନ୍ତୋଷ କୁମାର ଖଟୁଆ(୮୭,୯୨୮) | ସୁକାନ୍ତ ନାୟକ(୬୮,୦୮୯) | ଅକ୍ଷୟ କୁମାର ଆଚାର୍ଯ୍ୟ(୮,୨୧୦) |
| ୪୧. ସୋର | ମାଧବ ଧଡ଼ା(୬୩,୬୪୨) | ପର୍ଶୁରାମ ଧଡ଼ା(୬୨,୮୪୬) | ସୁବ୍ରତ ଧଡ଼ା(୩୨,୧୪୯) |
| ୪୨. ସିମୁଳିଆ | ପଦ୍ମଲୋଚନ ପଣ୍ଡା(୯୦,୬୭୬) | ସୁଭାଷିନୀ ସାହୁ(୭୭,୪୯୩) | ହିମାଂଶୁ ଶେଖର ବେହେରା(୧୩,୦୬୭) |
| ୪୩. ଭଣ୍ଡାରିପୋଖରୀ | ସଞ୍ଜୀବ ମଲ୍ଲିକ(୭୨,୪୪୭) | ନିରଞ୍ଜନ ପଟ୍ଟନାୟକ(୭୦,୮୯୬) | ସୁଧାଂଶୁ ନାୟକ(୩୮,୯୫୨) |
| ୪୪. ଭଦ୍ରକ | ସିତାଂଶୁ ଶେଖର ମହାପାତ୍ର(୮୨,୨୮୨) | ପ୍ରଫୁଲ୍ଲ ସାମଲ(୪୪,୨୧୪) | ଅସିତ ପଟ୍ଟନାୟକ(୪୨,୫୫୭) |
| ୪୫. ବାସୁଦେବପୁର | ଅଶୋକ କୁମାର ଦାସ(୭୭,୮୪୩) | ବିଷ୍ଣୁବ୍ରତ ରାଉତରାୟ(୭୭,୨୧୨) | ବାଣୀକଲ୍ୟାଣ ମହାନ୍ତି(୪୨,୨୭୮) |
| ୪୬. ଧାମନଗର | ସୂର୍ଯ୍ୟବଂଶୀ ସୂରଜ(୯୦,୫୫୫) | ସଞ୍ଜୟ କୁମାର ଦାସ(୮୨,୪୬୦) | ରଞ୍ଜନ କୁମାର ବେହେରା(୫,୭୩୨) |
| ୪୭. ଚାନ୍ଦବାଲି | ବ୍ୟୋମକେଶ ରାୟ(୮୩,୦୬୩) | ମନମୋହନ ସାମଲ(୮୧,୧୪୭) | ଅମୀୟ କୁମାର ମହାପାତ୍ର(୨୮,୪୮୩) |
| ୪୮. ବିଞ୍ଝାରପୁର | ପ୍ରମିଳା ମଲ୍ଲିକ(୭୪,୧୮୫) | ବବିତା ମଲ୍ଲିକ(୭୧,୩୨୯) | କନକଲତା ମଲ୍ଲିକ(୪,୩୯୨) |
| ୪୯. ବରୀ | ବିଶ୍ୱରଞ୍ଜନ ମଲ୍ଲିକ(୧,୦୧,୯୬୬) | ଉମେଶ ଚନ୍ଦ୍ର ଜେନା(୫୦,୫୦୧) | ଦେବାଶିଷ ନାୟକ(୪,୧୦୬) |
| ୫୦. ବଡ଼ଚଣା | ଅମର କୁମାର ନାୟକ(୭୧,୯୨୬) | ବର୍ଷା ପ୍ରିୟଦର୍ଶିନୀ(୬୫,୬୧୬) | ଅଜୟ ସାମଲ(୬,୬୨୭) |
| ୫୧. ଧର୍ମଶାଳା | ହିମାଂଶୁ ଶେଖର ସାହୁ(୭୯,୭୫୯) | ପ୍ରଣବ ବଳବନ୍ତରାୟ(୭୫,୬୦୯) | ସ୍ମୃତିରେଖା ପହି(୧୫,୯୨୬) |
| ୫୨. ଯାଜପୁର | ସୁଜାତା ସାହୁ(୮୬,୦୪୯) | ଗୌତମ ରାୟ(୮୩,୪୮୫) | ସୁଦୀପ କୁମାର କର(୬,୪୭୭) |
| ୫୩. କୋରେଇ | ଆକାଶ ଦାସନାୟକ(୭୯,୬୫୮) | ସନ୍ଧ୍ୟାରାଣୀ ଦାସ(୭୪,୦୧୨) | ବନ୍ଦିତା ପରିଡ଼ା(୮,୧୭୭) |
| ୫୪. ସୁକିନ୍ଦା | ପ୍ରଦୀପ ବଳସାମନ୍ତ(୮୬,୭୩୩) | ପ୍ରୀତିରଞ୍ଜନ ଘଡ଼ାଇ(୭୭,୧୫୬) | ବିଭୁଭୂଷଣ ରାଉତ(୩,୬୭୭) |
| ୫୫. ଢେଙ୍କାନାଳ | କୃଷ୍ଣ ଚନ୍ଦ୍ର ପାତ୍ର(୧,୦୬୫୨୯) | ସୁଧୀର କୁମାର ସାମଲ(୮୬,୦୯୦) | ସୁସ୍ମିତା ସିଂହଦେଓ(୪,୬୩୦) |
| ୫୬. ହିନ୍ଦୋଳ | ସୀମାରାଣୀ ନାୟକ(୯୭,୭୯୫) | ମହେଶ ସାହୁ(୮୫,୯୬୮) | ଗୋବର୍ଦ୍ଧନ ଶେଖର ନାୟକ(୭,୩୧୪) |
| ୫୭. କାମାକ୍ଷାନଗର | ଶତ୍ରୁଘ୍ନ ଜେନା(୮୪,୫୮୯) | ପ୍ରଫୁଲ୍ଲ କୁମାର ମଲ୍ଲିକ(୭୯,୯୨୭) | ବିପ୍ରବର ସାହୁ(୩,୪୩୦) |
| ୫୮. ପରଜଙ୍ଗ | ବିଭୂତି ଭୂଷଣ ପ୍ରଧାନ(୧,୦୦୫୯୫) | ନୃସିଂହ ସାହୁ(୬୮,୪୩୩) | ରଞ୍ଜିତ କୁମାର ସାହୁ(୩,୪୮୨) |
| ୫୯. ପାଲଲହଡ଼ା | ଅଶୋକ ମହାନ୍ତି(୭୧,୫୬୦) | ମୁକେଶ ପାଲ(୬୩,୯୯୭) | ଫକୀର ସାମଲ(୬,୪୪୪) |
| ୬୦. ତାଳଚେର | ବ୍ରଜକିଶୋର ପ୍ରଧାନ(୭୫,୬୨୧) | କାଳନ୍ଦି ଚରଣ ସାମଲ(୪୩,୪୯୯) | ପ୍ରଫୁଲ୍ଲ ଚନ୍ଦ୍ର ଦାସ(୬,୧୮୯) |
| ୬୧. ଅନୁଗୋଳ | ପ୍ରତାପ ଚନ୍ଦ୍ର ପ୍ରଧାନ(୮୮,୮୬୮) | ସଂଯୁକ୍ତା ସିଂହ(୭୧,୪୩୫) | ଅମ୍ବିକା ପ୍ରସାଦ ଭଞ୍ଜ(୬,୬୫୩) |
| ୬୨. ଛେଣ୍ଡିପଦା | ଅଗସ୍ତି ବେହେରା(୯୩,୬୨୯) | ସୁଶାନ୍ତ କୁମାର ବେହେରା(୭୮,୫୬୬) | ନରୋତ୍ତମ ନାୟକ(୩,୬୮୧) |
| ୬୩. ଆଠମଲ୍ଲିକ | ନଳିନୀକାନ୍ତ ପ୍ରଧାନ(୯୩,୯୫୭) | ସଞ୍ଜୀବ ସାହୁ(୭୭,୮୦୪) | ହିମାଂଶୁ ଚାଉଳିଆ(୫,୧୨୬) |
| ୬୪. ବୀରମହାରାଜପୁର | ରଘୁନାଥ ଜଗଦଲା(୮୫,୬୮୦) | ପଦ୍ମନାଭ ବେହେରା(୬୩,୭୩୪) | ପ୍ରଦୀପ ସେଠୀ(୨୨,୫୭୬) |
| ୬୫. ସୋନପୁର | ନିରଞ୍ଜନ ପୂଜାରୀ(୯୮,୨୦୨) | ପ୍ରମୋଦ ମହାପାତ୍ର(୮୨,୯୬୩) | ପ୍ରିୟବ୍ରତ ସାହୁ(୨୦,୫୦୮) |
| ୬୬. ଲୋଇସିଂହା | ମୁକେଶ ମହାଲିଙ୍ଗ(୮୩,୩୧୩) | ନୀହାର ରଞ୍ଜନ ବେହେରା(୬୫,୧୨୩) | ଓମ୍‌ପ୍ରକାଶ କୁମ୍ଭାର(୩୨,୨୪୯) |
| ୬୭. ପାଟଣାଗଡ଼ | କନକ ବର୍ଦ୍ଧନ ସିଂହଦେଓ(୯୩,୮୨୩) | ସରୋଜ କୁମାର ମେହେର(୯୨,୪୬୬) | ଅନିଲ ମେହେର(୨୬,୫୪୯) |
| ୬୮. ବଲାଙ୍ଗୀର | କଳିକେଶ ନାରାୟଣ ସିଂହଦେଓ(୮୫,୨୬୫) | ସମରେନ୍ଦ୍ର ମିଶ୍ର(୭୧,୮୫୬) | ଗୋପାଳଜୀ ପାଣିଗ୍ରାହୀ(୨୪,୯୩୨) |
| ୬୯. ଟିଟିଲାଗଡ଼ | ନବୀନ ଜୈନ(୯୭,୮୫୪) | ଟୁକୁନି ସାହୁ(୮୦,୪୫୫) | ବୀରେନ୍ଦ୍ର ବାଗ(୧,୮୦୭) |
| ୭୦. କଣ୍ଟାବାଞ୍ଜି | ଲକ୍ଷଣ ବାଗ୍(୯୦,୮୭୬) | ନବୀନ ପଟ୍ଟନାୟକ(୭୪,୫୩୨) | ସନ୍ତୋଷ ସିଂ ସାଲୁଜା(୨୬,୮୩୯) |
| ୭୧. ନୂଆପଡ଼ା | ରାଜେନ୍ଦ୍ର ଢୋଲକିଆ(୬୧,୮୨୨) | ଘାସିରାମ ମାଝୀ(୫୦,୯୪୧) | ଅଭିନନ୍ଦନ ପଣ୍ଡା(୪୪,୮୧୪) |
| ୭୨. ଖଡ଼ିଆଳ | ଅଧିରାଜ ପାଣିଗ୍ରାହୀ(୯୩,୨୪୬) | ହିତେଶ କୁମାର ବଗର୍ତ୍ତୀ(୮୩,୬୨୮) | କମଳ ଚରଣ ତାଣ୍ଡି(୧୩,୩୩୦) |
| ୭୩. ଉମରକୋଟ | ନିତ୍ୟାନନ୍ଦ ଗଣ୍ଡ(୭୦,୧୭୦) | ନବୀନା ନାୟକ(୫୯,୭୯୭) | ସନରାଜ ଗଣ୍ଡ(୨୫,୦୨୬) |
| ୭୪. ଝରିଗାଁ | ନରସିଂ ଭତ୍ରା(୭୬,୭୪୮) | ରମେଶ ଚନ୍ଦ୍ର ମାଝୀ(୭୩,୪୭୦) | ହାରାବତୀ ଗଣ୍ଡ(୨୫,୫୭୭) |
| ୭୫. ନବରଙ୍ଗପୁର | ଗୌରୀଶଙ୍କର ମାଝୀ(୯୦,୮୯୫) | କୌଶଲ୍ୟା ପ୍ରଧାନୀ(୬୫,୮୦୧) | ଦିଲୀପ ପ୍ରଧାନୀ(୪୦,୨୭୧) |
| ୭୬. ଡାବୁଗାଁ | ମନୋହର ରନ୍ଧାରୀ(୭୭,୫୧୧) | ଲିପିକା ମାଝୀ(୫୬,୦୫୬) | ସୋମନାଥ ପୂଜାରୀ(୩୪,୩୧୮) |
| ୭୭. ଲାଞ୍ଜିଗଡ଼ | ପ୍ରଦୀପ କୁମାର ଦିଶାରୀ(୬୦,୨୫୪) | ବଳଭଦ୍ର ମାଝୀ(୫୩,୭୫୩) | ରମେଶ ମାଝି(୪୯,୧୧୩) |
| ୭୮. ଜୁନାଗଡ଼ | ଦିବ୍ୟଶଙ୍କର ମିଶ୍ର(୭୭,୦୩୭) | ମନୋଜ କୁମାର ମେହେର(୭୫,୬୯୯) | ଟୁଲେଶ୍ୱର ନାଏକ(୩୯,୪୯୨) |
| ୭୯. ଧର୍ମଗଡ଼ | ସୁଧୀର ପାଟ୍ଟଯୋଶୀ(୮୭,୮୯୦) | ପୁଷ୍ପେନ୍ଦ୍ର ସିଂହଦେଓ(୬୮,୯୬୩) | ରଶ୍ମିରେଖା ରାଉତ(୪୧,୨୬୯) |
| ୮୦. ଭବାନୀପାଟଣା | ସାଗରଚରଣ ଦାସ(୬୭,୦୮୫) | ପ୍ରଦୀପ୍ତ କୁମାର ନାୟକ(୫୩,୩୪୪) | ଲତିକା ନାଏକ(୫୦,୮୯୭) |
| ୮୧. ନର୍ଲା | ମନୋରମା ମହାନ୍ତି(୬୭,୫୩୨) | ଭକ୍ତଚରଣ ଦାସ(୬୨,୩୨୭) | ଅନିରୁଦ୍ଧ ପ୍ରଧାନ(୪୭,୪୧୭) |
| ୮୨. ବାଲିଗୁଡ଼ା | ଚକ୍ରମଣି କହଁର(୪୩,୫୮୬) | ଉପେନ୍ଦ୍ର ପ୍ରଧାନ(୪୧,୯୧୫) | କଳ୍ପନା କଅଁର(୩୧,୪୮୧) |
| ୮୩. ଜି. ଉଦୟଗିରି | ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ(୫୩,୫୩୦) | ମାନଗୋବିନ୍ଦ ପ୍ରଧାନ(୪୫,୬୭୩) | ସାଲୁଗା ପ୍ରଧାନ(୪୦,୩୭୩) |
| ୮୪. ଫୁଲବାଣୀ | ଉମା ଚରଣ ମଲ୍ଲିକ(୫୩,୯୦୦) | ଜୟଶ୍ରୀ କହଁର(୫୧୦୪୨) | ପ୍ରତିଭା କହଁର(୨୩,୩୨୮) |
| ୮୫. କନ୍ଧମାଳ | କହ୍ନେଇ ଚରଣ ଡାଙ୍ଗ(୬୮,୩୫୬) | ମହାଧର ରଣା(୬୧,୨୦୭) | ଶରତ କୁମାର ପ୍ରଧାନ(୭,୬୯୪) |
| ୮୬. ବୌଦ୍ଧ | ସରୋଜ ପ୍ରଧାନ(୬୨,୪୯୪) | ପ୍ରଦୀପ କୁମାର ଅମାତ(୫୯,୭୨୯) | ନବକୁମାର ମିଶ୍ର(୯,୪୬୮) |
| ୮୭. ବଡ଼ମ୍ବା | ବିଜୟ କୁମାର ଦଳବେହେରା(୮୬,୦୧୮) | ଦେବୀ ପ୍ରସାଦ ମିଶ୍ର(୬୨,୫୩୯) | ସମ୍ବିତ ତ୍ରିପାଠୀ(୩୦,୭୫୫) |
| ୮୮. ବାଙ୍କୀ | ଦେବୀ ରଞ୍ଜନ ତ୍ରିପାଠୀ(୬୯,୨୧୪) | ତୁଷାରକାନ୍ତ ଚକ୍ରବର୍ତ୍ତୀ(୫୨,୧୮୮) | ଦେବାଶିଷ ପଟ୍ଟନାୟକ(୪୨,୮୯୯) |
| ୮୯. ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ(୮୬,୦୦୬) | ଅଭୟ ବାରିକ(୮୨,୪୨୨) | ସୁଦର୍ଶନ ସାହୁ(୨,୪୦୫) |
| ୯୦. ବାରବାଟୀ କଟକ | ସୋଫିଆ ଫିର୍‌ଦୋସ(୫୩,୩୩୯) | ପୂର୍ଣ୍ଣଚନ୍ଦ୍ର ମହାପାତ୍ର(୪୫,୩୩୮) | ପ୍ରକାଶ ଚନ୍ଦ୍ର ବେହେରା(୪୦,୦୩୫) |
| ୯୧. ଚୌଦ୍ୱାର କଟକ | ସୌଭିକ ବିଶ୍ୱାଳ(୭୨,୩୨୫) | ନୟନ କିଶୋର ମହାନ୍ତି(୫୪,୫୦୯) | ମୀରା ମଲ୍ଲିକ(୫,୧୧୮) |

| ବିଧାନସଭା ଆସନ | ବିଜୟୀ ପ୍ରାର୍ଥୀ | ଦ୍ୱିତୀୟ | ତୃତୀୟ |
|---|---|---|---|
| ୯୨. ନିଆଳି | ଛବି ମଲ୍ଲିକ(୯୦,୧୯୧) | ପ୍ରମୋଦ କୁମାର ମଲ୍ଲିକ(୮୮,୭୩୯) | ଗୀତାଞ୍ଜଳି ମଲ୍ଲିକ(୭,୭୦୧) |
| ୯୩. କଟକ ସଦର | ପ୍ରକାଶ ଚନ୍ଦ୍ର ସେଠୀ(୭୯,୫୪୨) | ଚନ୍ଦ୍ରସାରଥୀ ବେହେରା(୭୫,୭୩୩) | ରାମଚନ୍ଦ୍ର ଗୋଛାୟତ(୭,୦୧୦) |
| ୯୪. ସାଲେପୁର | ପ୍ରଶାନ୍ତ ବେହେରା(୮୭,୭୦୧) | ଅରିନ୍ଦମ ରାୟ(୮୦,୧୦୭) | ଆକ୍ୟୁବ୍ ଉଜ୍‌ମାନ ଖାନ୍(୧୯,୯୩୦) |
| ୯୫. ମାହାଙ୍ଗା | ସାରଦା ପ୍ରସାଦ ପ୍ରଧାନ(୮୮,୬୩୨) | ଅଙ୍କିତ ପ୍ରତାପ ଜେନା(୮୧,୨୦୯) | ସୁମନ୍ତ କୁମାର ଘଡ଼େଇ(୧୯,୪୮୧) |
| ୯୬. ପାଟକୁରା | ଅରବିନ୍ଦ ମହାପାତ୍ର(୯୦,୯୦୫) | ତେଜେଶ୍ୱର ପରିଡ଼ା(୭୭,୦୮୩) | ରତିକାନ୍ତ କାନୁନଗୋ(୧୨,୦୯୧) |
| ୯୭. କେନ୍ଦ୍ରାପଡ଼ା | ଗଣେଶ୍ୱର ବେହେରା(୯୦,୧୭୩) | ଗୀତାଞ୍ଜଳି ସେଠୀ(୫୪,୭୫୫) | ସିପ୍ରା ମଲ୍ଲିକ(୭,୪୭୮) |
| ୯୮. ଆଳି | ପ୍ରତାପ କେଶରୀ ଦେବ(୭୩,୬୭୮) | ଦେବସ୍ମିତା ଶର୍ମା(୫୪,୦୫୦) | କୃଷ୍ଣ ଚନ୍ଦ୍ର ପଣ୍ଡା(୪୪,୮୫୨) |
| ୯୯. ରାଜନଗର | ଧ୍ରୁବଚରଣ ସାହୁ(୮୧,୨୩୭) | ଲଳିତ ବେହେରା(୬୨,୯୯୬) | ଅଶୋକ ପ୍ରତିହାରୀ(୨୬,୨୯୯) |
| ୧୦୦. ମହାକାଳପଡ଼ା | ଦୁର୍ଗା ପ୍ରସନ୍ନ ନାୟକ(୧,୦୯,୬୫୩) | ଅତନୁ ସବ୍ୟସାଚୀ ନାୟକ(୭୬,୧୨୭) | ଲୋକନାଥ ମହାରଥୀ(୩,୦୪୨) |
| ୧୦୧. ପାରାଦୀପ | ସମ୍ପଦ ସ୍ୱାଇଁ(୮୪,୫୧୮) | ଗୀତାଞ୍ଜଳି ରାଉତରାୟ(୬୮,୭୩୧) | ନିରଞ୍ଜନ ନାୟକ(୭,୬୧୦) |
| ୧୦୨. ତିର୍ତ୍ତୋଲ | ରମାକାନ୍ତ ଭୋଇ(୮୩,୭୪୦) | ରାଜକିଶୋର ବେହେରା(୫୫,୨୪୫) | ହିମାଂଶୁ ଭୂଷଣ ମଲ୍ଲିକ(୪୨,୮୫୨) |
| ୧୦୩. ବାଲିକୁଦା ଏରସମା | ସାରଦା ପ୍ରସନ୍ନ ଜେନା(୯୩,୫୧୭) | ସତ୍ୟସାରଥି ମହାନ୍ତି(୬୭,୫୫୮) | ନଳିନୀ ସ୍ୱାଇଁ(୨୭,୯୮୧) |
| ୧୦୪. ଜଗତ୍‌ସିଂହପୁର | ଅମରେନ୍ଦ୍ର ଦାସ(୯୨,୫୫୫) | ପ୍ରଶାନ୍ତ କୁମାର ମୁଦୁଲି(୭୦,୪୧୭) | ପ୍ରତିମା ମଲ୍ଲିକ(୫,୯୩୨) |
| ୧୦୫. କାକଟପୁର | ତୁଷାରକାନ୍ତି ବେହେରା(୮୪,୦୧୦) | ବାଇଧର ମଲ୍ଲିକ(୬୦,୮୫୯) | ବିଶ୍ୱଭୂଷଣ ଦାସ(୩୧,୩୧୫) |
| ୧୦୬. ନିମାପଡ଼ା | ପ୍ରଭାତୀ ପରିଡ଼ା(୯୫,୪୩୦) | ଦିଲୀପ କୁମାର ନାୟକ(୯୦,୮୪୨) | ସିଦ୍ଧାର୍ଥ ରାଉତରାୟ(୭,୦୬୬) |
| ୧୦୭. ପୁରୀ | ସୁନୀଲ ମହାନ୍ତି(୭୪,୭୦୯) | ଜୟନ୍ତ ଷଡ଼ଙ୍ଗୀ(୬୯,୫୩୧) | ଉମାବଲ୍ଲଭ ରଥ(୧୩,୧୬୯) |
| ୧୦୮. ବ୍ରହ୍ମଗିରି | ଉପାସନା ମହାପାତ୍ର(୯୫,୭୮୩) | ଉମାକାନ୍ତ ସାମନ୍ତରାୟ(୮୫,୯୫୩) | ମିତ୍ରଭାନୁ ମହାପାତ୍ର(୧,୯୧୦) |
| ୧୦୯. ସତ୍ୟବାଦୀ | ଓମ୍ ପ୍ରକାଶ ମିଶ୍ର(୮୭,୨୯୪) | ସଞ୍ଜୟ ଦାସବର୍ମା(୬୯,୫୮୬) | କାମାକ୍ଷା ପ୍ରସାଦ ପ୍ରଧାନ(୨,୫୫୭) |
| ୧୧୦. ପିପିଲି | ଆଶ୍ରିତ ପଟ୍ଟନାୟକ(୯୯,୩୧୦) | ରୁଦ୍ରପ୍ରତାପ ମହାରଥୀ(୮୪,୧୪୮) | ଜ୍ଞାନରଞ୍ଜନ ପଟ୍ଟନାୟକ(୩,୪୪୯) |
| ୧୧୧. ଜୟଦେବ | ନବକିଶୋର ମଲ୍ଲିକ(୭୬,୭୯୦) | ଅରବିନ୍ଦ ଢାଲି(୫୫,୩୧୭) | କୃଷ୍ଣଚନ୍ଦ୍ର ସଗରିଆ(୮,୨୭୭) |
| ୧୧୨. ଭୁବନେଶ୍ୱର ମଧ୍ୟ | ଅନନ୍ତନାରାୟଣ ଜେନା(୫୩,୭୫୯) | ଜଗନ୍ନାଥ ପ୍ରଧାନ(୫୩,୭୨୨) | ପ୍ରକାଶ ଚନ୍ଦ୍ର ଜେନା(୩,୩୦୮) |
| ୧୧୩. ଭୁବନେଶ୍ୱର ଉତ୍ତର | ସୁଶାନ୍ତ କୁମାର ରାଉତ(୭୮,୧୭୯) | ପ୍ରିୟଦର୍ଶୀ ମିଶ୍ର(୬୬,୮୩୬) | ଅଶୋକ କୁମାର ଦାସ(୫,୪୨୦) |
| ୧୧୪. ଭୁବନେଶ୍ୱର ଏକାମ୍ର | ବାବୁ ସିଂହ(୭୪,୮୮୪) | ଅଶୋକ ଚନ୍ଦ୍ର ପଣ୍ଡା(୬୯,୮୬୧) | ପ୍ରଶାନ୍ତ କୁମାର ଚମ୍ପତି(୫,୪୮୨) |
| ୧୧୫. ଜଟଣୀ | ବିଭୂତି ବଳବନ୍ତରାୟ(୬୮,୧୬୨) | ବିଶ୍ୱରଞ୍ଜନ ବଡ଼ଜେନା(୪୨,୯୪୧) | ସନ୍ତୋଷ ଜେନା(୪୨,୬୨୯) |
| ୧୧୬. ବେଗୁନିଆ | ପ୍ରଦୀପ କୁମାର ସାହୁ(୯୦,୯୬୪) | ପ୍ରକାଶ ଚନ୍ଦ୍ର ରଣବିଜୁଳି(୪୩,୧୫୦) | ପୃଥ୍ୱୀବଲ୍ଲଭ ପଟ୍ଟନାୟକ(୧୮,୧୪୪) |
| ୧୧୭. ଖୋର୍ଦ୍ଧା | ପ୍ରଶାନ୍ତ ଜଗଦେବ(୮୦,୫୬୪) | ରାଜେନ୍ଦ୍ର କୁମାର ସାହୁ(୭୧,୯୬୬) | କାଳୁଚରଣ ଖଣ୍ଡାୟତରାୟ(୧୯,୨୮୪) |
| ୧୧୮. ଚିଲିକା | ପୃଥ୍ୱୀରାଜ ହରିଚନ୍ଦନ(୮୩,୨୬୪) | ରଘୁନାଥ ସାହୁ(୭୮,୬୯୮) | ପ୍ରଦୀପ କୁମାର ସ୍ୱାଇଁ(୩,୦୮୩) |
| ୧୧୯. ରଣପୁର | ସୁରମା ପାଢ଼ୀ(୮୧,୪୩୯) | ସତ୍ୟନାରାୟଣ ପ୍ରଧାନ(୬୫,୮୯୫) | ବିଭୁପ୍ରସାଦ ମିଶ୍ର(୪,୯୫୨) |
| ୧୨୦. ଖଣ୍ଡପଡ଼ା | ଦୁଷ୍ମନ୍ତ ସ୍ୱାଇଁ(୭୫,୫୫୭) | ସାବିତ୍ରୀ ପ୍ରଧାନ(୬୮,୨୧୪) | ଅନୁଭବ ପଟ୍ଟନାୟକ(୧,୮୧୭) |
| ୧୨୧. ଦଶପଲ୍ଲା | ରମେଶ ଚନ୍ଦ୍ର ବେହେରା(୬୨,୦୩୯) | ରାଘବ ମଲ୍ଲିକ(୫୫,୭୪୩) | ରବୀନ୍ଦ୍ର ସେଠୀ(୧୦,୬୭୩) |
| ୧୨୨. ନୟାଗଡ଼ | ଅରୁଣ କୁମାର ସାହୁ(୮୧,୯୫୯) | ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ(୮୧,୫୨୦) | ରଞ୍ଜିତ ଦାଶ(୨,୬୫୦) |
| ୧୨୩. ଭଞ୍ଜନଗର | ପ୍ରଦ୍ୟୁମ୍ନ କୁମାର ନାୟକ(୮୩,୮୨୨) | ବିକ୍ରମ କେଶରୀ ଆରୁଖ(୬୭,୪୯୮) | ପ୍ରଶାନ୍ତ କୁମାର ବିଶୋଇ(୫,୧୩୬) |
| ୧୨୪. ପୋଲସରା | ଗୋକୁଳାନନ୍ଦ ମଲ୍ଲିକ(୮୫,୭୩୭) | ଶ୍ରୀକାନ୍ତ ସାହୁ(୬୪,୭୯୧) | ଅଗସ୍ତୀ ବରାଡ଼(୩,୭୬୩) |
| ୧୨୫. କବିସୂର୍ଯ୍ୟନଗର | ପ୍ରତାପ ଚନ୍ଦ୍ର ନାୟକ(୮୦,୯୯୫) | ଲତିକା ପ୍ରଧାନ(୫୦,୮୨୨) | ସଞ୍ଜୟ କୁମାର ମଣ୍ଡଳ(୨,୯୬୯) |
| ୧୨୬. ଖଲ୍ଲିକୋଟ | ପୂର୍ଣ୍ଣଚନ୍ଦ୍ର ସେଠୀ(୮୦,୨୩୦) | ସୂର୍ଯ୍ୟମଣି ବୈଦ୍ୟ(୫୭,୧୭୩) | ଚିତ୍ରସେନ ବେହେରା(୭,୮୫୭) |
| ୧୨୭. ଛତ୍ରପୁର | କୃଷ୍ଣ ଚନ୍ଦ୍ର ନାୟକ(୭୪,୯୮୩) | ସୁବାସ ଚନ୍ଦ୍ର ବେହେରା(୬୩,୫୪୫) | ଭାଗୀରଥି ବେହେରା(୭,୧୮୬) |
| ୧୨୮. ଆସ୍କା | ସରୋଜ ପାଢ଼ୀ(୫୯,୦୮୩) | ମଞ୍ଜୁଳା ସ୍ୱାଇଁ(୫୧,୦୨୪) | ସୁରଭି ବିଶୋୟୀ(୫,୩୧୬) |
| ୧୨୯. ସୋରଡ଼ା | ନୀଳମଣି ବିଷୋଇ(୮୩,୬୨୫) | ସଂଘମିତ୍ରା ସ୍ୱାଇଁ(୫୫,୪୦୧) | ହରେକୃଷ୍ଣ ରଥ(୭,୪୭୮) |
| ୧୩୦. ସାନଖେମୁଣ୍ଡି | ରମେଶ ଚନ୍ଦ୍ର ଜେନା(୬୫,୮୬୭) | ସୁଲକ୍ଷଣା ଗୀତାଞ୍ଜଳି ଦେବୀ(୫୫,୨୦୫) | ଉତ୍ତମ କୁମାର ପାଣିଗ୍ରାହୀ(୨୨,୩୯୬) |
| ୧୩୧. ହିଞ୍ଜିଳି | ନବୀନ ପଟ୍ଟନାୟକ(୬୬,୪୫୯) | ଶିଶିର ମିଶ୍ର(୬୧,୮୨୩) | ରଜନୀକାନ୍ତ ପାଢ଼ୀ(୫,୩୮୦) |
| ୧୩୨. ଗୋପାଳପୁର | ବିଭୂତି ଭୂଷଣ ଜେନା(୭୨,୦୭୧) | ବିକ୍ରମ କୁମାର ପଣ୍ଡା(୬୩,୦୦୯) | ଶ୍ୟାମସୁନ୍ଦର ସାହୁ(୩,୩୬୧) |
| ୧୩୩. ବ୍ରହ୍ମପୁର | କେ. ଅନିଲ କୁମାର(୫୪,୯୯୭) | ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ(୩୬,୨୮୮) | ଶିବଶଙ୍କର ଦାସ(୨୪,୬୬୧) |
| ୧୩୪. ଦିଗପହଣ୍ଡି | ସିଦ୍ଧାନ୍ତ ମହାପାତ୍ର(୭୨,୯୦୮) | ବିପ୍ଳବ ପାତ୍ର(୫୬,୦୬୧) | ସାକା ସୁଜିତ କୁମାର(୧୦,୦୯୦) |
| ୧୩୫. ଚିକିଟି | ମନୋରଞ୍ଜନ ଦ୍ୟାନ୍‌ସାମନ୍ତରାୟ(୬୯,୮୩୯) | ଚିନ୍ମୟାନନ୍ଦ ଶ୍ରୀରୂପ ଦେବ(୬୩,୩୧୭) | ରବୀନ୍ଦ୍ର ନାଥ ଦ୍ୟାନସାମନ୍ତରାୟ(୨,୮୪୬) |
| ୧୩୬. ମୋହନା | ଦାଶରଥି ଗମାଙ୍ଗ(୬୨,୧୧୭) | ପ୍ରଶାନ୍ତ ମଲ୍ଲିକ(୫୮,୦୫୮) | ଅନ୍ତର୍ଯ୍ୟାମୀ ଗମାଙ୍ଗ(୪୭,୩୮୬) |
| ୧୩୭. ପାରଳାଖେମୁଣ୍ଡି | ରୂପେଶ ପାଣିଗ୍ରାହୀ(୫୬,୦୨୭) | କେ. ନାରାୟଣ ରାଓ(୫୨,୦୨୯) | ବିଜୟ ପଟ୍ଟନାୟକ(୩୫,୬୭୪) |
| ୧୩୮. ଗୁଣପୁର | ସତ୍ୟଜିତ ଗମାଙ୍ଗ(୭୭,୬୩୭) | ରଘୁନାଥ ଗମାଙ୍ଗ(୪୭,୭୫୨) | ତ୍ରିନାଥ ଗମାଙ୍ଗ(୨୧,୮୦୮) |
| ୧୩୯. ବିଷମକଟକ | ନୀଳମାଧବ ହିକ୍‌କା(୬୮,୪୪୬) | ଜଗନ୍ନାଥ ସାରକା(୫୯,୦୪୩) | ଜଗନ୍ନାଥ ନନ୍ଦ୍‌କା(୨୫,୪୮୦) |
| ୧୪୦. ରାୟଗଡ଼ା | କାଡ୍ରାକା ଆପାଲାସ୍ୱାମୀ(୮୭,୪୮୨) | ଅନସୂୟା ମାଝୀ(୫୮,୨୯୬) | ବସନ୍ତ କୁମାର ଉଲ୍ଲାକା(୨୪,୫୪୮) |
| ୧୪୧. ଲକ୍ଷ୍ମୀପୁର | ପବିତ୍ର ସାଉଁଟା(୫୯,୪୪୭) | ପ୍ରଭୁ ଜାନୀ(୩୮,୧୮୫) | କୈଳାସ କୁଲେସିକା(୨୩,୫୦୫) |
| ୧୪୨. କୋଟପାଡ଼ | ରୂପୁ ଭତ୍ରା(୭୫,୨୭୫) | ଚନ୍ଦ୍ରଶେଖର ମାଝୀ(୪୯,୦୧୧) | ଅନାମ ଦିଆନ(୪୪,୮୪୦) |
| ୧୪୩. ଜୟପୁର | ତାରାପ୍ରସାଦ ବାହିନୀପତି(୬୯,୫୯୨) | ଡ. ଇନ୍ଦିରା ନନ୍ଦ(୫୬,୪୮୧) | ଗୌତମ ସାମନ୍ତରାୟ(୩୧,୧୦୭) |
| ୧୪୪. କୋରାପୁଟ | ରଘୁରାମ ମାଛ(୪୬,୮୦୫) | ରଘୁରାମ ପୋଡ଼ାଲ(୪୪,୨୮୧) | କୃଷ୍ଣଚନ୍ଦ୍ର କୁଲଦୀପ(୪୨,୨୫୬) |
| ୧୪୫. ପଟ୍ଟାଙ୍ଗୀ | ରାମଚନ୍ଦ୍ର କାଡ଼ାମ(୫୨,୨୦୨) | ପ୍ରଫୁଲ୍ଲ କୁମାର ପାଙ୍ଗୀ(୫୦,୨୮୩) | ନନ୍ଦିବାଲି ଚୈତନ୍ୟ(୩୫,୪୬୧) |
| ୧୪୬. ମାଲକାନଗିରି | ନରସିଂହ ମାଡ଼କାମୀ(୭୮,୬୭୯) | ମାଲା ମାଢ଼ୀ(୬୩,୭୮୯) | ମାନସ ମାଡ଼କାମୀ(୩୪,୬୮୮) |
| ୧୪୭. ଚିତ୍ରକୋଣ୍ଡା | ମଙ୍ଗୁ ଖିଲ(୫୫,୫୫୦) | ଡମ୍ବରୁ ଶିଶା(୪୬,୩୯୧) | ଲକ୍ଷ୍ମୀପ୍ରିୟା ନାୟକ(୩୫,୧୪୩) |

ଭାଜପା | ବିଜେଡି | କଂଗ୍ରେସ | ସ୍ୱାଧୀନ

# ଧର୍ମେନ୍ଦ୍ର ଡାକିଲେ ଦଳକୁ ଫେରିଲି: ହିମାଂଶୁ

ଭୁବନେଶ୍ୱର/କାଏମା,୫।୬(ସୁନିତ ମିଶ୍ର / ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ହିମାଂଶୁ ଶେଖର ସାହୁ ୪୧୫୦ ଭୋଟରେ ବିଜେଡି ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ପରାସ୍ତ କରିଛନ୍ତି। ବିଜୟୀ ହେବା ପରେ ହିମାଂଶୁ ଭାଜପାରେ ପୁଣି ଥରେ ଯୋଗଦେଇଛନ୍ତି। କାରଣ ହିମାଂଶୁ ପୂର୍ବରୁ ଭାଜପାରେ ଥିଲେ ଏବଂ ସେ ଧର୍ମଶାଳା ଆସନରୁ ଟିକେଟ ଆଶାୟୀ ଥିଲେ। ହେଲେ ଦଳ ତାଙ୍କ ସ୍ଥାନରେ ସ୍ମୃତିରେଖା ପହିଙ୍କୁ ପ୍ରାର୍ଥୀ କରିଥିଲା। ଏହାପରେ ହିମାଂଶୁଙ୍କ ସମର୍ଥକମାନେ ବାରମ୍ବାର ଟିକେଟ ପାଇଁ ଦାବି କରିବା ସତ୍ତ୍ୱେ ତାଙ୍କ କଥାକୁ ଦଳ ଶୁଣି ନ ଥିଲା। ଶେଷରେ ହିମାଂଶୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ବିଜୟ ପରେ ଗତ ମଙ୍ଗଳବାର

## ବହିଷ୍କୃତ ଆଦେଶ ପ୍ରତ୍ୟାହୃତ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନି

ରାତିରେ ଧର୍ମେନ୍ଦ୍ର ପ୍ରଧାନ ଓ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ହିମାଂଶୁ ଭାଜପାକୁ ଫେରିଛନ୍ତି। ନିର୍ବାଚନକୁ କିଛିଦିନ ଥିଲା ଭାଜପା ତାଙ୍କୁ ଦଳ ବିରୋଧୀ କାର୍ଯ୍ୟ କରିଥିବା ଦର୍ଶାଇ ବହିଷ୍କୃତ କରିଥିଲା। ହେଲେ ଦଳ ପକ୍ଷରୁ ବିଧିବଦ୍ଧ ଭାବେ ହିମାଂଶୁଙ୍କୁ ସାମିଲ ନେଇ ଚିଠି ଜାରି କରାଯାଇନାହିଁ। ଦଳକୁ ଫେରିବା ପରେ ହିମାଂଶୁ କହିଛନ୍ତି। ଭାଜପାର ଆମେ ସଦସ୍ୟ ଥିଲୁ। ଯେତେବେଳେ ଟିକେଟ ମିଳି ନ ଥିଲା, ସେତେବେଳେ ଭାଜପାରୁ ବିରତ ନେଇଥିଲୁ। ବିଜୟ ପରେ ଧର୍ମେନ୍ଦ୍ର ଫୋନ୍ କରି ଡାକିଥିଲେ।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଧର୍ମଶାଳାର ନବନିର୍ବାଚିତ ସ୍ୱାଧୀନ ବିଧାୟକ ହିମାଂଶୁ ଶେଖର ସାହୁ

# ସମ୍ବଲପୁରବାସୀଙ୍କୁ ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୫।୬(ସୁନିତ୍ ମିଶ୍ର)

ସମ୍ବଲପୁର ଲୋକ ସଭା ବିଜୟୀ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଭିଡିଓ ବାର୍ତ୍ତା ଜରିଆରେ ବହୁମାତ୍ରାରେ ଭୋଟ ଦେଇ ଆଶୀର୍ବାଦ କରିଥିବାରୁ ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ମହାପ୍ରଭୁ ଜଗନ୍ନାଥ, ମା' ସମଲେଇଙ୍କ ଅପାର କରୁଣାରୁ ସମ୍ବଲପୁର ଲୋକ ସଭା କ୍ଷେତ୍ରର ସବୁ ଗୁରୁଜନ, ମା' ଭଉଣୀ ଏବଂ ଦାଦା ଭାଇମାନଙ୍କୁ ଶ୍ରଦ୍ଧା ଏବଂ ଆଶୀର୍ବାଦ ପାଇ ନିର୍ବାଚିତ ହେବାର ସୌଭାଗ୍ୟ ମିଳିଛି। ଲୋକମାନେ ଜନପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୩ୟ ଥର ପାଇଁ ଭାରତର ଶାସନ ଭାର ସମ୍ଭାଳିବା ପାଇଁ ଆଶୀର୍ବାଦ ଦେଇଛନ୍ତି। ସେଥିପାଇଁ ଲୋକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ଆହୁରି କହିଛନ୍ତି, ସମ୍ବଲପୁର ହେଉଛି ସ୍ୱାଭିମାନର ମାଟି। ସମ୍ବଲପୁରର ମାନ ସମ୍ମାନକୁ ବଢାଇବା ସହ ବିକଶିତ କରିବା ଦରକାର। ନରେନ୍ଦ୍ର ମୋଦିଙ୍କ ସଫଳ ନେତୃତ୍ୱରେ ସମ୍ବଲପୁର ବିକଶିତ ହେବ। ସମ୍ବଲପୁର ବିକଶିତ କରିବା କାମ ଆଗକୁ ବଢାଯିବ। ସେଥିପାଇଁ ସମ୍ବଲପୁରବାସୀଙ୍କ ନିରନ୍ତର ସହଯୋଗ କାମନା କରିଛନ୍ତି। ସମସ୍ତେ ମିଳିମିଶି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସମ୍ବଲପୁରକୁ ବିକଶିତ କରିବା ସହ ଓଡ଼ିଶା ଏବଂ ଭାରତକୁ ବିକଶିତ କରିବା। ସମସ୍ତଙ୍କ ଉନ୍ନତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ସମଲେଇଙ୍କ ପାଖରେ ଧର୍ମେନ୍ଦ୍ର ପ୍ରାର୍ଥନା କରିଛନ୍ତି।

# ଆଶା ବଢ଼ାଇଲା ବଜାର କାରବାର

## ଦିନକରେ ୧୩ ଲକ୍ଷ କୋଟିରୁ ଅଧିକ

ନୂଆଦିଲ୍ଲୀ,୫ା୬



କ୍ରମାଗତ ଭାବେ ଘରୋଇ ଶେୟାର ବଜାରର କାରବାର ପରିବର୍ତ୍ତନ ହେଉଛି। ଫଳରେ ଆଶାଆଶଙ୍କା ମଧ୍ୟରେ ନିବେଶକମାନେ କାରବାର କରୁଥିବାବେଳେ ମନରେ ସନ୍ଦେହ ସୃଷ୍ଟି ହେଉଥିଲା। ଏପରିକି ସାଧାରଣ ନିର୍ବାଚନ (ଲୋକ ସଭା)ର ଫଳାଫଳକୁ ନେଇ ବଜାର ବେଶ୍ ପ୍ରଭାବିତ ହୋଇଥିଲା। ଫଳରେ ପୁଞ୍ଜିବଜାର ଓ ନିବେଶକମାନେ ନିରାଶହେବା ସହ ଲକ୍ଷାଧିକ କୋଟି ଟଙ୍କାର ନିବେଶ ମଧ୍ୟ ହରାଇଛନ୍ତି। ଅପରପକ୍ଷରେ ଚଳିତ ସପ୍ତାହର ୩ୟ ଦିନର କାରବାର ଶେଷ ସୁଦ୍ଧା ଶେୟାର ବଜାରର ନିବେଶକ ୧୩ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ଖାତାରେ ଯୋଡିଥିଲାବେଳେ ବୁଧବାରର ବଜାର କାରବାର ନିବେଶଙ୍କ ମନରେ ଉତ୍ସାହ ଫେରାଇ ଆଣିଛି। ଏପରିକି ପୂର୍ବ ଦିନର ବଜାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୩୯୫ ଲକ୍ଷ କୋଟିଥିଲା। ହେଲେ ବୁଧବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୧୩ ଲକ୍ଷ କୋଟିରୁ ଅଧିକ ବୃଦ୍ଧି ପାଇ ୪୦୮ ଲକ୍ଷ କୋଟିରେ ପହଞ୍ଚିଛି। ବିଶେଷକରି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍ଇ୩୦ ବିଶିଷ୍ଟ ଶେୟାର ସର୍ବାଧିକ ନିବେଶ ବୃଦ୍ଧି କରିଥିଲାବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି ୫୦ର ନିବେଶକମାନେ ମଧ୍ୟ କାରବାର ବଢାଇଛନ୍ତି। ସେହିଭଳି ଗୋଟିଏ ପଟରେ ନୂଆ ସରକାର ପାଇଁ ନିବେଶକମାନେ କାରବାରରେ ପୁନଃ ଜଡିତ ହେଉଥିବାବେଳେ ଷ୍ଟକ ମାର୍କେଟର କାରବାରରେ ମଧ୍ୟ ସୁଧାର ଆସିଛି। ଏପରିକି ବୁଧବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବିଏସ୍ଇ ସେନ୍ସେକ୍ସ ୩.୨୦% ବୃଦ୍ଧି ଘଟିଥିବାବେଳେ ନିଫ୍ଟି ୫୦ପ୍ରାୟ ୭୩୬ ପଏଣ୍ଟ ବା ୩ .୩୬% ବୃଦ୍ଧି ହୋଇଛି।

ସେହିପରି ବିଏସଇ ସ୍ମଲକ୍ୟାପ ୨.୯୩% ଏବଂ ବିଏସଇ ମିଡକ୍ୟାପ ୪.୪୧% ବୃଦ୍ଧିପାଇଥିବାବେଳେ ନିଫ୍ଟି ମିଡକ୍ୟାପ ୪.୩୦% ଏବଂ ନିଫ୍ଟି ସ୍ମଲକ୍ୟାପ ୪.୮୭% ବୃଦ୍ଧି ପାଇଛି। ଏପରିକି ନିଫ୍ଟି ବ୍ୟାଙ୍କିଙ୍ଗ୍ (ବ୍ୟାଙ୍କ) ୪.୫୩% ବୃଦ୍ଧି ହୋଇଛି ବୋଲି ଶେୟାର ବଜାର ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ବଜାଜ ଅଟୋ, ହିରୋ ମୋଟକର୍ପ, ଟିଭିଏସ ମୋଟର୍ସ, ବ୍ରିଟାନିଆ, ଡାବର ଭଳି ନିବେଶକମାନେ ବଡ ଧରଣର ଲାଭ ହାସଲ କରିଥିଲାବେଳେ ମେଟାଲ, ଏଫ୍ଏମ୍ସିଜି, ଖଣି, ଘରୋଇ ବ୍ୟାଙ୍କର ନିବେଶ ମଧ୍ୟ ବୃଦ୍ଧି ହୋଇଛି।

### ଶେୟାର ବଜାରରେ ଉତ୍ସାହ

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୩୦୩ (୨୩୦୩.୧୯) ପଏଣ୍ଟ ବଢି ୭୪,୩୮୨ (୭୪,୩୮୨.୨୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୭୩୬ (୭୩୫.୮୫) ପଏଣ୍ଟ ବୃଦ୍ଧି ଘଟି ୨୨,୬୨୦(୨୨,୬୨୦.୩୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଖିମ୍ଜୀ ଜୁଏଲର୍ସର ସ୍ୱତନ୍ତ୍ର ସାବିତ୍ରୀ ଅଫର

ଭୁବନେଶ୍ୱର,୫ା୬


ମିତେଶ ଖିମ୍ଜୀ

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ 'ଖିମ୍ଜୀ ଜୁଏଲର୍ସ'ର ବହୁ ପ୍ରତୀକ୍ଷିତ ତଥା ସ୍ୱତନ୍ତ୍ର ସାବିତ୍ରୀ ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୪ ଜୁନ୍ ୯ ପର୍ଯ୍ୟନ୍ତ ଖିମ୍ଜୀର ସମସ୍ତ ଷ୍ଟୋରରେ ଉପଲବ୍ଧ। ଏପରିକି ଏହି ଅଫର ଜରିଆରେ ଗ୍ରାହକମାନେ ସୁନାଗହଣାର ଗଢ଼ା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ଏବଂ ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସେହିଭଳି ଏହି ସ୍ୱତନ୍ତ୍ର ଅଫର ଖିମ୍ଜୀ ଜୁଏଲର୍ସର ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡ଼ା ଏବଂ ରାଉରକେଲାଠାରେ ଥିବା ଷ୍ଟୋରଗୁଡିକରେ ଉପଲବ୍ଧ ହେଉଛି।

ଏ ସମ୍ପର୍କରେ ଖିମ୍ଜୀ ଜୁଏଲର୍ସର ଡାଇରେକ୍ଟର ମିତେଶ ଖିମ୍ଜୀ କହିଛନ୍ତି, ଏହି ରିହାତି ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ସାବିତ୍ରୀ ବ୍ରତ ଆମ ସଂସ୍କୃତିରେ ବିବାହିତା ମହିଳାମାନଙ୍କ ନିମନ୍ତେ ଏକ ଉଲ୍ଲେଖନୀୟ ଦିବସ ଏବଂ ଏହି ପର୍ବକୁ ଆମ ଗ୍ରାହକମାନଙ୍କ ସହ ପାଳନ କରିବା ନେଇ ଆମେ ସମ୍ମାନିତ ମନେକରୁଛୁ। ସେହିଭଳି ସୁନା ଓ ହୀରା ଗହଣାଗୁଡିକ ଉପରେ ଆମର ସ୍ୱତନ୍ତ୍ର ରିହାତି ଏହି ପର୍ବ ପାଳନ କରୁଥିବା ପରିବାରଗୁଡିକର ଅଂଶ ବିଶେଷ ହେବ ଏବଂ ବହୁମୂଲ୍ୟ ଗ୍ରାହକମାନଙ୍କୁ ଏହି ବ୍ରାଣ୍ଡ ପ୍ରତି ସେମାନଙ୍କର ନିରନ୍ତର ପ୍ରତିବଦ୍ଧତା, ବିଶ୍ୱାସ ଏବଂ ଆନୁଗତ୍ୟ ନିମନ୍ତେ ଆମର କୃତଜ୍ଞତା ଜଣାଇବାର ସୁଯୋଗ ପ୍ରଦାନ କରୁଛି।

# ଜେଏସ୍ଏଲ୍ର ନୂତନ ଅଭିଯାନ




ଭୁବନେଶ୍ୱର,୫ା୬

ଭାରତର ସର୍ବବୃହତ୍ ଷ୍ଟେନ୍ଲେସ୍ ଷ୍ଟିଲ୍ ନିର୍ମାତା ତଥା ଜିନ୍ଦଲ ଷ୍ଟେନ୍ଲେସ ଲିମିଟେଡ୍ (ଜେଏସ୍ଏଲ୍) ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପରିବେଶ ରକ୍ଷଣାବେକ୍ଷଣକୁ ପ୍ରୋତ୍ସାହିତ କରିବା ସହ କର୍ମଚାରୀମାନଙ୍କ ପାଇଁ ଏକ ୧୦ଦିନିଆ 'ଗୋ ଗ୍ରୀନ୍'ଅଭିଯାନର ଶୁଭାରମ୍ଭ କରାଯାଇଛି। ବିଶେଷକରି କମ୍ପାନୀର ଓଡ଼ିଶା ୟୁନିଟ୍ ଯାଜପୁର ଏବଂ ହରିୟାଣା ୟୁନିଟ୍ ହିସାରଠାରେ ଥିବା ଉତ୍ପାଦନ ପ୍ଲାଣ୍ଟ ଓ କର୍ପୋରେଟ କାର୍ଯ୍ୟାଳୟରେ ବାର୍ଷିକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନର ତୃତୀୟ ସଂସ୍କରଣ ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏକ ଅଣଲାଭକାରୀ ସଂଗଠନ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେଶନ ସହଯୋଗରେ ଆୟୋଜିତ ଏହି ଅଭିଯାନ ପରିବେଶ ଦାୟିତ୍ୱ ଏବଂ ସଷ୍ଟେନେବଲ୍ ଅଭ୍ୟାସ ପ୍ରତି ଜିନ୍ଦଲ ଷ୍ଟେନ୍ଲେସର ପ୍ରତିବଦ୍ଧତାକୁ ଦୋହରାଇଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍ଲେସ୍ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନର ତୃତୀୟ ସଂସ୍କରଣ ସମ୍ପର୍କରେ ଘୋଷଣାକରି ଆମେ ଉତ୍ସାହିତ ଅଛୁ। ଏପରିକି ଏହି ଅଭିଯାନ ଜରିଆରେ ଆମେ ୩.୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ ସହ ସଂଗୃହୀତ ବର୍ଜ୍ୟବସ୍ତୁର ପରିମାଣ ଗତ ବର୍ଷ ତୁଳନାରେ ୫୫% ରୁ ଅଧିକ ବୃଦ୍ଧି ପାଇଛି।

# ଜୟଆଲୁକ୍କାସ୍ର ନବୀକରଣ ଆଉଟ୍ଲେଟ୍ ଉଦ୍ଘାଟିତ




ଭୁବନେଶ୍ୱର,୫ା୬ (ଅଭୟ ଦାଶ)

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବିଶ୍ୱସ୍ତରୀୟ ଗହଣା ବ୍ରାଣ୍ଡ 'ଜୟଆଲୁକ୍କାସ୍'ର ମାଲେସିଆସ୍ଥିତ କୁଆଲାଲମପୁର ଷ୍ଟୋରର ନବୀକରଣ ଆଉଟ୍ଲେଟ (ଶୋ'ରୁମ୍) ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ଜୟଆଲୁକ୍କାସ୍ର ଏମ୍ଡି (ଅନ୍ତର୍ଜାତୀୟ ଅପରେଶନ) ଜନ୍ ପଲ୍ ଆଲୁକ୍କାସ୍ ଏବଂ ଜୟଆଲୁକ୍କାସ୍ ସମୂହର ନିର୍ଦ୍ଦେଶିକା ସୋନିଆ ଆଲୁକ୍କାସ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ପୁନଃ ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଜୟଆଲୁକ୍କାସର ମାଲେସିଆସ୍ଥିତ କୁଆଲାଲମପୁର ଷ୍ଟୋରର ୧୦ମ ବାର୍ଷିକ ଉତ୍ସବ ମଧ୍ୟ ପାଳିତ ହୋଇଯାଇଛି। ଏ ସମ୍ପର୍କରେ ଜୟଆଲୁକ୍କାସ୍ର ଏମ୍ଡି (ଅନ୍ତର୍ଜାତୀୟ ଅପରେଶନ) ଜନ୍ ପଲ୍ ଆଲୁକ୍କାସ୍ କହିଛନ୍ତି, ମାଲେସିଆର କୁଆଲାଲମପୁର ଶୋ'ରୁମ୍ ଜରିଆରେ ଆମେ ଆମର ଗ୍ରାହକମାନଙ୍କୁ ଆକର୍ଷଣୀୟ ଅଳଙ୍କାର ସମ୍ଭାର ଯୋଗାଇବା ଦିଗରେ କାର୍ଯ୍ୟ କରୁଛୁ। ସେହିଭଳି ଜୟଆଲୁକ୍କାସ୍ ଶୋ'ରୁମ୍ର ପୁନଃ ଶୁଭାରମ୍ଭ ଓ ୧୦ମ ବାର୍ଷିକ ଉତ୍ସବ ଉପଲକ୍ଷେ ଆକର୍ଷଣୀୟ ଅଫର ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏହି ଅଫର ଜରିଆରେ ଗ୍ରାହକ ୪୦୦୦ ଏମ୍ୱାଇଆର୍ ମୂଲ୍ୟର ସୁନା ଅଳଙ୍କାର କ୍ରୟ ଉପରେ ଏକ ୦.୨୦୦ଗ୍ରାମର ସ୍ୱର୍ଣ୍ଣ ମୁଦ୍ରା ମାଗଣା ପାଉଥିଲାବେଳେ ୫୦୦୦ଏମ୍ୱାଇଆର ମୂଲ୍ୟର ହୀରା, ପୋଲକି ଏବଂ ମୋତି ଅଳଙ୍କାର କ୍ରୟ ଉପରେ ଗୋଟିଏ ୧ଗ୍ରାମ ବିଶିଷ୍ଟ ସ୍ୱର୍ଣ୍ଣ ମୁଦ୍ରା ମାଗଣାରେ ପାଇପାରିବେ। ଏହି ଆକର୍ଷଣୀୟ ଅଫର ୨୦୨୪ ଜୁନ୍୯ ପର୍ଯ୍ୟନ୍ତ ଉପଲବ୍ଧ।

# କ୍ୟାଣ୍ଡିୟରକୁ ଅଧିଗ୍ରହଣକଲା କଲ୍ୟାଣ

ଭୁବନେଶ୍ୱର,୫ା୬

ଦେଶର ପ୍ରମୁଖ ଘରୋଇ ଇ-କମର୍ସ ସଂସ୍ଥା 'କ୍ୟାଣ୍ଡିୟର'କୁ ନିକଟରେ କଲ୍ୟାଣ ଜୁଏଲର୍ସ ଇଣ୍ଡିଆ ଲିମିଟେଡ୍ ସମ୍ପୂର୍ଣ୍ଣ ରୂପେ ଅଧିଗ୍ରହଣ କରିଛି। ଏପରିକି କ୍ୟାଣ୍ଡିୟରର ବଳକା ୧୫% ଅଂଶଧନ କିଣିବା ଲାଗି କମ୍ପାନୀ କ୍ୟାଣ୍ଡିୟର ଡଟ୍ କମ୍ (ଇନୋଭେଟ୍ ଲାଇଫ୍ଷ୍ଟାଇଲ ପ୍ରାଇଭେଟ୍ ଲିମିଡ୍)ର ପ୍ରତିଷ୍ଠାତା ରୂପେଶ ଜୈନଙ୍କ ସହ ନିର୍ଦ୍ଦିଷ୍ଟ ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି କାରବାର ୪୨ କୋଟି ଟଙ୍କାରେ ହୋଇଥିବାବେଳେ କ୍ୟାଣ୍ଡିୟର ବର୍ତ୍ତମାନ କଲ୍ୟାଣ ଜୁଏଲର୍ସର ସମ୍ପୂର୍ଣ୍ଣ ସହାୟକ ସଂସ୍ଥାରେ ପରିଣତ ହୋଇସାରିଛି। ୨୦୧୭ରେ କ୍ୟାଣ୍ଡିୟରର ସିଂହଭାଗ ଅଂଶଧନକୁ କିଣି କଲ୍ୟାଣ ଜୁଏଲର୍ସ ଇ-କମର୍ସ ବଜାରରେ ପ୍ରବେଶ କରିଥିଲା। ଏପରିକି ୨୦୨୩-୨୪ବର୍ଷରେ କ୍ୟାଣ୍ଡିୟର ୧୩୦.୩ କୋଟି ଟଙ୍କାର ଲାଭ କରିଛି।

କଲ୍ୟାଣ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଟି.ଏସ୍. କଲ୍ୟାଣରମଣ କହିଛନ୍ତି, ଆମେ ଗ୍ରାହକଙ୍କ ବିକଶିତ ଆବଶ୍ୟକତା ପ୍ରତି ଚତୁର ରହି ଆକାର ଏବଂ ବ୍ୟାପକତା ସହ ଏକ ହାଇପର-ଲୋକାଲ ଉପଭୋକ୍ତା ବ୍ରାଣ୍ଡ ବିକଶିତ କରିବାର ଦକ୍ଷତା ପ୍ରଦର୍ଶନ କରିଥାଉ। ଏପରିକି କ୍ୟାଣ୍ଡିୟର ସହ ଆମେ ଅଳଙ୍କାର ଶିଳ୍ପ ମଧ୍ୟରେ ଏକ ଉଦୀୟମାନ ବଜାର ବିଭାଗ ଅନୁସନ୍ଧାନ କରିବାକୁ ଉତ୍ସାହିତ ଥିବାବେଳେ ହାଲୁକା ଫ୍ୟାଶନ-ଫର୍ୱାର୍ଡ ଏବଂ ସାର୍ବଜନୀନ ଆକର୍ଷଣୀୟ ଡିଜାଇନ ଉପରେ ମଧ୍ୟ ଧ୍ୟାନ ଦେଉଛୁ।

# ମେ'ରେ ୪,୯୨,୦୪୭ ୟୁନିଟ୍ ଗାଡ଼ି ବିକ୍ରି

ଭୁବନେଶ୍ୱର,୫ା୬

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ର ମାସିକ ଗାଡ଼ି ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୪ ମେ ମାସରେ କମ୍ପାନୀ ମୋଟ ୪,୯୨,୦୪୭ଟି ଗାଡ଼ି ବିକ୍ରି କରିଥିଲାବେଳେ ଗାଡ଼ି ବିକ୍ରିରେ କମ୍ପାନୀ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିଛି। ଅପରପକ୍ଷରେ କମ୍ପାନୀ ବାର୍ଷିକଭିତ୍ତିରେ ୪୯% ଅଭିବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ମେ'ରେ କମ୍ପାନୀ ୪,୯୨,୦୪୭ ୟୁନିଟ୍ ଗାଡ଼ି ବିକ୍ରି କରିଥିଲାବେଳେ ଦେଶ ଭିତରେ କମ୍ପାନୀ ୪,୫୦,୫୮୯ ଗାଡ଼ି ଏବଂ ୪୧,୪୫୮ ଗାଡ଼ି ରପ୍ତାନି କରିଛି। ଫଳରେ ଦେଶ ଭିତର ବିକ୍ରିରେ କମ୍ପାନୀ ୪୫% ଅଭିବୃଦ୍ଧି ହାସଲ କରିଥିବା ବେଳେ ରପ୍ତାନିରେ ୧୨୭% ଅଭିବୃଦ୍ଧି ହାସଲ କରିଛି। ସେହିଭଳି ଚଳିତ ବର୍ଷ ମେ'ରେ କମ୍ପାନୀ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛି।

ହୋଣ୍ଡା ଆର୍ ଆଣ୍ଡ ଡି (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଭାରତରେ ଇଲେକ୍ଟ୍ରିକ ଯାନର ଗ୍ରହଣୀୟତା ବଢ଼ାଇବା ଲାଗି କର୍ନାଟକର ବେଙ୍ଗାଲୁରୁରେ ନୂଆ ଆର୍ ଆଣ୍ଡ ଡି କେନ୍ଦ୍ର ସ୍ଥାପନ କରିଛି। ଏଚ୍ଏମ୍ଏସ୍ଆଇ ପକ୍ଷରୁ ଏହି ମାସରେ ସାଇନ ୧୦୦ର ପ୍ରଥମ ବାର୍ଷିକୀ ପାଳନ କରାଯାଇଛି। ବର୍ତ୍ତମାନ ସୁଦ୍ଧା କମ୍ପାନୀ ୩ ଲକ୍ଷରୁ ଅଧିକ ସାଇନ ୧୦୦ ବିକ୍ରି କରିଛି। ୨୦୨୩-୨୪ରେ ୧୦୦- ୧୧୦ ସିସି ବର୍ଗରେ ଏଚ୍ଏମ୍ଏସ୍ଆଇ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିଛି। ଏଚ୍ଏମ୍ଏସ୍ଆଇ ପକ୍ଷରୁ ସାଇନ ୧୨୫, ଏସ୍ପି ୧୨୫ ଭଳି ୧୨୫ ସିସି ମୋଟରସାଇକଲ ବର୍ଗରେ ପୂର୍ବ ଭାରତର ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଓ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକରେ ୩୦ ଲକ୍ଷରୁ ଅଧିକ ଗ୍ରାହକ ମାଇଲଖୁଣ୍ଟ ଅତିକ୍ରମ କରିଛି।

# ଭିକୋସ୍ର ନ୍ୟୁ ଆଡ୍ କ୍ୟାମ୍ପେନିଂ

ଭୁବନେଶ୍ୱର,୫ା୬

ଦେଶର ପ୍ରମୁଖ ଆୟୁର୍ବେଦିକ୍ ମେଡିସିନ ଆଣ୍ଡ କସ୍ମେଟିକ ଇଣ୍ଡଷ୍ଟ୍ରି 'ଭିକୋସ୍'ର ଆକର୍ଷଣୀୟ ଟେଲିଭିଜନ କମର୍ସିଆଲ ବା ଟିଭିସି ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଭିକୋସ୍ର ନ୍ୟୁ ଆଡ୍ କ୍ୟାମ୍ପେନିଂ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ଟିଭିସି ବିଶେଷ କରି ସାଉଥ ଇଣ୍ଡିଆରେ ଏକ ନୂତନ ପରିବର୍ତ୍ତନ


ଭିକୋ ଲାବରେଟୋରିଜ୍ର ନିର୍ଦ୍ଦେଶକ ସଞ୍ଜୀବ ପେନ୍ଧାରକର ଅଭିନେତ୍ରୀ ରେବତୀ ଏବଂ ଆଲିଆ ଭଟ୍ଟଙ୍କୁ ପୁଷ୍ପଗୁଚ୍ଛ ଦେଇ ଭିକୋ ପରିବାରକୁ ସ୍ୱାଗତ କରୁଛନ୍ତି।

ଆଣିବ। ଅପରପକ୍ଷରେ ଲୋକପ୍ରିୟ ଅଭିନେତ୍ରୀ ରେବତୀ ଏବଂ ଆଲିଆ ଭଟ୍ଟ ଏହି ଟିଭିସି ଜରିଆରେ ବ୍ୟାପକ ପ୍ରଚାରପ୍ରସାର ସାଙ୍ଗକୁ ବ୍ରାଣ୍ଡକୁ ଗ୍ରାହକଙ୍କ ନିକଟତର କରାଇବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି।

ଏ ସମ୍ପର୍କରେ ଭିକୋ ଲାବରେଟୋରିଜ୍ର ନିର୍ଦ୍ଦେଶକ ସଞ୍ଜୀବ ପେନ୍ଧାରକର କହିଛନ୍ତି, ଆମେ ଉଭୟ ଆଲିଆ ଓ ରେବତୀଙ୍କ ସହ ସହଭାଗିତା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ସେମାନେ ଆମର ନୂତନ ଟିଭିସି (ନ୍ୟୁ ଆଡ୍ କ୍ୟାମ୍ପେନିଂ)ର ପ୍ରଚାର ଓ ପ୍ରସାର ସାଙ୍ଗକୁ ବ୍ରାଣ୍ଡର ଗୁଣବତ୍ତା ଓ ଆଭିମୁଖ୍ୟ ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରାଇବେ।

## ଫୁରସତ

# ଭାରତୀୟ ସ୍ୱାମୀ ଖୋଜୁଛନ୍ତି ରୁଷୀୟ ଇନ୍ଫ୍ଲୁଏନ୍ସର

ନୂଆଦିଲ୍ଲୀ

ସମ୍ପ୍ରତି ସୋସିଆଲ ମିଡିଆରେ ଭିଡିଓ ହେଉ ଅବା ରିଲ୍ସ କୌଣସି ମଧ୍ୟ କଣ୍ଟେଣ୍ଟ ଦ୍ରୁତ ଗତିରେ ଭାଇରାଲ ହେଉଛି। ବିଭିନ୍ନ ସୋସିଆଲ ମିଡିଆରେ କଣ୍ଟେଣ୍ଟ କ୍ରିଏଟରମାନେ ମଧ୍ୟ ଏପରି ଭିଡିଓ ଅପଲୋଡ୍ କରୁଛନ୍ତି ଯାହାକୁ ୟୁଜର୍ସମାନେ ବେଶ୍ ପସନ୍ଦ କରୁଛନ୍ତି। ତେବେ ଏହି କଣ୍ଟେଣ୍ଟ କ୍ରିଏଟରଙ୍କ ତାଲିକାରେ କେବଳ ଭାରତୀୟ ନୁହେଁ, ବିଦେଶୀ ମଧ୍ୟ ସେମାନଙ୍କ ଜଲୱା ଦେଖାଉଛନ୍ତି। ସମ୍ପ୍ରତି ଜଣେ ରୁଷୀୟ ସୋସିଆଲ ମିଡିଆ ଇନ୍ଫ୍ଲୁଏନ୍ସରଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହି ମହିଳା ଇନଫ୍ଲୁଏନ୍ସର ଜଣକ ଖୁବ୍ଶୀଘ୍ର ବିବାହ କରିବାକୁ ଚାହୁଁଛନ୍ତି କିନ୍ତୁ ଏଥିପାଇଁ ସେ ଏକ ସର୍ତ୍ତ ସ୍ଥିର କରିଛନ୍ତି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ମସ୍କୋର ଦିନାରା ନାମ୍ନୀ ଏହି ମହିଳା ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ନିକଟରେ ଭାରତ ଗସ୍ତରେ ଆସିଛନ୍ତି। ସେ ଏକ ମଲ୍ରେ ବିବାହ କରିବାକୁ ଜଣେ ଭାରତୀୟଙ୍କୁ ଖୋଜୁଥିବା ଦେଖିବାକୁ ମିଳିଛି। ଏନେଇ ଏକ ଭିଡିଓରେ ଦିନାରା ନାଲି ରଙ୍ଗର ଶାଢ଼ି ପିନ୍ଧି କୌଣସି ଭାରତୀୟ ଶପିଂ ମଲ୍ରେ ଠିଆ ହୋଇଛନ୍ତି। ସେ ତାଙ୍କ ହାତରେ ଏକ ପ୍ଲାକାର୍ଡ ଧରିଛନ୍ତି, ଯେଉଁଥିରେ ତାଙ୍କୁ ଜଣେ ଭାରତୀୟ ସ୍ୱାମୀ ଦରକାର ଥିବା ଲେଖାହୋଇଛି। ଏହି ପ୍ଲାକାର୍ଡରେ ଦିନାରାଙ୍କ ଇନ୍ଷ୍ଟାଗ୍ରାମ ଆଇଡିର କ୍ୟୁଆର୍ କୋଡ୍ ମଧ୍ୟ ରହିଛି। ପ୍ଲାକାର୍ଡରେ ଲେଖା ହୋଇଛି, ଇଚ୍ଛୁକ ଆଶାୟୀ ପ୍ରାର୍ଥୀ ଏହି କ୍ୟୁଆର୍ କୋଡ୍ ସାହାଯ୍ୟରେ ତାଙ୍କୁ ଡିଏମ୍ କରନ୍ତୁ। ଦିନାରା ଇନ୍ଷ୍ଟାଗ୍ରାମରେ ଏନେଇ ଏକ ରିଲ୍ସ ପୋଷ୍ଟ କରିଛନ୍ତି। ଏହାସହ ତାଙ୍କ ପାଇଁ ଜଣେ ଭାରତୀୟ ସ୍ୱାମୀ ଖୋଜିବାରେ ସାହାଯ୍ୟ କରିବାକୁ, ଏହି ପୋଷ୍ଟ'ର କ୍ୟାପଶନ ଯୋଗେ ସେ ତାଙ୍କ ଫଲୋଅର୍ସଙ୍କୁ ନିବେଦନ କରିଛନ୍ତି। ଏହି ଭିଡିଓ ଏବେ ଇନ୍ଷ୍ଟାଗ୍ରାମରେ ଖୁବ୍ ଭାଇରାଲ ହେଉଛି। ଲୋକମାନେ ତାଙ୍କର ଏହି ଭିଡିଓ ପ୍ରତି ବହୁତ ଆଗ୍ରହ ଦେଖାଉଛନ୍ତି। ଦିନାରଙ୍କ ଏହି ପୋଷ୍ଟ ଦେଖି ଅନେକ ସଂଖ୍ୟାରେ ଭାରତୀୟ ୟୁଜର୍ସ କମେଣ୍ଟ କରି ତାଙ୍କୁ ବିବାହ ନିବେଦନ କରିଛନ୍ତି।




# 'କୁବେର'ରେ ଧନୁଷଙ୍କ ଆକ୍ସନ ଅବତାର


ଧନୁଷ

ଚେନ୍ନାଇ

ସାଉଥ୍ ସୁପରଷ୍ଟାର ଧନୁଷଙ୍କ ଆଗାମୀ ପ୍ରୋଜେକ୍ଟ 'ରୟାନ୍' ଏବଂ 'କୁବେର'କୁ ନେଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ବହୁ ଉତ୍ସାହ ଲାଗିରହିଛି। ସମ୍ପ୍ରତି 'କୁବେର'କୁ ନେଇ ଏକ ନୂଆ ଅପଡେଟ୍ ସାମ୍ନାକୁ ଆସିଛି। ଏହି ଚଳଚ୍ଚିତ୍ରର ଶୁଟିଂ ଗତ କିଛି ଦିନ ଧରି ଚାଲିଛି। ମିଡିଆ ରିପୋର୍ଟ ଅନୁଯାୟୀ, ଏବେ ଏହି ଚଳଚ୍ଚିତ୍ରର ଆକ୍ସନ୍ ସିନ୍ର ଶୁଟିଂ ଚାଲିଛି। ଫିଲ୍ମରେ ଉଭୟ ଅଭିନେତା ଧନୁଷ ଓ ନାଗାର୍ଜୁନଙ୍କ ଆକ୍ସନ୍ ଅବତାର ଦେଖିବାକୁ ମିଳିବ। ଏହି ଫିଲ୍ମରେ ନାଗାର୍ଜୁନ ଜଣେ ପୋଲିସ ଅଧିକାରୀଙ୍କ ଭୂମିକାରେ ଅଭିନୟ କରୁଥିବା ରିପୋର୍ଟ ପ୍ରକାଶ ପାଇଛି। ଶେଖର କମ୍ମୁଲାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଧନୁଷ ଏବଂ ନାଗାର୍ଜୁନଙ୍କ ବ୍ୟତୀତ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଏବଂ ଅଭିନେତା ଜିମ୍ ସରବ ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ। ଅନେକ ଭାଷାରେ ମୁକ୍ତିଲାଭ କରିବାକୁ ଥିବା ଏହି ଫିଲ୍ମରେ ଦେବଶ୍ରୀ ପ୍ରସାଦ ସଙ୍ଗୀତ ପ୍ରଦାନ କରିଛନ୍ତି। ନିର୍ଦ୍ଦେଶକ ଶେଖର କମ୍ମୁଲା ଏବଂ ଧନୁଷ ପ୍ରଥମଥର ପାଇଁ ଏହି ଫିଲ୍ମ ଯୋଗେ ଏକାଠି କାମ କରୁଛନ୍ତି।

ସେପଟେ ଧନୁଷଙ୍କ ଅନ୍ୟତମ ଆଗାମୀ ପ୍ରୋଜେକ୍ଟ 'ରୟାନ୍' ତାଙ୍କ କ୍ୟାରିୟରର ୫୦ତମ ଚଳଚ୍ଚିତ୍ର ହୋଇଥିବାବେଳେ ନିର୍ଦ୍ଦେଶକ ଭାବରେ ଏହା ତାଙ୍କର ଦ୍ୱିତୀୟ ଚଳଚ୍ଚିତ୍ର। 'ରୟାନ୍' ଫିଲ୍ମ ଚଳିତ ମାସ ୧୩ରେ ମୁକ୍ତିଲାଭ କରିବାର ଥିଲା, କିନ୍ତୁ ଏହାକୁ କୌଣସି କାରଣ ବଶତଃ ସ୍ଥଗିତ ରଖାଯାଇଛି। ଜୁଲାଇ କିମ୍ବା ଅଗଷ୍ଟରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ନେଇ ଆଲୋଚନା ହେଉଛି। ଏହି ଫିଲ୍ମରେ ଧନୁଷଙ୍କ ସହ ସନ୍ଦୀପ କିଶନ, କାଳିଦାସ ଜୟରାମ, ଏସ.ଜେ ସୂର୍ଯ୍ୟ, ପ୍ରକାଶ ରାଜ୍, ଅପର୍ଣ୍ଣା ବାଲାମୁରାଲୀ, ଦୁଶାରା ବିଜୟା ପ୍ରମୁଖ ଅଭିନେତା ନଜର ଆସିବେ।

# ସେଞ୍ଚୁରୀ କ୍ଲବରେ ରଜନୀ



ଓଲିଉଡ୍‌ର ବରିଷ୍ଠ ତଥା ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଅଧ୍ୟାପନାରୁ ପ୍ରିନ୍ସିପାଲ ଭାବରେ କାର୍ଯ୍ୟ କରି ଅବସର ନେବା ପରେ ଏବେ ସିନେମା ସହ ସମ୍ପୂର୍ଣ୍ଣ ଭାବରେ ଜଡ଼ିତ। ନିଜ ସଂଳାପ ରଚନା କ୍ୟାରିୟରରେ ସେ ଏକ ଅଭୁଲା ରେକର୍ଡ ଯୋଡ଼ିସାରିଛନ୍ତି। ସେ ନିଜର ଓଲିଉଡ୍ କ୍ୟାରିୟରର ୧୦୦ତମ ଫିଲ୍ମ (ଟାଇଟଲ ଦିଆ ଯାଇନାହିଁ)ର ସଂଳାପ ରଚନା କରିସାରିଛନ୍ତି। 'ମୋ ଭାଇ ଜଗା' ଫିଲ୍ମରୁ ତାଙ୍କର ସଂଳାପକାର ଜୀବନ ଆରମ୍ଭ ହୋଇଥିଲା। ତାଙ୍କ ରଚିତ ସଂଳାପକୁ ନେଇ ନିର୍ମିତ ପ୍ରମୁଖ ତଥା ହିଟ୍ ସିନେମାଗୁଡ଼ିକ ମଧ୍ୟରେ ରହିଛି, 'ଜୟ ଜଗନ୍ନାଥ', 'ସଞ୍ଜୁ ଆଉ ସଞ୍ଜନା', 'ଲୋଫର', 'ଗୁଡ୍ ବୟ', 'ପିଲାଟା ବିଗିଡ଼ି ଗଲା', 'ଲଭ୍ ଡଟ୍ କମ୍', 'ମତେ ବୋହୂ କରି ନେଇଯା' ଆଦି ଚଳଚ୍ଚିତ୍ର। ଏହା ବ୍ୟତୀତ ବିଜୟ କାନ୍ଦୋଇଙ୍କ 'ମାୟା ମରୀଚିକା', ଏସ. ଦିଲୀପ ପଣ୍ଡାଙ୍କ ନୂଆ ସିନେମା 'ବିଏ ପାସ୍' ବ୍ୟତୀତ 'ପୋଲିସ ବାବୁ ଟୁ'ର ସଂଳାପ ଲେଖିଛନ୍ତି ସେ। ଅନ୍ୟପକ୍ଷରେ ରଜନୀଙ୍କ ସଂଳାପକୁ ନେଇ ନିର୍ମିତ 'ସୀତା' (ପୂର୍ବରୁ ଟାଇଟଲ ଥିଲା 'ଉଦଣ୍ଡୀ ସୀତା') ଖୁବ୍‌ଶୀଘ୍ର ରିଲିଜ ହେବାକୁ ଯାଉଛି।

# ସିକନ୍ଦର, ରାମାୟଣ, ବର୍ଡର-୨



ସଲମାନ ଖାନ୍



'ରାମାୟଣ' ଫିଲ୍ମରେ ରଣବୀର କପୁର



ସନି ଦେଓଲ

ବଲିଉଡ୍ ପ୍ରାୟ ସବୁବେଳେ ଚଳଚଞ୍ଚଳ ରହିଥାଏ। କେବଳ ଫିଲ୍ମ ରିଲିଜ ନୁହେଁ, ନୂଆ ସିନେମାର ପ୍ରାରମ୍ଭିକ କାମ ବ୍ୟତୀତ ଶୁଟିଂଗୁଡ଼ିକ ମଧ୍ୟ ଚାଲିଥାଏ। ବର୍ତ୍ତମାନ ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରିରେ ତିନୋଟି ସିନେମାକୁ ନେଇ ବେଶ୍ ଚର୍ଚ୍ଚା। କେବଳ ଏହାର ଟାଇଟଲ ନୁହେଁ, ସେଗୁଡ଼ିକରେ ଅଭିନୟ କରୁଥିବା କଳାକାର ମଧ୍ୟ ବେଶ୍ ଲୋକପ୍ରିୟ। ବର୍ତ୍ତମାନ ଏହି ତିନୋଟି ଫିଲ୍ମର ଶୁଟିଂ ଚାଲୁ ରହିଛି। ପ୍ରଥମଟି ହେଲା 'ରାମାୟଣ'। ପୌରାଣିକ କଥାବସ୍ତୁକୁ ଆଧାର କରି ଏହାକୁ ନିର୍ମାଣ କରାଯାଉଛି। ନମିତ ମାଲହୋତ୍ରା ଏବଂ ଶ୍ରୀଧର ରାଘବନ ଏହାର କାହାଣୀ ରଚନା କରିଛନ୍ତି। ଶୁଟିଂ ଚାଲିଥିବା ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ନିତେଶ ତିୱାରୀ। ଏଥିରେ ରାମ ଭୂମିକାରେ ରଣବୀର କପୁର ଅଭିନୟ କରୁଛନ୍ତି। ଅନ୍ୟପକ୍ଷରେ ସୀତା ଚରିତ୍ରରେ ସାଇ ପଲ୍ଲବୀ, ରାବଣ ଭୂମିକାରେ ଯଶ ଏବଂ ହନୁମାନ ଭୂମିକାରେ ସନି ଦେଓଲଙ୍କୁ ଦେଖିବାକୁ ମିଳିବ। ସବୁଠାରୁ ଖାସ୍ କଥା ହେଲା ରାମାନନ୍ଦ ସାଗରଙ୍କ ଲୋକପ୍ରିୟ ଧାରାବାହିକ 'ରାମାୟଣ'ରେ ରାମ ଚରିତ୍ରରେ ଅଭିନୟ କରିଥିବା ଅରୁଣ ଗୋଭିଲ ମଧ୍ୟ ଏହାର କାଷ୍ଟିଂରେ ଅଛନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଜାଣିବା ପାଇଁ ନିଶ୍ଚୟ ରିଲିଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଦେଶାତ୍ମବୋଧକ ଫିଲ୍ମରେ ନିଜ ଦକ୍ଷତା ଦେଖାଇ ସାରିଥିବା ସନି ଦେଓଲ ପୁଣି ଥରେ ଏଭଳି ଏକ ଫିଲ୍ମର ନାୟକ ସାଜିଛନ୍ତି। ଏହାର ଟାଇଟଲ ରହିଛି 'ବର୍ଡର-୨'। ଭୂଷଣ କୁମାର, ଜେ.ପି.ଦତ୍ତା ଏବଂ ନିଧି ଦତ୍ତା ଏହାର ପ୍ରଯୋଜନା କରୁଛନ୍ତି। ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି ଅନୁରାଗ ସିଂ। ଏଥିରେ ସନିଙ୍କ ବ୍ୟତୀତ ଆୟୁଷ୍ମାନ ଖୁରାନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଛନ୍ତି। ଶୁଟିଂ ଚାଲିଥିବା ଏହି ଫିଲ୍ମଟି ଆସନ୍ତା ବର୍ଷ ଜାନୁୟାରୀ ୨୬ରେ ରିଲିଜ ହେବାର ଯୋଜନା ରହିଛି। ଏହି ଦୁଇଟି ସିନେମା ବ୍ୟତୀତ ଆଉ ଏକ ଫିଲ୍ମ ମଧ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। କାରଣ ଏହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସଲମାନ ଖାନ୍। ଚିତ୍ରଟିର ଟାଇଟଲ ରହିଛି 'ସିକନ୍ଦର'। ଆସନ୍ତା ବର୍ଷ ଇଦ୍ ଅବସରରେ ଏହା ପରଦା ଉପରକୁ ଆସିବ। ଏହାର ନିର୍ଦ୍ଦେଶନା ଦେଉଛନ୍ତି ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ବିଶିଷ୍ଟ ନିର୍ଦ୍ଦେଶକ ଏ.ଆର.ମୁରୁଗାଡୋସ। ଏଥିରେ ସଲମାନଙ୍କ ବ୍ୟତୀତ ରଶ୍ମିକା ମାନ୍ଦାନା, ସୁନୀଲ ସେଟ୍ଟୀ ଏବଂ ପ୍ରତୀକ ବବର ମଧ୍ୟ ଅଭିନୟ କରୁଛନ୍ତି।

# ସାଙ୍ଗ ହେବ ଏମିତି



ରାଜ କପୁର



ଦିଲୀପ କୁମାର

ବଲିଉଡ୍‌ର 'ସୋ' ମ୍ୟାନ ଭାବରେ ପରିଚିତ ରାଜ କପୁର। କେବଳ ଜଣେ ପ୍ରଯୋଜକ ନୁହନ୍ତି ନିର୍ଦ୍ଦେଶନା ଏବଂ ଅଭିନୟରେ ନିଜର ଦକ୍ଷତା ପାଇଁ ସେ ଏବେ ମଧ୍ୟ ସିନେପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ହିନ୍ଦୀ ସିନେମାର ସୁପରଷ୍ଟାର ଦିଲୀପ କୁମାର କେତେ ଲୋକପ୍ରିୟ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ହେଲେ ଏହି ଦୁଇ ଜଣଙ୍କ ଭିତରେ ଥିଲା ନିବିଡ଼ ବନ୍ଧୁତା। ସମୟ ମିଳିଲେ ଦୁହେଁ, ଏକୁଟିଆ ବସି ଫିଲ୍ମ ନିର୍ମାଣ ଏବଂ ଅଭିନୟ ବିଷୟରେ ମାରାଥନ ଆଲୋଚନା କରୁଥିଲେ। ଜୁନ୍ ୨, ୧୯୮୮ରେ ରାଜ କପୁର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ହେଲେ ତା'ପୂର୍ବରୁ ହଠାତ୍ ତାଙ୍କର ସ୍ୱାସ୍ଥ୍ୟ ବିଗିଡ଼ିବାକୁ ଲାଗିଥିଲା। ଚିକିତ୍ସା ସତ୍ତ୍ୱେ ସେ କୋମାକୁ ଚାଲିଯାଇଥିଲେ। ଏହି ଦୁଃଖଦ ଖବର ତୁରନ୍ତ ଦିଲୀପଙ୍କୁ ଦିଆଯାଇଥିଲା। ସେତେବେଳେ ଦିଲୀପ କୌଣସି ଏକ କାମରେ ପାକିସ୍ତାନ ଯାଇଥିଲେ। ଏଭଳି ଖବର ପାଇବା ମାତ୍ରେ ସେ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରି ବମ୍ବେ ଫେରି ଆସିଥିଲେ। ରାଜ କପୁରଙ୍କ ବେଡ୍ ପାଖକୁ ଯାଇ ତାଙ୍କର ହାତ ଧରି କହିଥିଲେ ଯେ, 'ମାଫ କର୍‌ଦେନା ଦୋସ୍ତ'। ଆଉ ତା'ପରେ ସେ ସେଠାରେ ଭୋ ଭୋ ହୋଇ କାନ୍ଦି ପକାଇଥିଲେ। ସେ ଭାବିଥିଲେ ଯେ ରାଜ୍ କେବଳ ଅସୁସ୍ଥ ହୋଇପଡ଼ିଛନ୍ତି। କୋମାକୁ ଯିବା କଥା ସେ ଜାଣି ନ ଥିଲେ।

# ଦୋଛକିରେ ଭୂମି



ଭୂମି

ଭୂମି ପେଡ଼ନେକର ଏବେ ଦୋଛକିରେ ପଡ଼ିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ତା'ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ହେଲେ କିଛି ଦିନପରେ କ'ଣ ହେଲା କେଜାଣି, ସେ ନିଜ ନିଷ୍ପତ୍ତି ବଦଳାଇ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ। ଏବେ ପୁଣି ଥରେ ମନ ବଦଳାଇ ସେହି ଚିତ୍ରରେ ଅଭିନୟ କରିବାକୁ ଚାହିଁଥିଲେ। ହେଲେ ଏବେ ସେହି କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି। ଏଥିରେ ଏକ ଆଇଟମ୍ ଗୀତ ଯୋଡ଼ାଯାଇଛି। ପୁଣି ସେଥିରେ ନାଚିବାକୁ ତାଙ୍କୁ ପ୍ରସ୍ତାବ ଦିଆଯାଇଛି। ଏ ନେଇ କି ନିଷ୍ପତ୍ତି ନେବେ ତାହା ଠିକ୍ କରିପାରୁନାହାନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ଭୂମି କହନ୍ତି, 'ଏହି ଫିଲ୍ମରେ ଆକ୍ଟିଂ କରିବି ନାହିଁ ବୋଲି ପ୍ରଥମେ ମନା କରିଥିଲି। ହେଲେ ଯେତେବେଳେ ରାଜି ହେଲି ସେତେବେଳକୁ ସେଥିରେ ଏକ ଆଇଟମ ନମ୍ବର ଯୋଡ଼ା ସରିଥିଲା। ଏ ନେଇ କିଛି ନିଷ୍ପତ୍ତି ନେଇନି। ପ୍ରଯୋଜକ ମଧ୍ୟ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି। ଯେହେତୁ ମୋ ହାତରେ ଏବେ ସମୟ ଅଛି ତେଣୁ ଭାବି ଚିନ୍ତି ଡିସିସନ ନେବି।' ଭୂମିଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୫ରୁ ଆଉ ଫିଲ୍ମଟି ଥିଲା 'ଦମ୍ ଲଗାକେ ହେଁସା'।

# ଏବେ ବି ମନେପଡ଼େ



ପ୍ରିୟଙ୍କା

ଯଶ ଚୋପ୍ରାଙ୍କ 'ମୋହବତେଁ'କୁ ଭୁଲିପାରୁନାହାନ୍ତି ପ୍ରିୟଙ୍କା ଚୋପ୍ରା ଓରଫ ପିସି। କାରଣ କ'ଣ ଜାଣନ୍ତି? ଯେତେବେଳେ ସେ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିଲେ ସେତେବେଳେ ତାଙ୍କୁ ଏହି ଅଫର ମିଳିଥିଲା। କିନ୍ତୁ କିଛିଦିନ ଚିନ୍ତା କରିବା ପରେ ଏହି ଅଫରଟିକୁ ସେ ହାତଛଡ଼ା କରିଥିଲେ। ଏ ନେଇ ପ୍ରିୟଙ୍କା କହନ୍ତି, 'ଯଦି ମୁଁ 'ମୋହବତେଁ' ଅଫରଟିକୁ ଗ୍ରହଣ କରିଥାଆନ୍ତି, ତେବେ ତାହା ମୋର ପ୍ରଥମ ହିନ୍ଦୀ ସିନେମା ହୋଇଥାଆନ୍ତା। ହେଲେ ବିଧିର ବିଧାନ ଅଲଗା। ସେତେବେଳେ ମୁଁ ମିସ୍ ୱାର୍ଲ୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥାଏ। ତେଣୁ ସେତେବେଳେ ଫିଲ୍ମ ଶୁଟିଂ ପାଇଁ ସମୟ ଦେଇପାରି ନ ଥାନ୍ତି। ତେଣୁ ଏପରି ବଡ଼ ଅଫରଟିକୁ ବାଧ୍ୟ ହୋଇ ହାତଛଡ଼ା କରିଥିଲି। ଏବେ ବି ସେକଥା ମନେପଡ଼ିଲେ ଦୁଃଖ ଲାଗେ।' ପରେ ଏହି ଭୂମିକା ପାଇଁ ଶିଳ୍ପା ସେଟ୍ଟୀଙ୍କ ଭଉଣୀ ସମିତାଙ୍କୁ ସାଇନ୍ କରାଯାଇଥିଲା। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ୨୦୦୨ରେ ପ୍ରିୟଙ୍କା ତାମିଲ ଫିଲ୍ମ 'ଥାମିଜାନ୍'ରେ ବଡ଼ ପରଦାରେ ଏଣ୍ଟ୍ରି କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଦ ହିରୋ: ଲଭ୍ ଷ୍ଟୋରି ଅଫ ଏ ସ୍ପାଏ'। ପରବର୍ତ୍ତୀ ସମୟରେ ସେ ନିଜକୁ ଜଣେ ଆଗଧାଡ଼ିର ନାୟିକା ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଥିଲେ।

# ବେବି ଜନ୍



ବରୁଣ

ବଲିଉଡ୍‌ର ଅନ୍ୟତମ ନାମୀ ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁଅ ବରୁଣ। ଇତି ମଧ୍ୟରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଲେଣି। ଚଳିତ ବର୍ଷ ତାଙ୍କୁ ଦର୍ଶକ ଏକ ଦମ୍‌ଦାର ଆକ୍ସନ ଭୂମିକାରେ ଦେଖିବାକୁ ପାଇବେ। ଫିଲ୍ମଟିର ଟାଇଟଲ ରହିଛି 'ବେବି ଜନ୍'। ଅଟଲି ଏହାର କାହାଣୀ ରଚନା କରିଥିବା ବେଳେ ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଜିଓ ଷ୍ଟୁଡିଓ। କାଲିସ୍‌ଙ୍କ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ଏହି ଫିଲ୍ମ ସମ୍ପର୍କରେ ବରୁଣ କହନ୍ତି, 'ଏଥିରେ ମୁଁ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରୁଛି। ଏହାର କାହାଣୀରେ ଆକ୍ସନ ଭରି ରହିଛି। ଏଭଳି ଏକ ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରୁଛି। ଫିଲ୍ମଟି ରିଲିଜ ହେବା ପରେ ଦର୍ଶକ ମୋତେ କିପରି ଗ୍ରହଣ କରୁଛନ୍ତି ତାହା ଜଣାପଡ଼ିବ।' ଏହି ଫିଲ୍ମଟିର ସଂଳାପ ରଚନା କରିଛନ୍ତି ସୁମିତ ଆରୋରା। ଏଥିରେ ବରୁଣଙ୍କ ବ୍ୟତୀତ କୀର୍ତ୍ତି ସୁରେଶ, ଜ୍ୟାକି ଶ୍ରଫ, ସାନ୍ୟା ମାଲହୋତ୍ରା ଏବଂ ରାଜପାଲ୍ ଯାଦବ ମଧ୍ୟ ଅଭିନୟ କରୁଛନ୍ତି। ଏହା ହେଉଛି ବରୁଣଙ୍କର ୧୮ତମ ଚଳଚ୍ଚିତ୍ର। ଆପଣ ଜାଣନ୍ତି କି କୌଣସି ଫିଲ୍ମର ଶୁଟିଂ ଆରମ୍ଭ ପୂର୍ବରୁ ସେ ନିକଟସ୍ଥ ମନ୍ଦିରକୁ ଯାଆନ୍ତି ଏବଂ ସେଠାରେ ପୂଜାର୍ଚ୍ଚନା କରନ୍ତି।

# ଅପେକ୍ଷା ଅଳ୍ପ ଦିନର



ଦୀପିକା

ଦୀପିକା ପାଦୁକୋନ୍‌ଙ୍କ ଖୁସି କହିଲେ ନ ସରେ। ଯାହାକୁ ନେଇ ସେ ଦୀର୍ଘ ଦିନ ଧରି ଅପେକ୍ଷା କରିଥିଲେ ତାହା ଶେଷରେ ଫାଇନାଲ ହୋଇଛି। କଥା କ'ଣ କି ସେ ଅଭିନୟ କରୁଥିବା ମଲ୍‌ଟି ଷ୍ଟାରର ଫିଲ୍ମ 'କଲ୍‌କି ୨୮୯୮ ଏଡି' ଚଳିତ ମାସରେ ରିଲିଜ ହେବାକୁ ଯାଉଛି। ଆଉ ସେହି ଶୁଭ ତାରିଖଟି କେତେ ଜାଣନ୍ତି ? ହଁ, ଉକ୍ତ ଚିତ୍ରଟି ଏହି ମାସର ୨୭ରେ ପରଦା ଉପରକୁ ଆସିବ। ଏ ନେଇ ଦୀପିକା କହନ୍ତି, 'ଏହି ଫିଲ୍ମଟିକୁ ନେଇ ମୁଁ ବେଶ୍ ଆଶା ରଖିଛି। ଏହାର କାହାଣୀକୁ କିପରି ଠିକ୍ ଭାବରେ ଉପସ୍ଥାପନ କରାଯାଇପାରିବ ସେ ନେଇ କେବଳ ନିର୍ଦ୍ଦେଶକ ନୁହନ୍ତି, ସମସ୍ତ କଳାକାର ଏବଂ ୟୁନିଟ୍‌ର ସଦସ୍ୟମାନେ ଯଥାସମ୍ଭବ ଚେଷ୍ଟା କରିଛନ୍ତି। ଆଶା ରଖିଛି, ଫିଲ୍ମଟି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେବ। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ନାଗା ଅଶ୍ୱିନ। ଏଥିରେ ଦୀପିକାଙ୍କ ବ୍ୟତୀତ ପ୍ରଭାସ, ଅମିତାଭ ବଚ୍ଚନ, କମଲ ହାସନ ଏବଂ ଦିଶା ପଟାନିଙ୍କୁ ମଧ୍ୟ ଦେଖିବାକୁ ମିଳିବ।

ଛୋଟ ପରଦା

# ଜୁନ୍ ୧୦ରୁ 'ତୁମ ବିନା'

ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଚଳିତ ମାସ ୧୦ ତାରିଖରୁ ପ୍ରସାରିତ ହେବାକୁ ଯାଉଛି ନୂଆ ତଥା ଏକ ଭିନ୍ନ ସ୍ୱାଦର ଧାରାବାହିକ 'ତୁମ ବିନା'। ଏହାର ପ୍ରସାରଣ ସମୟ ରହିଛି ସୋମବାରରୁ ଶନିବାର ରାତି ୮ଟା। ଏହି ଧାରାବାହିକରେ ଦର୍ଶକ ଜଣା ଅଜଣାରେ ବାନ୍ଧି ହୋଇଥିବା ଏକ ପ୍ରେମ କାହାଣୀକୁ ଦେଖିବାକୁ ପାଇବେ। କାହାଣୀ ଅନୁସାରେ ପିପିଲିରେ ବାସ କରୁଥିବା ଲକ୍ଷ୍ମୀକୁ ଶୁଭ ବୋଲି ମାନନ୍ତି। ଏକ ଦୁର୍ଘଟଣାରେ ଲକ୍ଷ୍ମୀର ମା'ବାପାଙ୍କ ମୃତ୍ୟୁ ହୋଇଯାଏ। ତା'ପରେ ଲକ୍ଷ୍ମୀ ନିଜ ଭାଇ ଭଉଣୀ ସହ ଆସି ସହରରେ ଦାଦା ଖୁଡ଼ୀଙ୍କ ପାଖରେ ରହେ। ଲକ୍ଷ୍ମୀର ଲୋଭି ଓ କୁଚକ୍ରାନ୍ତ ଖୁଡ଼ୀ ତାଙ୍କର ସମସ୍ତ ସମ୍ପତ୍ତି ହାତେଇବା ପାଇଁ ଲକ୍ଷ୍ମୀର ବାହାଘର ତାଙ୍କ ଭଣଜା ସହିତ କରାଇବା ପାଇଁ ସ୍ଥିର କରିଥିବା ବେଳେ ତାଙ୍କର ଏହି ଷଡ଼ଯନ୍ତ୍ର ବିଫଳ ହୋଇଯାଏ। ଅଜାଣତରେ ଲକ୍ଷ୍ମୀର ଅକ୍ଷୟ ସହ ଦେଖା ହୁଏ। ଗୁରୁଦେବଙ୍କ କହିବା ଅନୁସାରେ ଅକ୍ଷୟର ଭାଗ୍ୟରେ କୁଣ୍ଡଳୀରେ ଦୋଷ ଅଛି ତେଣୁ ରିଷ୍ଟ ଖଣ୍ଡନ ପାଇଁ ଅକ୍ଷୟର ପରିବାର ଯଜ୍ଞ କରନ୍ତି। ଆଗକୁ ଯାଇ ଅକ୍ଷୟର ପରିବାର ଅକ୍ଷୟର ବାହାଘର ଲକ୍ଷ୍ମୀ ସହ ଠିକ୍ କରନ୍ତି। ତେବେ ତା'ପରେ କାହାଣୀ କେଉଁ ମୋଡ଼ ନେଉଛି ତାହା ଧାରାବାହିକଟି ଦେଖିଲେ ହିଁ ଜାଣିପାରିବେ। ଶ୍ରଦ୍ଧା ସୁମନ ପ୍ରଡ୍‌କ୍ସନ ଦ୍ୱାରା ନିର୍ମିତ ଏହି ଧାରାବାହିକର ପ୍ରଯୋଜନା କରିଛନ୍ତି ବିଜୟ ବାରିକ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ସରୋଜ ଦାସ। ମୁଖ୍ୟ ଚରିତ୍ରରେ ଆକାଶ ପୁରୋହିତ, ପୁଣ୍ୟଶ୍ରୋତା ବ୍ୟତୀତ ବୀରେନ ମିଶ୍ର, ଶୁଭ୍ରାଂଶୁ, ବିରାଜ ଏବଂ ତୁନି ଅଭିନୟ କରିଛନ୍ତି। ଏହି ନୂଆ ଧାରାବାହିକ ଦର୍ଶକଙ୍କୁ ଖୁବ୍ ମନୋରଞ୍ଜନ ଦେବ ବୋଲି କହିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ।

ପୁଣ୍ୟଶ୍ରୋତା-ଆକାଶ





ଫ୍ରେଞ୍ଚ ଓପନ କ୍ୱାର୍ଟର ଫାଇନାଲ ବିଜୟ ପରେ ଜସମିନ ପାଓଲିନି।

# ବିଜୟ ସହ ଭାରତର ଅଭିଯାନ

**ନ୍ୟୁୟର୍କ, ୫।୬**

ଚମତ୍କାର ବୋଲିଂ ପରେ ଅଧିନାୟକ ରୋହିତ ଶର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଭାରତ ଚଳିତ ବିଶ୍ୱକପରେ ସହଜ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ବୁଧବାର ନ୍ୟୁୟର୍କର ନାସାଉ କାଉଣ୍ଟି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭାରତ ୮ ଉଇକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଭାରତୀୟ ବୋଲରମାନେ ପ୍ରଭାବୀ ବୋଲିଂ କରି ଆୟର୍ଲାଣ୍ଡ ଇନିଂସକୁ ୧୬ ଓଭରରେ ମାତ୍ର ୯୬ ରନରେ ସୀମିତ ରଖିଥିଲେ। ୯୭ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୨.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ତାରକା ବ୍ୟାଟର ବିରାଟ କୋହଲି ମାତ୍ର ୧ ରନକରି ଆଉଟ ହେବାରୁ ୨୨ ରନରେ ଭାରତ ପ୍ରଥମ ଉଇକେଟ ହରାଇଥିଲା। ମାତ୍ର ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା ରୋହିତ ଦ୍ୱିତୀୟ ଉଇକେଟରେ ରିଷଭ ପନ୍ତଙ୍କ ସହ ୫୪ ରନର ଭାଗୀଦାରି ଗଢ଼ି ଦଳକୁ ବିଜୟ ଦ୍ୱାରରେ ପହଞ୍ଚାଇ ଦେଇଥିଲେ। ୩୭ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ସେ ୫୨ ରନକରିଥିବାବେଳେ ରିଟାୟର୍ଡ ହର୍ଟ ହୋଇ ଯାଇଥିଲେ। ତାଙ୍କ ସ୍ଥାନରେ ଆସିଥିବା ସୂର୍ଯ୍ୟକୁମାର ଯାଦବ ଯଦିଓ ମାତ୍ର ୨ ରନରେ ପ୍ୟାଭିଲିୟନ ଫେରିଥିଲେ ତେବେ ରିଷଭ ୨୬ ବଲ୍‌ରୁ ୩୬ (୩ ଚୌକା, ୨ ଛକା) ରନରେ ଅପରାଜିତ ରହି ଦଳର ବିଜୟକୁ ସମ୍ପୂର୍ଣ୍ଣ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ମାର୍କ ଆଡେର ଓ ବେନ୍ ହ୍ୱାଇଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୯ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳିବ।

ଚଳିତ ବିଶ୍ୱକପ ଅଭିଯାନର ପ୍ରଥମ ମ୍ୟାଚରେ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଭାରତ ଅଧିନାୟକ ରୋହିତ ଶର୍ମା। ବୋଲରମାନେ ପିଚ୍‌ରୁ ସମ୍ପୂର୍ଣ୍ଣ ଫାଇଦା ଉଠାଇଥିଲେ। ମ୍ୟାଚର ୩ୟ ଏବଂ ନିଜର ଦ୍ୱିତୀୟ ଓଭର ପ୍ରଥମ ଓ ୬ଷ୍ଠ ବଲ୍‌ରେ ଦୁଇ ଓପନର ଅଧିନାୟକ ପଲ୍ ଷ୍ଟ୍ରିଲିଂ (୨) ଓ ଆଣ୍ଡ୍ର୍ୟୁ ବଲ୍‌ବିର୍ନି(୫)ଙ୍କୁ ଆଉଟ କରି ଆୟର୍ଲାଣ୍ଡକୁ ଡବଲ୍ ଝଟ୍‌କା ଦେଇଥିଲେ ଅର୍ଶଦୀପ ସିଂ। ପରେ ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସିରାଜ ଚମତ୍କାର ବୋଲିଂ କରି ମୋମେଣ୍ଟମ ବଜାୟ ରଖିଥିଲେ। ୫୦ ରନ ମଧ୍ୟରେ ୮ ଉଇକେଟ ହରାଇ ଆୟର୍ଲାଣ୍ଡ ଲଢ଼େଇ ପରିବର୍ତ୍ତେ ଆତ୍ମସମର୍ପଣ କରିଥିଲା। ୭ ନମ୍ବର ବ୍ୟାଟର ଗାରେଥ ଡେଲାନି ୧୪ ବଲ୍‌ରୁ ୨୬ ରନ କରିବାରୁ ଆୟର୍ଲାସ୍କୋର ୩ ଅଙ୍କ ସ୍ପର୍ଶ କରିବା ସମ୍ଭାବନା ଜାଗ୍ରତ ହୋଇଥିଲା। ମାତ୍ର ୧୬ତମ ଓଭରର ଅନ୍ତିମ ବଲ୍‌ରୁ ଦ୍ୱିତୀୟ ରନ ନେବା ପ୍ରୟାସରେ ସେ ରନ୍‌ଆଉଟ ହୋଇଯିବାରୁ ଆୟର୍ଲାଣ୍ଡ ସ୍କୋର ୯୬ରେ ସୀମିତ ହୋଇ ଯାଇଥିଲା। ୧୦ ନମ୍ବର ଖେଳାଳି ଜୋଶ୍ ଲିଟଲ ଦ୍ୱିତୀୟ ସର୍ବାଧିକ ୧୪ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ସିଂ ୨ଟି ଉଇକେଟ ନେଇ ଆୟର୍ଲାଣ୍ଡର ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଯଶପ୍ରୀତ୍ ବୁମ୍‌ରା ଆଶାନୁସାରେ ଅତି ଚମତ୍କାର ବୋଲିଂ କରି ୩ ଓଭରରେ ଗୋଟିଏ ମେଡେନ ନେବାସହ ମାତ୍ର ୬ ରନ ଦେଇ ୨ଟି ଉଇକେଟ ଅକ୍ତିଆର କରିଥିଲେ। ମହମ୍ମଦ ସିରାଜ ଓ ସ୍ପିନର ଅକ୍ଷର ପଟେଲଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ବାରି ମ୍ୟାକକାର୍ଥୀଙ୍କୁ କଟ୍ ଆଣ୍ଡ ବୋଲ୍ଡ କରି କ୍ୟାରିୟରର ୫୦ତମ ଟି୨୦ ଅନ୍ତର୍ଜାତୀୟ ଉଇକେଟ ପୂରଣ କରିଥିଲେ ଅକ୍ଷର।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଯଶପ୍ରୀତ୍ ବୁମ୍‌ରା।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ୧୬ ଓଭରରେ ୯୬/ଅଲ୍‌ଆଉଟ (ଗାରେଥ ଡେଲାନି-୨୬, ଜୋଶୁଆ ଲିଟଲ-୧୪, ହାର୍ଦ୍ଦିକ ପାଣ୍ଡ୍ୟା-୩/୨୭, ଅର୍ଶଦୀପ ସିଂ-୨/୩୫, ଯଶପ୍ରୀତ୍ ବୁମ୍‌ରା-୨/୬, ମହମ୍ମଦ ସିରାଜ-୧/୧୩, ଅକ୍ଷର ପଟେଲ-୧/୩)। ଭାରତ ୧୨.୨ ଓଭରରେ ୯୭/୨ (ରୋହିତ ଶର୍ମା-୫୨, ରିଷଭ ପନ୍ତ-୩୬*, ମାର୍କ ଆଡେର-୧/୨୭, ବେନ୍ ହ୍ୱାଇଟ-୧/୬)।

## ଟି୨୦ ବିଶ୍ୱକପ

**(ଆଜିର ମ୍ୟାଚ)**

**ପପୁଆ ନ୍ୟୁ ଗିନି ବନାମ ଉଗାଣ୍ଡା**
ସ୍ଥାନ: ଗୁଏନା
ସମୟ: ପ୍ରାତଃ ୫ଟା

**ଅଷ୍ଟ୍ରେଲିଆ ବନାମ ଓମାନ**
ସ୍ଥାନ: ବାର୍ବାଡୋସ
ସମୟ: ସକାଳ ୬ଟା

**ଆମେରିକା ବନାମ ପାକିସ୍ତାନ**
ସ୍ଥାନ: ଡଲାସ
ସମୟ: ରାତି ୯ଟା

**ନାମିବ୍ୟା ବନାମ ସ୍କଟଲାଣ୍ଡ**
ସ୍ଥାନ: ବାର୍ବାଡୋସ
ସମୟ: ରାତି ୧୨ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଓଏଫ୍‌ସି ସହ ଡେଲଗାଡୋଙ୍କ ଚୁକ୍ତିମିଆଦ ୨ ବର୍ଷ ବୃଦ୍ଧି

**ଭୁବନେଶ୍ୱର, ୫।୬ (ତପନ ସ୍ୱାଇଁ)**

ଓଡ଼ିଶା ଏଫ୍‌ସି କ୍ଲବ ଅଧିନାୟକ କାର୍ଲୋସ ଡେଲଗାଡୋଙ୍କ ଚୁକ୍ତି ମିଆଦ ୨ ବର୍ଷ ବୃଦ୍ଧି କରିଛି। ଫଳରେ ସେ କ୍ଲବ ସହିତ ୨୦୨୬ ପର୍ଯ୍ୟନ୍ତ ରହିବା ନିଶ୍ଚିତ ହୋଇଛି। ୨୦୨୩-୨୪ ସିଜନରେ ଓଡ଼ିଶା ଏଫ୍‌ସିର ସଫଳତାରେ ସ୍ପାନିଶ୍ ଡିଫେଣ୍ଡର ଡେଲଗାଡୋଙ୍କ ଗୁରୁତ୍ୱପୂର୍ଣ୍ଣ



ଭୂମିକା ରହିଥିଲା। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍), ଏଏଫ୍‌ସି କପ୍ ଓ କଳିଙ୍ଗ ସୁପର କପ୍‌କୁ ମିଶାଇ ସେ ବଡ଼ ପ୍ରତିଦ୍ୱନ୍ଦ୍ୱିତା ଗୁଡ଼ିକରେ ୩୭ଟି ମ୍ୟାଚ ଖେଳିଛନ୍ତି। ସିଜନରେ ସେ ୨ଟି ଗୋଲ ମଧ୍ୟ ଦେଇଛନ୍ତି। ୨୦୨୩-୨୪ ଆଇଏସ୍‌ଏଲ୍ ସିଜନରେ ଡିଫେଣ୍ଡରଙ୍କ ମଧ୍ୟରେ ସବୁଠାରୁ ଅଧିକ ସଫଳ ପାସ୍ ମଧ୍ୟ ଦେଇଛନ୍ତି। ୨୪ ମ୍ୟାଚରେ ସେ ୩୩ ଇଣ୍ଟରସେପ୍ସନ ମଧ୍ୟ କରିଛନ୍ତି। ଚୁକ୍ତି ମିଆଦ ବୃଦ୍ଧିରେ ଖୁସି ଜାହିର କରିଛନ୍ତି ଡେଲଗାଡୋ।

# ସନ୍ଦୀପ କୌର ୧୦ ବର୍ଷ ବାସନ୍ଦ

**ପ୍ୟାରିସ୍,୫।୬:** ଭାରତୀୟ ପାୱାର ଲିଫ୍ଟର ସନ୍ଦୀପ କୌରଙ୍କୁ ୧୦ ବର୍ଷ ପାଇଁ ବାସନ୍ଦ କରିଛି ନାଡା। ଦ୍ୱିତୀୟ ଥର ପାଇଁ ଡୋପ୍ ଟେଷ୍ଟରେ ବିଫଳ ହୋଇ ଥିବାରୁ ନାଡା ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ୩୧ ବର୍ଷୀୟା ସନ୍ଦୀପ ଏକାଧିକ ନିଷିଦ୍ଧ ଡ୍ରଗ୍ସ ସେବନ କରିଥିବା ଜଣାପଡିଛି। ପୂର୍ବରୁ ୨୦୧୯ରେ ବାସନ୍ଦ ହୋଇ ସେ ଦୁଇ ବର୍ଷ ପାଇଁ ବାସନ୍ଦ ହୋଇଥିଲେ। ଚଳିତ ବର୍ଷ ଅଗଷ୍ଟରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ପୁନର୍ବାର ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ।

# ସେମିରେ ଅଲକାରାଜ, ପାଓଲିନି

**ପ୍ୟାରିସ୍,୫।୬**

## ଫ୍ରେଞ୍ଚ ଓପନ

ଫ୍ରେଞ୍ଚ ଓପନ ଟେନିସ୍ ଟୁର୍ନାମେଣ୍ଟରେ ସେମି ଫାଇନାଲରେ ପ୍ରବେଶ କରିଛନ୍ତି କାର୍ଲୋସ ଅଲକାରାଜ ଗାର୍ଫିଆ, କାସ୍ପର ରୁଡ୍ ଓ ଜସମିନ ପାଓଲିନି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ସ୍ପେନ୍‌ର କାର୍ଲୋସ ଅଲକାରାଜ ଗାର୍ଫିଆ ଓ କାସ୍ପର ରୁଡ ସେମିରେ ପ୍ରବେଶ କରିଛନ୍ତି। ନୋଭାକ୍ ଜୋକୋଭିଚ୍ ଆହତ କାରଣରୁ ଓହରି ଯାଇଥିବା ବେଳେ କାସ୍ପର ରୁଡଙ୍କୁ ୱାକ୍ ଓଭର ମିଳିଥିଲା। ଅନ୍ୟ ପକ୍ଷରେ ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା କାର୍ଲୋସ୍ ଅଲକାରାଜ ଗାର୍ଫିଆ ୬-୩, ୭-୬(୭/୩), ୬-୪ର ସିଧାସଳଖ ସେଟ୍‌ରେ ଗ୍ରୀସ୍‌ର ଷ୍ଟିଫାନୋସ୍ ସିତ୍‌ସିପାସ୍‌ଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌କୁ ଗାର୍ଫିଆ ସହଜରେ ଜିତିବା ପରେ ଦ୍ୱିତୀୟ ସେଟ୍‌ଟି ଟାଇବ୍ରେକରରେ ଶେଷ ହୋଇଥିଲା। ଅନ୍ତିମ ସେଟ୍‌କୁ ଜିତିବା ସହ ସେମି ଫାଇନାଲରେ ପ୍ରବେଶ କରିଥିଲେ ଅଲକାରାଜ। ଶୁକ୍ରବାର ଇଟାଲୀର ଜାନିକ୍ ସିନ୍ନରଙ୍କ ବିପକ୍ଷରେ କାର୍ଲୋସ ଅଲକାରାଜ ଗାର୍ଫିଆ ମ୍ୟାଚ୍ ଖେଳିବ।

ମହିଳା ସିଙ୍ଗଲ୍ସରେ ୧୨ ନମ୍ବର ସ୍ଥାନରେ ଥିବା ଇଟାଲୀର ପାଓଲିନ୍ ୩ ସେଟ୍ ବିଶିଷ୍ଟ ମ୍ୟାଚ୍‌ରେ କାଜାଖସ୍ତାନର ଏଲିନା ରିବାକିନାଙ୍କୁ ପରାସ୍ତ କରିଥିଲେ। ଫିଲିପ୍ ଚାର୍ଟିଅରରେ ଖେଳା ଯାଇଥିବା ମ୍ୟାଚ୍‌କୁ ଜସ୍ମିନ୍ ୬-୨, ୪-୬ ଓ ୬-୪ରେ ଜିତି ନେଇଥିଲେ। ପ୍ରଥମ ସେଟ୍‌କୁ ଜସ୍ମିନ ଜିତିଥିବା ବେଳେ ରିବାକିନା ଦ୍ୱିତୀୟ ସେଟ୍‌ରେ ଜିତି ନେଇଥିଲେ। ତେବେ ଚମତ୍କାର ଫର୍ମରେ ଥିବା ପାଓଲିନି ପ୍ରତ୍ୟାବର୍ତ୍ତନ କରିବା ସହ ନିର୍ଣ୍ଣାୟକ ସେଟ୍‌କୁ ଜିତି ନେଇଥିଲେ। ଗୁରୁବାର ପାଓଲିନ ସେମି ଫାଇନାଲରେ ଆରିନା ସାବାଲେଙ୍କା ଓ ମୀରା ଆଣ୍ଡ୍ରିଭାଙ୍କ ମ୍ୟାଚର ବିଜେତାଙ୍କୁ ଭେଟିବେ।

# ସେମିରେ ବୋପାନ୍ନା-ଏବଡେନ୍

**ପ୍ୟାରିସ୍,୫।୬**

ଫ୍ରେଞ୍ଚ ଓପନ ଟେନିସ୍ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଦୁଇ ନମ୍ବର ସିଡ୍ ଭାରତର ରୋହନ ବୋପାନ୍ନା ଓ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନ୍। ୧୦ ନମ୍ବର ସିଡ୍ ବେଲଜିୟମର ସାଣ୍ଡର ଗିଲେ ଓ ଜୋରାନ ଭିଲେଗାନଙ୍କୁ ୭-୬(୭/୩), ୫-୭ ଓ ୬-୧ରେ ପରାସ୍ତ କରିଥିଲେ ବୋପାନ୍ନା-ଏବଡେନ। ଏହି ମ୍ୟାଚ୍‌ଟି ୧ ଘଣ୍ଟା ୪ ମିନିଟ ଧରି ଚାଲିଥିଲା। ପ୍ରଥମ ସେଟ୍ ମୁକାବିଲା ଟାଇ ବ୍ରେକରକୁ ଯାଇଥିବା ବେଳେ ବୋପାନ୍ନା-ଏବଡେନ ଏହାକୁ ଜିତି ନେଇଥିଲେ। ପରବର୍ତ୍ତୀ ସେଟକୁ ବେଲଜିୟମ ଯୋଡି ଜିତି ନେଇଥିବା ବେଳେ ନିର୍ଣ୍ଣାୟକ ସେଟ୍‌କୁ ୬-୧ରେ ଜିତି ସେମି ଫାଇନାଲରେ ପ୍ରବେଶ କରିଥିଲେ ବୋପାନ୍ନା-ଏବଡେନ।

# ବିରଳ ରେକର୍ଡ ଲକ୍ଷ୍ୟରେ ଅଷ୍ଟ୍ରେଲିଆ

**ବ୍ରିଜଟାଉନ୍, ୫।୬ (ପି.ଟି.)**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ମେସ୍ (ଟ୍ରଫି) ଓ ୫୦ ଓଭର ଦିନିକିଆ ଟ୍ରଫି ଜିତି ସାରିଛି ଅଷ୍ଟ୍ରେଲିଆ। ଏବେ ନଜର ଟି୨୦ ବିଶ୍ୱକପ ଉପରେ । ପ୍ରଥମ ଦଳଭାବେ ୩ଟି ଯାକ ବିଶ୍ୱ ଟାଇଟଲ ଜିତି ବିରଳ ରେକର୍ଡ କରିବାକୁ ଲକ୍ଷ୍ୟ ରଖିଛି ଏହି ଦଳ। ଚଳିତ ଟି୨୦ ବିଶ୍ୱକପରେ ଅଷ୍ଟ୍ରେଲିଆ ଗୁରୁବାର ଓମାନକୁ ଭେଟିବ। କେତେକ ଖେଳାଳି ଅନ୍ତର୍ଜାତୀୟ କ୍ରିକେଟକୁ ଅଲ୍‌ବିଦା ଜଣାଇବାକୁ ପ୍ରସ୍ତୁତ ହେଉଥିବାବେଳେ ଏପରି ସଫଳତା ହାସଲ କରି ଏହାର କ୍ରିକେଟ ଇତିହାସକୁ ଅଧିକ ସମୃଦ୍ଧ କରିବାକୁ ଚାହୁଁଛି ଅଷ୍ଟ୍ରେଲିଆ।

ଅଷ୍ଟ୍ରେଲିଆ ଦୀର୍ଘ ଦିନଧରି ଟି୨୦ ଟ୍ରଫି ଜିତିପାରି ନ ଥିଲା। ୨୦୨୧ରେ ପ୍ରଥମଥରପାଇଁ ଟାଇଟଲ ଜିତିବାରୁ ଏହି ଶୂନ୍ୟତା ପୂରଣ ହୋଇଥିଲା। ମାତ୍ର ଏହାର ଗୋଟିଏ ବର୍ଷପରେ ଘରୋଇ ପରିବେଶରେ ଟୁର୍ନାମେଣ୍ଟ ହୋଇଥିଲେ ହେଁ ଟାଇଟଲ ବଜାୟ ରଖିବାରେ ଅସଫଳ ରହିଥିଲା।

# ହାରିଲେ ସିନ୍ଧୁ

**ଜାକାର୍ତ୍ତା,୫।୬(ପି.ଟି.):** ଇଣ୍ଡୋନେସିଆ ଓପନ ବ୍ୟାଡମିଣ୍ଟନର ପ୍ରଥମ ରାଉଣ୍ଡରେ ପରାଜିତ ହୋଇଛନ୍ତି ଭାରତୀୟ ଷ୍ଟାର ସଟଲର ପି.ଭି. ସିନ୍ଧୁ। ଚାଇନିଜ୍ ତାଇପେର ହୁ ୱେନ୍ ଚିଙ୍କଠାରୁ ସିନ୍ଧୁ ୧୫-୨୧, ୨୧-୧୫ ଓ ୧୪-୨୧ରେ ପରାଜିତ ହୋଇଛନ୍ତି। ମହିଳା ଡବଲ୍ସରେ ଭାରତୀୟ ଯୋଡି ଓଡ଼ିଶାର ପଣ୍ଡା ସିଷ୍ଟର୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଟୁର୍ନାମେଣ୍ଟର ଷଷ୍ଠ ସିଡ୍ କୋରିଆର କିମ୍ ସୋ ୟେଓଙ୍ଗ ଓ କଙ୍ଗ ହି ୟଙ୍ଗଙ୍କ ନିକଟରୁ ୧୨-୨୧ ଓ ୯-୨୧ରେ ପରାଜିତ ହୋଇଥିଲେ।

# କଳାହାଣ୍ଡି କପ୍ ସୁପରଲିଗ୍ ଆରମ୍ଭ

**ଭୁବନେଶ୍ୱର, ୫।୬ (ତପନ ସ୍ୱାଇଁ)**

କଟକର ୪ଟି ଗ୍ରାଉଣ୍ଡରେ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ସୁପର ଲିଗ୍ ପର୍ଯ୍ୟାୟ ବୁଧବାର ଆରମ୍ଭ ହୋଇଛି। ୨ ଦିନ ବିଶିଷ୍ଟ ମ୍ୟାଚର ପ୍ରଥମ ଦିବସ ଖେଳ ଶେଷ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଇକୋର୍ସା ଟସ୍ ଜିତି କଟକ-ଏକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଛି। ପ୍ରଥମ ଦିବସ ଖେଳ ଶେଷ ବେଳକୁ କଟକ-ଏ ୯୦ ଓଭରରେ ୭ ଉଇକେଟ ହରାଇ୩୨୭ ରନ କରିଛି। ଶତକ ହାସଲକାରୀ ମାନବ ଭଟ୍ଟାଚାର୍ଯ୍ୟ ୧୧୮, ରାଜେଶ ଧୂପର ୮୧ ଓ ବିକ୍ରମ ସାମଲ ୫୫ ରନ କରିଛନ୍ତି। ବିପକ୍ଷ ଦଳର ସୂର୍ଯ୍ୟକାନ୍ତ ପ୍ରଧାନ ୩ଟି ଓ ଜୟନ୍ତ ବେହେରା ୨ଟି ଉଇକେଟ ନେଇଛନ୍ତି। ଡ୍ରିମ୍ସ ଷ୍ଟାଡିୟମରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନୟାଗଡ଼ ୨୪.୫ ଓଭରରେ ମାତ୍ର ୫୮ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ରେଷ୍ଟ ଅଫ୍ ଓଡ଼ିଶା-ଏ'ର ତାରିଣୀ ସ' ମାତ୍ର ୧୩ ରନଦେଇ ୭ ଉଇକେଟ ସଫଳତା ପାଇଛନ୍ତି। ରେଷ୍ଟ ଅଫ୍ ଓଡ଼ିଶା ୩୫.୫ ଓଭରରେ ୧୨୫ ରନରେ ସମସ୍ତ ଉଇକେଟ ହରାଇ ୬୭ ରନରେ ବିଜୟ ହାସଲ କରିଛି। ମାରୋଜୁ ପ୍ରଶାନ୍ତ ସର୍ବାଧିକ ୫୮ ରନ କରିଥିବାବେଳେ ନୟାଗଡ଼ର ଦିଲୀପ ପଣ୍ଡା ୫ ଉଇକେଟ ଅକ୍ତିଆର କରିଛନ୍ତି। ବାରବାଟୀ ଷ୍ଟାଡିୟମରେ ଭୁବନେଶ୍ୱର 'ଏ' ୮୯.୨ ଓଭରରେ ୩୭୦ ରନକରି ସମସ୍ତ ଉଇକେଟ ହରାଇଛି। ଶତକ ହାସଲକାରୀ କାର୍ତ୍ତିକ ବିଶ୍ୱାଳ ୧୪୬ ଓ ସାରାଂଶ କୁମାର ୬୧ ରନ କରିଥିଲେ। ବାଲେଶ୍ୱରର ଉଦୟନାଥ ପାତ୍ର ୪ ଉଇକେଟ ନେଇଛନ୍ତି। ସନ୍‌ସାଇନ୍ ପଡ଼ିଆରେ କ୍ଷମା ସାଗର ବଳଙ୍କ ୫୨ ରନ ସତ୍ତ୍ୱେ ଭଦ୍ରକ ୨୯.୫ ଓଭରରେ ୧୨୩ ରନକରି ଅଲ୍‌ଆଉଟ ହୋଇଛି। ରେଷ୍ଟ ଅଫ୍ ଓଡ଼ିଶା-ବି ବୋଲର ଆଶିଷ ରାୟ ୪ଟି ଓ ଅୟସକାନ୍ତ ସାହୁ ୩ ଉଇକେଟ ନେଇଛନ୍ତି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ରେଷ୍ଟ ଅଫ୍ ଓଡ଼ିଶା-ବି ୨ ଉଇକେଟ ହରାଇ ୨୪୪ ରନ କରି ୧୨୧ ରନରେ ଅଗ୍ରଣୀଲାଭ କରିଛି। ଓମ୍ ଟି ମୁଣ୍ଡେ ୧୦୯ ଓ ଗିରିଜା ବାରିକ ୬୮ ରନ କରିଛନ୍ତି।



କାର୍ତ୍ତିକ ବିଶ୍ୱାଳ



ତାରିଣୀ ସ'

# ଶେଷ ମ୍ୟାଚ୍ ଖେଳିବେ ଛେତ୍ରୀ

## ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ



**କୋଲକାତା,୫।୬(ପି.ଟି.)**

କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଗୁରୁବାର ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୨ ମ୍ୟାଚ୍‌ରେ କୁଏତ୍‌କୁ ଭେଟିବ ଭାରତ। ଭାରତୀୟ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କ କ୍ୟାରିୟରର ଏହା ଅନ୍ତିମ ମ୍ୟାଚ୍ ହୋଇଥିବା ବେଳେ ଏହାର ଗୁରୁତ୍ୱ ବଢି ଯାଇଛି। ଗୁରୁବାର ମ୍ୟାଚ୍‌ରେ ବିଜୟୀ ହେଲେ ଭାରତୀୟ ଦଳ ପ୍ରଥମ ଥର ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୩ରେ ସ୍ଥାନ ପାଇବ। ୨୦୨୬ ଫିଫା ବିଶ୍ୱକପ ଆମେରିକା, କାନାଡା ଓ ମେକ୍ସିକୋରେ ଖେଳାଯିବ। ଗତ ମାସରେ ଏକ ଭିଡିଓ ମେସେଜ ଜରିଆରେ ଛେତ୍ରୀ ଅବସର ଘୋଷଣା କରିଥିଲେ। ଏହା ସହ ୧୯ ବର୍ଷର ସ୍ୱର୍ଣ୍ଣିମ କ୍ୟାରିୟରର ଅନ୍ତ ଘଟିବ। ମ୍ୟାଚ୍ ପୂର୍ବରୁ ଛେତ୍ରୀ ଏକ ଖବରଦାତା ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ତେବେ ଛେତ୍ରୀଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ୍‌ରେ ଭାରତ-କୁଏତ୍ ମ୍ୟାଚ୍ ସମ୍ପର୍କରେ ଆଦୌ ଆଲୋଚନା ହେଉନାହିଁ। ଏହି ମ୍ୟାଚ୍‌ରେ ଭାରତ ବିଜୟୀ ହେଲେ ଏହା ତାଙ୍କ ପାଇଁ ଶ୍ରେଷ୍ଠ ଉପହାର ହେବ ବୋଲି କହିଛନ୍ତି ଛେତ୍ରୀ। ସେହିପରି ଏହାକୁ ସେ ଶେଷ ମ୍ୟାଚ୍ ବୋଲି ବିବେଚନା ନ କରି ସାଧାରଣ ମ୍ୟାଚ୍ ଭାବରେ ଦେଖୁଛନ୍ତି ବୋଲି ମଧ୍ୟ କହିଥିଲେ। ସେହିପରି କୋଲକାତାରେ ଏହି ମ୍ୟାଚ୍ ଖେଳାଯାଉଥିବା ବେଳେ ଭାରତୀୟ ଦଳକୁ ବିପୁଳ ସମର୍ଥନ ମିଳିବ ବୋଲି ସେ କହିଛନ୍ତି। ଏହି ମ୍ୟାଚ୍ ବିଜୟୀ ହେଲେ ଭାରତ ତୃତୀୟ ରାଉଣ୍ଡରେ ପ୍ରବେଶ କରିବ। ତୃତୀୟ ରାଉଣ୍ଡରେ ପ୍ରବେଶ କଲେ ସେ ଅବସର ନିଷ୍ପତ୍ତି ପରିବର୍ତ୍ତନ କରିବେ ବୋଲି ପଚରା ଯାଇଥିବା ବେଳେ ମନା କରିଥିଲେ ଛେତ୍ରୀ। ଭାରତୀୟ ଦଳ ପାଇଁ ଦୀର୍ଘ ୧୯ ବର୍ଷ ଧରି ଖେଳି ସାରିଥିବା ବେଳେ ବର୍ତ୍ତମାନ ଫ୍ୟାନ୍ ଭାବରେ ଦଳକୁ ସମର୍ଥନ ଦେବାର ସମୟ ଆସିଛି ବୋଲି କହିଥିଲେ ଛେତ୍ରୀ। ଭାରତୀୟ ଦଳରେ ମିଳିଥିବା ସୁଯୋଗ ଓ ସମୟ ପାଇଁ ସେ ସର୍ବଦା କୃତଜ୍ଞ ରହିବେ ବୋଲି କହିଛନ୍ତି ଛେତ୍ରୀ।

ଭାରତ ଏହାର ଶେଷ ମ୍ୟାଚ୍‌ରେ ଆଫଗାନିସ୍ତାନ ଠାରୁ ଅପ୍ରତ୍ୟାଶିତ ୧-୨ରେ ପରାଜିତ ହୋଇଥିଲା। ତେବେ କୁଏତ୍ ବିପକ୍ଷ ମ୍ୟାଚ୍ ପାଇଁ ଦଳ ପ୍ରସ୍ତୁତ ଥିବା କହିଛନ୍ତି ଛେତ୍ରୀ। ତୃତୀୟ ରାଉଣ୍ଡରେ ପ୍ରବେଶ କଲେ ଭାରତ ଶକ୍ତିଶାଳୀ ଦଳ ଜାପାନ ଓ ଅଷ୍ଟ୍ରେଲିଆ ସହ ଖେଳିବ। ୧୯ ବର୍ଷ ଧରି ଖେଳିବା ମଧ୍ୟରେ ଭାରତ କେବେ ବି ଏଭଳି ସଫଳତା ହାସଲ କରି ପାରି ନ ଥିଲା। ବର୍ତ୍ତମାନ ଏହା ମୋ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ। ଭାରତୀୟ ଫୁଟବଲରେ ଆଗକୁ ଆହୁରି ଏଭଳି ସ୍ମରଣୀୟ ମୁହୂର୍ତ୍ତ ଆସିବ ବୋଲି କହିଛନ୍ତି ଛେତ୍ରୀ। ବର୍ତ୍ତମାନ ଅନେକ ଯୁବ ଖେଳାଳି ତାଙ୍କ ସ୍ଥାନ ନେବା ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି ଛେତ୍ରୀ। ମାନବୀର ସିଂ, ଶିବଶକ୍ତି ନାରାୟଣନ, ପାର୍ଥିବ ଗୋଗୋଇ ଓ ରହିମ ଅଲୀଙ୍କ ଭଳି ଖେଳାଳିଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗ ବୋଲି ଛେତ୍ରୀ କହିଛନ୍ତି।

ତେବେ ଭବିଷ୍ୟତରେ କୋଚିଂ ପାଇଁ ଛେତ୍ରୀ ଆଗ୍ରହୀ ନ ଥିବା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଇଗୋର ଷ୍ଟିମାକଙ୍କୁ ଦେଖାଇ କହିଥିଲେ ମତେ ଏତେ ଶୀଘ୍ର ବୁଢା ହେବାକୁ ଚାହୁଁ ନାହିଁ। ୫ ବର୍ଷ ତଳେ ଭାରତୀୟ ଦଳର କୋଚ୍ ଦାୟିତ୍ୱ ନେବା ସମୟରେ ସେ ଜଣେ ସୁନ୍ଦର ଯୁବକ ଥିଲେ। ବିଗତ ୫ ବର୍ଷ ମଧ୍ୟରେ ତାଙ୍କ ବୟସ ୧୫ ବର୍ଷ ବଢି ଯାଇଛି। ଏହା ସହିତ ଖେଳିବା ସମୟରେ ମୁଁ ମୋ ଖେଳ ଉପରେ ଧ୍ୟାନ ରଖୁଥାଏ। ମାତ୍ର କୋଚ୍ ଭାବରେ ସମସ୍ତଙ୍କ ଉନ୍ନତି ବିଷୟରେ ଚିନ୍ତା କରିବାକୁ ପଡିଥାଏ। ତେଣୁ କୋଚ୍ ହେବା ପାଇଁ ଇଚ୍ଛୁକ ନ ଥିବା କହିଥିଲେ ଛେତ୍ରୀ। ଅନ୍ୟ ପକ୍ଷରେ ଛେତ୍ରୀ ଦିନେ ସର୍ବଭାରତୀୟ ଫୁଟବଲ ଫେଡେରେଶନର ସଭାପତି ହୋଇପାରନ୍ତି ବୋଲି ଷ୍ଟିମାକ୍ କହିଥିଲେ।

ଭାରତ ଓ କୁଏତ୍ ଏହା ପୂର୍ବରୁ ୬ ଥର ସାମ୍ନାସାମ୍ନି ହୋଇଛନ୍ତି। ଭାରତ ୩ ଥର ବିଜୟୀ ହୋଇଥିବା ବେଳେ କୁଏତ୍ ୨ ଥର ଜିତିଛି। ଅନ୍ୟ ପକ୍ଷରେ ଥରେ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ଚଳିତ ବର୍ଷରେ ଉଭୟ ଦଳ ୩ ଥର ମୁହାଁ ମୁହିଁ ହୋଇଥିବା ବେଳେ ଭାରତ୨ ଥର ବିଜୟୀ ହୋଇଛି। ଅନ୍ୟ ପକ୍ଷରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଭାରତକୁ ଏହି ମ୍ୟାଚରେ ଫେଭରିଟ୍ ବିବେଚନା କରାଯାଉଛି।


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ